
ଭାରତ ଆସିବେ ସୁନୀତା
ପୃଷ୍ଠା ୫

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Vol. 32 | ISSUE 353 | ଭାଗ ୩୨ | ସଂଖ୍ୟା ୩୫୩ | Bhubaneswar | Thursday 20 March 2025 | Page 8 Rs. 4.00 | ● ଭୁବନେଶ୍ୱର ଗୁରୁବାର ୨୦ ମାର୍ଚ୍ଚ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


### ନବ ଦାସ ହତ୍ୟା ମାମଲା

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ମିନତୀ



- ସିବିଆଇ ତଦନ୍ତ ପାଇଁ ଦାବି ଜଣାଇଲେ
- ନ୍ୟାୟ ପ୍ରଦାନ ନେଇ ମୁଖ୍ୟମନ୍ତ୍ରୀଙ୍କ ଭରସା

**ଭୁବନେଶ୍ୱର, ୧ ୯।୩ (ସଂଚାର ବ୍ୟୁରୋ):** ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କ ହତ୍ୟାକାଣ୍ଡକୁ ୨ ବର୍ଷ ପୂରିଯାଇଥିଲେ ମଧ ଅଦ୍ୟାବଧି ହତ୍ୟାର କାରଣ ସାମ୍ନାକୁ ଆସିପାରିନାହିଁ। ଏ ଦିଗରେ କ୍ରାଇମ୍‌ବ୍ରାଞ୍ଚ ତା'ର ପ୍ରଥମ ପର୍ଯ୍ୟାୟ ତଦନ୍ତରେ କୌଣସି ନିଷ୍କର୍ଷରେ ପହଞ୍ଚିପାରିନଥିବା ବେଳେ ଗତକାଲିଠାରୁ ନୂଆ ବିଜେପି ସରକାର ନେତୃତ୍ୱରେ କ୍ରାଇମ୍‌ବ୍ରାଞ୍ଚ୍ ସାନି ତଦନ୍ତ ଆରମ୍ଭ କରିଛି। ଏହି କ୍ରମରେ ଆଜି ନବଙ୍କ ପତ୍ନୀ ମିନତୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଛନ୍ତି। ସ୍ଥାନୀୟ ଲୋକସେବା ଭବନରେ ମିନତୀ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ତାଙ୍କ ସ୍ୱାମୀଙ୍କ ହତ୍ୟାକାଣ୍ଡର ତଦନ୍ତ ସମ୍ପର୍କରେ ଆଲୋଚନା କରିଛନ୍ତି। ଏହି ଆଲୋଚନା ସମୟରେ ତାଙ୍କ ସହ କନ୍ୟା ତଥା ଝାରସୁଗୁଡ଼ାର ପୂର୍ବତନ ବିଧାୟିକା ଦୀପାଳି ଦାସ ଓ ପୁତ୍ର ବିଶାଳ ଦାସ ମଧ ଉପସ୍ଥିତ ଥିଲେ। ➪ପୃଷ୍ଠା-୬

### ଝାରସୁଗୁଡ଼ା ବିମାନବନ୍ଦରରେ ଯାଞ୍ଚ୍

**ଝାରସୁଗୁଡ଼ା:** ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ହତ୍ୟା ମାମଲାର ସାନି ତଦନ୍ତ କ୍ରାଇମ୍‌ବ୍ରାଞ୍ଚ୍ ପକ୍ଷରୁ ଗତକାଲିଠାରୁ ଆରମ୍ଭ ହୋଇଥିବା ବେଳେ ଆଜି କ୍ରାଇମ୍‌ବ୍ରାଞ୍ଚ୍ ଟିମ୍ ଏଠାକାର ବିମାନବନ୍ଦରରେ ଯାଞ୍ଚ୍ କରିଛି। ଗତକାଲି ଏହି ଟିମ୍‌ର ଦୁଇ ଜଣ ସଦସ୍ୟ ନବଙ୍କ ଝାରସୁଗୁଡ଼ାସ୍ଥିତ ବାସଭବନରେ ପହଞ୍ଚି ତାଙ୍କ ଝିଅ ଦୀପାଳି ଦାସ, ପୁଅ ବିଶାଳ ଦାସ ଓ ପତ୍ନୀ ମିନତୀ ଦାସଙ୍କ ବୟାନ ରେକର୍ଡ କରିଛନ୍ତି। ଆଜି ଏହି ଟିମ୍ ଝାରସୁଗୁଡ଼ା ବିମାନବନ୍ଦରରେ ପହଞ୍ଚି ଖୋଳତାଡ଼ କରିଛି। କ୍ରାଇମବ୍ରାଞ୍ଚ ଟିମ୍ ଝାରସୁଗୁଡ଼ା ବିମାନବନ୍ଦରର ଗେଟ୍‌କିପରଠାରୁ ଆରମ୍ଭ କରି ଏୟାରଲିଫ୍ଟ ସମୟରେ ଯେଉଁମାନେ ଉପସ୍ଥିତ ଥିଲେ, ସେମାନଙ୍କୁ ପଚରାଉଚରା କରିଥିବା ଜଣାପଡ଼ିଛି। ଏହାପରେ ➪ପୃଷ୍ଠା-୬

### ସରକାରଙ୍କ ହିଟ୍‌ୱେଭ ପ୍ରସ୍ତୁତି

## ୨ରୁ ସକାଳୁଆ ସ୍କୁଲ୍



- ସକାଳ ୭ଟାରୁ ଦୁଇ ଘଣ୍ଟା ଖୋଲିବ ଅଙ୍ଗନବାଡ଼ି
- ତାତି ବଢ଼ିଲେ ଘରେ ପହଞ୍ଚିବ ଶୁଖିଲା ଖାଦ୍ୟ
- ସ୍ଥିତି ଦେଖି ଜିଲ୍ଲାପାଳ ନିଜ ସ୍ତରରେ ନେବେ ନିଷ୍ପତ୍ତି
- ବ୍ୟାପକ ଜନସଚେତନତାକୁ ସରକାରଙ୍କ ଗୁରୁତ୍ୱ

**ଭୁବନେଶ୍ୱର, ୧ ୯।୩ (ସଂଚାର ବ୍ୟୁରୋ):** ଖରାକୁ ଦୃଷ୍ଟିରେ ରଖି ସ୍କୁଲ ସମୟ ପରିବର୍ତ୍ତନ କରିଛନ୍ତି ରାଜ୍ୟ ସରକାର। ଏପ୍ରିଲ ୨ରୁ ରାଜ୍ୟରେ ହେବ ସକାଳୁଆ ସ୍କୁଲ। ତେବେ ସ୍କୁଲର ସମୟ ସାରଣୀ ପ୍ରକାଶ ପାଇନାହିଁ । ସ୍ଥିତିକୁ ଦେଖି ସପ୍ତାହେ ମଧରେ ନିର୍ଦ୍ଦିଷ୍ଟ ସମୟ ପ୍ରକାଶ ପାଇବ। ଏନେଇ ସୂଚନା ଦେଇଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ।

ଆସନ୍ତା ୨୭ରେ ପରୀକ୍ଷା ସରିବା ପରେ ଆସନ୍ତା ମାସ ୨ରୁ ସକାଳୁଆ ସ୍କୁଲ ହେବ। ସକାଳ ୭ରୁ କ୍ଲାସ ହେବ। ତାପମାତ୍ରା ଦେଖି ନିଷ୍ପତ୍ତି ନେବେ ଜିଲ୍ଲାପାଳ। ଏ ନେଇ ବିଜ୍ଞପ୍ତି ପ୍ରକାଶ କରିବ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ। ଏଥିସହ ଗତକାଲି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଆଜିଠୁ ଅଙ୍ଗନବାଡ଼ି କେନ୍ଦ୍ର ସକାଳୁଆ ଆରମ୍ଭ ହୋଇଛି। ସକାଳ ୭ଟାରୁ ପୂର୍ବାହ୍ନ ୯ଟା ପର୍ଯ୍ୟନ୍ତ ଦୁଇ ଘଣ୍ଟା ପାଇଁ ଖୋଲା ରହୁଛି ଅଙ୍ଗନବାଡ଼ି। ତାତି ବଢ଼ିଲେ ଛୁଟି ଘୋଷଣା କରିପାରିବେ ଜିଲ୍ଲାପାଳ। ଗ୍ରୀଷ୍ମପ୍ରବାହର ସ୍ଥିତି ଦେଖି ଶିଶୁଙ୍କ ପାଇଁ ଘରେ ପହଞ୍ଚିବ ଶୁଖିଲା ଖାଦ୍ୟ। ଚଳିତ ବର୍ଷ ଗ୍ରୀଷ୍ମ ଋତୁ ମାସେ ଆଗରୁ ଆରମ୍ଭ ହୋଇଯାଇଛି। ଧୀରେ ଧୀରେ ଜିଲ୍ଲାଗୁଡିକରେ ଦିନବେଳା ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଦୁଇ ଦିନ ତଳେ ବୌଦ୍ଧ ଦେଶର ସବୁଠୁ ଉତ୍ତପ୍ତ ସହର ହୋଇଥିଲା। ସମ୍ବଲପୁର, ବଲାଙ୍ଗୀର, ସୁନ୍ଦରଗଡ଼ରେ ମଧ ଅସହ୍ୟ ଗରମ ଅନୁଭୂତ ହେଲାଣି। ଉପକୂଳ ଜିଲ୍ଲାରେ ଆର୍ଦ୍ରତା ଅନୁଭୂତ ହେଉଛି। ଏହାକୁ ଦୃଷ୍ଟିରେ ରଖି ପ୍ରାକ୍ ପ୍ରସ୍ତୁତି ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ବିଭିନ୍ନ ବିଭାଗ ଓ ଜିଲ୍ଲାକୁ ଆବଶ୍ୟକ ନିର୍ଦ୍ଦେଶ ଦିଆଯାଇଛି। ଇତିମଧରେ ୩ଟି ବୈଠକ ସରିଲାଣି। ଗତକାଲି ମୁଖ୍ୟମନ୍ତ୍ରୀଙ୍କ ଅଧକ୍ଷତାରେ ଅନ୍ତିମ ବୈଠକ ବସିଥିଲା, ଯେଉଁଥିରେ ବିଦ୍ୟାଳୟ ଓ ଗଣଶିକ୍ଷା, ଉଚ୍ଚଶିକ୍ଷା, ଜଳ ସମ୍ପଦ, ଶକ୍ତି, ନଗର ଉନ୍ନୟନ, ମହିଳା ଓ ଶିଶୁ ବିଭାଗ ଅଧିକାରୀଙ୍କ ସହ ଡିଜିପି, ମୁଖ୍ୟ ଶାସନ ସଚିବ ଓ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ ଉପସ୍ଥିତ ଥିଲେ। ଗ୍ରୀଷ୍ମ ପ୍ରବାହ ପାଇଁ ରାଜ୍ୟ ସରକାର ଯେଉଁ ନିର୍ଦ୍ଦେଶାବଳୀ ଦେଇଛନ୍ତି, ତା'ର ଅନୁପାଳନ ପାଇଁ ମଧ ନିର୍ଦ୍ଦେଶ ଦିଆଯାଇଛି। ଯେଉଁ ➪ପୃଷ୍ଠା-୬

## ଓଡ଼ିଆ ଅସ୍ମିତାର ଧଜିଆ ଉଡ଼ିଲା




- ତାଳଧ୍ୱଜରେ ଜଗନ୍ନାଥ, ନନ୍ଦିଘୋଷରେ ବଳଭଦ୍ର
- ପୁରୀ ପ୍ରଶାସନର ଗୁରୁଚାଣ୍ଡାଳ ଦୋଷ

**ପୁରୀ, ୧ ୯।୩ (ସଂଚାର ବ୍ୟୁରୋ):** ରାଜ୍ୟ ସରକାର ଓଡିଆ ଅସ୍ମିତାର ସୁରକ୍ଷା ପାଇଁ ଲଢେଇ କରୁଥିବା ବେଳେ ପୁରୀ ଜିଲ୍ଲା ପ୍ରଶାସନ ଓଡ଼ିଆ ଅସ୍ମିତାର ଧଜିଆ ଉଡ଼ାଇଛି। ଆଗକୁ ରଥଯାତ୍ରା, ଏବେଠୁ ପ୍ରସ୍ତୁତ ହେଲାଣି ବଡ଼ଦାଣ୍ଡ। ହେଲେ ପୁରୀ ଜିଲ୍ଲା ପ୍ରଶାସନ ଓଡ଼ିଆ ଅସ୍ମିତାର ପ୍ରତୀକ ଶ୍ରୀଜଗନ୍ନାଥଙ୍କ ରଥ ରଙ୍ଗ କ'ଣ ତାହା ଜାଣିପାରିନାହିଁ। ରଥଯାତ୍ରାକୁ ୧୦୦ ଦିନ ରହିଲା ବୋଲି ପୁରୀ ଜିଲ୍ଲା ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତ ଏକ ଭିଡିଓ ଟିଜର୍‌ରେ ଗୁରୁଚାଣ୍ଡାଳ ଦୋଷ ରହିଥିବା ଦେଖିବାକୁ ମିଳିଛି।

ଆଜି ପୁରୀ ଜିଲ୍ଲା ମୁଖ୍ୟ ସୂଚନା ଅଧିକାରୀ (ଡିଆଇପିଆରଓ) ଏହି ଟିଜର୍‌କୁ ପୁରୀ ସାମ୍ବାଦିକଙ୍କ ପାଇଁ ଉଦ୍ଦିଷ୍ଟ ହ୍ୱାଟ୍‌ସଆପ୍ ଗ୍ରୁପରେ ଶେୟାର୍ କରିଛନ୍ତି। ରଥଯାତ୍ରାର ବ୍ୟାପକ ପ୍ରଚାର ପ୍ରସାର ପାଇଁ ଏହି ଭିଡିଓ କରାଯାଇଛି। ହେଲେ ଭିଡିଓରେ ରହିଥିବା ସାଂଘାତିକ ତ୍ରୁଟି ଓଡ଼ିଆ ଓ ଜଗନ୍ନାଥପ୍ରେମୀଙ୍କ ଭାବାବେଗ ପ୍ରତି ଗଭୀର କୁଠାରାଘାତ କରିଛି। ଭିଡିଓର ଶେଷ କାର୍ଡରେ ଏକ ଗ୍ରାଫିକ୍ସ ଫଟୋ ବ୍ୟବହାର କରାଯାଇଛି। ଏଥିରେ ସବୁଜ ଓ ଲାଲ ରଙ୍ଗର ରଥ ଯାହାକି ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ ରଥ, ସେଥିରେ ବସିଛନ୍ତି ଜଗନ୍ନାଥ। ସେହିପରି ହଳଦିଆ ଓ ଲାଲ ରଙ୍ଗର ରଥ ଯାହାକି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ, ସେଥିରେ ବସିଛନ୍ତି ବଳଭଦ୍ର।

ରଥଯାତ୍ରା ପୂର୍ବରୁ ଏଭଳି ତ୍ରୁଟିପୂର୍ଣ୍ଣ ଭିଡିଓ ମୋବାଇଲରୁ ମୋବାଇଲ ➪ପୃଷ୍ଠା-୬

## ଅଫିସରଙ୍କ ପାଇଁ ଅଡୁଆରେ ମନ୍ତ୍ରୀ

### ତାଗିଦ ପରେ ମଧ ଚେତୁନାହାଁନ୍ତି ବାବୁ



**ଭୁବନେଶ୍ୱର, ୧ ୯।୩ (ସଂଚାର ବ୍ୟୁରୋ):** ଅଫିସରଙ୍କ ପାଇଁ ମନ୍ତ୍ରୀମାନେ ଅଡୁଆରେ ପଡୁଛନ୍ତି ଓ ବିଧାନସଭାରେ ହଟହଟା ହେଉଛନ୍ତି। ଆଜି ଏଭଳି ଦୁଇଟି ଘଟଣା ଦେଖିବାକୁ ମିଳୁଛି। ତା' ପୁଣି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ କ୍ଷେତ୍ରରେ। ଭାଗଚାଷୀଙ୍କ ସଂଖ୍ୟା ଓ ବିଦ୍ୟୁତ ଶୁଳ୍କ ବୃଦ୍ଧି ନେଇ ଦୁଇଟି ଭିନ୍ନ ଭିନ୍ନ ପ୍ରଶ୍ନକର୍ତ୍ତାଙ୍କ ଅଣତାରକା ପ୍ରଶ୍ନର ଦୁଇଟି ଭିନ୍ନ ଭିନ୍ନ ଉତ୍ତର ଦିଆଯାଇଛି। ରାଜ୍ୟରେ ଭାଗଚାଷୀଙ୍କ ସଂଖ୍ୟା ନେଇ ବିଜେଡି ସଦସ୍ୟ ଗଣେଶ୍ୱର ବେହେରାଙ୍କ ପ୍ରଶ୍ନର ଉତ୍ତରରେ କନକ ବର୍ଦ୍ଧନ କହିଥିଲେ ଯେ ଦଶମ କୃଷି ଗଣନା ୨୦୧୫-୧୬ ଅନୁଯାୟୀ ରାଜ୍ୟରେ ୨ ଲକ୍ଷ ୮୩ ହଜାର ୭୧ ଭାଗଚାଷୀ ଅଛନ୍ତି। ସେହିପରି କଂଗ୍ରେସ ସଦସ୍ୟ ତାରାପ୍ରସାଦ ବାହିନୀପତିଙ୍କ ପ୍ରଶ୍ନର ଉତ୍ତରରେ କେଭି କହିଥିଲେ ଯେ ୨୦୧୫-୧୬ କୃଷି ଗଣନା ଅନୁଯାୟୀ ୯ ଲକ୍ଷ ୫ ହଜାର ୧୮୪ ଭାଗଚାଷୀ ଅଛନ୍ତି। ଏହାଛଡ଼ା ବିଦ୍ୟୁତ ଶୁଳ୍କ ବଢ଼ିବ କି ନାହିଁ ବୋଲି ପଚରାଯାଇଥିବା ପ୍ରଶ୍ନରେ ମଧ ବଡ଼ ଦ୍ୱନ୍ଦ୍ୱ ସୃଷ୍ଟି କରିଛି ଉପମୁଖ୍ୟମନ୍ତ୍ରୀଙ୍କ ଉତ୍ତର। ସମାନ ପ୍ରଶ୍ନକୁ ନେଇ ଦୁଇ ବିଧାୟକଙ୍କୁ ଭିନ୍ନ ଭିନ୍ନ ଉତ୍ତର ଦେଇଛନ୍ତି ଶକ୍ତି ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ। ବିଦ୍ୟୁତ ଶୁଳ୍କ ➪ପୃଷ୍ଠା-୬

### ବିଧାନସଭାରେ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ସୂଚନା

## ମୟୂରଭଞ୍ଜରେ ହେବ ଆୟୁର୍ବେଦିକ ମେଡିକାଲ କଲେଜ

### ୧୭ ହଜାର ଶଯ୍ୟା ବ୍ୟବସ୍ଥା କରିବେ ସରକାର



**ଭୁବନେଶ୍ୱର, ୧ ୯।୩ (ସଂଚାର ବ୍ୟୁରୋ):** ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାରେ ରାଜ୍ୟ ସରକାର ଏକ ଆୟୁର୍ବେଦିକ ମେଡିକାଲ କଲେଜ ସ୍ଥାପନ କରିବେ। ଏନେଇ ବୁଧବାର ବିଧାନସଭାରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି। ଏହି ମେଡିକାଲ କଲେଜ ପ୍ରତିଷ୍ଠା ଦିଗରେ ରାଜ୍ୟ ସରକାର ଆବଶ୍ୟକ ପଦକ୍ଷେପ ନେଉଥିବା ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀ ଦେଇଥିବା ସୂଚନାନୁଯାୟୀ, ଓଡ଼ିଶାରେ ଖାଲି ପଡ଼ିଥିବା ଡାକ୍ତର ପଦବୀ ପୂରଣ ପାଇଁ ରାଜ୍ୟ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ସରକାର ଗତ ସୋମବାର ରାଜ୍ୟରେ ୫,୨୪୮ ଏମବିବିଏସ ଡାକ୍ତରଙ୍କ ନିଯୁକ୍ତି ପାଇଁ ଏକ ବିଜ୍ଞାପନ ମଧ ଜାରି କରିଛନ୍ତି। ବର୍ତ୍ତମାନ ରାଜ୍ୟରେ ୩୪ ହଜାର ଶଯ୍ୟାର ଆବଶ୍ୟକତା ଥିବା ବେଳେ ଏବେ ମାତ୍ର ୧୬ ହଜାର ୯୧୮ ହସ୍ପିଟାଲ ଶଯ୍ୟା ରହିଛି। ଆଗାମୀ ଦିନରେ ସରକାର ୧୭ ହଜାର ନୂତନ ହସ୍ପିଟାଲ ଶଯ୍ୟା ବ୍ୟବସ୍ଥା କରିବେ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି। ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ମେଡିକାଲ କଲେଜ ଖୋଲିବା ପାଇଁ ଓଡ଼ିଶା ସରକାର ପ୍ରତିଶ୍ରୁତିବଦ୍ଧ। ଚଳିତ ବର୍ଷ ଦୁଇଟି ନୂତନ ମେଡିକାଲ କଲେଜ ଖୋଲିବ ବୋଲି ସେ କହିଛନ୍ତି। ମନ୍ତ୍ରୀ ଆହୁରି କହିଛନ୍ତି ଯେ ରାଜ୍ୟ ସରକାର ବିଜୁ ସ୍ୱାସ୍ଥ୍ୟ କାର୍ଡ ଅଧୀନରେ ସ୍ୱାସ୍ଥ୍ୟ ବୀମା ପ୍ରଦାନ ବନ୍ଦ କରିଦେଇଛନ୍ତି ଯାହା ରାଜ୍ୟରେ ପୂର୍ବ ବିଜେଡି ସରକାର ଦ୍ୱାରା ପ୍ରଚଳନ କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ ବିଜେପି ସରକାର ପୂର୍ବ ବିଜେଡି ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)କୁ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା (ଜିଜେଏୱାଇ) ନାମରେ ନାମିତ କରିବା ସହ ଏହାକୁ କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ପିଏମ୍-ଜେଏୱାଇ) ସହ ସଂଯୁକ୍ତ କରିଛନ୍ତି।

## ଲକ୍ଷେ ମହିଳାଙ୍କୁ ମିଳିନି ସୁଭଦ୍ରା ଦ୍ୱିତୀୟ କିସ୍ତି



- ରାକ୍ଷୀ ପୂର୍ଣ୍ଣିମାରେ ମିଳିବ ଟଙ୍କା
- ବଞ୍ଚିତ ମହିଳା ବ୍ୟସ୍ତ ନ ହେବାକୁ ମନ୍ତ୍ରୀଙ୍କ ପରାମର୍ଶ

**ଭୁବନେଶ୍ୱର, ୧ ୯।୩ (ସଂଚାର ବ୍ୟୁରୋ):** ଗତ ୮ ତାରିଖରେ ଅନ୍ତର୍ଜାତୀୟ ମହିଳା ଦିବସରେ ରାଜ୍ୟ ସରକାରଙ୍କ ପ୍ରମୁଖ ଯୋଜନା 'ସୁଭଦ୍ରା'ରେ ହିତାଧିକାରୀମାନଙ୍କୁ ଦ୍ୱିତୀୟ କିସ୍ତି ପ୍ରଦାନ କରାଯାଇଛି। କିନ୍ତୁ ଏହି କିସ୍ତି ରାଜ୍ୟର ପାଖାପାଖି ଲକ୍ଷେ ହିତାଧିକାରୀ ପାଇନଥିବା ଜଣାପଡ଼ିଛି। ଏନେଇ ଆଜି ଉପମୁଖ୍ୟମନ୍ତ୍ରୀ ତଥା ମିଶନ୍ ଶକ୍ତି ବିଭାଗ ମୁଖ୍ୟ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ତେବେ ପ୍ରଥମ କିସ୍ତି ପାଇନଥିବା ହିତାଧିକାରୀମାନଙ୍କ ମଧରୁ ଲକ୍ଷେ ହିତାଧିକାରୀ ଦ୍ୱିତୀୟ କିସ୍ତି ନ ପାଇବା ପଛରେ ରାସନ କାର୍ଡ ଓ ପରିବାରର ଆୟରେ ତାଳମେଳ ନ ଥିବା ମୁଖ୍ୟ କାରଣ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଆସନ୍ତା ୩୧ ତାରିଖ ପରେ ବିଭାଗ ପକ୍ଷରୁ ଘର ଘର ବୁଲି ସର୍ଭେ କରାଯିବ। ଏହି ସର୍ଭେ ମାଧମରେ ହିତାଧିକାରୀମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହେବାର ସୁଯୋଗ ମିଳିବ। ସେହିପରି ଯେଉଁମାନେ ସେମାନଙ୍କ ଦ୍ୱିତୀୟ କିସ୍ତି ପାଇନାହାନ୍ତି, ସେମାନେ ଆସନ୍ତା ରାକ୍ଷୀ ପୂର୍ଣ୍ଣିମାରେ ଏହା ପାଇପାରିବେ। ତେଣୁ ସେମାନେ ଆଦୌ ବ୍ୟସ୍ତ ହେବାର ଆବଶ୍ୟକତା ନାହିଁ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି। ପୂର୍ବରୁ ଯେଉଁ ହିତାଧିକାରୀମାନେ ପ୍ରଥମ କିସ୍ତି ପାଇଥିଲେ, ଦ୍ୱିତୀୟ କିସ୍ତି ପୂର୍ବରୁ ସେମାନଙ୍କ ରାସନ୍ କାର୍ଡକୁ ଆୟ ବର୍ଗ ଅଧିକ ଥିବାରୁ ଫେରାଇଛନ୍ତି। ଏହି ଉକ୍ତ ୧ ଲକ୍ଷ ମହିଳାଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଛି। ସେମାନଙ୍କ ମଧରୁ କେତେକ ମହିଳା ଗାଡ଼ି ମଧ କିଣିଛନ୍ତି। ୫ ଏକର ଜମି ନ ଥାଇ ଧାନ ମଣ୍ଡିରେ ଅଧିକ ଧାନ ଦେଇଛନ୍ତି। ଏହିପରି ଅସୁବିଧା ହିତାଧିକାରୀ ଚୟନ ପ୍ରକ୍ରିୟାକୁ ମଧ ପ୍ରଭାବିତ କରିଛି। ସେହି କାରଣରୁ ଉକ୍ତ ୧ ଲକ୍ଷ ମହିଳାଙ୍କ ରିଭ୍ୟୁ ଚାଲିଛି। ଆଗାମୀ ରକ୍ଷାବନ୍ଧନରେ ସେମାନଙ୍କ ମଧରୁ ଯୋଗ୍ୟ ବିବେଚିତ ମହିଳାଙ୍କୁ ସେମାନଙ୍କ କିସ୍ତି ମିଳିବ। ➪ପୃଷ୍ଠା-୬

## ଚଳିତ ବର୍ଷ ୯ ଉତ୍ପାଦକୁ ମିଳିବ ଜିଆଇ ଟ୍ୟାଗ

- ହସ୍ତତନ୍ତ ଓଡ଼ିଆ ଅସ୍ମିତାର ନିଚ୍ଛକ ନିଦର୍ଶନ: ମୁଖ୍ୟମନ୍ତ୍ରୀ
- ଐତିହ୍ୟ କ୍ରାଫ୍ଟ ହେବ କଣ୍ଟିଲୋ, ପିପିଲି, କଟକ ଓ କୋଟପାଡ଼
- ରାଜ୍ୟର ହସ୍ତତନ୍ତ ଓଡ଼ିଆ ଜାତିକୁ ଏକତା ସୂତ୍ରରେ ବାନ୍ଧିଛି




**ଭୁବନେଶ୍ୱର, ୧ ୯।୩ (ସଂଚାର ବ୍ୟୁରୋ):** ହସ୍ତତନ୍ତ ଆମ ଗୌରବମୟ ଐତିହ୍ୟର ପ୍ରତୀକ। ଏହା ଆମର ପରିଚୟ। ଓଡ଼ିଆ ଅସ୍ମିତାର ନିଚ୍ଛକ ନିଦର୍ଶନ। ହଜାର ହଜାର ହସ୍ତତନ୍ତ କାରିଗରଙ୍କୁ ଏହା କେବଳ ଜୀବନ ଜୀବିକା ଯୋଗାଇନି, ବରଂ ସ୍ୱାବଲମ୍ବୀ ହେବାର କଳା ଶିଖାଇଛି। ଏହି ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ ଓ ଅଙ୍ଗୀକାରବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱରର ଜନତା ମଇଦାନ ଠାରେ ଆୟୋଜିତ '୧୯ତମ ତୋଷାଳୀ ଜାତୀୟ ହସ୍ତଶିଳ୍ପ ମେଳାର ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କହିଛନ୍ତି।

ମୁଖ୍ୟମନ୍ତ୍ରୀ ଉପସ୍ଥିତ ଜନତାଙ୍କୁ ଭାବବିହ୍ୱଳ ହୋଇ କହିଥିଲେ ଯେ, ପୂର୍ବରୁ ଏହି ମେଳାକୁ ମୁଁ ଅନେକବାର ବୁଲିବା ପାଇଁ ଆସିଛି। ଆଜି ଓଡ଼ିଶାର ପ୍ରଧାନ ସେବକ ଭାବେ ମତେ ସୁଯୋଗ ମିଳିଲା ଆପଣଙ୍କ ସହିତ ଏଠାରେ ସାମିଲ ହେବା ପାଇଁ, କାର୍ଯ୍ୟବ୍ୟସ୍ତତା ସତ୍ତ୍ୱେ ମୁଁ ଏହାକୁ ହାତଛଡ଼ା କଲିନାହିଁ। ମୁଖ୍ୟମନ୍ତ୍ରୀ ବୁଣାକାର ଓ କାରିଗରମାନଙ୍କୁ ଧନ୍ୟବାଦ ଦେଇ କହିଥିଲେ ଯେ, ଓଡ଼ିଶାର ହସ୍ତତନ୍ତ ଓ ହସ୍ତଶିଳ୍ପ ହେଉଛି ଆମ କଳାର ଏକ ସ୍ୱତନ୍ତ୍ର ପରିଚୟ । ସମଗ୍ର ଓଡ଼ିଆ ଜାତିକୁ ଏହା କଳାର ଏକତା ସୂତ୍ରରେ ବାନ୍ଧି ରଖିଛି। ଏହା ଓଡ଼ିଆ ଅସ୍ମିତାର ପରିଚୟ ଭାବେ ମଧ ଏକ ଗୌରବମୟ ସ୍ୱାକ୍ଷର ବହନ କରୁଛି । ହସ୍ତକଳା, ହସ୍ତଶିଳ୍ପ, ହସ୍ତତନ୍ତର ପ୍ରସ୍ତୁତ କରିବା ପ୍ରକ୍ରିୟା ଆଜି ମଧ ବେଶୀ କିଛି ବଦଳି ନାହିଁ। ସେଥିପାଇଁ ତ ହାତରେ ପ୍ରସ୍ତୁତ ହସ୍ତକଳା, ହସ୍ତତନ୍ତ ଲୁଗାର ଚାହିଦା ଏବଂ ଆଦର ବହୁତ ଅଧିକ। ଏହାର କାରଣ ➪ପୃଷ୍ଠା-୬



### କାନ ଡେରିଥା

ବାଛୁରୀ କାଟିଲେ ଆମ ରାଜ୍ୟ
ଲୋକେ
ମଣିଷ ନୁହେଁ ଜଲ୍ଲାଦ
ବାଛୁରୀକୁ କାଟି କହି
ବୁଲୁଥିଲେ
ଗୋ ମାଂସ ପରା ସୁଆଦ!
ଭୁଲିଗଲେ ସବୁ ବେଦ...
ମା'କୁ ଏମାନେ ବନ୍ଧା ଦେଇ
ଦେଇ
ପିଇଦେବେ ଖାଣ୍ଟି ମଦ।

■ ଦେବାଶିଷ

## ବିଜେଡିକୁ ଟପିବାକୁ କଂଗ୍ରେସର କସରତ

- ଘଡ଼ି ଘଡ଼ିକେ ବଦଳାଉଛି ରଣନୀତି
- ବିଧାନସଭା ଭିତରେ ଓ ବାହାରେ ଆନ୍ଦୋଳନ



**ଭୁବନେଶ୍ୱର, ୧ ୯।୩ (ସଂଚାର ବ୍ୟୁରୋ):** ରାଜ୍ୟର ମୁଖ୍ୟ ବିରୋଧୀଦଳ ବିଜେଡିକୁ ପଛରେ ପକାଇବା ପାଇଁ ଭକ୍ତଙ୍କ ନେତୃତ୍ୱାଧୀନ କଂଗ୍ରେସ ଏବେ ଜୋରଦାର କସରତ ଚଳାଇଛି। ବିଧାନସଭା ଭିତରେ ଦଳ ବିଜେଡିଠାରୁ କେଇପାଦ ଆଗକୁ ଯାଇ ସରକାରଙ୍କୁ ଘେରୁଥିବା ବେଳେ ବିଧାନସଭା ବାହାରେ ବି ଦଳର ଯୁବ ନେତୃତ୍ୱ ମୋର୍ଚ୍ଚା ସମ୍ଭାଳୁଛନ୍ତି।

ବିଧାନସଭାର ଦ୍ୱିତୀୟ ପର୍ଯ୍ୟାୟ ବଜେଟ୍ ଅଧିବେଶନରେ କଂଗ୍ରେସ ଆକ୍ରମଣାତ୍ମକ ଆଭିମୁଖ୍ୟ ଗ୍ରହଣ କରିଛି। ମହିଳା ସୁରକ୍ଷା ପ୍ରସଙ୍ଗକୁ ଆଳ କରି କଂଗ୍ରେସ ବିଧାୟକମାନେ ଗୃହକୁ ଏକପ୍ରକାର ଅଚଳ କରି ରଖିଛନ୍ତି। ଗୋଟିଏ ପ୍ରସଙ୍ଗକୁ ଜାବୁଡ଼ି ଧରିବା ସହିତ ତାହାକୁ ବିଭିନ୍ନ ଉପାୟରେ ଦଳର ବିଧାୟକମାନେ ଉତ୍ଥାପନ କରୁଛନ୍ତି। ବାଚସ୍ପତିଙ୍କ ପୋଡିୟମ ଉପରକୁ କାଗଜପତ୍ର ଫିଙ୍ଗି ବିଧାୟକ ତାରା ବାହିନୀପତି ୭ ଦିନ ପାଇଁ ନିଲମ୍ବିତ ହେବା ପରେ ମଧ କଂଗ୍ରେସ ଅନ୍ୟ ପ୍ରସଙ୍ଗକୁ ଯାଇନାହିଁ।

ଅନ୍ୟପକ୍ଷରେ ମୁଖ୍ୟ ବିରୋଧୀଦଳ ବିଜେଡି ପୋଲାଭରମ, ଆଇନ୍‌ଶୃଙ୍ଖଳା, ଖଣି ଲଘୁଜ ପଦାର୍ଥ ଲୁଟ୍ ଭଳି ଏକାଧିକ ପ୍ରସଙ୍ଗ ଉଠାଉଥିଲେ ମଧ କୌଣସି ଗୋଟିଏକୁ ନେଇ କଂଗ୍ରେସ ଭଳି ପ୍ରଦର୍ଶନ କରିବାରେ ସଫଳ ହୋଇପାରିନାହିଁ। ବରଂ କଂଗ୍ରେସ ଗୃହକୁ ନିଜ ଅକ୍ତିଆରକୁ ନେଉଥିବା ବେଳେ ବିଜେଡି କ'ଣ କରିବ ତାହାକୁ ନେଇ ଅଡୁଆରେ ପଡୁଥିବା ଲକ୍ଷ୍ୟ କରାଯାଉଛି। ତେବେ ମୁଖ୍ୟ କଥାଟି ହେଲା କଂଗ୍ରେସ ତାହାର ରଣନୀତିକୁ ଘନ ଘନ ବଦଳାଉଛି। ଅଧିବେଶନ ଆରମ୍ଭରୁ ଦେହରେ ପ୍ଲାକାର୍ଡ ଝୁଲାଇ ହଟ୍ଟଗୋଳ କରିବା ଯୋଗୁଁ ବିଧାୟକ ଶ୍ରୀ ବାହିନୀପତି ନିଲମ୍ବିତ ହୋଇଥିଲେ। ଏହି ପ୍ରସଙ୍ଗରେ କଂଗ୍ରେସ ୭ ଦିନ ପାଇଁ ବିଧାନସଭା ବର୍ଜନ କରିବ ବୋଲି ସୂଚନା ଦେଇଥିଲା। ସଦସ୍ୟମାନେ ➪ପୃଷ୍ଠା-୬

### ବିଜେଡିକୁ ବାଏ ବାଏ କଲେ ପାଣ୍ଡିଆନ!



ବିଜେଡିର ରାଜନୈତିକ ଭବିଷ୍ୟତ ଓ କାର୍ଯ୍ୟକ୍ରମକୁ ନେଇ ଗତ ସାଧାରଣ ନିର୍ବାଚନ ପରଠାରୁ ଚର୍ଚ୍ଚା ଲାଗି ରହିଛି। ବିଜେଡି ଗତ ନିର୍ବାଚନରେ ହାରିଯିବା ପରେ ନୈତିକତା ଦୃଷ୍ଟିରୁ ଭିକେ ପାଣ୍ଡିଆନ ରାଜନୀତିରୁ ସନ୍ୟାସ ନେଇଯାଇଛନ୍ତି। ଗତ ନିର୍ବାଚନର କିଛି ମାସ ପୂର୍ବରୁ ସରକାରୀ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେଇ ବିଜେଡିରେ ବିଧିବଦ୍ଧ ଭାବେ ଯୋଗ ଦେଇଥିଲେ। ଏଥିସହିତ ସେ ବିଜେଡିର ପ୍ରାଥମିକ ସଦସ୍ୟତା ମଧ ଗ୍ରହଣ କରିଥିଲେ। ବିଜେଡିର ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ତାଙ୍କୁ ଜୋରଦାର ବିରୋଧ କରୁଥିବାରୁ ସେ ଏବେ ଦଳର ପ୍ରାଥମିକ ସଦସ୍ୟ ପଦରୁ ମଧ ଇସ୍ତଫା ଦେଇଥିବା ଚର୍ଚ୍ଚା ହେଉଛି। ତେବେ ସେ ନବୀନ ପଟ୍ଟନାୟକଙ୍କ ସହ ଥିଲେ ଓ ରହିବେ ବୋଲି ତାଙ୍କ ନିକଟତମ ମହଲରୁ ଜଣାପଡ଼ିଛି। ହଠାତ ଦିଲ୍ଲୀରୁ ଫେରିବା ପରେ ତାଙ୍କର ଏହି ପଦକ୍ଷେପ ବିରୋଧୀଙ୍କ ବ୍ଲଡ୍‌ପ୍ରେସର ବଢ଼ାଇଦେଇଛି।

## ଯୋଗ୍ୟତା ଥାଇବି ମିଳୁନି ଅନ୍ତ୍ୟୋଦୟ ଚାଉଳ

# ପାଗଳ ପୁଅ ସହ ଦୁର୍ଦ୍ଦିନରେ ଜୁଟି




**ମହାକାଳପଡ଼ା,୧୯।୩(ସଂଚାର ବ୍ୟୁରୋ):** ବୟସ ଅସି ଟପିଲାଣି। ପାଗଳ ପୁଅକୁ ଛାଡି ଦେଲେ ପାଖରେ ଆଉ କେହି ନାହିଁ। ସଳଖ ଭାବରେ ଛିଡ଼ା ହେବାକୁ ଅକ୍ଷମ ଜୁତି ବେୱା ଚମ ଧୁଡୁ ଧୁଡୁ ଅବସ୍ଥାରେ ପାଗଳ ପୁଅଟି ପାଇଁ ରୋଷେଇ କରିବା ପାଖରୁ ଆରମ୍ଭ କରି ଘରର ସମସ୍ତ କାମ କଷ୍ଟେମଷ୍ଟେ କରିବାକୁ ବାଧ୍ୟ ହେଉଛନ୍ତି। ଯେଉଁ ବୟସରେ ନିଜେ କାହାର ହାତ ପରସା ଓ ସେବା ପାଇବା କଥା ସେଇ ବୟସରେ ନିଜ ପାଇଁ ଓ ପାଗଳ ପୁଅଟି ପାଇଁ ଦହଗଞ୍ଜ ହେଉଛନ୍ତି। ଭାଗ୍ୟ ତ ଯାହା ଦାଉ ସାଜିଲା ସରକାରଙ୍କ ବ୍ୟବସ୍ଥା ମଧ୍ୟ ଜୁତିଙ୍କ ପରିସ୍ଥିତିକୁ ଉପହାସ କରୁଛି। ପକ୍କାଘର ଖଣ୍ଡିଏ ନମିଳିବାରୁ ଭଙ୍ଗା ଦଦରା କୁଡ଼ିଆରେ ଜୀବନ କାଟୁଛନ୍ତି ମାଆ ପୁଅ। ଏମିତି ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି ମହାକାଳପଡ଼ା ବ୍ଲକ ଦେଉଳପଡା ପଞ୍ଚାୟତର ଓଳିହା ଗ୍ରାମରେ। ୮୩ ବର୍ଷୀୟ ଜୁତି ବେୱା ୭୦% ପାଗଳ ପୁଅ ବିଭୂତି ଜେନା କୁ ଧରି ଭଙ୍ଗା କୁଡ଼ିଆରେ ରହି ଆସୁଛନ୍ତି। ଚାଳ ଛପର ଉପରେ ଛିଣ୍ଡା ପାଲ ପଡ଼ିଛି। ପାଣି ଖାଇ ମାଟି କାନ୍ଥର ଅବସ୍ଥା ବେହାଲ। ସ୍ଥାନେ ସ୍ଥାନେ କାନ୍ଥରୁ ମାଟି ଖସିଲାଣି। ନଇଁ ନଇଁ କେତେ ଆଉ ମାଟି ଲେପିବେ। ଶେଷରେ ସବୁ ଭଗବାନଙ୍କର ଇଛା ବୋଲି କହି ନିଜର ଲୁହକୁ ନିଜେ ପିଉଛନ୍ତି। ସବୁ ଯୋଗ୍ୟତା ଥାଇ ବି ସରକାରଙ୍କ ଅନ୍ତୋଦୟ ଅନ୍ନ ଯୋଜନା ମଧ୍ୟ ତାଙ୍କ ପାଇଁ ଅପହଞ୍ଚ ପାଲଟିଛି। ଏତେସବୁ କଷ୍ଟ ଯନ୍ତ୍ରଣାକୁ ମନରେ ଚାପି ସରକାରୀ ସହାୟତାକୁ ଚାହିଁ ରହିଛନ୍ତି। ପକ୍କାଘର ଖଣ୍ଡିଏ ମିଳିଲେ ତାଙ୍କ ଅଭିଶପ୍ତ ଜୀବନରୁ ଟିକିଏ କଷ୍ଟ ଲାଘବ ହୋଇ ପାରନ୍ତା ବୋଲି ଜୁତି କହିଛନ୍ତି। ଜିଲ୍ଲାପାଳ ଓ ମହାକାଳପଡ଼ା ବିଡ଼ିଓ ଏହି ଘଟଣାରେ ଦୃଷ୍ଟି ଦେଇ ଜୁତିଙ୍କୁ ଖଣ୍ଡିଏ ପକ୍କାଘର ଓ ଅନ୍ତୋଦୟ ଅନ୍ନ ଯୋଜନାରେ ସାମିଲ କରାଇବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଅଂଶୁଘାତ ମୁକାବିଲା ପାଇଁ ବ୍ଲକ ପ୍ରଶାସନର ପ୍ରସ୍ତୁତି ବୈଠକ

**ରାଜନଗର,୧୯।୩(ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ସମ୍ମିଳନୀ କକ୍ଷରେ ଅଂଶୁଘାତ ପାଇଁ ଏକ ବ୍ଲକସ୍ତରୀୟ ପ୍ରାକ ପ୍ରସ୍ତୁତି ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି। ବିଡିଓ ଶୁଭମ୍ ଶ୍ରିତମ ପଣ୍ଡା ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଆଗକୁ ପ୍ରଚଣ୍ଡ ଗୌଡ଼ତାପ ସାଙ୍ଗକୁ ଅଂଶୁଘାତରେ କେହି ଜଣେ ବେକ୍ତି ଯେମିତି ମୃତ୍ୟୁକୁ ସାମ୍ନା ନ ହେବେ ଏନେଇ ରାଜ୍ୟ ସରକାରଙ୍କ ଗାଇଡ ଲାଇନ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ବ୍ଲକର ଅନ୍ତର୍ଭୁକ୍ତ ୨୯ ଟି ପଞ୍ଚାୟତ ରେ ପଞ୍ଚାୟତ ତରଫରୁ ବ୍ୟାପକ ଜନସଚେତନତା ସୃଷ୍ଟି କରିବା ପାଇଁ ପ୍ରାତିକ ପତ୍ର ଡାକବାଜି ଯନ୍ତ୍ର ମାଧ୍ୟମରେ ସରପଂଚ ମାନେ ଜନସାଧାରଣଙ୍କୁ ଜାଗ୍ରତ ରହିବାକୁ ପରାମର୍ଶ ଦେବେ। ପୂର୍ବ ବର୍ଷ ଭଳି ଯେପରି କେହି ଜଣେ ବ୍ୟକ୍ତିଙ୍କର ଅଂଶୁଘାତରେ ପ୍ରାଣ ହାନି ନ ଘଟୁ ଏ କ୍ଷେତ୍ରରେ ବ୍ଲକ ପ୍ରଶାସନ ଜାଗ୍ରତ ରହି କାର୍ଯ୍ୟ କରିବାକୁ ପଡ଼ିବ ଏହି ବୈଠକରେ ୨୧୯ ଟି ନଳକୂପ ୩୧ ଟି ପାନୀୟ ଜଳ ପ୍ରକଳ୍ପ ଗୁଡ଼ିକୁ କାର୍ଯ୍ୟକ୍ଷମ ରଖିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ତାଗିଦ୍ କରାଯାଇଥିଲା। ଏହି ବୈଠକରେ ରାଜନଗର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଡ ରଶ୍ମି ରଂଜନ ମାହାନ୍ତି ଅଂଶୁଘାତର ଲକ୍ଷଣ ଓ ଏହାର ଆସୁ ଚିକିତ୍ସା ସମ୍ପର୍କରେ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏଥିରେ ତହସିଲଦାର ଅମିୟ କେତନ ସ୍ୱାଇଁ, ବ୍ଲକ ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଗୁଡ଼ିଆ, ପାନୀୟ ଜଳ ଯୋଗାଣ ବିଭାଗର କନିଷ୍ଠ ଯନ୍ତ୍ରୀ ଇଂ ପ୍ରଦୋଶ ନାୟକ, ପଶୁ ଚିକିତ୍ସା ଅଧିକାରୀ ଅକ୍ଷୟ କୁମାର ଦଳେଇ ପ୍ରମୁଖ ଯୋଗ ଦେଇ ଥିଲେ। ବ୍ଲକର ୨୯ ଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ସଭ୍ୟା ମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଜିପିଓ ଧର୍ମେନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ।

## ଇଣ୍ଡିଆ ପୋଷ୍ଟ ପେମେଣ୍ଟସ ବ୍ୟାଙ୍କ ପକ୍ଷରୁ ଯୁବକଙ୍କୁ ମିଳିଲା ଦୁର୍ଘଟଣାଜନିତ ଚିକିତ୍ସା ଖର୍ଚ୍ଚ




**କେନ୍ଦ୍ରାପଡ଼ା,୧୯।୩ (ସଂଚାର ବ୍ୟୁରୋ):** ଇଣ୍ଡିଆ ପୋଷ୍ଟ ପେମେଣ୍ଟସ ବ୍ୟାଙ୍କ ପକ୍ଷରୁ ଜଣେ ଯୁବକଙ୍କୁ ଦୁର୍ଘଟଣା ଜନିତ ବୀମା ଅର୍ଥ ଏକ ଲକ୍ଷ ୫ ହଜାର ଟଙ୍କା ପ୍ରଦାନ କରାଯାଇଛି। ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ନୂଆପଡ଼ା ଗ୍ରାମର ଅଧିବାସୀ ପ୍ରଭାତ କୁମାର ବେହେରା ଏହି ଅର୍ଥ କେନ୍ଦ୍ରାପଡ଼ା ମୁଖ୍ୟ ଡାକଘରୁ ଗ୍ରହଣ କରିଛନ୍ତି। ଶ୍ରୀ ବେହେରା ଏକ ଦୁର୍ଘଟଣାର ଶିକାର ହୋଇ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହୋଇଥିଲେ। ସେ ଇଣ୍ଡିଆ ପୋଷ୍ଟ ପେମେଣ୍ଟସ ବ୍ୟାଙ୍କରେ ସ୍ୱାସ୍ଥ୍ୟ ବୀମା ବାବଦରେ ବାର୍ଷିକ ମାତ୍ର ୫୨୦ ଟଙ୍କା ପୈଠ କରୁଥିଲେ। ଏହି ଅର୍ଥ ପ୍ରଦାନ ସମୟରେ କେନ୍ଦ୍ରାପଡ଼ା ଡାକ ମଣ୍ଡଳର ଅଧୀକ୍ଷକ ରଞ୍ଜନ କୁମାର ସାହୁ ଓ ଇଣ୍ଡିଆ ପୋଷ୍ଟ ପେମେ ସ ବ୍ୟାଙ୍କର ଶାଖା ପରିଚାଳକ ଦୁର୍ଗାମାଧବ ପରିଡ଼ା ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀ ପରିଡ଼ା କହିଲେ ୧୮ ବର୍ଷରୁ ୬୫ ବର୍ଷ ବୟସର ବ୍ୟକ୍ତି ବାର୍ଷିକ ୩୨୦ ଟଙ୍କା ଦେଇ ୫ ଲକ୍ଷ ଟଙ୍କା ଓ ବାର୍ଷିକ ୫୨୦ ଟଙ୍କା ଦେଇ ୧୦ ଲକ୍ଷ ଟଙ୍କାର ବୀମା ନିକଟସ୍ଥ ଡାକଘରେ କରିପାରିବେ।

## ପାନୀୟ ଜଳ, ଅନ୍ତ୍ୟୋଦୟ ଗୃହ ଯୋଗାଣ ଓ ଆୟୁଷ୍ମାନ ଭାରତ କାର୍ଯ୍ୟକାରୀ ପାଇଁ ସମୀକ୍ଷା

**କେନ୍ଦ୍ରାପଡା,୧୯।୩(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାରେ ପାନୀୟ ଜଳ, ଅନ୍ତ୍ୟୋଦୟ ଗୃହ ଯୋଗାଣ ଓ ଆୟୁଷ୍ମାନ ଭାରତ କାର୍ଯ୍ୟକାରୀ ଓ ବିକଶିତ ଗାଁ ସଂପର୍କରେ ଏକ ସମୀକ୍ଷା ବୈଠକ ଜିଲ୍ଲାପାଳ ସ୍ମୃତି ରଂଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲା ପରିଷଦ କାର୍ଯ୍ୟ ନିର୍ବାହୀ ମୁଖ୍ୟ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ଉପ ଜିଲ୍ଲପାଳ ଅରୁଣ କୁମାର ନାୟକ, ସମସ୍ତ ବିଡିଓ, ତହସିଲଦାର ଓ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଗ୍ରୀଷ୍ମ ଋତୁରେ ପ୍ରବଳ ଉତାପ ବଢ଼ିବା ସହ ବିଭିନ୍ନ ଅଞ୍ଚଳରେ ପାନୀୟ ଜଳର ସଙ୍କଟ ଦେକା ଦେଲାଣି। ଏହା ସହ ବୁଲା ପଶୁ, ପକ୍ଷୀମାନେ ମଧ୍ୟ ଏହି ଜଳ ସଙ୍କଟ ଦ୍ୱାରା ପ୍ରଭାବିତ ହେବା ଆଶଙ୍କା ଦେଖା ଦେଲାଣି। କେତେକ ଗ୍ରାମରେ ଥିବା ନଳକୂପ ଗୁଡିକର ଜଳସ୍ତର କମି ଯାଇଥିବାରୁ ପିଇବା ପାଣି ମିଳିବା କଷ୍ଟକର ହୋଇ ପଡ଼ିଛି। ତୁରନ୍ତ ଏହାର ଚିହ୍ନଟ କରାଯାଇ ଅଚଳ ନଳକୂପ କୁ ସଜଡା ଯିବା ଓ ଟ୍ୟାଙ୍କର ଯୋଗେ ପାଣି ଯୋଗାଇବାକୁ ଆଗୁଆ ବ୍ୟବସ୍ଥା କରିବା ପାଇଁ ନିଷ୍ପତି ନିଆଯାଇଛି। ସେହିଭଳି ରାଜ୍ୟ ସରକାରଙ୍କ ଅନ୍ତ୍ୟୋଦୟ ଗୃହ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ପ୍ରକୃତ ହିତାଧିକାରୀ ଚିହ୍ନଟ ପ୍ରକ୍ରିୟାର ସର୍ଭେ ଆରମ୍ଭ କରାଯିବାକୁ ନିଷ୍ପତି ନିଆଯାଇଛି। କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନା ଆମ ରାଜ୍ୟରେ ଏପ୍ରିଲ୧ ତାରିଖ ଠାରୁ କାର୍ଯ୍ୟକାରୀ ହେବାକୁ ଥିବାବେଳେ ଓ ବରିଷ୍ଠ ନାଗରିକ ମାନେ ଏହି ଯୋଜନାରେ ସାମିଲ ହେବେ ବୋଲି ସୂଚନା ମିଳିଛି। ଏହାର କାର୍ଯ୍ୟକାରିତା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ବ୍ଲକ ଅଞ୍ଚଳରେ ସର୍ଭେ କରାଯାଇ ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରାଯିବ। ବିକଶିତ ଗାଁ ଓ ସମୃଦ୍ଧ ଓଡିଶା ଯୋଜନା ସଂପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲ୍ଲାପାଳ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



## ଯୋଗ୍ୟତା ଥାଇବି ମିଳୁନି ଅନ୍ତ୍ୟୋଦୟ ଅନ୍ନ ଯୋଜନା

**ମହାକାଳପଡ଼ା,୧୯।୩(ସଂଚାର ବ୍ୟୁରୋ):** ବୟସ ଅସି ଟପିଲାଣି। ପାଗଳ ପୁଅକୁ ଛାଡି ଦେଲେ ପାଖରେ ଆଉ କେହି ନାହିଁ।ସଳଖ ଭାବରେ ଛିଡ଼ା ହେବାକୁ ଅକ୍ଷମ ଜୁତି ବେୱା ଚମ ଧୁଡୁ ଧୁଡୁ ଅବସ୍ଥାରେ ପାଗଳ ପୁଅଟି ପାଇଁ ରୋଷେଇ କରିବା ପାଖରୁ ଆରମ୍ଭ କରି ଘରର ସମସ୍ତ କାମ କଷ୍ଟେମଷ୍ଟେ କରିବାକୁ ବାଧ୍ୟ ହେଉଛନ୍ତି। ଯେଉଁ ବୟସରେ ନିଜେ କାହାର ହାତ ପରସା ଓ ସେବା ପାଇବା କଥା ସେଇ ବୟସରେ ନିଜ ପାଇଁ ଓ ପାଗଳ ପୁଅଟି ପାଇଁ ଦହଗଞ୍ଜ ହେଉଛନ୍ତି। ଭାଗ୍ୟ ତ ଯାହା ଦାଉ ସାଜିଲା ସରକାରଙ୍କ ବ୍ୟବସ୍ଥା ମଧ୍ୟ ଜୁତିଙ୍କ ପରିସ୍ଥିତିକୁ ଉପହାସ କରୁଛି। ପକ୍କାଘର ଖଣ୍ଡିଏ ନମିଳିବାରୁ ଭଙ୍ଗା ଦଦରା କୁଡ଼ିଆରେ ଜୀବନ କାଟୁଛନ୍ତି ମାଆ ପୁଅ। ଏମିତି ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି ମହାକାଳପଡ଼ା ବ୍ଲକ ଦେଉଳପଡା ପଞ୍ଚାୟତର ଓଳିହା ଗ୍ରାମରେ। ୮୩ ବର୍ଷୀୟ ଜୁତି ବେୱା ୭୦% ପାଗଳ ପୁଅ ବିଭୂତି ଜେନା କୁ ଧରି ଭଙ୍ଗା କୁଡ଼ିଆରେ ରହି ଆସୁଛନ୍ତି। ଚାଳ ଛପର ଉପରେ ଛିଣ୍ଡା ପାଲ ପଡ଼ିଛି। ପାଣି ଖାଇ ମାଟି କାନ୍ଥର ଅବସ୍ଥା ବେହାଲ। ସ୍ଥାନେ ସ୍ଥାନେ କାନ୍ଥରୁ ମାଟି ଖସିଲାଣି। ନଇଁ ନଇଁ କେତେ ଆଉ ମାଟି ଲେପିବେ। ଶେଷରେ ସବୁ ଭଗବାନଙ୍କର ଇଛା ବୋଲି କହି ନିଜର ଲୁହକୁ ନିଜେ ପିଉଛନ୍ତି। ସବୁ ଯୋଗ୍ୟତା ଥାଇ ବି ସରକାରଙ୍କ ଅନ୍ତୋଦୟ ଅନ୍ନ ଯୋଜନା ମଧ୍ୟ ତାଙ୍କ ପାଇଁ ଅପହଞ୍ଚ ପାଲଟିଛି। ଏତେସବୁ କଷ୍ଟ ଯନ୍ତ୍ରଣାକୁ ମନରେ ଚାପି ସରକାରୀ ସହାୟତାକୁ ଚାହିଁ ରହିଛନ୍ତି। ପକ୍କାଘର ଖଣ୍ଡିଏ ମିଳିଲେ ତାଙ୍କ ଅଭିଶପ୍ତ ଜୀବନରୁ ଟିକିଏ କଷ୍ଟ ଲାଘବ ହୋଇ ପାରନ୍ତା ବୋଲି ଜୁତି କହିଛନ୍ତି। ଜିଲ୍ଲାପାଳ ଓ ମହାକାଳପଡ଼ା ବିଡ଼ିଓ ଏହି ଘଟଣାରେ ଦୃଷ୍ଟି ଦେଇ ଜୁତିଙ୍କୁ ଖଣ୍ଡିଏ ପକ୍କାଘର ଓ ଅନ୍ତୋଦୟ ଅନ୍ନ ଯୋଜନାରେ ସାମିଲ କରାଇବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ତହସିଲ କାର୍ଯ୍ୟାଳୟରେ ମଦ ଆସର

● ଅଫିସରେ ମଦ ଧରି ମସଗୁଲ କର୍ମଚାରୀ



**କେନ୍ଦ୍ରାପଡା,୧୯।୩(ସଂଚାର ବ୍ୟୁରୋ):** ସରକାରୀ କାର୍ଯ୍ୟାଳୟ ସାଜିଛି ମଦ ବାର୍। କର୍ମଚାରୀ ମାନେ ଖୁଲମ୍ ଖୁଲା ଅଫିସ ପରିସର ମଧ୍ୟରେ ମଦ ବୋତଲ ଧରି ମଦ୍ୟପାନ କରିବା ପାଇଁ ଦୁଇ କର୍ମଚାରୀ ବ୍ୟସ୍ତ ଥିବା ବେଳେ ଏହାର ଦୃଶ୍ୟ କ୍ୟାମେରା ରେ କଏଦ ହୋଇଛି । ଏମିତି ଏକ ସମ୍ବେଦନଶୀଳ ଦୃଶ୍ୟ ଲାଗିଛି ସଂଚାର ହାତରେ। ମହାକାଳପଡ଼ା ତହସିଲ କାର୍ଯ୍ୟାଳୟର ଡାଟା ଏଣ୍ଟ୍ରି ଅପରେଟର ସତ୍ୟଜିତ ମହାନ୍ତି ଓ ସତ୍ୟବ୍ରତ ରଥ ଆଜି କାର୍ଯ୍ୟାଳୟ ଭିତରେ ଏକ ମଦ ବୋତଲ ଧରିଥିବାର ଫଟୋ ଦେଖିବାକୁ ମିଳିଛି। ସରକାରୀ କାର୍ଯ୍ୟାଳୟରେ ସରକାରୀ ବାବୁମାନେ ମଦ ବୋତଲ ଧରିବା ଘଟଣା ଏବେ ତହସିଲ କାର୍ଯ୍ୟାଳୟରେ ଚାଲିଥିବା ସବୁ କାର୍ଯ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସବୁଠାରୁ ବଡ଼ କଥା ହେଉଛି ଯେ ସରକାରୀ କର୍ମଚାରୀମାନଙ୍କ ଏ ମଦ ପ୍ରେମ ତହସିଲ କାର୍ଯ୍ୟାଳୟ ମଧ୍ୟରେ କିଭଳି ହେଲା ଏବଂ ତାକୁ କିଏ ପ୍ରସୟ ଦେଲା ତାହା ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହୋଇଥିବା ବେଳେ ଏନେଇ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

## ଉନ୍ନତ ବିହନ ଉତ୍ପାଦନ କୌଶଳ ସମ୍ବନ୍ଧୀୟ କୃଷକ ତାଲିମ ଶିବିର




**ଡେରାବିଶ,୧୯।୩(ସଂଚାର ବ୍ୟୁରୋ):** ଦୋଳପର୍ବ ଅବସରରେ ଧାନ ଫସଲରେ ଉନ୍ନତ ବିହନ ଉତ୍ପାଦନ କୌଶଳ ସମ୍ବଧୀୟ କୃଷକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ତାଲିମ କାର୍ଯ୍ୟକ୍ରମ ଟି ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ସର୍ବ ଭାରତୀୟ ଗୁଣାତ୍ମକ ବିହନ ଉତ୍ପାଦନ ଗବେଷଣା ପ୍ରକଳ୍ପ, ଭୁବନେଶ୍ୱର ତରଫରୁ କେନ୍ଦ୍ରାପଡା ଜିଲା ଅନ୍ତର୍ଗତ ଡେରାବିଶ ବ୍ଲକ ର ଏଣ୍ଡର ଗ୍ରାମ ଠାରେ ଧଳ ଅଗ୍ରିଟେକ୍ ରେ ଏକଦିବସୀୟ କୃଷକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରକଳ୍ପ ମୁଖ୍ୟଙ୍କ ଅଧକ୍ଷତାରେ ଅନୁଷ୍ଠିତ କୃଷକ ତାଲିମ ଶିବିରରେ କେନ୍ଦ୍ରାପଡ଼ା ଜିଲ୍ଲାର ୬ଗୋଟି ବ୍ଲକର ୧୨୦ ଅଗ୍ରଣୀ ଚାଷୀ ଭାଇ ଓ ଭଉଣୀ ଉପସ୍ଥିତ ରହି ଧାନଫସଲର ଉନ୍ନତ ବିହନ ଉତ୍ପାଦନ ପାଇଁ ତାଲିମ ଗ୍ରହଣ କରିଥିଲେ। ବିଶ୍ୱବିଦ୍ୟାଳୟର ବରିଷ୍ଠ ବିହନ ଗବେଷଣା ଅଧିକାରୀ ଡଃ ମନୋଜ କୁମାର ରାଉତ ଓ ଡଃ ଉତ୍ତମ କୁମାର ବେହେରା, ରାଜ୍ୟ ବିହନ ପ୍ରମାଣନ ସଂସ୍ଥାର ମାନସରଞ୍ଜନ ରାଉତ ଓ ରାଜ୍ୟ ବିହନ ନିଗମ ର ସନ୍ତୋଷ କୁମାର ରାଓ ଯୋଗଦାନ କରି ଉନ୍ନତ ମାନର ଧାନ ବିହନ ଉତ୍ପାଦନ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ଚାଷୀମାନଙ୍କୁ ସଚେତନ କରାଇଥିଲେ।

## ଅଗ୍ନିକାଣ୍ଡରେ ଜଳିଜଳା ଘର,ଆସବାବ ପତ୍ର ପାଉଁଶ



**ପଟ୍ଟାମୁଣ୍ଡାଇ,୫।୩(ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବ୍ଲକ ଅର୍ନ୍ତଗତ ଦାଣ୍ଡିସାହି ଗ୍ରାମର ଦ୍ରୋପଦି ବାରିକଙ୍କ ୧ ବଖରା ଘର ସମେତ ଘର ଭିତରେ ଥିବା ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି।ଖବର ନେବାରେ ଜଣାପଡ଼ିଛି, ଦାଣ୍ଡିସାହି ଗ୍ରାମର ଦ୍ରୋପଦି ବାରିକ ଗତକାଲି ବିଳମ୍ବିତ ରାତିରେ ରୋଷେଇ ସରିବା ପରେ ଚୁଲିରୁ ନିଆଁ ଉଠି ଚାଳ ଛପରକୁ ଲାଗିଥିଲା ଯାହାଫଳରେ ଏକ ବଖରା ଚାଳଘର ସମେତ ଘରର ସମସ୍ତ ଆସବାବପତ୍ର ପୋଡିଯାଇଛି।ଘରେ ଥିବା ବିରି, ଧାନ, ସୁନା, କଂସା ବାସନ, ପୋଡ଼ି ପାଉଁଶ ହୋଇଯାଇଛି ଦମକଳଗାଡି ଠିକ୍ ସମୟରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ଦ୍ୱାରା ବହୁତ ବଡ଼ ବିପଦରୁ ମୁକ୍ତି ମିଳିଯାଇଛି।

## ସରିଲା ଛାମୁ ମେଲଣ ଓ ଠାକୁର ହୋରି

● ଶାନ୍ତିଶୃଙ୍ଖଳାର ସହ ପାଳିଲେ ସହରବାସୀ



**କେନ୍ଦ୍ରାପଡା,୧୯।୩(ସଂଚାର ବ୍ୟୁରୋ):** ପବିତ୍ର ଦୋଳ ପର୍ବ ଅବସର ରେ କେନ୍ଦ୍ରାପଡା ର ନିଆରା ପଂଚୁଦୋଳ ଛାମୁ ମେଲଣ ଓ ଠାକୁର ହୋରି ଶାନ୍ତି ଶୃଙ୍ଖଳା ର ସହ ପାଳନ କରାଯାଇଛି। ପ୍ରବଳ ଉତ୍ସାହ ଉଦୀପନା ସହିତ ବିଭିନ୍ନ ମଠ ମନ୍ଦିର ର ସୁସଜ୍ଜିତ ଦୋଳ ବିମାନ ଶୋଭାଯାତ୍ରା ରେ ଆସି ସେଥିରେ ଅଂଶ ଗ୍ରହନ କରିବା ସହ ଗୀତ, ବାଦ୍ୟ ଓ ସଂର୍କିତନ ମାଧ୍ୟମରେ ପଂଚୁଦୋଳ ର ହୋଲି ପର୍ବ କେନ୍ଦ୍ରାପଡା ରେ ପାଳନ କରାଯାଇଛି। ମଙ୍ଗଳବାର ରାତିରେ ପୁରୁଣା ବସଷ୍ଟାଣ୍ଡ ଦୋଳ ଉତ୍ସବରେ ବହୁ ସଂଖ୍ୟକ ଦୋଳ ବିମାନ ଅଂଶ ଗ୍ରହଣ କରିଥିଲେ। ପରମ୍ପରା ଅନୁଯାଇ ବାଲିପାଟଣା ର ଲଛମନଜୀଉଙ୍କ ଦୋଳ ବିମାନ ମହା ଆଡମ୍ବର ରେ ଏକ ଶୋଭାଯାତ୍ରା ରେ ସହର ପରିକ୍ରମା କରି ପୁରୁଣା ବସଷ୍ଟାଣ୍ଡ ମେଲଣ ପଡ଼ିଆରେ ଆସ୍ଥାନ ଗ୍ରହଣ କରିବା ପରେ ପୁରୁଣା ବସଷ୍ଟାଣ୍ଡ ମେଲଣ ପାଳନ କରାଯାଇ ଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ଦିଅଁ ମାନଙ୍କ ବିମାନକୁ ଭୋଗ ଲାଗି ହେବା ପରେ ଭୋର ସମୟରେ ଲଛମନଜୀଉଙ୍କ ବିମାନ ସମେତ ଅନ୍ୟ ବିମାନ ଗୁଡିକ ଶ୍ରୀ ବଳଦେବଜୀଉ ଙ୍କ ମନ୍ଦିର ଅଭିମୁଖେ ଶୋଭାଯାତ୍ରା ରେ ଯାଇଥିଲେ। ଶ୍ରୀ ବଳଦେବଜୀଉ ଙ୍କ ମନ୍ଦିର ଚକଡା ଉପରେ ଲଛମନଜୀଉ, ରଘୁନାଥଜୀଉ, କପିଳଜୀଉ, ରାଧାକାନ୍ତଜୀଉଙ୍କ ବିମାନ ସମେତ ଗୋପ ମଠ, ସାରଙ୍ଗ ମଠ, ଗିରୀ ମଠ, ଗଣାମାହାଲ, ବଣିଆମାଳ ଓ ଗରାପୁର ଓ ବିଭିନ୍ନ ଗ୍ରାମରେ ଥିବା ମଠ ମନ୍ଦିର ମାନଙ୍କରୁ ଆସିଥିବା ୨୦ରୁ ଓର୍ଦ୍ଧ୍ୱ ଦୋଳ ବିମାନ ଆସ୍ଥାନ ଗ୍ରହଣ କରିବା ପରେ ମନ୍ଦିର ତରଫରୁ ଆଜ୍ଞାମାଳ, ଧୂପ, ଦୀପ ଆଳତୀ ଓ ପକ୍ତିଭୋଗ ଲାଗି କରାଯାଇ ଥିଲା।

## ପାନୀୟ ଜଳ ସମସ୍ୟାର, ତ୍ୱରିତ ପଦକ୍ଷେପ ଦାବି

### ସାମ୍ବାଦିକ ସମ୍ମିଳନୀରେ ଅସନ୍ତୋଷ ଝାଡିଲେ ସୌଭାଗ୍ୟ



**ମହାକାଳପଡ଼ା,୧୯।୩(ସଂଚାର ବ୍ୟୁରୋ):** ମହାକାଳପଡ଼ା ରେ ପାନୀୟ ଜଳ ସମସ୍ୟା ସମ୍ପର୍କରେ ସାମ୍ବାଦିକ ସମ୍ମିଳନୀ କରି ସ୍ଥାନୀୟ ବିଧାୟକ, ସାଂସଦ ଓ ବିଭାଗୀୟ ଅଧିକାରୀଙ୍କୁ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ବିଜେପି ନେତା ସୌଭାଗ୍ୟ ପରିଡ଼ା ଆହ୍ୱାନ କରିଛନ୍ତି। ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟରେ ଶିଥିଳତା, ପଞ୍ଚାୟତ ସ୍ତରରେ ଜନପ୍ରତିନିଧି ମାନଙ୍କ ଉଦାସିନତା ପାଇଁ ଜନସାଧାରଣଙ୍କ ପାଖରେ ପାନୀୟ ଜଳ ସମସ୍ୟା ଉତ୍କଟ ହେଉଛି ବୋଲି ନିଜର ଅସନ୍ତୋଷ ଦେଖାଇଛନ୍ତି ସୌଭାଗ୍ୟ। ଆଜି ଦରିଆ ରାମଚଣ୍ଡୀ ମନ୍ଦିର ସାମ୍ନାରେ ଏ ସମ୍ପର୍କିତ ଏକ ସାମ୍ବାଦିକ ସମ୍ମିଳନୀ ଡାକି ଆଗକୁ ଲୋକଙ୍କ ପାନୀୟ ଜଳ ସମସ୍ୟା ସମାଧାନ ପାଇଁ ସମସ୍ତେ କାମ କରିବାକୁ ଆହ୍ୱାନ କରିଛନ୍ତି। ସୌଭାଗ୍ୟ କହିଛନ୍ତି ମହାକାଳପଡ଼ା ନିର୍ବାଚନ ମଣ୍ଡଳୀରେ ଦୀର୍ଘ ବର୍ଷ ଧରି ବିଜୁ ଜନତା ଦଳ ସରକାରରେ ରହି ମଧ୍ୟ ଜନସାଧାରଣଙ୍କ ପାନୀୟ ଜଳ ସମସ୍ୟା ସମାଧାନ ହୋଇ ପାରି ନାହିଁ। ଯାହା ଫଳରେ ଜନସାଧାରଣ ମହାକାଳପଡ଼ାରେ ପରିବର୍ତ୍ତନ କରିଥିଲେ। ହେଲେ ୯ ମାସ ପରେ ମଧ୍ୟ ଲୋକଙ୍କ ପାଖରେ ପାନୀୟ ଜଳ ପହଞ୍ଚାଇବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ମହାକାଳପଡ଼ା ନିର୍ବାଚନ ମଣ୍ଡଳୀର ମହାକାଳପଡ଼ା ବ୍ଲକ ର ୩୧ ଗୋଟି ଗ୍ରାମ ପଞ୍ଚାୟତରେ ୨୧୭୬ ଟି ନଳକୂପ ଓ ମାର୍ଶାଘାଇ ବ୍ଲକ୍ ର ୧୭ ଗୋଟି ପଞ୍ଚାୟତରେ ୧୧୧୫ ଟି ନଳକୂପ ରହିଛି। ମହାକାଳପଡ଼ା ବ୍ଲକ ରେ ଥିବା ୨୧୭୬ ନଳକୂପରୁ ୨୦ ପ୍ରତିଶତ ନଳକୂପ ବ୍ୟବହାର ଅନୁପଯୋଗୀ। ଦଶମଉଜୀ ଅଞ୍ଚଳରେ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ଯେଉଁ ଠିକା ସଂସ୍ଥା କାମ ନେଇଛି ସେମାନେ କାମରେ ବିଳମ୍ବ କରୁଛନ୍ତି। ତାଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଜନଜୀବନ ମିଶନ ଓ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଆରଡବ୍ଲୁଏସଏସ ଅଧିନରେ ହେଉଛି ହେଲେ ମହାକାଳପଡା ବିଭାଗୀୟ କାର୍ଯ୍ୟାଳୟରେ ମାନବ ସମ୍ବଳର ଅଭାବ ରହିଛି। ଜଣେ ଯନ୍ତ୍ରୀ ଏବେ ସବୁର କାର୍ଯ୍ୟ ବୁଝୁଛନ୍ତି। ୯ ମାସ ମଧ୍ୟରେ ୩-୪ ଥର ପଞ୍ଚାୟତ ସମିତି ବୈଠକ ହୋଇଛି ହେଲେ ତାହା ଚାହା ବିସ୍କୁଟରେ ସୀମିତ ରହିଛି। ପଞ୍ଚାୟତ ସ୍ତରର ଜନପ୍ରତିନିଧି ମାନଙ୍କୁ ପାନୀୟ ଜଳ ସମସ୍ୟା ସମ୍ପର୍କରେ କାମ କରିବାକୁ ନିର୍ଦ୍ଦେଶ ଦିଆଯାଉନି। ପାଣି ସମସ୍ୟାର ସମାଧାନ ନକରିବାରୁ ୧୫ ବର୍ଷ ପରେ ବିଧାୟକ ବଦଳାଇଛନ୍ତି ଲୋକେ। ପାଣି ସମସ୍ୟା ଆଗକୁ ଉତ୍କଟ ହେବ। ମଙ୍ଗଳପୁର, ବରକନ୍ଧା ପଞ୍ଚାୟତର ଲୋକେ ବିଗତ ଦିନରେ ହାଣ୍ଡି ମାଠିଆ ଧରି ରାସ୍ତାକୁ ଆସିଛନ୍ତି। ଅନ୍ତତଃ ପକ୍ଷେ ସେ ପରିସ୍ଥିତି ସୃଷ୍ଟି ନହେଉ। ବିଧାୟକ ଓ ସାଂସଦ ମହୋଦୟ ଫଟୋ ଉଠା ଛାଡ଼ି ଲୋକଙ୍କ ପାଣି ସମସ୍ୟା ପାଇଁ କାମ କରନ୍ତୁ। ଗାଁ ଗାଁ ବୁଲନ୍ତୁ କେଉଁଠି ସମସ୍ୟା ରହିଛି ତାହାର ସମାଧାନ ପାଇଁ ପ୍ରୟାସ କରନ୍ତୁ। ଯେଉଁ ଆଶା ବାନ୍ଧି ଲୋକେ ଭୋଟ ଦେଇଛନ୍ତି ସେମାନଙ୍କ ପାଇଁ କାମ କରନ୍ତୁ ବୋଲି ସୌଭାଗ୍ୟ କହିଛନ୍ତି। ଲୋକଙ୍କ ପାଖରେ ପାନୀୟ ଜଳ ପହଞ୍ଚିଲେ ଲୋକେ ପୁଳାପୁଳା ଆଶୀର୍ବାଦ ଢାଳିଦେବେ। ପାଣି ସମସ୍ୟା ମହାକାଳପଡ଼ାର ପ୍ରମୁଖ ସମସ୍ୟା। ସମସ୍ତେ ଏଥିପାଇଁ ମିଳିତ ଭାବରେ କାର୍ଯ୍ୟ କରିବା ଦରକାର। ଯେଉଁଥିରେ ସେ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି କହିଛନ୍ତି ।

# ଅସ୍ତିତ୍ୱ ଖୋଜୁଛି ତରଡିପାଳ ଉଚ୍ଚ ବିଦ୍ୟାଳୟ




**ପଟ୍ଟାମୁଣ୍ଡାଇ,୧୯।୩(ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ତରଡିପାଳ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରାପଡ଼ା ଜିଲ୍ଲା ରେ ଶିକ୍ଷା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ ଆସୁଅଛି। ଏହି ବିଦ୍ୟାଳୟ ର ପୁରାତନ ଛାତ୍ରଛାତ୍ରୀ ମାନେ ଆଜିର ଦିନରେ ଭାରତ ବର୍ଷରେ ବିଭିନ୍ନ କ୍ଷେତ୍ରରେ ଦେଶ ତଥା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଦୁଇଟି ପଞ୍ଚାୟତ ର ଛଅଟି ଗ୍ରାମ ର ଛାତ୍ରଛାତ୍ରୀମାନେ ଏହି ବିଦ୍ୟାଳୟ ଉପରେ ଶିକ୍ଷା ପାଇଁ ନିର୍ଭର କରିଥାନ୍ତି। କିନ୍ତୁ ସମୟ ବଦଳିଛି। ରାଜ୍ୟ ସରକାର ଶିକ୍ଷା ର ଗୁଣାତ୍ମକ ମାନ ବୃଦ୍ଧି ପାଇଁ ବିଦ୍ୟାଳୟ ତଥା ଶିକ୍ଷାକ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିବା ବେଳେ ତରଡିପାଳ ଉଚ୍ଚ ବିଦ୍ୟାଳୟ ଏଥିରୁ ବାଦ ପଡ଼ିବା ଦୁର୍ଭାଗ୍ୟ ଜନକ ଓ ଦୁଃଖଃ ଦାୟକ। ପୂର୍ବ ସରକାର ଙ୍କ ୫ଟ୍ଟ ଯୋଜନା ମାଧ୍ୟମରେ ସାରା ରାଜ୍ୟରେ ବିଦ୍ୟାଳୟ ର ରୂପ ରେଖ, ଶିକ୍ଷା ପ୍ରଦାନ ର ଢାଞ୍ଚା ପରିବର୍ତ୍ତନ ହୋଇଥିବା ବେଳେ ତରଡିପାଳ ଉଚ୍ଚ ବିଦ୍ୟାଳୟ ବଞ୍ଚିତ ହେବା ଆଶ୍ଚର୍ଯ୍ୟଜନକ। ୧୯୭୩ ମସିହା ରେ ଜନ୍ମ ନେଇଥିବା ବିଦ୍ୟାଳୟ ଉନ୍ନତି ହେବା ସ୍ଥାନ ରେ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ। ବିଦ୍ୟାଳୟ କୁ ଅବିଭାବକ ମାନେ ତାଙ୍କ ପିଲାମାନଙ୍କୁ ଛାଡିବା ପାଇଁ ବିମୁଖ ହେଉଛନ୍ତି। ପ୍ରଥମ ରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ମାତ୍ର ୨୧୮ ଛାତ୍ରଛାତ୍ରୀ ଥିବା ବେଳେ ଶିକ୍ଷା ପ୍ରଦାନ ପାଇଁ ଆବଶ୍ୟକ ଭିତ୍ତିଭୂମି ନାହିଁ। ଗୋଟଏ ଶ୍ରେଣୀ ଗୃହରେ ଦୁଇଟି ଲେଖାଏଁ ଶ୍ରେଣୀ ର ପିଲାମାନେ ତଳେ ବସି ପଢୁ ଥିବାର ଦେଖା ଦେଇଛି। କେଉଁଠି ଛାତ ରୁ ସିମେଣ୍ଟ ଖସୁଚି ପୁଣି ଜରାଜୀର୍ଣ୍ଣ କୋଠା ରୁ ସାପ ବାହାରିବା ଭୟ ରହୁଛି। ପିଲାମାନଙ୍କ ଶାରୀରିକ ଓ ମାନସିକ ବିକାଶ ପାଇଁ ଉପଯୁକ୍ତ ଖେଳ ପଡ଼ିଆ ର ଅଭାବ ରହିଛି। ବିଦ୍ୟାଳୟ ର ଦୁଇଟି କ୍ୟାମ୍ପସ୍ ଥିବା ହେତୁ ଶିକ୍ଷା ପ୍ରଦାନ ଓ ଛାତ୍ରଛାତ୍ରୀମାନେ ମାନଙ୍କ ଗମନାଗମନ ର ସମସ୍ୟା ଦେଖାଦେଇଛି। ରାଜନୀତି ଓ ଗୋଷ୍ଠୀ ବିବାଦ ରେ ଛନ୍ଦି ହୋଇପଡ଼ିଛି ତରଡିପାଳ ଉଚ୍ଚ ବିଦ୍ୟାଳୟ। ୧୩ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଥିବା ବେଳେ ଭିତ୍ତିଭୂମି ଅଭାବ ଯୋଗୁଁ ଶିକ୍ଷା ବ୍ୟବସ୍ଥା ଯେମିତି ଭୁଶୁଡ଼ି ପଡ଼ିଛି। ଏହି ଅଞ୍ଚଳର ବୁଦ୍ଧିଜୀବୀ, ପୁରାତନ ଛାତ୍ର ତଥା ସକ୍ରିୟ ରାଜନୀତିରେ ଥିବା ନେତା ମାନେ ଯଦି ଏହି ସମସ୍ୟା ଉପରେ ଗୁରୁତ୍ୱ ନ ଦିଅନ୍ତି ଆଉ କିଛି ବର୍ଷ ପରେ ଇତିହାସ ବହିରେ ତରଡିପାଳ ଉଚ୍ଚ ବିଦ୍ୟାଳୟ ଖୋଜିବାକୁ ପଡ଼ି ପାରେ। କେନ୍ଦ୍ରାପଡ଼ା ବିଧାୟକ ଶ୍ରୀ ଗଣେଶ୍ୱର ବେହେରା ଙ୍କୁ ଅଞ୍ଚଳ ବାସୀ ଏହି ସମ୍ବେଦନଶୀଳ ଘଟଣା କୁ ସରକାର ଙ୍କ ପାଖରେ ଦାବି ରଖି ତୁରନ୍ତ ସମାଧାନ କରିବା ପାଇଁ ବିଦ୍ୟାଳୟ ର ପ୍ରତିଷ୍ଠାତା ସଦସ୍ୟ ଶ୍ରୀଯୁକ୍ତ ଅଜୟ କୁମାର ବିଶ୍ୱାଳ, ବ୍ରାହ୍ମଣୀ ମହାବିଦ୍ୟାଳୟ ର ପୂର୍ବତନ ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ବିଶ୍ୱାଳ, ପୂର୍ବତନ ସମିତ ସଭ୍ୟ ଦେବେନ୍ଦ୍ର ବିଶ୍ୱାଳ, ନୃସିଂହ ଚରଣ ବିଶ୍ୱାଳ, ହରମୋହନ ବିଶ୍ୱାଳ, ଧନେଶ୍ୱର ପ୍ରଧାନ, ଭାଗୀରଥୀ ବିଶ୍ୱାଳ କଳ୍ପତରୁ ବିଶ୍ୱାଳ ଓ ପ୍ରହରାଜ ବିଶ୍ୱାଳ ଦାବି କରିଛନ୍ତି।

## ବାଲ୍ୟବିବାହ ନିଷେଧ ଅଧିନିୟମ ସଚେତନତା




**ଡେରାବିଶ,୧୯।୩ (ସଂଚାର ବ୍ୟୁରୋ):** ଡେରାବିଶ ଥାନା ପରିସରର ମଧ୍ୟରେ ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିଶୁ ସୁରକ୍ଷା ଶାଖା ଓ ଡେରାବିଶ ଥାନାର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିବା ଶିବିରରେ ଶିଶୁ ସୁରକ୍ଷା ୟୁନିଟର ଏଲପିଓ ବିବେକାନନ୍ଦ ଅଟାବୁଦ୍ଧି ପୌରୋହିତ୍ୟ କରିଥିଲେ। ଏଥିରେ ଡେରାବିଶ ସରୋଜ କୁମାର ସାହୁ ମୁଖ୍ୟ ଅତିଥି୍ ଏବଂ ଡେରାବିଶ ବ୍ଲକ ସିଡିପିଓ ହରପ୍ରିୟା ଦେବୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମାଜର ବ୍ୟାଧ ଭାବେ ପରିଗଣିତ ଥିବା ବାଲ୍ୟ ବିବାହ ପ୍ରଥାର ମୂଳୋତ୍ପାଟନ ପାଇଁ ସମସ୍ତଙ୍କ ସାହାଯ୍ୟ ସହଯୋଗ ପାଇଁ ଆହ୍ୱାନ କରିବା ସହ ବାଲ୍ୟ ବିବାହ କରିବାରେ ପ୍ରତ୍ୟେକ୍ଷ ବା ପରୋକ୍ଷ ଭାବେ ସହାୟତା କରୁଥିବା ବ୍ୟକ୍ତି ବା ସଙ୍ଗଠନମାନଙ୍କ ପାଇଁ ଆଇନତଃ ୨ବର୍ଷ କାରାଦଣ୍ଡ ସହ ୨ଲକ୍ଷ ଟଙ୍କାର ଜରିମାନ ବ୍ୟବସ୍ଥା ରହିଥିବା ମତବ୍ୟକ୍ତ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଏସ୍ଆଇ ପ୍ରଦୋଷ ପଟ୍ଟନାୟକ, ବିଜୟ କୁମାର ଦାସ ଓ ଏଏଆଇ ମେନକା ତ୍ରିପାଠୀଙ୍କ ସମେତ ଜିଲା ଶିଶୁ ସୁରକ୍ଷା ଶାଖାର ସିଏଚଏଲ ମୋନାଲିସା ଦଣ୍ଡପାଟ ଓ ସିଡବ୍ଲୁସି ସଦସ୍ୟ ଲଳିତ କୁମାର ସାହୁ ପ୍ରମୁଖ ଯୋଗଦେଇ ବାଲ୍ୟ ବିବାହ ଅଧିନିୟମ ଓ ଏହାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଶିବିରରେ ଅଞ୍ଚଳର ବହୁ ସଂଖ୍ୟାରେ ବିଭିନ୍ନ ଧର୍ମନୁଷ୍ଠାନର କର୍ମକର୍ତ୍ତା, ବ୍ରାହ୍ମଣ, ପୂଜକ, ବାରିକ, ଟେଷ୍ଟ ହାଉସ ମାଲିକ, ଆଙ୍ଗନୱାଡି କର୍ମୀ, ମହିଳାପୁରୁଷମାନେ ଅଂଶ ଗ୍ରହଣ କରିଥିଲେ।

### ପୁରୀ କେବୁଲ ଲ୍ୟାଣ୍ଡିଂ ଷ୍ଟେସନ ପ୍ରକଳ୍ପ ଡିପିଆର ଅଗ୍ରଗତି ସମୀକ୍ଷା

# ଦେଶରେ ଓଡ଼ିଶା ହେବ ଡିଜିଟାଲ୍ ପାୱାରହାଉସ୍




**ଭୁବନେଶ୍ୱର,୧୯।୩(ସଂଚାର ବ୍ୟୁରୋ):** ଓଡ଼ିଶାକୁ ଏକ ବୈଷୟିକ ଡିଜିଟାଲ ହବ୍‌ରେ ପରିଣତ କରିବା ପାଇଁ ରାଜ୍ୟ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗ ପୁରୀରେ ଏକ କେବୁଲ ଲ୍ୟାଣ୍ଡିଂ ଷ୍ଟେସନ ସ୍ଥାପନ କରିବ। ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ରାଜ୍ୟର ଡିଜିଟାଲ ଭିତ୍ତିଭୂମିର ଉଲ୍ଲେଖନୀୟ ସମ୍ପ୍ରସାରଣ କରିବା ସହ ଡାଟା ସେଣ୍ଟରରେ ନିବେଶକୁ ତ୍ୱରାନ୍ୱିତ ଓ ଉଚ୍ଚସ୍ତରୀୟ ପ୍ରଯୁକ୍ତିବିଦ୍ୟାକୁ ଆକୃଷ୍ଟ ପୂର୍ବକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଏହି ପରିପ୍ରେକ୍ଷୀରେ ଆଜି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ରେଲଟେଲ ଓ ଡେଲଏଟ୍ ଦ୍ୱାରା ମିଳିତ ଭାବେ ପ୍ରସ୍ତୁତ କରାଯାଉଥିବା ପ୍ରକଳ୍ପର ଡିପିଆର ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି। ଏହାର କାର୍ଯ୍ୟକାରିତା ସୁନିଶ୍ଚିତ କରିବା ପାଇଁ ହାଇପରସ୍କେଲର୍ସ ଓ ଏଥିସହ ଜଡ଼ିତ ପ୍ରମୁଖ ସଂସ୍ଥାଙ୍କ ସହ ଶିଳ୍ପ ପରାମର୍ଶର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଏଥିସହ ଆଗାମୀ ୩ ବର୍ଷ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଉପରେ ଗୁରୁତ୍ୱ ଦେଇ ପ୍ରକଳ୍ପ ଅନୁମୋଦନ ସକାଶେ ଡିପିଆର ତୁରନ୍ତ ଦାଖଲ ସକାଶେ ମୁଖ୍ୟ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

ଓଡ଼ିଶା କେବୁଲ ଲ୍ୟାଣ୍ଡିଂ ଷ୍ଟେସନ ରାଜ୍ୟ ସରକାରଙ୍କ ଏକ ପ୍ରମୁଖ ପଦକ୍ଷେପ, ଯାହା ଇକୋସିଷ୍ଟମ୍ ବିକାଶ ପାଇଁ ଏକ ରଣନୈତିକ ଦୃଷ୍ଟିକୋଣ ସହିତ ପରିକଳ୍ପନା କରାଯାଇଛି। ବ୍ୟବସାୟ, ପ୍ରଯୁକ୍ତିବିଦ୍ୟା କମ୍ପାନୀ ଏବଂ ଶ୍ରମଶକ୍ତି ପାଇଁ ବିପୁଳ ସୁଯୋଗ ଉନ୍ମୁକ୍ତ କରି ରାଜ୍ୟକୁ ଡିଜିଟାଲ୍ ପୁଞ୍ଜି ନିବେଶ କ୍ଷେତ୍ରରେ ଆକର୍ଷଣୀୟ କରିବାକୁ ସରକାର ପ୍ରତିଶ୍ରୁତିବଦ୍ଧ। ଏହି କେବୁଲ ଲ୍ୟାଣ୍ଡିଂ ଷ୍ଟେସନର ବିକାଶ ପାଇଁ ପୁରୀ ସବୁଠାରୁ ଉତ୍କୃଷ୍ଟ ସ୍ଥାନ ଭାବରେ ଉଭା ହୋଇଛି, ଯାହା ପ୍ରମୁଖ ଭୌଗୋଳିକ ସ୍ଥିତି, ଉପଯୁକ୍ତ ଉପକୂଳ, ଭବିଷ୍ୟତ ପାଇଁ ସୁଯୋଗ ଏବଂ ଦୃଢ଼ ଭିତ୍ତିଭୂମି ଭଳି ପ୍ରମୁଖ ସୁବିଧା ପ୍ରଦାନ କରୁଛି। କେବୁଲ ଲ୍ୟାଣ୍ଡିଂ ଷ୍ଟେସନ ସିଧାସଳଖ ଆନ୍ତର୍ଜାତୀୟ ଫାଇବର ସଂଯୋଗ ପ୍ରଦାନ କରିବା ସହ ବିଳମ୍ବ ହ୍ରାସ କରିବ, ଇଣ୍ଟରନେଟ୍ ବେଗରେ ଉନ୍ନତି ଆଣିବ ଏବଂ ହାଇପର୍ସ୍କେଲର, ଗ୍ଲୋବାଲ୍ କାପେବିଲିଟି ସେଣ୍ଟର (ଜିସିସି) ଏବଂ ଉଦ୍ୟୋଗ ପାଇଁ ଓଡ଼ିଶାର ଏକ ପ୍ରମୁଖ ଗନ୍ତବ୍ୟସ୍ଥଳ ଭାବରେ ଉଭା ହେବ। ଏହି ପଦକ୍ଷେପ ଦ୍ୱାରା ଓଡ଼ିଶା ବିଶ୍ୱ ଡିଜିଟାଲ ନେଟୱାର୍କରେ ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ହେବାକୁ ଯାଉଛି, ଯାହା ଡାଟା ପରିଚାଳିତ ଅର୍ଥନୀତିରେ ଭାରତର ସ୍ଥିତିକୁ ମଜବୁତ କରିବ। ଏଥିସହ କେବୁଲ ଲ୍ୟାଣ୍ଡିଂ ଷ୍ଟେସନ ଡିଜିଟାଲ୍ ଅନ୍ତର୍ଭୁକ୍ତିକରଣ, ନିଯୁକ୍ତି ସୃଷ୍ଟି, ଗୋଷ୍ଠୀ ବିକାଶ ଏବଂ ସାମାଜିକ ସମାନତା ମାଧ୍ୟମରେ ସଶକ୍ତିକରଣରେ ସହାୟତା କରିବ। ସମୀକ୍ଷା ବୈଠକରେ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ତଥା ଓକାକ୍‌ର ପରିଚାଳନା ନିର୍ଦ୍ଦେଶକ ମାନସ ରଞ୍ଜନ ପଣ୍ଡା, ରେଲଟେଲର ପ୍ରମୁଖ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଜାକିର ହୁସେନ୍ ସିଦ୍ଦିକୀ, ଓକାକର ବୈଷୟିକ ପରାମର୍ଶଦାତା (ଟେଲିକମ୍) ଅଭିନ୍ନ କୁମାର ପହି ଓ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗ, ରେଲଟେଲ ଏବଂ ଡେଲଏଟ୍‌ର ଅଧିକାରୀମାନେ ଉପସ୍ଥିତ ଥିଲେ।



ବାଚସ୍ପତି ସୁରମା ପାଢ଼ୀ ଓ ବିଧାୟକବିଧାୟିକାଙ୍କ ସହ ବିଧାନସଭା ପରିଭ୍ରମଣରେ ଆସିଥିବା ଗଞ୍ଜାମ ଜିଲ୍ଲା ଛତ୍ରପୁର 'ଦି ନିଉ ଏଜ ୟୁରୋ କିଡ୍ ସ୍କୁଲ'ର ଛାତ୍ରଛାତ୍ରୀଗଣ

### ସରକାରୀ ଚାକିରିରେ ବୟସ ସୀମା ବାଧକ

# ବ୍ୟାହତ ହେଉଛି ନିଯୁକ୍ତି ପ୍ରକ୍ରିୟା

**ଭୁବନେଶ୍ୱର,୧୯।୩:** ଖାଲି ପଡୁଥିବା ବିଭିନ୍ନ ପାହ୍ୟାର ସରକାରୀ ପଦ ପଦବୀଗୁଡ଼ିକ ପ୍ରତିବର୍ଷ ପୂରଣ କରାଯାଉନଥିବାରୁ ଅନେକ ଆଶାୟୀ ପ୍ରାର୍ଥୀଙ୍କ ବୟସ ଅତିକ୍ରମ କରିଯାଉଛି। ନିଯୁକ୍ତି ବିଜ୍ଞାପନ ପ୍ରକାଶ ସହିତ ଏଥିପାଇଁ ଚୟନ ପ୍ରକ୍ରିୟା ଆରମ୍ଭ ହେବା ମାତ୍ରେ ବୟସ ଅକ୍ରାନ୍ତ ଆଶାୟୀମାନେ ଆଇନ୍ ଅଦାଲତର ବାରମ୍ବାର ଦ୍ୱାରସ୍ଥ ହେବା ଫଳରେ ନିଯୁକ୍ତି ପ୍ରକ୍ରିୟା ବ୍ୟାହତ ହେଉଛି।



ମୁଖ୍ୟମନ୍ତ୍ରୀ ବିଧାନସଭାରେ ଦେଇଥିବା ତଥ୍ୟ ମୁତାବକ ୨୦୨୩ ଡିସେମ୍ବର ଶେଷ ସୁଦ୍ଧା ସରକାରୀ ଚାକିରିର ବିଭିନ୍ନ ବର୍ଗରେ ପ୍ରାୟ ୨ଲକ୍ଷ ୫ ହଜାର ପଦବୀ ଖାଲି ପଡିଥିଲା । ପ୍ରତି ମାସରେ ଅବସର, ବହିଷ୍କାର, ଅସମୟ ମୃତ୍ୟୁ, ଇସ୍ତଫା ଆଦି ବିଭିନ୍ନ କାରଣରୁ ବି ପଦ ପଦବୀମାନ ଖାଲି ହେଉଛି । ତେବେ ଅନେକ ପଦବୀ ପାଇଁ ଥିବା ନିଯୁକ୍ତି ନିୟମାବଳୀରେ ପ୍ରତିବର୍ଷ ପଦବୀ ପୂରଣଲାଗି ପଦକ୍ଷେପ ନେବାକୁ ବ୍ୟବସ୍ଥା ଥିବାବେଳେ ୧୯୯୯ରୁ ଅନୁସରଣ କରାଯାଉଥିବା ଖର୍ଚ୍ଚକାଟ ଓ ମିତବ୍ୟୟିତା ଆଳରେ ବର୍ଷବର୍ଷ ଧରି ବ୍ୟାପକ ସରକାରୀ ଚାକିରି ଖାଲି ପଡିଛି ।

ଓଡ଼ିଶା ସିଭିଲ୍ ସର୍ଭିସ ଫିକ୍ସେସନ୍ ଅଫ୍ ଅପର ଏଜ୍ ଲିମିଟ୍ ରୁଲ୍‌ରେ ସରକାରୀ ଚାକିରି ପାଇଁ ସର୍ବୋଚ୍ଚ ବୟସ ସୀମା ନିର୍ଦ୍ଧାରଣ କରାଯାଇଛି । ବିଭିନ୍ନ ସମୟରେ ସରକାର ସର୍ବନିମ୍ନ ଓ ସର୍ବୋଚ୍ଚ ବୟସ ସୀମାରେ ପରିବର୍ତ୍ତନ କରିଥାନ୍ତି। ଏହି ଆଇନ୍‌ରେ ସ୍ପଷ୍ଟ ଉଲ୍ଲେଖ ରହିଛି ଯେ ଯଦି କୌଣସି କାରଣରୁ ସରକାରୀ ନିଯୁକ୍ତିଦାତାମାନେ ଖାଲି ପଦବୀ ପାଇଁ ଆବେଦନ ଦରଖାସ୍ତ ଗ୍ରହଣ କରିନପାରନ୍ତି ତେବେ ଯେତେବର୍ଷ ଧରି ନିଯୁକ୍ତି ବିଜ୍ଞାପନ ସଂପୃକ୍ତ ପଦବୀ ପାଇଁ ପ୍ରକାଶ ପାଇନଥିବ ପ୍ରାର୍ଥୀମାନଙ୍କ ବୟସ ସୀମା ସେତେ ବର୍ଷ କୋହଳ କରାଯିବ। ଅର୍ଥାତ୍ ଯେଉଁ ପଦବୀ ପାଇଁ ସର୍ବୋଚ୍ଚ ବୟସ ସୀମା ୩୮ବର୍ଷ ରହିଛି ତାହା ପୂରଣ ପାଇଁ ଯଦି ୫ବର୍ଷ ଧରି ବିଜ୍ଞାପନ ପ୍ରକାଶ ପାଇନଥାଏ ତେବେ ଆଶାୟୀ ପ୍ରାର୍ଥୀଙ୍କ ସର୍ବୋଚ୍ଚ ବୟସ ସୀମା ୫ବର୍ଷ କୋହଳ କରାଯାଇ ୪୩ବର୍ଷ କରାଯିବା କଥା ବୋଲି ଆଇନ୍ ବିଶାରଦମାନେ ମତ ଦେଉଛନ୍ତି। ବିଭିନ୍ନ ପଦପଦବୀରେ ନିଯୁକ୍ତି ଲାଗି ଯେଉଁସବୁ ଆଇନ୍‌ଗତ ବ୍ୟବସ୍ଥା ରହିଛି ତାହାର ଠିକଣା ଅନୁପାଳନ କରାଗଲେ ସରକାରୀ ଚାକିରିରେ ପଦବୀ ଖାଲି ପଡନ୍ତାନାହିଁ କିମ୍ବା ବେକାର ଯୁବକ ଯୁବତୀମାନେ ବୟସାତିକ୍ରାନ୍ତ ବୋଝରେ ଭାଙ୍ଗନ୍ତେ ନାହିଁ। ଏହାଛଡ଼ା ନିଯୁକ୍ତି ସଂକ୍ରାନ୍ତୀୟ ଆଇନ୍ ଏବଂ ବିଶେଷକରି ସ୍ଥାନ ସଂରକ୍ଷଣ ଆଇନ୍‌ର ତ୍ରୁଟିପୂର୍ଣ୍ଣ ତର୍ଜମା କରାଯିବା ଫଳରେ ଚାକିରି ସଂକ୍ରାନ୍ତୀୟ ମାମଲା ସଂଖ୍ୟା ବୃଦ୍ଧି ପାଉଛି । କେବଳ ସେତିକି ନୁହେଁ, ଯୋଗ୍ୟ ପ୍ରାର୍ଥୀ ଚୟନ ଲାଗି ହେଉଥିବା ପ୍ରକ୍ରିୟା କେତେକ କ୍ଷେତ୍ରରେ ତ୍ରୁଟିପୂର୍ଣ୍ଣ ରହୁଥିବାରୁ ଏଥିଲାଗି ବି ଉଭୟ ଆଶାୟୀ ପ୍ରାର୍ଥୀ ଓ ସରକାରୀ କଳକୁ ଡଣ୍ଡ ଗଣିବାକୁ ପଡୁଛି।

ଫିକ୍ସେସନ୍ ଅଫ୍ ଅପର ଏଜ୍ ଲିମିଟ୍ ରୁଲ୍‌କୁ କେତେକ କ୍ଷେତ୍ରରେ କାର୍ଯ୍ୟକାରୀ କରାଯାଇ ସର୍ବୋଚ୍ଚ ବୟସ ସୀମା କୋହଳ କରାଯାଇଥିବା ବେଳେ ଆଉ କେତେକ କ୍ଷେତ୍ରରେ ଏହାକୁ ନିଯୁକ୍ତି ବିଜ୍ଞାପନରେ ଏଡ଼ାଇ ଦିଆଯାଉଥିବାରୁ ସମସ୍ୟା ବଢୁଛି। ନିଯୁକ୍ତି ପ୍ରସଂଗରେ ଓଡ଼ିଶା ହାଇକୋର୍ଟଙ୍କ ରାୟକୁ ମଧ୍ୟ କେତେକ କ୍ଷେତ୍ରରେ ଠିକଣା ଭାବେ ଅନୁପାଳନ କରାଯାଉନଥିବାରୁ ଅଦାଲତ ଅବମାନନା ମାମଲା ବଢୁଛି। ନିଯୁକ୍ତି ଓ ସଂରକ୍ଷଣ ଆଇନ୍‌ର ତ୍ରୁଟିପୂର୍ଣ୍ଣ ତର୍ଜମା କରି ଲୋକସେବା ଆୟୋଗ ଜଣେ ଯୋଗ୍ୟ ପ୍ରାର୍ଥୀଙ୍କୁ ବାଦ୍ ଦେଇଥିବା ଘଟଣାରେ ପ୍ରାୟ ୫ବର୍ଷ ଧରି ଅଦାଲତ ଲଢ଼େଇ ଚାଲିବା ପରେ ସଂପୃକ୍ତ ପ୍ରାର୍ଥୀଙ୍କୁ ଓଏଏସ୍ ଚାକିରିରେ ୨୦୨୪ ଫେବୃଆରୀ ସୁଦ୍ଧା ନିଯୁକ୍ତି ଦେଇ ମାର୍ଚ୍ଚ ମାସ ଶେଷ ସୁଦ୍ଧା ହାଇକୋର୍ଟରେ ଅନୁପାଳନ ରିପୋର୍ଟ ଦାଖଲ କରିବାକୁ ରାୟରେ ସ୍ପଷ୍ଟ ନିର୍ଦ୍ଦେଶ ଥିଲା । ସାଧାରଣ ପ୍ରଶାସନ ବିଭାଗ ଓ ରାଜସ୍ୱ ବିଭାଗ ବିଳମ୍ବରେ ହେଲେ ମଧ୍ୟ ଏହି ବଞ୍ଚିତ ପ୍ରାର୍ଥୀଙ୍କୁ ନିଯୁକ୍ତି ଦେଇଥିଲେ ବି ରାୟରେ ଥିବା ଅନ୍ୟାନ୍ୟ ନିର୍ଦ୍ଦେଶଗୁଡ଼ିକୁ ପାଳନ କରୁନାହାନ୍ତି କିମ୍ବା ହାଇକୋର୍ଟରେ ପ୍ରାୟ ବର୍ଷେ ହେବ ଅନୁପାଳନ ରିପୋର୍ଟ ଦାଖଲ କରୁନାହାନ୍ତି । (ତଥ୍ୟ)

## ବିଧାନସଭା ଖବର

### ରାଜ୍ୟର ସମସ୍ତ ସୂତାକଳ ଓ ଲୁଗାକଳ ଅଚଳ

**ଭୁବନେଶ୍ୱର,୧୯।୩(ସଂଚାର ବ୍ୟୁରୋ):** ରାଜ୍ୟରେ ସମବାୟ କ୍ଷେତ୍ରରେ ମୋଟ ୭ଟି ସୂତାକଳ ପ୍ରତିଷ୍ଠା ହୋଇଥିବା ବେଳେ ଏବେ ସେଥିରୁ ଗୋଟିଏ ହେଲେ ବି କାର୍ଯ୍ୟକ୍ଷମ ସ୍ଥିତିରେ ନାହିଁ। ସେହିଭଳି ୮ଟି ଲୁଗାକଳ ମଧ୍ୟ ବନ୍ଦ ହୋଇଯାଇଛି। ଆଜି ବିଧାନସଭାରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି ଯେ ରାଜ୍ୟରେ ୭ଟି ସୂତାକଳ ଓ ୮ଟି ଲୁଗାକଳ କାର୍ଯ୍ୟକ୍ଷମ ନଥିବା ବେଳେ ପ୍ରତିଷ୍ଠା ହୋଇଥିବା ୫ଟି ସମବାୟ ଚିନିକଳ ମଧ୍ୟରୁ ୪ଟି ବନ୍ଦ ହୋଇଯାଇଛି। ଏହି ବନ୍ଦ ଚିନିକଳ ମଧ୍ୟରୁ ବରଗଡ଼ଠାରେ ପ୍ରତିଷ୍ଠା ହୋଇଥିବା ସମବାୟ ଚିନିକଳଟି କ୍ରମାଗତ କ୍ଷତି, ଯନ୍ତ୍ରାଂଶଗୁଡିକ ଅତି ପୁରାତନ ଓ ସମୟକ୍ରମେ ବ୍ୟବହାର ଅଯୋଗ୍ୟ ହୋଇ ରହିବା, ବିଭିନ୍ନ ପ୍ରତିକୂଳ କାରଣ ଯୋଗୁଁ ଏହି ଚିନିକଳକୁ ଇତିମଧ୍ୟରେ ବନ୍ଦ କରିଦିଆଯାଇଛି। ଏବେ କାର୍ଯ୍ୟକ୍ଷମ ଥିବା ଆସିକା ସମବାୟ ଚିନିଶିଳ୍ପକୁ ସମୃଦ୍ଧ କରିବା ପାଇଁ ରାଜ୍ୟ ସରକାର ୪୭.୩୦ କୋଟି ଟଙ୍କାର ଆର୍ଥିକ ଅନୁଦାନ ଯୋଗାଇ ଦେଇଛନ୍ତି। ସେହିପରି ନୟାଗଡ଼, ବଡମ୍ବା ଓ ବଲାଙ୍ଗିରି ଠାରେ ଥିବା ସମବାୟ ଚିନିକଳଗୁଡିକର ଆଇନ୍‌ଗତ ପ୍ରକ୍ରିୟା ଜାରି ରହିଛି। ବରଗଡ଼ଠାରେ ମାର୍କଫେଡ୍‌ର ଏକ ସାର କାରଖାନା ଥିଲା, କିନ୍ତୁ ଗତ ୨୦୦୭ରୁ ଏହା ବନ୍ଦ ହୋଇଯାଇଛି। ସମବାୟ କ୍ଷେତ୍ରରେ କାର୍ଯ୍ୟ କରୁଥିବା ୧୮ଟି ଶୀତଳଭଣ୍ଡାର ମଧ୍ୟରୁ ୧୪ଟି ଅଚଳ ହୋଇଯାଇଛି। ଏଥିମଧ୍ୟରୁ ୧୧ଟି ଶୀତଳଭଣ୍ଡାରକୁ ପିପିପି ମୋଡ୍‌ରେ ପୁନଃକାର୍ଯ୍ୟକ୍ଷମ କରିବା ଦିଗରେ ସରକାର ପଦକ୍ଷେପ ନେଉଥିବା ମନ୍ତ୍ରୀ ଶ୍ରୀ ବଳସାମନ୍ତ କହିଛନ୍ତି।

### ସଂଗୃହୀତ ହୋଇଛି ଗତବର୍ଷଠାରୁ ଅଧିକ ଧାନ

ଚଳିତ ଖରିଫ ଋତୁରେ ସଂଗ୍ରହ ହୋଇଥିବା ଧାନ ପରିମାଣ ଗତବର୍ଷ ଉଭୟ ଖରିଫ ଓ ରବିରେ ହୋଇଥିବା ଧାନ ସଂଗ୍ରହ ପରିମାଣକୁ ଟପିଗଲାଣି । ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ମନ୍ତ୍ରୀ ଶ୍ରୀ ପାତ୍ର ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି ଯେ ୨୦୨୩-୨୪ ଧାନ ସଂଗ୍ରହ ବର୍ଷରେ ଖରିଫ ଓ ରବି ଋତୁରେ ମୋଟ୍ ୭୦.୮୮ ଲକ୍ଷ ମେଟ୍ରିକ ଟନ୍‌ର ଧାନ ୧୫,୪୭୫ କୋଟି ଟଙ୍କାରେ ସଂଗ୍ରହ ହୋଇଥିଲା। ଚଳିତ ଧାନ ସଂଗ୍ରହ ବର୍ଷ ୨୦୨୪-୨୫ରେ ଖରିଫ ଋତୁରେ ମାର୍ଚ୍ଚ ୧୧ତାରିଖ ସୁଦ୍ଧା ୭୧.୧୨ଲକ୍ଷ ମେଟ୍ରିକ ଟନ୍ ଧାନ କ୍ରୟ କରାଯାଇ ଏ ବାବଦରକୁ ପଞ୍ଜିକୃତ ଯୋଗ୍ୟ ଚାଷୀମାନଙ୍କୁ ୨୨,୦୪୬ କୋଟି ଟଙ୍କା ପ୍ରଦାନ କରାଯାଇଛି । ଏଥିରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବାବଦରକୁ ୧୬,୩୫୭ କୋଟି ଏବଂ ଇନ୍‌ପୁଟ୍ ସହାୟତା ରାଶି ବାବଦକୁ ୫୬୮୯ କୋଟି ଟଙ୍କା ଦିଆଯାଇଛି। ଆଗାମୀ ରବି ରବି ଋତୁରେ ୧୪ଲକ୍ଷ ମେଟ୍ରିକ ଟନ୍ ଦାନ ଚାଷୀଙ୍କଠାରୁ ସଂଗ୍ରହ କରାଯିବା ନେଇ ଯୋଜନା ଥିବା ମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି।

### ରାଜ୍ୟରେ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଏମ୍‌ଏସ୍‌ଏମ୍‌ଇ ଶିଳ୍ପାନୁଷ୍ଠାନ

ଚଳିତବର୍ଷ ଫେବୃଆରୀ ସୁଦ୍ଧା ରାଜ୍ୟରେ ୧୦ ଲକ୍ଷ ୧୧ ହଜାର ୧୪୧ଟି ଏମଏସଏମଇ ଶିଳ୍ପାନୁଷ୍ଠାନ ଗଢ଼ି ଉଠିବା ସହ ଏସବୁ ଉଦ୍ୟମ ପୋର୍ଟାଲରେ ପଞ୍ଜୀକୃତ ହୋଇଛନ୍ତି। ଏହି ଶିଳ୍ପାନୁଷ୍ଠାନଗୁଡ଼ିକରେ ୬୮ ଲକ୍ଷ ୧୪ ହଜାର ୫୮୯ ଜଣ ଆତ୍ମନିଯୁକ୍ତି ଓ ଅନ୍ୟାନ୍ୟ କ୍ରମରେ ନିଯୁକ୍ତି ସୁଯୋଗ ପାଇଛନ୍ତି। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ଅଣୁ, କ୍ଷୁଦ୍ର ଓ ମଧ୍ୟ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଉପରୋକ୍ତ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ରାଜ୍ୟରେ ପ୍ରତିଷ୍ଠା ହୋଇଥିବା ଏମଏସଏମଇ ମଧ୍ୟରୁ ସର୍ବାଧିକ ୧ ଲକ୍ଷ ୧୪ ହଜାର ୩୩ଟି ଶିଳ୍ପସଂସ୍ଥା ଖୋର୍ଦ୍ଧା ଜିଲ୍ଲାରେ ଥିବା ବେଳେ ସବୁଠାରୁ କମ୍ ୭୪୩୯ଟି ଶିଳ୍ପ ବୌଦ୍ଧ ଜିଲ୍ଲାରେ ଗଢ଼ିଉଠିଛି। ସେହିପରି ରାଜ୍ୟରେ ଗଢ଼ିଉଠିଥିବା ମୋଟ୍ ଏମଏସଏମଇ ଶିଳ୍ପସଂସ୍ଥାରେ ୩୩,୯୭୩ କୋଟି ୪୨ ଲକ୍ଷ ୬୫ ହଜାର ୬୨୩ ଟଙ୍କାର ପୁଞ୍ଜି ବିନିଯୋଗ ହୋଇଥିବା ବେଳେ ଏଥିରେ ୬୮ ଲକ୍ଷରୁ ଅଧିକ ଲୋକ କର୍ମସଂସ୍ଥାନ ପାଇଛନ୍ତି। ତେବେ ଖୋର୍ଦ୍ଧା ଜିଲ୍ଲାରେ ସର୍ବାଧିକ ୮ଲକ୍ଷ ୮୧ ହଜାର ୩୮୨ ଜଣ କର୍ମସଂସ୍ଥାନ ପାଇଥିବା ବେଳେ କଟକ ଜିଲ୍ଲାରେ ଏହି ସଂଖ୍ୟା ୫ ଲକ୍ଷ ୧୪ ହଜାର ୦୨୦ ରହିଛି। ଏହାଛଡ଼ା ଗଞ୍ଜାମ ଜିଲ୍ଲାରେ ଏମଏସଏମଇରେ କର୍ମସଂସ୍ଥା ପାଇଥିବା ଲୋକଙ୍କ ସଂଖ୍ୟା ୪ ଲକ୍ଷ ୫୯ ହଜାର ୨୮୨ ରହିଥିବା ମନ୍ତ୍ରୀ ଶ୍ରୀ ମଲ୍ଲିକ ସୂଚନା ଦେଇଛନ୍ତି।

### ଜାତୀୟ ସ୍ତରରେ କୃଷକ ପରିବାରର ଆୟ ଅଧିକ

କୃଷକ ପରିବାରର ମାସିକ ହାରାହାରି ଆୟ ଜାତୀୟ ସ୍ତରରେ ଗତ ୬ ବର୍ଷ ମଧ୍ୟରେ ୩୭୯୨ ଟଙ୍କାକୁ ବୃଦ୍ଧି ପାଇଥିବା ବେଳେ ଓଡ଼ିଶାରେ ଏହା ବଢ଼ିଛି ମାତ୍ର ୧୩୬ ଟଙ୍କା। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନର ଉତ୍ତରରେ କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଦେଇଥିବା ତଥ୍ୟରୁ ଏହା ଜଣାଯାଇଛି। କୃଷିମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି ଯେ ଜାତୀୟ ନମୂନା ସର୍ବେକ୍ଷଣ କାର୍ଯ୍ୟାଳୟ କୃଷକ ପରିବାରର ମାସିକ ହାରାହାରି ଆୟ ଆକଳନ କରିଆସିଛି। ଗତ ୨୦୧୩ରେ ହୋଇଥିବା ୭୦ତମ ନମୂନା ସର୍ବେକ୍ଷଣରେ ସର୍ବଭାରତୀୟ ସ୍ତରର ଗୋଟିଏ କୃଷକ ପରିବାରର ମାସିକ ଆୟ ୬୪୨୬ ଟଙ୍କା ଥିବା ବେଳେ ୨୦୧୯ରେ ହୋଇଥିବା ୭୭ତମ ସର୍ବେକ୍ଷଣରେ ଜାତୀୟ ସ୍ତରରେ କୃଷକ ପରିବାରର ମାସିକ ଆୟ ହାରାହାରି ଭାବେ ୧୦,୨୧୮ ଟଙ୍କାରେ ପହଞ୍ଚିଛି। କିନ୍ତୁ ଓଡ଼ିଶାରେ ଏହା ୫୧୧୨ ଟଙ୍କାକୁ ବୃଦ୍ଧି ପାଇଛି ବୋଲି କୃଷି ମନ୍ତ୍ରୀ କହିଛନ୍ତି। ସେହିପରି ରାଜ୍ୟରେ କୃଷକଙ୍କ ଆୟ ବୃଦ୍ଧି ପାଇଁ ରାଜ୍ୟ ଯୋଜନାରେ ହେଉଥିବା ବିଭିନ୍ନ ଯୋଜନା ସଂକ୍ରାନ୍ତରେ ମଧ୍ୟ କୃଷି ମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ଏଥିମଧ୍ୟରେ ସିଏମ୍ କିଷାନ ଯୋଜନାଠାରୁ ଆରମ୍ଭ କରି କଟନ ମିଶନ, ବିହନ ପାଇଁ କର୍ପସ ପାଣ୍ଠି ଯୋଜନା, ସାର ପାଇଁ କର୍ପସ ପାଣ୍ଠି, ସମନ୍ୱିତ ଚାଷକୁ ପ୍ରୋତ୍ସାହନ, ଆଖୁ ଚାଷର ପ୍ରୋତ୍ସାହନ ପାଇଁ ଟେକ୍ନୋଲୋଜି ମିଶନ, କୃଷି ଉତ୍ପାଦକ ସଂଗଠନଗୁଡିକୁ ସହାୟତା, ଆଳୁ, ପନିପରିବା ଓ ମସଲା ଚାଷକୁ ପ୍ରୋତ୍ସାହନ, ଉଦ୍ୟାନ କୃଷି ମିଶନ, କୃଷି ଫାର୍ମର ବିକାଶ ଆଦି ଅନ୍ତର୍ଭୁକ୍ତ ବୋଲି ମନ୍ତ୍ରୀ କହିଛନ୍ତି।

## ୧୦ ବର୍ଷ ଧରି କ୍ଷତିରେ ଗ୍ରୀଡ୍‌କୋ

**ଭୁବନେଶ୍ୱର,୧୯।୩(ସଂଚାର ବ୍ୟୁରୋ):** ଗତ ୧୦ବର୍ଷ ଧରି ଗ୍ରୀଡ୍‌କୋ ଲଗାତାର ଭାବେ କ୍ଷତି କରୁଛି। ତେବେ ୨୦୨୩-୨୪ ବର୍ଷରେ କ୍ଷତିର ପରିମାଣ ସବୁଠାରୁ କମ୍ ୨୬୦ କୋଟି ୪୪ଲକ୍ଷ ଟଙ୍କା ରହିଛି। ଗ୍ରୀଡ୍‌କୋର ଲାଭ କ୍ଷତି ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି ଯେ ଗତ ୧୦ବର୍ଷ ଧରି ଗ୍ରିଡ୍‌କୋ କ୍ଷତିସହି ଚାଲିଛି। ୨୦୨୦-୨୧ ବର୍ଷରେ କ୍ଷତିପର ପରିମାଣ ସର୍ବାଧିକ ୧୩୮୨ କୋଟି ୩୫ଲକ୍ଷ ଟଙ୍କା ଥିବାବେଳେ ୨୦୧୯-୨୦ ବର୍ଷରେ ଏହା ୧୩୫୨ କୋଟି ୧୪ ଲକ୍ଷ ଟଙ୍କା ଥିଲା । ତେବେ ୨୦୨୩-୨୪ ବର୍ଷରେ କ୍ଷତିର ପରିମାଣ ୨୬୦ କୋଟି ୪୪ଲକ୍ଷ ଟଙ୍କାକୁ ହ୍ରାସ ପାଇଛି । ମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ଟାଟା ପାୱାରର ବିଦ୍ୟୁତ୍ ବିତରଣ କମ୍ପାନୀମାନଙ୍କ ଉପରେ ଗ୍ରୀଡ୍‌କୋର କୌଣସି ଟଙ୍କା ବକେୟା ନାହିଁ । ତେବେ ବର୍ତ୍ତମାନ ସୁଦ୍ଧା ପୁରାତନ ବିଦ୍ୟୁତ୍ ବିତରଣ କମ୍ପାନୀମାନଙ୍କ ଉପରେ ୬୫୪୯ କୋଟି ଟଙ୍କା ବକେୟା ରହିଛି। ମନ୍ତ୍ରୀଙ୍କ ଉତ୍ତରରେ ଉଲ୍ଲେଖ କରାଯାଇଛି ଯେ ଚଳିତ ଆର୍ଥିକ ବର୍ଷରେ ଗ୍ରିଡ୍‌କୋ ଓଡିଶା ଜଳବିଦ୍ୟୁତ୍ ଉତ୍ପାଦନ ନିଗମ ଠାରୁ ୟୁନିଟ୍ ପିଛା ୧ଟଙ୍କା ୧ପଇସା ଦରରେ ବିଜୁଳି କିଣିଥିବାବେଳେ ଓପିଜିସି ଠାରୁ ୟୁନିଟ୍ ପିଛା ୩ଟଙ୍କା ୩୬ ପଇସା, ବେଦାନ୍ତ ଠାରୁ ୧ଟଙ୍କା ୮୦ ପଇସା ଏବଂ ଜିଏମ୍‌ଆର କଳାଙ୍ଗ ୟୁନିଟ୍‌ରୁ ୩ଟଙ୍କା ୫୬ ପଇସା ଦରରେ ବିଦ୍ୟୁତ୍ ଖିରିଦ କରିଛି । ସର୍ବାଧିକ ୮୯୦୪ ନିୟୁତ ୟୁନିଟ୍ ଓପିଜିସିରୁ ଖରିଦ କରିଥିବାବେଳ ଜଳବିଦ୍ୟୁତ୍ ନିମରୁ ୪୭୮୦ ନିୟୁତ ୟୁନିଟ୍ ଓ ବେଦାନ୍ତ ଠାରୁ ୧୮୪୫ ନିୟୁତ ୟୁନିଟ୍ ବିଜୁଳି କିଣିଛି।

## ଖୋର୍ଦ୍ଧାରେ ଖୋଲିବ ଫରେନସିକ୍ ସାଇନ୍ସ ୟୁନିଭର୍ସିଟି

**ଖୋର୍ଦ୍ଧା,୧୯।୩(ସଂଚାର ବ୍ୟୁରୋ):** ଓଡ଼ିଶାକୁ କେନ୍ଦ୍ର ସରକାର ଆଉ ଏକ ବଡ଼ ଭେଟି ଦେଇଛନ୍ତି। ଖୋର୍ଦ୍ଧାରେ ନ୍ୟାସନାଲ ଫରେନସିକ୍ ସାଇନ୍ସ ୟୁନିଭର୍ସିଟି ଖୋଲିବ ବୋଲି କେନ୍ଦ୍ର ସରକାର ସ୍ତରରେ ନିଷ୍ପତ୍ତି ନିଆଯାଇଛି। ଗତକାଲି ଏନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ୟୁନିଭର୍ସିଟି ସ୍ଥାପିତ ହେବା ଦ୍ୱାରା ପୂର୍ବ ଭାରତରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଫୋରେନ୍‌ସିକ୍ ସାଇନ୍ସ ଶିକ୍ଷା ଓ ଗବେଷଣା ପାଇଁ ଆଗ୍ରହ ବଢ଼ିପାରିବ ବୋଲି ଆଶା କରାଯାଉଛି। ଆସନ୍ତା ୨୨ରୁ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସୁଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ ଏହି ୟୁନିଭର୍ସିଟିର ଶିଳାନ୍ୟାସ କରିବା ନେଇ ମଧ୍ୟ କାର୍ଯ୍ୟକ୍ରମ ଧାର୍ଯ୍ୟ ହୋଇଛି। ଏହି ୟୁନିଭର୍ସିଟି ପ୍ରତିଷ୍ଠାକୁ ମଞ୍ଜୁରି ମିଳିଥିବାରୁ ପ୍ରଧାନମନ୍ତ୍ରୀ ମୋଦି ଓ ଶ୍ରୀ ଶାହଙ୍କୁ ବିଜେପି ବିଧାୟକ ଈରାଶିଷ ଆଚାର୍ଯ୍ୟ କୃତଜ୍ଞତା ଜଣାଇଛନ୍ତି।

## ଚାଷଜମିକୁ ସ୍ଥାୟୀ ଜଳସେଚନର ପାଇଁ ଅଣ୍ଟା ଭିଡ଼ିଲେ ବିଧାୟକ

**କୋଦଳା,୧୯।୩(ସଂଚାର ବ୍ୟୁରୋ):** ଚାଷୀଙ୍କ ନିମନ୍ତେ ଜଳସେଚନ ସୁବିଧା କରିବା ପାଇଁ ଅଣ୍ଟା ଭିଡ଼ିଲେ କବିସୂର୍ଯ୍ୟନଗର ବିଧାୟକ ଶ୍ରୀ ପ୍ରତାପ ଚନ୍ଦ୍ର ନାୟକ । ଯାହାକୁ ନେଇ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ଲିଖିତ ଅବଗତ କରାଇଥିବା ଜଣାପଡିଛି। ସୂଚନା ଅନୁଯାୟୀ କବିସୂର୍ଯ୍ୟନଗର ବ୍ଲକ ଅନ୍ତର୍ଗତ ଆଠଗଡ଼ ପାଟଣା, ବୁଢ଼ାମ୍ବ, ବାଉଁଶିଆ, ଗଙ୍ଗାପୁର ପଞ୍ଚାୟତ ଓ କବିସୂର୍ଯ୍ୟନଗର ବିଜ୍ଞାପିତ ଅଞ୍ଚଳ ପରିଷଦକୁ କୌଣସି ନଦୀରୁ ଜଳ ସେଚନ ନିମନ୍ତେ ସୁବିଧା ନଥିବା କାରଣରୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ସ୍ଥାନୀୟ ଚାଷୀ । କିନ୍ତୁ ଉପୋରକ୍ତ ଅଞ୍ଚଳ ଗୁଡିକରେ ବିଭିନ୍ନ କ୍ଷୁଦ୍ର ନଦୀ, ଘାଇ ଥିବା ସତ୍ୱେ ଚାଷୀ ଜଳସେଚନ ସୁବିଧା ପାଇ ପାରୁ ନାହାନ୍ତି । ତେଣୁ ଅନେକ ସମୟରେ ଜଳ ଅପଚୟ ହେଉଥିବାର ନଜିର ବି ରହିଛି। ତେଣୁ ଏହି ଅଞ୍ଚଳର ଉପର ମୁଣ୍ଡରେ ଧନେଇ ନଦୀ ପ୍ରବାହିତ ହୋଇଥିବାରୁ ଏହାକୁ ଦୃଷ୍ଟିରେ ରଖି ଧନେଇ କେନାଲକୁ ସମ୍ପ୍ରସାରଣ କରି ଅଞ୍ଚଳର ଜଳସେଚନ



ସମସ୍ୟାକୁ ଦୁରିଭୁତ କରିବା ପାଇଁ ଚିଠି ମାଧ୍ୟମରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଏହାର ସ୍ଥାୟୀ ସମାଧାନ କରିବା ପାଇଁ ଅନୁରୋଧ କରିଛନ୍ତି କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ନାୟକ । ତେବେ ମାନ୍ୟବର ମୁଖ୍ୟମନ୍ତ୍ରୀ ସୁବିଚାର କରି କେବେ ଏହି ପ୍ରକଳ୍ପକୁ ଅନୁମୋଦନ କରି ଚାଷୀଙ୍କ ହିତ ନିମନ୍ତେ କାର୍ଯ୍ୟାରମ୍ଭ ଆଦେଶ ଦେବେ ତାକୁ ନେଇ ଏବେ ଚାଷୀ କୁଳର ନଜର ।

## ବିଦ୍ୟୁତ୍ ଆଘାତ ପାଇଁ ଟାଟା ପାୱାର୍ ଦେଇଛି ୧୭ କୋଟି କ୍ଷତିପୂରଣ

**ଭୁବନେଶ୍ୱର, ୧୯।୩(ସଂଚାର ବ୍ୟୁରୋ):** ରାଜ୍ୟରେ ବିଦ୍ୟୁତ୍ ବିତରଣ କମ୍ପାନୀ ନେଇଥିବା ଟାଟା ପାୱାର ଲାଭ କରିବାରେ ଲାଗିଛି। ପୂର୍ବରୁ ସେସୁ ହାତରେ ଏହି ଦାୟିତ୍ୱ ଥିବା ବେଳେ ଉକ୍ତ ସଂସ୍ଥା କ୍ଷତି ହେଉଥିଲା। ବିଦ୍ୟୁତ୍ ବିତରଣ କମ୍ପାନୀର ଲାଭ କ୍ଷତି ସଂକ୍ରାନ୍ତରେ ବିଜେଡି ବିଧାୟିକା ସୁବାସିନୀ ଜେନା ବିଧାନସଭାରେ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ। ଶକ୍ତି ମନ୍ତ୍ରୀ ଦର୍ଶାଇଛନ୍ତି ଯେ ଟାଟା ପାୱାରର ଟିପିସିଓଡିଏଲ୍ ୨୦୨୦ ଜୁନ୍ ପହିଲାରେ ବିତରଣ ଦାୟିତ୍ୱ ହାତକୁ ନେଇଥିବାବେଳେ ଅନ୍ୟ ତିନିଟି ବିତରଣ ସଂସ୍ଥା ୨୦୨୧ ଏପ୍ରିଲ୍ ପହିଲାରେ ଏହି ଦାୟିତ୍ୱ ନେଇଥିଲେ । ସେସୁ ହାତରେ ବିତରଣ ଦାୟିତ୍ୱ ଥିବାବେଳେ ୨୦୧୯-୨୦ରେ ୩୩୫ କୋଟି ଟଙ୍କାର କ୍ଷତି ହୋଇଥିବାବେଳେ ୨୦୨୦-୨୧ରେ ଏପ୍ରିଲ୍‌ରୁ ମଇ ମାସ ମଧ୍ୟରେ ୧୩୧ କୋଟି ଟଙ୍କା କ୍ଷତି ହୋଇଥିଲା। ଜୁନ୍ ୨୦୨୦ରେ ବିତରଣ ବ୍ୟବସ୍ଥା ଟାଟା ପାୱାର ହାତକୁ ଯିବା ପରେ ଟିପିସିଓଡିଏଲ୍ ଲାଭ କରିଚାଲିଲା। ୨୦୨୩-୨୪ରେ ଲାଭ ପରିମାଣ ୬୫ କୋଟି ଟଙ୍କାରେ ପହଞ୍ଚିଛି। ଏହିବର୍ଷ ଟିପିସିଓଡିଏଲ୍ ୫୨୯୦ କୋଟି ଟଙ୍କାର ରାଜସ୍ୱ ଆଦାୟ କରିଛି। ଟିପିଏନଓଡିଏଲ୍‌ର ଲାଭ ପରିମାଣ ୨୦୨୩-୨୪ ବର୍ଷରେ ୧୩୨ କୋଟି ଟଙ୍କାକୁ ଟପିଯାଇଥିବା ବେଳେ ଟିପିଏସଓଡିଏଲ୍‌ର ଲାଭ ପରିମାଣ ୩୬କୋଟି ୫୭ଲକ୍ଷ ଟଙ୍କାରେ ପହଞ୍ଚିଛି। ଟିପିଡବ୍ଲୁଓଡିଏଲ୍‌ର ଲାଭ ପରିମାଣ ୨୦୨୩-୨୪ ବର୍ଷରେ ୭୪ କୋଟି ୬୮ଲକ୍ଷ ଟଙ୍କା ହୋଇଥିବା ମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି। ଟାଟା ପାୱାର ବିଦ୍ୟୁତ୍ ବିତରଣ ଦାୟିତ୍ୱ ନେବା ପରଠାରୁ ଆଜି ପର୍ଯ୍ୟନ୍ତ ବିଦ୍ୟୁତ୍ ଆଘାତ ପାଇଁ କ୍ଷତିପୂରଣ ବାବଦରେ ପ୍ରାୟ ୧୭ କୋଟିରୁ ଉର୍ଦ୍ଧ୍ୱ ପ୍ରଦାନ କରିଛି। (ତଥ୍ୟ)

## ସମୀର ଓଓଏ ସଭାପତି

**କଟକ,୧୯।୩(ସଂଚାର ବ୍ୟୁରୋ):** ଓଡ଼ିଶା ଅଲିମ୍ପିକ୍ସ ଆସୋସିଏସନ୍‌ର ନୂତନ ସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ଏହି ପଦ ପାଇଁ ସମୀରଙ୍କ ବ୍ୟତୀତ ଅନ୍ୟ କେହି ଆବେଦନ କରିନାହାନ୍ତି । ତେଣୁ ସେ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ସଭାପତି ହୋଇଛନ୍ତି। ୨୦୨୯ ଯାଏ ସେ ଓଓଏର ସଭାପତି ହୋଇ ରହିବେ। ଆସନ୍ତା ମାର୍ଚ୍ଚ ୩୦ ତାରିଖରେ ଓଓଏର ସାଧାରଣ ପରିଷଦ ବୈଠକ ହେବ। ସମୀର ମହାନ୍ତି ଓଓଏର ନୂଆ ସଭାପତି ହୋଇଥିବା ବେଳେ ଅଭିଜିତ୍ ପାଲ୍ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି । ଉଭୟ ଅପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀ ଭାବେ ସାମ୍ନାକୁ ଆସିଥିଲେ । ଆସନ୍ତା ୩୦ ତାରିଖରେ ସାଧାରଣ ପରିଷଦ ବୈଠକରେ ଦାୟିତ୍ୱ ଗ୍ରହଣ କରିବେ ନୂତନ କର୍ମକର୍ତ୍ତା ।

## ରକ୍ତଦାନ ଶିବିରରୁ ୬୫ ୟୁନିଟ୍ ରକ୍ତ ସଂଗୃହୀତ

**ଭୁବନେଶ୍ୱର,୧୯।୩ (ସଂଚାର ବ୍ୟୁରୋ):** ଉଚ୍ଚଶିକ୍ଷା ବିଭାଗ, ରାଜ୍ୟ ଏନଏସଏସ ଶାଖା ଓ ବିଭାଗର ସାଂସ୍କୃତିକ ସଂଘ ପକ୍ଷରୁ ମିଳିତ ଭାବେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଛି। ଉଚ୍ଚଶିକ୍ଷା ବିଭାଗ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ରକ୍ତଦାନ ଶିବିରରୁ ମୋଟ୍ ୬୫ ୟୁନିଟ ରକ୍ତ ସଂଗୃହୀତ ହୋଇଥିବା ବେଳେ ଏହାକୁ ସ୍ଥାନୀୟ ରେଡକ୍ରସ ଆଞ୍ଚଳିକ ରକ୍ତଭଣ୍ଡାରକୁ ହସ୍ତାନ୍ତର କରାଯାଇଛି।



ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ ଏହି ରକ୍ତଦାନ ଶିବିରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହ ନିଜେ ରକ୍ତଦାନ କରିଥିଲେ। ବିଭାଗର ଅର୍ଥ ପରାମର୍ଶଦାତା ତଥା ସ୍ୱତନ୍ତ୍ର ଶାସନ ସଚିବ ମନୋରଞ୍ଜନ ନାୟକ, ସ୍ୱତନ୍ତ୍ର ଶାସନ ସଚିବ ପ୍ରମୋଦ କୁମାର ମିଶ୍ର, ଏନଏସଏସ ଓ ରେଡକ୍ରସ ସ୍ୱେଚ୍ଛାସେବୀମାନେ ମଧ୍ୟ ଏହି ଶିବିରରେ ଯୋଗଦେଇ ରକ୍ତଦାନ କରିଥିଲେ।

ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ର, ସ୍ୱତନ୍ତ୍ର ଶାସନ ସଚିବ ରମାକାନ୍ତ ନାୟକ, ଅତିରିକ୍ତ ଶାସନ ସଚିବ ପ୍ରଶାନ୍ତ ମହାପାତ୍ର, ଯୁଗ୍ମ ଶାସନ ସଚିବ ପ୍ରତିଭା ସାହୁ, ଉପଶାସନ ସଚିବ ରମେଶ ଚନ୍ଦ୍ର ବେହେରା, ଏନଏସଏସ ଆଞ୍ଚଳିକ ଶାଖା ନିର୍ଦ୍ଦେଶକ ସରିତା ପଟେଲ, ଉଚ୍ଚଶିକ୍ଷା ବିଭାଗ ସାଂସ୍କୃତିକ ସଂଘର ସଭାପତି ସୌମ୍ୟ ରଞ୍ଜନ ବେହେରା ଏବଂ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ରକ୍ତଦାନ ଶିବିରରେ ଉପସ୍ଥିତ ରହି ସ୍ୱେଚ୍ଛାସେବୀଙ୍କ ଉତ୍ସାହ ବୃଦ୍ଧି କରିଥିଲେ।

### ନାଳ ଉପରୁ ହଟିନି ଜବରଦଖଲ

# କେମିତି ସରିବ ଏପ୍ରିଲ ସୁଦ୍ଧା ପଙ୍କୋଦ୍ଧାର କାର୍ଯ୍ୟ ?

**କଟକ,୧୯।୩(ସଂଚାର ବ୍ୟୁରୋ):** କଟକର ଜନଗହଳିପୂର୍ଣ୍ଣ ରାସ୍ତା ଓ ଗଳିକନ୍ଦିରେ ଥିବା ନାଳ ଉପରେ ପ୍ରଭାବଶାଳୀ ବ୍ୟକ୍ତି ଜବରଦଖଲ କରିଛନ୍ତି। କେଉଁଠି ନାଳ ଉପରେ ପଡିଥିବା ସ୍ଲାବ୍ ଉପରେ ଅସ୍ଥାୟୀ ନିର୍ମାଣ କରି ଭଡ଼ାରେ ଦୋକାନ ଦିଆଯାଇଛି ତ ଆଉ କେଉଁଠି ନାଳକୁ ଅବରୋଧ କରି ବ୍ୟବସାୟ ପ୍ରତିଷ୍ଠାନ ଖୋଲାଯାଇଛି। କେତେକ ସ୍ଥାନରେ ନାଳ ଉପରେ ଅସ୍ଥାୟୀ ଘର କରି ଲୋକେ ବସବାସ ବି କରୁଛନ୍ତି। ନାଳ ଉପରେ ବେଆଇନ ଜବରଦଖଲ ଥିଲେ



ମଧ୍ୟ କଟକ ମହାନଗର ନିଗମ (ସିଏମ୍‌ସି) ଏନେଇ ଠୋସ୍ ପଦକ୍ଷେପ ନେଉନାହିଁ। ଜନସାଧାରଣଙ୍କ ମୌଳିକ ସମସ୍ୟାର ସମାଧାନ, ସ୍ୱାସ୍ଥ୍ୟଗତ ସମସ୍ୟା ଓ ଜଳବନ୍ଦୀରୁ ମୁକ୍ତି ଦେବା ସକାଶେ ସହରର ନାଳ ସଠିକ ଭାବେ ସଫା ହେବା ସହ ପଙ୍କୋଦ୍ଧାର ପାଇଁ ସିଏମସି ୩ଟି ଠିକାସଂସ୍ଥା ମାଧ୍ୟମରେ କାର୍ଯ୍ୟ କରୁଛି। କିନ୍ତୁ ଏହା କେବଳ ଲୋକଦେଖାଣିଆ ଢଙ୍ଗରେ ଚାଲିଛି ବୋଲି ଲୋକେ ଅଭିଯୋଗ କରିବା ସହ ଜନସାଧାରଣଙ୍କ ଟିକସ୍ ଅର୍ଥ ଲୁଟ୍ ହେଉଥିବା ଚର୍ଚ୍ଚା ଜୋର ଧରିଛି।

ହରର ଜନଗହଳିପୂର୍ଣ୍ଣ ବାଦାମବାଡି, କଲେଜ ଛକ, ମଙ୍ଗଳାବାଗ, ରାଣୀହାଟ, ବକ୍ସିବଜାର, ତଳ ତେଲେଙ୍ଗା ବଜାର, ବଜ୍ରକବାଟି ରୋଡ ଭଳି ଅଞ୍ଚଳରେ ବଡ଼ ବଡ଼ ନାଳ ଜବରଦଖଲ ହୋଇଥିବାରୁ ସେଠାରେ ସଫେଇ କାର୍ଯ୍ୟ ହୋଇପାରୁନାହିଁ। ଏପରି ସ୍ଥିତିରେ ପଙ୍କୋଦ୍ଧାର ତ ଦୂରର କଥା। ଜବରଦଖଲ ଉଚ୍ଛେଦ ପାଇଁ ସିଏମ୍‌ସି କମିଶନର, ନଗର ସ୍ୱାସ୍ଥ୍ୟ ଅଧିକାରୀ ଓ ଏନଫୋର୍ସମେଣ୍ଟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ୍ୟ କୌଣସି ପ୍ରକାର ଆଖିଦୃଶିଆ ପଦକ୍ଷେପ ନିଆଯାଉନାହିଁ। ଜବରଦଖଲ ଉଚ୍ଛେଦ ଯୋଗୁଁ ଦୁର୍ଘଟଣା ସଂଖ୍ୟା ବଢୁଥିବାରୁ ଉଚ୍ଛେଦ ସକାଶେ ହାଇକୋର୍ଟ ମଧ୍ୟ ଆଦେଶ ଦେଇସାରିଛନ୍ତି। କିନ୍ତୁ ସିଏମ୍‌ସି ଏହାକୁ ଏକପ୍ରକାର ବେଖାତିର କରିଚାଲିଛି।

ଆଗାମୀ ଜୁନ୍ ପ୍ରଥମ ସପ୍ତାହ ସୁଦ୍ଧା ପଙ୍କୋଦ୍ଧାର କାର୍ଯ୍ୟ ଶେଷ ହେବାର ନିୟମ ଥିଲେ ହେଁ ସିଏମସି ଅଧିକାରୀଙ୍କ ଅପାରଗତା, ଅବହେଳା ଓ ଠିକାସଂସ୍ଥାର ମନମୁଖି କାର୍ଯ୍ୟ ଯୋଗୁଁ ଅଦ୍ୟାବଧି ପଙ୍କୋଦ୍ଧାର କାର୍ଯ୍ୟ ଆରମ୍ଭ ହୋଇନାହିଁ। ସିଏମ୍‌ସିର ପଙ୍କୋଦ୍ଧାର ସମୀକ୍ଷା ବୈଠକରେ ଆସନ୍ତା ମାସ ସୁଦ୍ଧା ପଙ୍କୋଦ୍ଧାର କାର୍ଯ୍ୟ ଶେଷ କରିବା ସକାଶେ ଠିକାସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ନାଳ ଉପରୁ ଜବରଦଖଲ ହଟିନଥିବାରୁ ସିଏମ୍‌ସି ପକ୍ଷରୁ ଧାର୍ଯ୍ୟ କରାଯାଇଥିବା ସମୟ ସୁଦ୍ଧା ପଙ୍କୋଦ୍ଧାର କାର୍ଯ୍ୟ ସରିବା ସମ୍ଭାବନା କ୍ଷୀଣ। ଏପରି ସ୍ଥିତିରେ ସିଏମ୍‌ସି ସମ୍ପୃକ୍ତ ଠିକା ସଂସ୍ଥା ବିରୋଧରେ କ'ଣ ପଦକ୍ଷେପ ନେବ, ତାହା ସହରବାସୀ ଦେଖିବେ। ତେଣୁ ପଙ୍କୋଦ୍ଧାର ଦିଗରେ ସିଏମ୍‌ସି ଅଧିକ ଠୋସ୍ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି ସହରବାସୀ ମତ ଦେଇଛନ୍ତି।

ଜୀବନ ଅମୃତ ଅନୁଚିନ୍ତା

ଧର୍ମର ମୂଳତତ୍ତ୍ୱ-ବିଶ୍ୱର ସବୁ ଧର୍ମର ମୂଳତତ୍ତ୍ୱ ସମାନ। ସବୁ ଧର୍ମର ମୂଳ ତତ୍ତ୍ୱ ହେଲା ମାନବିକତା। ଈଶ୍ୱରଙ୍କ ଉପାସନାର ଢଙ୍ଗ ଭିନ୍ନ ହୋଇପାରେ, କିନ୍ତୁ ଉଦ୍ଦେଶ୍ୟ ସମାନ। ଅନ୍ୟାୟ, ଅନୀତିକୁ କୌଣସି ଧର୍ମ ସ୍ୱୀକୃତି ଦିଏନାହିଁ।

SANCHAR
ସଂଚାର



# ଦାରିଦ୍ର୍ୟ ଦୂରୀକରଣରେ ଟେକ୍ନୋଲୋଜି

ନୀତି ଆୟୋଗଙ୍କ ଦ୍ୱାରା ପ୍ରକାଶିତ ପରିସଂଖ୍ୟାନ ଅନୁଯାୟୀ ଗତ ୧୦ ବର୍ଷ ଭିତରେ ଦେଶର ପାଖାପାଖି ୨୫ କୋଟି ଲୋକ ଦାରିଦ୍ର୍ୟ ସୀମାରେଖା ଉପରକୁ ଉଠିଛନ୍ତି। ଆୟୋଗର ପିଛଓ ଏନଏସଏସଓର ରିପୋର୍ଟ ଆଧାରରେ ଦେଖିବାକୁ ଗଲେ, ଦେଶରେ ଦାରିଦ୍ର୍ୟ ହାର ଜନସଂଖ୍ୟାର ୫%ରୁ କମ ରହିଛି। ଗ୍ରାମାଞ୍ଚଳରେ ମାସିକ ପରିବାର ପିଛା ହାରାହାରି ବ୍ୟୟ ୩୭୭୩ ଟଙ୍କାକୁ ବୃଦ୍ଧି ପାଇଥିବା ବେଳେ ସହରାଞ୍ଚଳରେ ଏହା ପାଖାପାଖି ୬ହଜାର ଟଙ୍କା ରହିଛି। ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ ଯୋଜନା ଏବଂ କାର୍ଯ୍ୟକ୍ରମର ସୁଫଳ ମିଳିଛି ଏବଂ ଦାରିଦ୍ର୍ୟ ହାର କମୁଛି ବୋଲି ସୁବ୍ରମଣ୍ୟମ କହିଛନ୍ତି। ମାଗଣା ରାସନ ବା ଖାଦ୍ୟ ସୁରକ୍ଷା ଯୋଜନା, ସ୍କୁଲ ପିଲାଙ୍କୁ ମାଗଣା ପୋଷାକ ଓ ସାଇକେଲ ଭଳି ଯୋଜନା ଗରିବ ପରିବାର ଉପରେ ଆର୍ଥିକ ଚାପ ହ୍ରାସ କରିଛି ଏବଂ ସେମାନେ କେବଳ ଖାଇବାରେ ଖର୍ଚ୍ଚ ନକରି ଭିନ୍ନ ଲକ୍ଷ୍ୟରେ ଅର୍ଥ ବିନିଯୋଗ କରୁଛନ୍ତି। ଅନେକ ନିଜ ପାଇଁ ଅତିରିକ୍ତ ଆୟର ପନ୍ଥା ମଧ୍ୟ ନିର୍ମାଣ କରିଛନ୍ତି। ଏଥିରେ ବଡ଼ ଭୂମିକା ରହିଛି ମନରେଗା ଭଳି ଯୋଜନା ଏବଂ ଖାଦ୍ୟ ସୁରକ୍ଷା ଯୋଜନାରେ ୮୦ କୋଟି ଲୋକଙ୍କୁ ମାଗଣା ରାସନ। ଦୁଇ ଦଶନ୍ଧି ତଳେ କେବଳ ଓଡ଼ିଶା ନୁହେଁ, ଅନେକ ରାଜ୍ୟରେ ଅନାହାର ମୃତ୍ୟୁ ହେଉଥିଲା। ଏବେ ଅନ୍ତତଃପକ୍ଷେ ଏଭଳି ଦୁର୍ଭାଗ୍ୟଜନକ ଘଟଣା ଘଟୁନି। ସମସ୍ତଙ୍କୁ ଦୁଇବେଳା ଖାଇବାକୁ ମିଳୁଛି। ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ଦ୍ୱାରା ଏହା ସମ୍ଭବ ହୋଇପାରିଛି। କେବଳ ଗରିବ କଲ୍ୟାଣ ଯୋଜନା ଦ୍ୱାରା ଦେଶର ବିକାଶ ହୋଇପାରିବନି। ଦେଶର ଅର୍ଥନୈତିକ ସମୃଦ୍ଧି ମଧ୍ୟ ଆବଶ୍ୟକ। ସୁଖର କଥା, ଭାରତ ବିଶ୍ୱର ଦ୍ରୁତତମ ଅର୍ଥନୀତି ଭାବେ ବିବେଚିତ ହେଉଛି। ଏହା ଆମ ପାଇଁ ଏକ ଗୌରବର ବିଷୟ। ବିଶ୍ୱବ୍ୟାଙ୍କ ଆକଳନ ଅନୁଯାୟୀ ଚଳିତ ବର୍ଷ ଚୀନର ଜିଡିପି ୨.୭ ପ୍ରତିଶତ ଏବଂ ଭାରତର ଅଭିବୃଦ୍ଧି ୬.୫ ପ୍ରତିଶତ ରହିପାରେ। ୱାର୍ଲଡ ଇକନମିକ ଫୋରମ ପକ୍ଷରୁ ମଧ୍ୟ ସମାନ ଆକଳନ କରାଯାଇଛି। ଏହା ଏକ ଉପରଠାଉରିଆ ଆକଳନ ନୁହେଁ। ବୈଜ୍ଞାନିକ ପଦ୍ଧତିରେ ଏହାର ଆକଳନ କରାଯାଇଛି। ବିଶ୍ୱର ପ୍ରମୁଖ ଦେଶର ଗୁଡ଼ିକର ଅଭିବୃଦ୍ଧି ହାର ୩ ପ୍ରତିଶତରୁ କମ ଥିବା ବେଳେ ଭାରତର ଅଭିବୃଦ୍ଧି ହାର ୬ ପ୍ରତିଶତ ଉପରେ ରହିବା କିଛି କମ କଥା ନୁହେଁ। ତେବେ ଏହି ପରିସଂଖ୍ୟାନରେ ଆତ୍ମସନ୍ତୋଷ ଲାଭ କରିବା ଅନୁଚିତ। କାରଣ ବେକାରୀ ଓ ଦାରିଦ୍ର୍ୟ ହାର ଏବେ ବି ଉଦବେଗଜନକ ସ୍ଥିତିରେ ରହିଛି। ଏଥିରେ ସୁଧାର ଆଣିବାକୁ ହେଲେ ଦୀର୍ଘକାଳୀନ ଯୋଜନାର ଆବଶ୍ୟକତା ରହିଛି। ଗତ ସେପ୍ଟେମ୍ବର ମାସରେ ବ୍ରିଟେନକୁ ପଛରେ ପକାଇ ଭାରତ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତିରେ ପରିଣତ ହୋଇଛି। ଏହା ଖୋଦ୍ ଆଇଏମଏଫ ରିପୋର୍ଟକୁ ପ୍ରକାଶ। ଦଶବର୍ଷ ତଳେ ଭାରତ ତାଲିକାର ଏକାଦଶ ସ୍ଥାନରେ ଥିବା ବେଳେ ଏହା ୬ଟି ସ୍ଥାନ ଉପରକୁ ଉଠିଛି। ଏହା କିଛି କମ ସଫଳତା ନୁହେଁ। ଯେଉଁ ଦେଶ ଆମକୁ ୨୦୦ ବର୍ଷ କାଳ ଶାସନ କରୁଥିଲା ଏବଂ ଦେଶକୁ ଲୁଟ କରୁଥିଲା, ସେହି ଦେଶ ଆଜି ଭାରତଠାରୁ ପଛରେ ପଡ଼ିଯାଇଛି। ଏବେ କେବଳ ଆମେରିକା, ଚୀନ, ଜାପାନ ଓ ଜର୍ମାନୀ ଆର୍ଥିକ ଦୃଷ୍ଟିରୁ ଭାରତ ଉପରେ ରହିଛି। ଆମେରିକା ଓ ଚୀନଠାରୁ ଭାରତର ବ୍ୟବଧାନ ମଧ୍ୟ ହ୍ରାସ ପାଉଛି। ଯଦି କ୍ରମାଗତ ଭାବେ ଏହି ଧାରା ଜାରି ରହେ। ତେବେ ଭାରତ ୨୦୨୯ ସୁଦ୍ଧା ବିଶ୍ୱର ପ୍ରମୁଖ ଆର୍ଥିକ ଶକ୍ତିଙ୍କ ତାଲିକାର ତୃତୀୟ ସ୍ଥାନକୁ ଚାଲିଆସିବ। ଜାପାନ ଓ ଜର୍ମାନୀ ପଛରେ ପଡ଼ିଯିବେ। ଦିନ ଆସିବ ଦେଶ ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତି ବେଳେ ୨୦୪୭ରେ ଭାରତ ଚୀନକୁ ମଧ୍ୟ ଆର୍ଥିକ ଦୃଷ୍ଟିରୁ ପଛରେ ପକାଇଦେବ। ଏସବିଆଇ ଇକନମିକ ରିସର୍ଚ୍ଚ ୱିଙ୍ଗ ପକ୍ଷରୁ ଏହି ତଥ୍ୟ ପ୍ରକାଶ କରାଯାଇଛି। ଏସବିଆଇର ରିପୋର୍ଟ ଅନୁଯାୟୀ ଯଦି ଭାରତର ଜିଡିପି କ୍ରମାଗତ ଭାବେ ୭ ପ୍ରତିଶତ ବା ଏହାଠାରୁ ଅଧିକ ରହିବ ତେବେ ଏହା ମାତ୍ର ୭ ବର୍ଷରେ ଆମେରିକା ଓ ଚୀନର ନିକଟତର ହୋଇଯିବ। କରୋନା ମହାମାରୀ ଏବଂ ପରେ ପରେ ୟୁକ୍ରେନ-ଋଷିଆ ଏବଂ ଇସ୍ରାଏଲ-ହମାସ ଯୁଦ୍ଧ ଯୋଗୁ ବିଶ୍ୱ ଅର୍ଥନୀତିରେ ବିପର୍ଯ୍ୟୟ ସୃଷ୍ଟି ହୋଇଛି। ଭାରତ ମଧ୍ୟ ଏଥିରେ ଅନେକାଂଶରେ ପ୍ରଭାବିତ ହୋଇଛି। କରୋନାରେ ଅନେକ ବ୍ୟକ୍ତି ନିଯୁକ୍ତି ସୁଯୋଗ ହରାଇଲେ, ଅନେକ ଶିଳ୍ପ ଓ ବ୍ୟବସାୟିକ ପ୍ରତିଷ୍ଠାନ କ୍ରମାଗତ କ୍ଷତି ଯୋଗୁ ବନ୍ଦ ହୋଇଗଲା। କିନ୍ତୁ ଧନ୍ୟବାଦ ଦେବାକୁ ପଡ଼ିବ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ। ଠିକ ସମୟରେ ସଠିକ ପଦକ୍ଷେପ ନେଇ ସେ କେବଳ ଅନେକ ଜୀବନହାନୀକୁ ରୋକି ନାହାଁନ୍ତି, ଦେଶର ଅର୍ଥନୀତିକୁ ମଧ୍ୟ ବିପର୍ଯ୍ୟୟରୁ ଉଦ୍ଧାର କରିଛନ୍ତି। ୧୪୦ କୋଟି ଭାରତୀୟ ନାଗରିକଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ଟିକା (ବୁଷ୍ଟର ଡୋଜ ସହିତ) ଏବଂ ଚିକିତ୍ସା ସୁବିଧା ଯୋଗାଇ ଦେବା କିଛି ସହଜ କଥା ନୁହେଁ। ଏକଥା ସତ୍ୟ ଯେ, ଭାରତର ମୁଣ୍ଡପିଛା ଜିଡିପି ଚୀନ, ବ୍ରିଟେନ ତୁଳନାରେ ଯଥେଷ୍ଟ କମ ରହିଛି। ଭାରତ ତୁଳନାରେ ଚୀନର ମୁଣ୍ଡ ପିଛା ଆୟ ୬ଗୁଣ ଅଧିକ ରହିଛି। ଭାରତର ଜନସଂଖ୍ୟା ଅଧିକ ହୋଇଥିବାରୁ ମୁଣ୍ଡପିଛା ଆୟ ବା ଜିଡିପି କମ ରହୁଛି। ଯଦି ଭାରତର ଜନସଂଖ୍ୟା ଆମେରିକା ସହ ସମାନ ହୋଇଥାନ୍ତା ତେବେ ଭାରତ ବିଶ୍ୱର ସବୁଠାରୁ ଧନୀ ରାଷ୍ଟ୍ରଭାବେ ଆଜି ପରିଗଣିତ ହେଉଥାନ୍ତା। ୧୪୦ କୋଟି ଜନସଂଖ୍ୟା ସତ୍ତ୍ୱେ ଭାରତ କୃଷି ଓ ଶିଳ୍ପ ଉତ୍ପାଦନରେ ଅନେକାଂଶରେ ଆତ୍ମନିର୍ଭରଶୀଳ ହୋଇ ବିଦେଶକୁ ରପ୍ତାନୀ କରିପାରୁଛି। ଏବେ ଦେଶର ଆର୍ଥିକ ପ୍ରଗତି ନିମନ୍ତେ ପ୍ରାଥମିକ ଆବଶ୍ୟକତା ହେଲା ଜନସଂଖ୍ୟା ନିୟନ୍ତ୍ରଣ। ଏହା ବାଦ ଗରିବ ଓ ନିମ୍ନମଧବିତ୍ତ ବର୍ଗର ଆର୍ଥିକ ପରିସ୍ଥିତିରେ ଉନ୍ନତି, ନିଯୁକ୍ତି ସୁଯୋଗ ସୃଷ୍ଟି ଏବଂ ଶିଳ୍ପ ଓ କୃଷି ବିକାଶରେ ଅଧିକ ପୁଞ୍ଜିନିବେଶ ଜରୁରୀ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସର୍ବଦା ନୂଆ ଟେକ୍ନୋଲୋଜିର ଉପଯୋଗ ଉପରେ ଗୁରୁତ୍ୱ ଦେଇ ଆସୁଛନ୍ତି। ଟେକ୍ନୋଲୋଜି ହେଉଛି ବିକାଶର ମାଧମ। ଏହା ମାଧମରେ ଶିଳ୍ପ ଓ କୃଷି ବିକାଶ ହୋଇପାରିବ। କୃଷି କ୍ଷେତ୍ରରେ ଏହାର ଉପଯୋଗ ଜରୁରୀ। ଆଜି ଚୀନ ଯଦି ଏକ ସମୃଦ୍ଧ ବା ଉନ୍ନତ ରାଷ୍ଟ୍ରରେ ପରିଣତ ହୋଇଛି ତାହା ସମ୍ଭବ ହୋଇଛି କେବଳ ଟେକ୍ନୋଲୋଜିର ପ୍ରୟୋଗ ଦ୍ୱାରା। ଦାରୀଦ୍ର୍ୟ ଦୂରୀକରଣରେ ମଧ ଏହାର ସଠିକ ଉପଯୋଗ ହେବା ଆବଶ୍ୟକ। କିନ୍ତୁ ଟେକ୍ନୋଲୋଜିର ବିକାଶ ସହିତ କିଛି ମୌଳିକତାକୁ ମଧ ଆମେ ଗୁରୁତ୍ୱ ଦେବା ଉଚିତ।

## ସମ୍ପାଦକଙ୍କୁ ପତ୍ର

### ମେଟ୍ରୋ ପ୍ରକଳ୍ପର ଆବଶ୍ୟକତା

**ମହାଶୟ,**

ରାଜଧାନୀ ଭୁବନେଶ୍ୱରରେ ମେଟ୍ରୋ ପ୍ରକଳ୍ପ ନିମନ୍ତେ ଉତକ୍ରାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭ ଦେବା ପରେ ଏବେ ସୁଦ୍ଧା କେବଳ ସର୍ଭେଲ ମାଟି ପରୀକ୍ଷା ହୋଇଛି। ଏଥିରେ ବର୍ତ୍ତମାନ ସୁଦ୍ଧା ୩୯୩ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ସରକାର ବିଧାନସଭାରେ ପ୍ରକାଶ କରିଛନ୍ତି। ଓଡ଼ିଶା ଭଳି ଏକ ଗରିବ ରାଜ୍ୟରେ ଏହାକୁ ଅପବ୍ୟୟ ବା ରାଜକୋଷରୁ ଅପଚୟ ବୋଲି କୁହାଗଲେ ୧୦୦% ସଠିକ ହେବ। ଏବେ ଭୁବନେଶ୍ୱରରେ ମେଟ୍ରୋ ପ୍ରକଳ୍ପର ଆବଶ୍ୟକତା ନାହିଁ। କିନ୍ତୁ ଆଗାମୀ ୫୦ ବର୍ଷ ପରର ସ୍ଥିତିକୁ ଦୃଷ୍ଟିରେ ରଖି ଏହା କରାଯାଉଛି ବୋଲି କୁହାଯାଉଛି। ସେଥିରେ କିଛି ଭୁଲ ନାହିଁ। କିନ୍ତୁ ପ୍ରଶ୍ନ ହେଉଛି ବର୍ତ୍ତମାନର ଯାହା ଆବଶ୍ୟକତା ତାହା ପୂରଣ କରିବାକୁ ପ୍ରୟାସ କରାଯାଉଛି କି? ଉତ୍ତର ହେଉଛି ନା। ରାଜଧାନୀ ଭୁବନେଶ୍ୱରରେ ଜନସଂଖ୍ୟା ଏବଂ ଗାଡ଼ିମୋଟର ସଂଖ୍ୟା ଯେଭଳି ବୃଦ୍ଧି ପାଉଛି ତାହାକୁ ଦୃଷ୍ଟିରେ ରଖିଲେ ଏଠାରେ ରାସ୍ତା ସମ୍ପ୍ରସାରଣ ଏବଂ ଟ୍ରାଫିକ ବ୍ୟବସ୍ଥା ଆଦୌ ସନ୍ତୋଷଜନକ ନୁହେଁ। ପ୍ରତିଦିନ ରାଜଧାନୀରେ ସଡ଼କ ଦୁର୍ଘଟଣାରେ ଜୀବନ ଯାଉଛି। ଅନେକ ସ୍ଥାନରେ ଫ୍ଲାଇଓଭର ଏବଂ ଫୁଟ ଓଭରବ୍ରିଜ ଆବଶ୍ୟକ ଥିବା ବେଳେ ତାହା ସମ୍ଭବ ହୋଇପାରିନାହିଁ। ତେଣୁ ମେଟ୍ରୋ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବା ପୂର୍ବରୁ ପ୍ରଥମେ ରାଜଧାନୀରେ ସଡ଼କ ପଥର ବିକାଶ କରାଯାଉ। ଟ୍ରାଫିକ ବ୍ୟବସ୍ଥାକୁ ସୁଦୃଢ଼ କରାଯାଉ। ମେଟ୍ରୋ ପ୍ରକଳ୍ପ ବିଳମ୍ବ ହେଲେ ଚଳିବ। କିନ୍ତୁ ଏହାକୁ କଟକ ପର୍ଯ୍ୟନ୍ତ ସମ୍ପ୍ରସାରିତ କରାଯିବାର ଆବଶ୍ୟକତା ରହିଛି। ନଚେତ ଏହା କାମରେ ଆସିବନି।

**ପ୍ରକାଶ କୁମାର ଶତପଥୀ, ଡୁମୁଡୁମା ହାଉସିଂ କଲୋନୀ, ଭୁବନେଶ୍ୱର**

# ଲାଞ୍ଚର ଟ୍ରମ୍ପ କାର୍ଡ !



**ଗୋପାଳ ମହାପାତ୍ର**

ଆମେରିକା ଏବେ ମାନିନେଇଛି ଯେ ବ୍ୟବସାୟ ପାଇଁ ଲାଞ୍ଚ ଜରୁରୀ। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆମେରିକୀୟ କମ୍ପାନୀ ମାନଙ୍କୁ ସ୍ପଷ୍ଟ ସଙ୍କେତ ଦେଇଛନ୍ତି ଯେ ଲାଞ୍ଚଦିଅ -ଠିକାକାମ ନିଅ, ଆମେରିକାରେ ସେମାନଙ୍କ ବିରୁଦ୍ଧରେ କୌଣସି ଆଇନଗତ କାର୍ଯ୍ୟନୁଷ୍ଠାନ କରାଯିବ ନାହିଁ। ପଦକ୍ଷେପ ସ୍ୱରପ ଟ୍ରମ୍ପ ପ୍ରଶାସନ ବିଦେଶୀ ଭ୍ରଷ୍ଟ ଆଚରଣ ଅଧିନିୟମ (ଏଫସିପିଏ) ଆଉ କାର୍ଯ୍ୟକାରୀ ହେବ ନାହିଁ ବୋଲି କହିଛି। ଏହି ଆଇନ ଆମେରିକା ସହ ଯୋଡିହୋଇଥିବା ସଂସ୍ଥା ଏବଂ ଲୋକଙ୍କୁ ବିଦେଶରେ ନିଜର ବ୍ୟବସାୟକୁ ସୁରକ୍ଷା ଦେବା ପାଇଁ ବିଦେଶୀ ଅଧିକାରୀ ମାନଙ୍କୁ ଅର୍ଥ, ଉପହାର ବା ଅନ୍ୟ କିଛି ପ୍ରକାରର ଲାଞ୍ଚ ପ୍ରଦାନକୁ ପ୍ରତିବନ୍ଧିତ କରିଥିଲା, କିନ୍ତୁ ଏବେ ଏହି ଆଇନ୍ ଉପରେ ଟ୍ରମ୍ପ ପ୍ରଶାସନ ପ୍ରତିବନ୍ଧ ଲଗାଇଛି। ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ପାଖାପାଖି ୫୦ ବର୍ଷର ପୁରୁଣା ଏହି ଆଇନ୍‌କୁ ଅକାମୀ କରିଦେଇଛନ୍ତି। ଏହି ଆଇନ୍ ଅକାମୀ ହେବାପରେ ଆମେରିକୀୟ ସଂସ୍ଥାମାନେ ବିଦେଶରେ ବ୍ୟବସାୟ କରିବା ପାଇଁ ଯଦି ଲାଞ୍ଚ ଦିଅନ୍ତି ତେବେ ତାକୁ ଅପରାଧ ଭାବେ ଗ୍ରହଣ କରାଯିବ ନାହିଁ। ଟ୍ରମ୍ପ ଆମେରିକାର ଆଟର୍ଣ୍ଣି ଜେନେରାଲ ପାମ୍ ବଣ୍ଡିଙ୍କୁ ଏହି ଆଇନ ଅନୁସାରେ ଦିଆଯାଇଥିବା ରାୟର ସମୀକ୍ଷା କରିବା ପାଇଁ ଗାଇଡ଼ଲାଇନ ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଟ୍ରମ୍ପଙ୍କ ମତ ହେଉଛି ଏହି ଆଇନ୍ ଆମେରିକୀୟ କମ୍ପାନୀ ମାନଙ୍କ ପାଇଁ ଏକ ସଙ୍କଟ ଥିଲା। ଟ୍ରମ୍ପ କହିଛନ୍ତି ଯେ ଯେତେବେଳେ ଅନ୍ୟ ଦେଶର କମ୍ପାନୀ ମାନେ ଲାଞ୍ଚ ଦେଇ ସହଜରେ ବ୍ୟବସାୟ ହାତେଇ ପାରୁଛନ୍ତି ସେତେବେଳେ ଏହି ଆଇନ୍ ଆମେରିକୀୟ କମ୍ପାନୀ ମାନଙ୍କୁ ବିଶ୍ୱସ୍ତରର ପ୍ରତିସ୍ପର୍ଦ୍ଧାରେ ଦୁର୍ବଳ କରିଦେଉଥିଲା। ଟ୍ରମ୍ପ ଏହି ଆଇନ (ବିଦେଶୀ ଭ୍ରଷ୍ଟଆଚରଣ ଅଧିନିୟମ)କୁ ଜିମ୍ମି- କାର୍ଟରଙ୍କ ବେକାର ଯୋଜନା ବୋଲି କହିଛନ୍ତି ଏବଂ କହିଛନ୍ତି ଯେ ଏହି ଆଇନ୍ ଯୋଗୁଁ ଆମେରିକାର କମ୍ପାନୀ ମାନଙ୍କର କ୍ଷତି ହେଉଥିଲା। ଏବେ ଲାଞ୍ଚ ଦେଇ ବ୍ୟବସାୟ ହାତେଇବା ପାଇଁ ଆମେରିକୀୟ କମ୍ପାନୀ ମାନଙ୍କୁ ସୁବିଧା ମିଳିଗଲା। ଅର୍ଥାତ୍ ଏଣିକି ବିଦେଶୀ ଅଧିକାରୀ ମାନଙ୍କୁ ଲାଞ୍ଚଦେଇ ଆମେରିକୀୟ କମ୍ପାନୀ ମାନେ ବ୍ୟବସାୟ ହାତେଇଲେ ସେମାନଙ୍କ ବିରୁଦ୍ଧରେ ମାମଲା ଦରଜ କରାଯିବ ନାହିଁ।

ମହାଶକ୍ତି ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ବର୍ତ୍ତମାନ ସମୟରେ ସାରା ବିଶ୍ୱ ଆଗରେ ନିଜକୁ ଆଦର୍ଶ ଭାବେ ଉପସ୍ଥାପିତ କରିବା ପରିବର୍ତ୍ତେ ବ୍ୟବସାୟ- ବାଣିଜ୍ୟ କ୍ଷେତ୍ରରେ ଆମେରିକାର ବର୍ଚ୍ଚସ୍ୱ (ବର୍ଚ୍ଚସ୍ୱ) ସ୍ଥାପିତ କରିବାର ପ୍ରୟାସ କରୁଛନ୍ତି। ତାଙ୍କର ଏହି ପ୍ରୟାସର ପ୍ରଥମ ପଦକ୍ଷେପ ସ୍ୱରୂପ ବିଦେଶୀ ଭ୍ରଷ୍ଟ ଆଚରଣ ଅଧିନିୟମକୁ ରଦ୍ଦ



କରିଛନ୍ତି। ଟ୍ରମ୍ପଙ୍କ ଏହି ନିଷ୍ପତ୍ତିର ସିଧାସଳଖ ସଙ୍କେତ ହେଉଛି ଲାଞ୍ଚ ଓ ଲାଞ୍ଚୁଆଙ୍କ ବାବଦରେ ଚିନ୍ତିତ ହେବା ପରିବର୍ତ୍ତେ ଲାଞ୍ଚକୁ ମାନ୍ୟତା ଦିଆଯିବା ଉଚିତ୍। ଟ୍ରମ୍ପଙ୍କ ଏହି ପଦକ୍ଷେପକୁ ଟ୍ରମ୍ପଙ୍କ ଟ୍ରମ୍ପକାର୍ଡ ବୋଲି ମଧ କୁହାଯାଇପାରେ। ଏହି ପଦକ୍ଷେପ ପଛରେ ଅନେକ ନିହିତାର୍ଥ ରହିଛି ଓ ଟ୍ରମ୍ପଙ୍କ ଟ୍ରମ୍ପକାର୍ଡ ବାବଦରେ ଗଭୀର ଭାବେ ଚିନ୍ତାକଲେ ଅନେକ କଥାର ସୂଚନା ମିଳୁଛି। ଯେଉଁ ଲୋକମାନେ ଲାଞ୍ଚଖୋର ବା ଲାଞ୍ଚ ନିଅନ୍ତ ଏବଂ ନିଜକୁ ସଚ୍ଚୋଟ ବୋଲି କହିହୁଅନ୍ତି ସେମାନଙ୍କ ଉପରେ ମଧ ଟ୍ରମ୍ପକାର୍ଡର ପ୍ରଭାବ ପଡିଛି। ମହାଶକ୍ତି ଆମେରିକାର ସ୍ପଷ୍ଟ ଭାବେ ସ୍ୱୀକାର କରି ନେଇଛି ଯେ ଲାଞ୍ଚ ଦେବା ନେବା ରହିଛି। ଏଥିରେ ଦେଖେଇ ହେବାର କିଛି ନାହିଁ। ଲାଞ୍ଚକୁ ନେଇ ସାଧାରଣ ଲୋକଙ୍କ ମତାମତ ଓ ସମ୍ବିଧାନିକ ପଦରେ ଅଧିଷ୍ଠିତ ତଥା ବିଶ୍ୱର ଶକ୍ତିଶାଳୀ ଦେଶର ମୁଖ୍ୟଙ୍କ ମତାମତ ଭିତରେ ପାର୍ଥକ୍ୟ ରହିଛି। ଟ୍ରମ୍ପଙ୍କ କଥାରୁ ସ୍ପଷ୍ଟ ଯେ ଏବେ ଡିଲ(ବୁଝାବଣା) କରିବାରେ କୌଣସି ଆପତ୍ତି ନାହିଁ। ଟ୍ରମ୍ପଙ୍କ ସଙ୍କେତରୁ ସ୍ପଷ୍ଟ ଯେ ସବୁ କାମ ଏହି ଭଳି ହେଉଛି ତେଣୁ ଚିନ୍ତା କରିବାରେ ଆବଶ୍ୟକତା ନାହିଁ। ଟ୍ରମ୍ପ ଆମେରିକାର ଉଦ୍ୟୋଗପତି – ବ୍ୟବସାୟୀ ମାନଙ୍କୁ ଲାଞ୍ଚର ଟ୍ରମ୍ପକାର୍ଡ ଆମେରିକା ବାହାରେ ଖେଳିବା ପାଇଁ ସଙ୍କେତ ଦେଇଛନ୍ତି। କିନ୍ତୁ ଆମେରିକା ଭିତରେ ଲାଞ୍ଚ ଦେବା ନେବାକୁ ଟ୍ରମ୍ପ ସୁଯୋଗ ଦେବେ ତ? ଏଲନ ମସ୍କଙ୍କ ବୟାନରୁ ଏ ପ୍ରସଙ୍ଗରେ ଅନେକ ସୂଚନା ମିଳୁଛି। ଆମେରିକାରେ ଡ଼ିପାର୍ଟମେଣ୍ଟ ଅଫ ଗଭର୍ଣ୍ଣମେଣ୍ଟ ଏଫିସିଏନ୍ସୀ(ଡିଓଜିଆଇ)ର ମୁଖ୍ୟ ଏଲନ ମସ୍କ ପ୍ରକାରାନ୍ତରେ ଏହାକୁ ସମାଲୋଚନା କରିଛନ୍ତି। ଲାଞ୍ଚ ପ୍ରସଙ୍ଗରେ ତଥା ବିଦେଶୀ ଭ୍ରଷ୍ଟ ଆଚରଣ ଅଧିନିୟନ ବାବଦରେ ଟ୍ରମ୍ପଙ୍କ ନିଷ୍ପତ୍ତିର ଦିନକ ପରେ ହ୍ୱାଇଟହାଉସ ରେ ଏକ ସାମ୍ବାଦିକ ସମ୍ମିଳନୀରେ ମସ୍କ କାର୍ଯ୍ୟାପାଳିକା(ଅଫିସର ରାଜ) ସରକାଙ୍କ ଉପରେ ଭାରି ପଡୁଛି କହି ଅଫିସର ରାଜକୁ କାଠଗଡ଼ାରେ ଠିଆ କରାଇଛନ୍ତି। ମସ୍କ କହିଛନ୍ତି ଯେ ଗଣତାନ୍ତ୍ରିକ ପ୍ରକ୍ରିୟାରେ ନିର୍ବାଚିତ ସରକାର ବଦଳରେ ବାସ୍ତବରେ ବ୍ୟୁରୋକ୍ରାଟ (ଅଫିସର) ମାନେ ସରକାର ଚଳାଉଛନ୍ତି। ଆମେରିକାର ରାଷ୍ଟ୍ରପତି ଟ୍ରମ୍ପଙ୍କପରେ ଶକ୍ତିଶାଳୀ ବୋଲି କୁହାଯାଉଥିବା ଏଲନ ମସ୍କଙ୍କ ମନ୍ତବ୍ୟ ମଧ ଅନେକ ସୂଚନା ଦେଉଛି। ଆମେରିକାର ଶୀର୍ଷ ନେତୃତ୍ୱ ଯେତେବେଳେ ବୁରୋକ୍ରସିକୁ ନେଇ ଏଭଳି ମନ୍ତବ୍ୟ ଦେଉଛନ୍ତି ସେତେବେଳେ କଥାର ଗୁରୁତ୍ୱ ମଧ ରହିଛି ଏଣୁ ବିଶ୍ୱର ଅନ୍ୟ ଦେଶ ମାନଙ୍କରେ ବ୍ୟୁରୋକ୍ରାସିକୁ ନେଇ ଚର୍ଚ୍ଚା ହେବାରେ କିଛି ନାହିଁ। ଏଯାବତ୍ ସାଧାରଣ ଲୋକେ ଅସନ୍ତୋଷ ପ୍ରକାଶ କରି ବ୍ୟୁରୋକ୍ରାସିକୁ ଦାୟୀ କରୁଥିଲେ। ଭାରତର ଜନ ସାଧାରଣଙ୍କ ମନରେ ଏବେ ବି ଏଭଳି ଧାରଣା ରହିଛି ଯେ ଦେଶକୁ ଜନପ୍ରତିନିଧି ନୁହଁନ୍ତି ବରଂ ଇଷ୍ଟ ଇଣ୍ଡିଆ କମ୍ପାନୀ ପରେ ଆଇଏଏସ୍, ଆଇପିଏସଙ୍କ ଭଳି ବରିଷ୍ଠ ଅଧିକାରୀ ମାନେ ଚଳାଉଛନ୍ତି। ରାଜା ରାଜୁଡା ସମୟରେ ୫୬୫ ରାଜ୍ୟର ରାଜା ମାନଙ୍କୁ ଭିଆଇପି ବୋଲି କୁହାଯାଉଥିଲା କିନ୍ତୁ ଏବେତ ସବୁ ଛୋଟମୋଟ ଅଫିସର ମଧ ଭିଆଇପି। ଏମାନଙ୍କ ମଧରୁ ଅନେକ ଟ୍ରମ୍ପକାର୍ଡ ଚଳାଇବାରେ ସିଦ୍ଧିହସ୍ତ।

**ରାମଚନ୍ଦ୍ରପୁର, ରଣପୁର**
**ମୋବାଇଲ୍: ୯୪୩୮୪୮୫୦୯୪**

# ଛାତ୍ରୀ ମାତୃତ୍ୱ ସମସ୍ୟା ଓ ତା'ର ସମାଧାନ



**ଡ. ସୀତାକାନ୍ତ ତ୍ରିପାଠୀ**

ମାତୃ ଓ ଶିଶୁ ମୃତ୍ୟୁହାର କମାଇବା ସହିତ ଜନସଂଖ୍ୟା ବୃଦ୍ଧିକୁ ରୋକିବା ନିମିତ୍ତ ବାଲ୍ୟବିବାହକୁ ରୋକିବା ପାଇଁ ସରକାରୀ ସ୍ତରରେ ବିଭିନ୍ନ ସମୟରେ ଅଭିନବ ପଦକ୍ଷେପମାନ ନିଆଯାଇ ଆସୁଛି। ଯାହା ଅନେକ ପାରିବାରିକ, ସାମାଜିକ ତଥା ମାନସିକ ସମସ୍ୟାର ସମାଧାନ କରିବା ସଙ୍ଗେ ସଙ୍ଗେ ଏକ ସୁସ୍ଥ ଏବଂ ସନ୍ତୁଳିତ ସମାଜ ଗଠନରେ ଏକ ପ୍ରମୁଖ ଭୂମିକା ନିଭାଇଥାଏ। ଏଥିପାଇଁ ବିଭିନ୍ନ ବିଭାଗ ର ସମ୍ମିଳିତ ଉଦ୍ୟମରେ ଅନେକ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ତେବେ ଶିକ୍ଷାର ପ୍ରଚାର-ପ୍ରସାର, ବିଜ୍ଞାନର ଅଗ୍ରଗତି, ତୃଣମୂଳ ସ୍ତରରେ ପ୍ରଶାସନକୁ ପ୍ରୋତ୍ସାହନ ସର୍ବୋପରି ସୁନ୍ଦର ସ୍ୱାସ୍ଥ୍ୟସେବା ଯୋଗାଇ ଦେବାପାଇଁ ପ୍ରୟାସ କରିବା ସତ୍ତ୍ୱେ ଅବିବାହିତା ମାତୃତ୍ୱ ସମସ୍ୟା (ବିଶେଷଭାବେ ଛାତ୍ରୀ ମାତୃତ୍ୱ ସମସ୍ୟା)କୁ ସମ୍ପୂର୍ଣ୍ଣ ଭାବେ ରୋକିବାରେ ଆମେ ସଫଳ ହୋଇ ପାରିନାହାଁନ୍ତି। ସୁଖର ବିଷୟ, ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ-୩ ଅନୁଯାୟୀ କିଶୋରୀ (୧୫-୧୯ ବର୍ଷ) ଗର୍ଭବତୀ ସଂଖ୍ୟା ଶତକଡା ୧୪.୫ ଭାଗ ଥିବା ବେଳେ ଏହା ସର୍ବେକ୍ଷଣ-୪ ବେଳକୁ ୭.୬ ପ୍ରତିଶତକୁ ଖସି ଆସିଥିଲା ଯାହା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ସଫଳ ରୂପାୟନ ବୋଲି ବିଚାର କରାଯାଇଥାଏ। କିଛିଦିନ ତଳେ ଜଣେ ଛାତ୍ରୀ ନିଜର ଅବାଞ୍ଛିତ ଗର୍ଭକୁ ଲୁଚାଇବା ପାଇଁ ଜନ୍ମିତ ମୃତ ସନ୍ତାନକୁ ପାଇଖାନାରେ ପକାଇବା ଭଳି ଅଭାବନୀୟ ଘଟଣା ମନରୁ ନ ଲିଭୁଣୁ ଆଉଜଣେ ଛାତ୍ରୀ ପ୍ରସବ କରିବା କାରଣରୁ ଦଶମଶ୍ରେଣୀ ପରୀକ୍ଷାରୁ ବଞ୍ଚିତ ହେବା ଏବଂ ଜଣେ ଷଷ୍ଠଶ୍ରେଣୀ ଛାତ୍ରୀ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ସମୟରେ ଗର୍ଭବତୀ ଥିବାର ସୂଚନା ମିଳିବା ଆମ ଶିକ୍ଷା, ସ୍ୱାସ୍ଥ୍ୟ, ମାତୃ-ଶିଶୁମଙ୍ଗଳ, ଅନୁସୂଚୀତ ଜନଜାତି କଲ୍ୟାଣ ଆଦି ବିଭିନ୍ନ ବିଭାଗର ଦୁର୍ବଳତାକୁ ପଦାରେ ପକାଉଛି। କାରଣ ଉକ୍ତ ସମସ୍ୟାର ସମାଧାନ ବିଭିନ୍ନ ବିଭାଗ ଗୁଡିକର ସମ୍ମିଳିତ ପ୍ରୟାସରୁ ହିଁ ସମ୍ଭବ। କେବଳ ବିଦ୍ୟାଳୟ କିମ୍ବା ଛାତ୍ରୀନିବାସର କିଛି କର୍ମଚାରୀଙ୍କ ମୁଣ୍ଡରେ ଅଠା ବୋଳିଦେଇ ସେମାନଙ୍କୁ ଚାକିରୀରୁ ବହିଷ୍କାର କିମ୍ବା ସସ୍‌ପେଣ୍ଡ କରିଦେଲେ କ'ଣ ଉକ୍ତ ସମସ୍ୟାର ସମାଧାନ ହୋଇଯିବ ? ଅନେକ କ୍ଷେତ୍ରରେ ପରିବାରର ଆର୍ଥିକ ସ୍ୱଚ୍ଛଳତା, ସାମାଜିକ ପ୍ରତିପତ୍ତି, ଅତ୍ୟାଧୁନିକ ଚିକିତ୍ସା ପଦ୍ଧତି ଯୋଗୁଁ ଉକ୍ତ ସମସ୍ୟା ଗୁଡିକୁ ଚାପି ଦିଆଯାଉଥିବା ସମ୍ଭବ ହେଉଥିବା ବେଳେ ବିଭିନ୍ନ ଆଦିବାସୀ ଆବାସିକ ବିଦ୍ୟାଳୟରେ ଏ ପ୍ରକାର ଘଟଣା ପଦାକୁ ଆସୁଛି। ତେବେ ନେଡ଼ିଗୁଡ଼ କହୁଣୀକୁ ବହିଯିବା ଆଗରୁ ସ୍କୁଲ ଛାତ୍ରୀ-ମାତୃତ୍ୱକୁ କେମିତି ଗର୍ଭ ନଷ୍ଟ କରି ରୋକାଯାଇ ପାରିବ ସେ ସମ୍ପର୍କରେ ସରକାରୀ ମାର୍ଗଦର୍ଶିକା (ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡିଓର) ଜାରି କରିବା ପାଇଁ ମାନ୍ୟବର ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେବା ସମୟୋପଯୋଗୀ ଏବଂ ସ୍ୱାଗତଯୋଗ୍ୟ।

ତେବେ ଏହା ଏକ ସ୍ପର୍ଶକାତର ପ୍ରସଙ୍ଗ ହୋଇଥିବାରୁ କୌଣସି ନିଷ୍ପତ୍ତି ନେବା ପୂର୍ବରୁ ଅନେକ ଆନୁଷଙ୍ଗିକ ପୃଷ୍ଠଭୂମି ତଥା ଦିଗ ପ୍ରତି ଦୃଷ୍ଟି ଦେବାର ଆବଶ୍ୟକତା ରହିଛି। ପ୍ରଥମତଃ; ଉକ୍ତ ଛାତ୍ରୀର ପରିଚୟକୁ ସମ୍ପୂର୍ଣ୍ଣ ଗୁପ୍ତ ରଖାଯିବା ଦରକାର। ଦ୍ୱିତୀୟତଃ ଝିଅଟି ଛାତ୍ରୀନିବାସରେ ରହିବା ଏବଂ ଛାତ୍ରୀ ନିବାସରୁ ଫେରି ଘରେ ରହିବା ଅବସରରେ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବାର ଆବଶ୍ୟକତା ରହିଛି। ତୃତୀୟତଃ; ପ୍ରତ୍ୟେକ ବିଦ୍ୟାଳୟରେ ମାନସିକ ପରାମର୍ଶଦାତା ବା କାଉନ୍‌ସେଲର ରହିବା ସହିତ ନୀତିଶିକ୍ଷା ସମ୍ବଳିତ ପିରିୟଡ ରହିବା ଦରକାର। ଶେଷରେ ଯଦି କୌଣସି କାରଣରୁ କୌଣସି ଛାତ୍ରଛାତ୍ରୀ ଗର୍ଭବତୀ ବୋଲି ଜଣାପଡେ ତତ୍‌କ୍ଷଣାତ୍ ପରିବାର ଲୋକ, ଛାତ୍ରୀ, ସ୍କୁଲ କର୍ତ୍ତୃପକ୍ଷ ତଥା ମେଡିକାଲ କର୍ତ୍ତୃପକ୍ଷଙ୍କ ମିଳିତ ଆଲୋଚନା ତଥା ସହମତିରେ ସୁରୁଖୁରୁରେ ଗର୍ଭନଷ୍ଟ କରାଯାଇ ପାରେ। ଏଥିପାଇଁ ଜିଲ୍ଲାସ୍ତରୀୟ ଆଇନ ସହାୟତା କେନ୍ଦ୍ର ତ୍ୱରିତ ପଦକ୍ଷେପ ନେବାର ଆବଶ୍ୟକତା ରହିଛି।

ଅଧିକାଂଶ କ୍ଷେତ୍ରର ଗର୍ଭସଂଚାରର ୭-୮ ସପ୍ତାହ ମଧରେ ଛାତ୍ରୀଟି ଗର୍ଭବତୀ ବୋଲି ଜଣାପଡି ଯାଇଥାଏ ତେଣୁ ଲୋକଲଜ୍ଜା, ଆଇନଗତ ପ୍ରତିବନ୍ଧକ ସର୍ବୋପରି ସ୍ୱାସ୍ଥ୍ୟଗତ ସମସ୍ୟାକୁ ଦୃଷ୍ଟିରେ ରଖି ଏଥିପାଇଁ ଏକ ସ୍ୱତନ୍ତ୍ର ସେଲ୍ ଖୋଲାଯିବାର ଆବଶ୍ୟକତା ରହିଛି। ଯେହେତୁ ଏହା ମୁଖ୍ୟତଃ ଗରୀବି ଏବଂ ଅଶିକ୍ଷିତ ସମସ୍ୟା ସହିତ ଜଡ଼ିତ ତେଣୁ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ



କରିବା ପ୍ରତିଟି ସଭ୍ୟ ସମାଜର ଦାୟିତ୍ୱ। ସ୍ଥଳବିଶେଷରେ ଗର୍ଭନଷ୍ଟ କରିବା ଫଳରେ ଉପୁଜୁଥିବା ସ୍ୱାସ୍ଥ୍ୟଗତ ସମସ୍ୟାର ସମାଧାନ ପାଇଁ ସରକାରୀ ସହାୟତା ଯୋଗାଇବାର ଆବଶ୍ୟକତା ରହିଛି। ଛାତ୍ରୀଟିକୁ ଗର୍ଭବତୀ କରିଥିବା ପୁରୁଷକୁ ଚିହ୍ନଟ କରି ଆଇନ ଅନୁଯାୟୀ ପିତୃତ୍ୱର ପରିଚୟ ସ୍ଥିର କରିବା ଆବଶ୍ୟକ ନତୁବା ଜନ୍ମିତ ସନ୍ତାନଟିକୁ ଅନାଥାଶ୍ରମରେ ଛାଡିଦେବା ଫଳରେ ପିଲାଟି ଜୀବନସାରା ମାନସିକ ଆଘାତପ୍ରାପ୍ତ ହୋଇଥାଏ। ଯଦି ସମସ୍ତ ପ୍ରଚେଷ୍ଟା ସତ୍ତ୍ୱେ ଛାତ୍ରୀଟି ଗର୍ଭନଷ୍ଟ କରି ନପାରି ଗର୍ଭବତୀ ହୁଏ ତେବେ ତାକୁ ମାନସିକ ଭାବେ ସୁଦୃଢ଼ କରି ପ୍ରସବ କରାଇବା ଦରକାର ନହେଲେ ସିଏ ଲୋକନିନ୍ଦା ଭୟରେ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେବାର ଆଶଙ୍କା ରହିଛି।

ଶେଷରେ ଏତିକି କୁହାଯାଇ ପାରେ ଉକ୍ତ ଛାତ୍ରୀମାନଙ୍କୁ ନୀଚ କିମ୍ବା ହେୟ ଦୃଷ୍ଟିରେ ନ ଦେଖି ସମ୍ବେଦନଶୀଳ ନାଗରିକ ହିସାବରେ ସେମାନଙ୍କର ଶିକ୍ଷା, ସ୍ୱାସ୍ଥ୍ୟ, ମାନସିକ ସ୍ଥିତି, ସର୍ବୋପରି ପାରିବାରିକ ଓ ମାନସିକ ଦୃଷ୍ଟିଭଙ୍ଗୀକୁ ସମୟୋପଯୋଗୀ କରିବାର ଅଛି ନହେଲେ ଅନେକ କିଶୋରୀ ଅକାଳରେ ଝଡିଯିବେ। ଆମର ଶାସ୍ତ୍ର ପୁରାଣରେ ମଧ ଅବିବାହିତ ମାତୃତ୍ୱ ପାଇଥିବା ନାରୀମାନଙ୍କୁ ସମ୍ମାନ ଦିଆଯାଇଛି। ତେଣୁ ଏହାକୁ ଘୃଣା ଚକ୍ଷୁରେ ନ ଦେଖି ବରଂ ସମ୍ମିଳିତ ଉଦ୍ୟମରେ ତା'ର ସମାଧାନ ପାଇଁ ଚେଷ୍ଟା କରିବା ଆବଶ୍ୟକ।

**ଭଦ୍ରକ, ମୋବାଇଲ୍: ୯୭୭୮୭୬୪୩୯୪**

# ବିଲୁପ୍ତ ହେଲେଣି କୃଷକର ବନ୍ଧୁ ଘରଚଟିଆ

**ସନ୍ତୋଷ ଦାଶ**

ଅତୀତରେ ଗାଁ ଠୁଁ ସହର ସବୁ ଠାରେ ଚାଳ ଛପର ଘର ଥିଲା। ଏହି ଚାଳ ଛପର ଘର ମାନଙ୍କରେ ବହୁ ପରିମାଣରେ କୁନି କୁନି ଚଢ଼େଇ ବସା ବାନ୍ଧି ଖୁସିରେ ରହୁ ଥିଲେ। ଏହି ଚଢ଼େଇ ଙ୍କ ନାମ ଘରଚଟିଆ। ସେମାନଙ୍କ କିଚିରି ମିଚିରି ଶବ୍ଦ ମନକୁ ଆନନ୍ଦିତ କରି ଦେଉଥିଲା। ମାଟି ଘରେ ଥିବା ସନ୍ଧି, କୌଣସି ଖୋପ, ବିଦ୍ୟୁତ ଖୁଣ୍ଟଗୁଡ଼ିକରେ ଥିବା କେବୁଲ ବାକ୍ସ ମାନଙ୍କ ରେ ଏହି ଘର ଚଟିଆ ବସା ବାନ୍ଧି




ଥାନ୍ତି।୮ ରୁ ୧୦ ସେଣ୍ଟିମିଟର ଲମ୍ବର ଏହି କୁନି ଚଢ଼େଇ ଘରଚଟିଆ ମାନେ ଥିଲେ ପ୍ରକୃତରେ କୃଷକ ମାନଙ୍କ ବନ୍ଧୁ।ଧାନ ଫସଲ ଆଉ ପନିପରିବା ଫସଲ କୁ ନଷ୍ଟ କରୁଥିବା ପୋକ, କୀଟ ମାନଙ୍କୁ ଏହି ଚଢ଼େଇ ଖାଦ୍ୟ ଭାବେ ଗ୍ରହଣ କରୁଥିବାରୁ ଏମାନଙ୍କୁ କୃଷକ ମାନଙ୍କ ବନ୍ଧୁ ବୋଲି କୁହା ଯାଇଥାଏ। ଏମାନେ ମଣିଷ ର ପାଖେ ପାଖେ ଚଳପ୍ରଚଳ କରୁଥିବାରୁ ପିଲା ଙ୍କ ଠାରୁ ବୁଢ଼ା ସମସ୍ତେ ଏହି କୁନି ପକ୍ଷୀ କୁ ଭଲ ପାଇଥାନ୍ତି। ୧୯୯୯ ମସିହା ର ମହା ବାତ୍ୟା ପରେ ରାଜ୍ୟ ର ଗାଁ ଗୁଡ଼ିକ ରୁ ଚାଳ ଛପର ଘର ଦିନକୁ ଦିନ କମିବାରେ ଲାଗିଲା। ବିଭିନ୍ନ ସ୍ଥାନ ରେ ମୋବାଇଲ ଟାୱାର ବୃଦ୍ଧି ପାଇବାରେ ଲାଗିବାରୁ ବାୟୁମଣ୍ଡଳ ରେ ଅଦୃଶ୍ୟ ଭାବେ ଚୁମ୍ବକୀୟ ଶକ୍ତି ପ୍ରବାହିତ ହେବାରେ ଲାଗିଲା।ବିଶ୍ୱତାପମାନ ବୃଦ୍ଧି ପାଉଥିବାରୁ ଜଳବାୟୁ ପ୍ରବାହ ରେ ଅସନ୍ତୁଳନ ଦେଖା ଦେଇଛି। ପରିବେଶ ପ୍ରଦୂଷଣ ବୃଦ୍ଧି ପାଇବାରେ ଲାଗିଛି।ଚାଷୀ ମାନେ ବିଭିନ୍ନ ଫସଲ ରେ ବହୁଳ ଭାବେ କେମିକାଲ ଯୁକ୍ତ ରାସାୟନିକ ଔଷଧ ଓ କୀଟନାଶକ ବ୍ୟବହାର କରୁଛନ୍ତି।ଉପୋରକ୍ତ କାରଣ ପାଇଁ ଏହି କୁନି ଚଢ଼େଇ ଘରଚଟିଆ ଆଜି ବିଲୁପ୍ତ ର ଦ୍ୱାରଦେଶ ରେ ପହଞ୍ଚି ଯାଇଛି। ଏହି କୁନି ଚଢ଼େଇ ର ସୁରକ୍ଷା ପାଇଁ ଇଣ୍ଟରନ୍ୟାସନାଲ ୟୁନିଅନ ଫର କନଭେନସନ ଅଫ ନେଚର ଆଣ୍ଡ ନେଚୁରାଲ ରିସୋର୍ସ ପକ୍ଷରୁ ୨୦୧୦ ମସିହା ଠାରୁ ପ୍ରତିବର୍ଷ ମାର୍ଚ୍ଚ ୨୦ ତାରିଖ ବିଶ୍ୱ ଘରଚଟିଆ ଦିବସ ଭାବେ ପାଳନ କରାଯାଉଛି। ଏହି ଦିବସ ପାଳନ କରାଯିବା ର ଉଦ୍ଦେଶ୍ୟ ହେଉଛି ଯେ, ଚାଷୀ ମାନେ ରାସାୟନିକ ଔଷଧ ଓ କୀଟ ନାଶକ ବ୍ୟବହାର ନ କରି ଜୈବିକ ପଦ୍ଧତିରେ ଚାଷ କରନ୍ତୁ। ଆଉ ଏହି କୁନି ଚଢ଼େଇ ଘରଚଟିଆ ର ବଂଶ ବୃଦ୍ଧି ନିମନ୍ତେ ସମସ୍ତେ ପ୍ରୟାସ କରନ୍ତୁ। ଘରଚଟିଆ ର ସୁରକ୍ଷା ପାଇଁ ଲୋକ ମାନଙ୍କୁ ସଚେତନ କରାଇବା ଏହି ଦିବସ ପାଳନ ର ମୁଖ୍ୟ ଲକ୍ଷ୍ୟ ବୋଲି କହିଛନ୍ତି ଓଡ଼ିଶା ବାଇ ଚଢ଼େଇ ସୁରକ୍ଷା ଅଭିଯାନ ର ସଂଯୋଜକ ପକ୍ଷୀ ପ୍ରେମୀ ପିତାମ୍ବର ରାଉତ। ପୁରୁଷ ଘରଚଟିଆ ର ବେକ ପାଖ ସାମାନ୍ୟ କଳା ରଙ୍ଗ ଓ ବେକ ତଳ ଧଳା ହୋଇଥାଏ। ଗୋଟିଏ ପ୍ରାପ୍ତ ବୟସ୍କ ଘରଚଟିଆ ଚଢ଼େଇ ର ଓଜନ ପ୍ରାୟ ୩୦/୩୫ ଗ୍ରାମ ହୋଇଥାଏ। ମାଈ ଚଢ଼େଇ ଥରକେ ୮/୧୦ ଟି ଅଣ୍ଡା ଦେଇଥାଏ।ଅଣ୍ଡା ଦେବାର ୧୦/୧୨ ଦିନ ରେ ଅଣ୍ଡା ରୁ ଛୁଆ ଫୁଟିଥାନ୍ତି। ବାଡି ବୁଦା ରୁ କୁଟା, କାଠି ସଂଗ୍ରହ କରି ସେମାନେ ଲୋକ ଚଳପ୍ରଚଳ ହେଉଥିବା ସ୍ଥାନ ମାନଙ୍କ ରେ ବସା ବାନ୍ଧି ରହିବାକୁ ପସନ୍ଦ କରିଥାନ୍ତି।ବିଶ୍ୱ ଘରଚଟିଆ ଦିବସ ପାଳନ କରାଯିବା ପରେ ଅନେକ ସ୍ଥାନ ରେ ଲୋକ ମାନେ ଏମାନଙ୍କ ବଂଶ ବୃଦ୍ଧି ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। କିଛି ଲୋକ କୃତ୍ରିମ ଚାଳ ଘର ନିର୍ମାଣ କରୁଥିବା ବେଳେ କିଛି ବ୍ୟକ୍ତି ଉଚ୍ଚ ସ୍ଥାନ ରେ ବଡ଼ ମାଟି ହାଣ୍ଡି କୁ କଣା କରି ଟଙ୍ଗାଇବା କାର୍ଯ୍ୟ କରୁଛନ୍ତି। କିଛି ବ୍ୟକ୍ତି କାଡବୋଡ ରେ କୃତ୍ରିମ ବସା ନିର୍ମାଣ କରି ମଧ ଟଙ୍ଗାଉଛନ୍ତି। ଏହି ସବୁ କାର୍ଯ୍ୟ ପକ୍ଷୀ ପ୍ରେମୀ ମାନଙ୍କୁ ଆନନ୍ଦିତ କରୁଛି। ଯଦି ଏହି କୁନି ଚଢ଼େଇ ଘରଚଟିଆ ଙ୍କ ସୁରକ୍ଷା ଓ ବଂଶ ବୃଦ୍ଧି ନିମନ୍ତେ ଦୃଷ୍ଟି ନ ଦିଆଯାଏ ତେବେ ଖୁବ୍ କମ ଦିନ ମଧ ରେ ଏମିତି ଏକ ସୁନ୍ଦର ଓ ଉପକାର କରୁଥିବା ପକ୍ଷୀ ବିଲୁପ୍ତ ହୋଇ ଯିବେ ଏଥିରେ ସନ୍ଦେହ ନାହିଁ।

**ତୁଳସୀପୁର, ପୁରୀ**
**ମୋବାଇଲ୍: ୯୪୩୯୩୬୧୮୮୮**

# ମଣିଷ ଓ ଇତର ଜଗତ



**ଅନୀତା ପଟ୍ଟନାୟକ**

ଧାରୟତେ ଇତି ଧର୍ମା। ସତ୍ୟ ଯେତେବେଳେ କର୍ମ ଓ ଆଚରଣରେ ପରିବର୍ତ୍ତିତ ହୁଏ ତାହା ଧର୍ମରେ ପରିଣତ ହୁଏ। ଥରେ ସ୍କୁଲରେ ଶିକ୍ଷକ ସମବ୍ୟବହାର ଉଦାହରଣ ଦେବା ପାଇଁ କହିଲେ। ନଚିକେତା କହିଲା ଆମେ ଖାଦ୍ୟ ଖାଉ। ଆରୁଣୀ କହିଲା ପଶୁମାନେ ବି ଖାଦ୍ୟ ଗ୍ରହଣ କରନ୍ତି। ତନ୍ଦ୍ରା କହିଲା ମଣିଷ ଶୁଏ। ମହିନ୍ଦ୍ରା କହିଲା ପଶୁମାନେ ବି ଶୁଅନ୍ତି। ହିରଣମୟୀ କହିଲା ମନୁଷ୍ୟ ଭିତରେ ଭୟ ଅଛି। କୃପାଳୁ କହିଲା ପଶୁମାନଙ୍କ ମଧ୍ୟରେ ବି ଭୟ ଅଛି। ଭାଗ୍ୟଲକ୍ଷ୍ମୀ କହିଲା ମଣିଷ ପିଲା ଜନ୍ମ କରେ। ରୋମା କହିଲା ପଶୁମାନେ ବି ପିଲା ଜନ୍ମ କରନ୍ତି। ସାର କହିଲେ ମଣିଷ ଓ ପଶୁ ମଧରେ ଫରକ କ'ଣ ?

ମହେନ୍ଦ୍ର ନାମକ ଏକ ଛାତ୍ର କହିଲା ମୋର ବାପା ଗତକାଲି ମନଦୁଃଖ କରୁଥିଲେ। କହୁଥିଲେ ଲତାଟିଏ ଲଗାଇଲି ତାହା ସୁଗନ୍ଧ ପ୍ରଦାନ କଲା। ଚାଳ ଘରଟିଏ ତିଆରି କରି ତାର ଭିତର ଦେଇ ପବନ ଗଲେ ଛନ୍ଦ ସୃଷ୍ଟି କରୁଛି। ଗଛଟିଏ ଲଗାଇଥିଲି ତାହା ଶୀତଳତା ପ୍ରଦାନ କରୁଛି। ପଶୁଟିଏ ପାଳିଥିଲି ସେ ମୁକ ହେଲେ ମଧ ମୋର ହୃଦୟର ଭାଷାକୁ ବୁଝି ସ୍ନେହ ଶୁଝାଇବାକୁ ଚେଷ୍ଟା କରୁଛି ହେଲେ ମଣିଷକୁ ପରମ ସ୍ନେହ ଦେଇଥିଲେ ମଧ ସେ ମୋର ହୃଦୟରେ ପଦାଘାତ କରୁଛି। ଆଶ୍ଚର୍ଯ୍ୟର କଥା ପ୍ରକୃତି ଉଦ୍ଭିଦଜଗତ, ପଶୁପକ୍ଷୀଗଣ, ମଣିଷର ସେବା କରୁଛନ୍ତି। ସେମାନଙ୍କ ପାଖରେ ଅନେକ ଭଲ ଗୁଣ ଅଛି ଯାହା ମଣିଷ ପାଇଁ ଶିକ୍ଷଣୀୟ। ପିମ୍ପୁଡ଼ି ନିକଟରେ ଶୃଙ୍ଖଳା, କଠିନ ପରିଶ୍ରମ, ସଞ୍ଚୟ ଅଭ୍ୟାସ ବାଲିକୁ ଚିନିରୁ ଅଲଗା କରିବାର ଶକ୍ତି ଇତ୍ୟାଦି ଅଛି। ମହୁମାଛି ଫୁଲରେ ଗର୍ଭ ସଂଚାର କରୁଛି। ଫୁଲରୁ ମହୁ ସଂଚୟ କରି ସଞ୍ଚୟ କରୁଛି। ଗାଈ ମା'ପରି କ୍ଷୀର ପ୍ରଦାନ କରୁଛି। ହାତୀ ଜଙ୍ଗଲରେ ଦଳବଦ୍ଧ ହୋଇଯାଇ ପଥପ୍ରଦର୍ଶନ କରେ। ସେ ସାହାସୀ, ବଳବାନ ଓ ବୁଦ୍ଧିମାନ। ସିଂହ ଅତ୍ୟନ୍ତ ରାଜକୀୟ ଓ ନେତୃତ୍ୱ ନେବାର କ୍ଷମତା ରଖିଥାଏ। ବୁଢ଼ୀଆଣି ଅସୀମ ଧୈର୍ଯ୍ୟର ପ୍ରତୀକ। ହଂସ କ୍ଷୀରରୁ ପାଣିକୁ ଅଲଗା କରିପାରେ କୁକୁର ଅତ୍ୟନ୍ତ ବିଶ୍ୱସ୍ତ ଓ ଶତ୍ରୁ ଠାରୁ ମୁନୀବକୁ ରକ୍ଷା କରେ। ଅଶ୍ୱଶକ୍ତି ମଡ଼ା ସଫାକରେ ଓ ପ୍ରକୃତିକୁ ପ୍ରଦୂଷଣରୁ ରକ୍ଷା କରେ। ଅଶ୍ୱଶକ୍ତି ପ୍ରଦର୍ଶନ କରେ ଓ ମଣିଷର ପରିବହନରେ ସାହାଯ୍ୟ କରେ। ମୟୁର ଘନନୀଳ ମେଘ ଦେଖିଲେ କୃଷ୍ଣଙ୍କ ଭାବରେ ନାଚି ଉଠେ। କୃଷ୍ଣ ତେଣୁ ମୟୁର ପୁଚ୍ଛ ଧାରଣ କରିଥାନ୍ତି। ବିଲେଇ ସଫା ସୁତୁରାର ପ୍ରତୀକ। ମାଛ ଜଳର ବିପରୀତ ଦିଗରେ ପହଁରିପାରେ। ବଳଦ କଠିନ ପରିଶ୍ରମୀ କାଉ ରାବ ଦେଇ ଏକାଠି ମିଶି ଖାଏ। ସାପର ବିଷରୁ ଔଷଧ ତିଆରି ହୁଏ। ଗଛ ସହନଶୀଳତାର ପ୍ରତୀକ ଓ ଅମ୍ଳଜାନ ଦିଏ। ନଦୀ ନିଜର ଲକ୍ଷସ୍ଥଳ ଆଡ଼କୁ ଗତି କରେ ଓ ପଛକୁ ଚାହିଁ ଦେଖେନା। ପେଚା ଅନ୍ଧାରରେ ଦେଖିପାରେ। ପାରା ଓ ଛଞ୍ଚାଣଙ୍କର ତୀକ୍ଷ୍ଣ ଦୃଷ୍ଟି ଥାଏ। ବାଘ ନିର୍ଭୀକତାର ପ୍ରତୀକ। ଫୁଲ ସୁଗନ୍ଧ ଓ ସୁନ୍ଦରତାର ପ୍ରତୀକ। ମାଙ୍କଡ଼ ନିଜ କୋଳରେ ପିଲାକୁ ଧାରଣ କରି ଲକ୍ଷ୍ୟ ପ୍ରଦାନ କରେ। ସାଧବ ବୋହୁ ସୁନ୍ଦରତାର ପ୍ରତୀକ। ହରିଣ ନିକଟରେ କ୍ଷୀପ୍ରତା ଓ ମୃଗନାଭି କସ୍ତୁରୀର ସୂଚନା ଦିଏ। ଏତେ ସବୁ କଥା ପ୍ରକୃତି ଓ ଇତର ଜଗତ ଠାରୁ ଆଜି କାଲିର ପିଲାମାନେ ଶିକ୍ଷା କରିପାରୁ ନାହାନ୍ତି। ପ୍ରକୃତରେ ପ୍ରକୃତି ଓ ଇତର ଜଗତ ଏକ ବିଶ୍ୱବିଦ୍ୟାଳୟ। ଇନ୍ଦ୍ରିୟ ଯଦି ଆମର ଶିକ୍ଷକ ହୁଅନ୍ତି ତେବେ ଆତ୍ମା ଆମ ଶରୀରର ଅଧକ୍ଷ। ଦତ୍ତାତ୍ରେୟ ପ୍ରକୃତିର ଚବିଶ ଗୁରୁ ବାଛି ଥିଲେ ଆଜିର ଛାତ୍ରଛାତ୍ରୀମାନେ ପ୍ରକୃତି ଓ ଇତର ଜଗତରୁ ମହାନ ଶିକ୍ଷା ଲାଭ କରି ମହତପଣିଆ ଦେଖାଇବେ ବୋଲି ଆଶା।

**ଅବସରପ୍ରାପ୍ତ ପ୍ରଧାପିକା, ସିଡିଏ, କଟକ, ମୋବାଇଲ୍: ୯୬୯୨୯୮୦୦୨୬**

# ଏଡିଆର୍ ରିପୋର୍ଟ ବିଜେପି ବିଧାୟକଙ୍କ ପାଖରେ ସର୍ବାଧିକ ସମ୍ପତ୍ତି



- ୪ ହଜାର ମଧ୍ୟରୁ ପଶ୍ଚିମବଙ୍ଗ ବିଧାୟକ ସବୁଠୁ ଗରିବ
- ମହାରାଷ୍ଟ୍ରର ପରାଗ ଗୁପ୍ତା ସବୁଠୁ ଧନୀ
- ଶୀର୍ଷ ୧୦ ବିତ୍ତଶାଳୀ ତାଲିକାରେ ଆନ୍ଧ୍ରର ସର୍ବାଧିକ ୪ ବିଧାୟକ
- ବାଙ୍ଗରିପୋଷି ବିଧାୟକଙ୍କ ସମ୍ପତ୍ତି ମାତ୍ର ୩୫ ହଜାର

**ନୂଆଦିଲ୍ଲୀ,୧୯।୩:** ନିର୍ବାଚନର ସ୍ୱଚ୍ଛତା ଉପରେ କାମ କରୁଥିବା ସଂଗଠନ ଆସୋସିଏସନ ଫର୍ ଡେମୋକ୍ରାଟିକ ରିଫର୍ମସ (ଏଡିଆର୍) ଦେଶର ୨୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ପ୍ରାୟ ୪୦୯୨ ବିଧାୟକଙ୍କ ସମ୍ପତ୍ତି ଏବଂ ଅପରାଧିକ ରେକର୍ଡ ବ୍ୟତୀତ ଅନେକ ଦିଗ ଉପରେ ଅଧ୍ୟୟନ କରିଛି। ଏହି ରିପୋର୍ଟ ଅନୁଯାୟୀ, ଚାରି ହଜାରରୁ ଅଧିକ ବିଧାୟକଙ୍କ ମୋଟ ସମ୍ପତ୍ତି ପ୍ରାୟ ୭୩ ହଜାର କୋଟି ଟଙ୍କା ରହିଛି। ଯାହା ନାଗାଲାଣ୍ଡ, ତ୍ରିପୁରା ଏବଂ ମେଘାଳୟର ମୋଟ ବଜେଟ ଠାରୁ ଅଧିକ।

ସେହିପରି କୌଣସି ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ବିଧାୟକଙ୍କ ସମ୍ପତ୍ତିକୁ ବିଚାର କଲେ, ଏହି ତାଲିକାରେ ସବୁଠାରୁ ଆଗରେ ରହିଛି ବିଜେପି। ଏହି ଦଳର ବିଭିନ୍ନ ରାଜ୍ୟରେ ଥିବା ୧,୬୫୩ ବିଧାୟକଙ୍କ ମୋଟ ସମ୍ପତ୍ତି ପରିବାର ପ୍ରାୟ ୨୬ ହଜାର କୋଟି। ସେହିପରି ୬୪୬ କଂଗ୍ରେସ ବିଧାୟକଙ୍କ ସମ୍ପତ୍ତି ପରିମାଣ ପ୍ରାୟ ୧୭ ହଜାର କୋଟି ଟଙ୍କା ଥିବା ବେଳେ ଟିଡିପିର ୧୩୪ ଜଣ ବିଧାୟକଙ୍କ ନିକଟରେ ମୋଟ ପ୍ରାୟ ୯ ହଜାର କୋଟି ଟଙ୍କାର ସମ୍ପତ୍ତି ରହିଛି।

ଦେଶର ଶୀର୍ଷ ୧୦ ବିତ୍ତଶାଳୀ ବିଧାୟକଙ୍କ ମଧ୍ୟରେ ମହାରାଷ୍ଟ୍ର ଘାଟକୋପର ଇଷ୍ଟର ପରାଗ ଗୁପ୍ତା ସବୁଠାରୁ ଧନୀ ଅଛନ୍ତି। ତାଙ୍କ ପାଖରେ ମୋଟ ୩ ହଜାର ୩୮୩ କୋଟି ଟଙ୍କାର ସମ୍ପତ୍ତି ରହିଛି। ଦ୍ୱିତୀୟ ସ୍ଥାନରେ କର୍ଣ୍ଣାଟକର କଂଗ୍ରେସ ବିଧାୟକ ଡିକେ ଶିବକୁମାର ଅଛନ୍ତି, ଯାହାଙ୍କ ସମ୍ପତ୍ତି ପରିମାଣ ୧ ହଜାର ୪୧୩ କୋଟି। ଏଥିସହ ଏହି ତାଲିକାରେ ଆନ୍ଧ୍ର ପ୍ରଦେଶର ୪ ଜଣ ବିଧାୟକ ଅଛନ୍ତି। ସେମାନଙ୍କ ମଧ୍ୟରେ ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ. ଚନ୍ଦ୍ରବାବୁ ନାଇଡୁ ମଧ୍ୟ ସାମିଲ୍, ଯାହାଙ୍କ ମୋଟ ସମ୍ପତ୍ତି ପରମାଣ ୯୩୧ କୋଟି ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ୱାଇଏସ୍ ଜଗନ ମୋହନ ରେଡ୍ଡୀଙ୍କ ପାଖରେ ୭୫୭ କୋଟି ଟଙ୍କାର ସମ୍ପତ୍ତି ରହିଥିବା ଜଣାପଡ଼ିଛି। ଶୀର୍ଷ ୧୦ ବିତ୍ତଶାଳୀ ବିଧାୟକ ତାଲିକାରେ ଚନ୍ଦ୍ରବାବୁ ଓ ଜଗନ ମୋହନ ଯଥାକ୍ରମେ ପଞ୍ଚମ ଓ ସପ୍ତମ ସ୍ଥାନରେ ଅଛନ୍ତି।

ଏହାଛଡ଼ା ଏହି ରିପୋର୍ଟରେ ଦେଶର ଶୀର୍ଷ ୧୦ ଗରିବ ବିଧାୟକଙ୍କ ଏକ ତାଲିକା ମଧ୍ୟ ପ୍ରସ୍ତୁତ ହୋଇଛି। ଏଥିରେ ସବୁଠାରୁ ଉପରେ ଅଛନ୍ତି ପଶ୍ଚିମବଙ୍ଗର ନିର୍ମଳ କୁମାର ଧାରା। ସେ ତଫସିଲଭୁକ୍ତ ଜାତି (ଏସ୍‌ସି)ର ବିଧାୟକ ହୋଇଥିବା ବେଳେ ତାଙ୍କ ସମ୍ପତ୍ତି ପରିମାଣ ମାତ୍ର ୧୭୦୦ ଟଙ୍କା ରହିଛି। ସେ ପଶ୍ଚିମବଙ୍ଗର ସିନ୍ଧୁସ୍ ଆସନରୁ ନିର୍ବାଚିତ ହୋଇଛନ୍ତି। ଏହି ତାଲିକାରେ ଓଡ଼ିଶାର ମଧ୍ୟ ଜଣେ ବିଧାୟକ ଅଛନ୍ତି। ସେ ହେଉଛନ୍ତି ବିଜେପିର ବାଙ୍ଗିରିପୋଷି ବିଧାୟକ ସଞ୍ଜଳି ମୁର୍ମୁ। ତାଙ୍କ ମୋଟ ସମ୍ପତ୍ତି ପରିମାଣ ମାତ୍ର ୩୫ ହଜାର ଟଙ୍କା ରହିଥିବା ଜଣାପଡ଼ିଛି।

ଏହି ତାଲିକାରେ ଆମ୍ ଆଦ୍‌ମୀ ପାର୍ଟି (ଆପ୍)ର ତିନି ଜଣ ବିଧାୟକ ଅଛନ୍ତି। ସେମାନେ ହେଲେ ପଞ୍ଜାବର ଫାଜିଲକା ବିଧାୟକ ନରିନ୍ଦର ପାଲ ସିଂହ, ସାଙ୍ଗରୁର ବିଧାୟକ ନରିନ୍ଦର କୌର ଓ ଜମ୍ମୁ-କଶ୍ମୀରର ଡୋଡା ବିଧାୟକ ମେହରାଜ ମଲିକ। ସେମାନଙ୍କ ସମ୍ପତ୍ତି ପରିମାଣ ୩୦ ହଜାର ଟଙ୍କାରୁ ବି କମ୍ ରହିଛି। ଆହୁରି ମଧ୍ୟ ଚିତ୍ରକୁଟର ସମାଜବାଦୀ ପାର୍ଟି ବିଧାୟକ ଅନୀଲ କୁମାରଙ୍କ ସମ୍ପତ୍ତି ପରିମାଣ ମଧ୍ୟ ୩୦ ହଜାର ଟଙ୍କା ଭିତରେ ଥିବା ଜଣାପଡ଼ିଛି।

ଏହାଛଡ଼ା ପଶ୍ଚିମବଙ୍ଗର ସଲଟୋରାର ବିଜେପି ବିଧାୟକ ଓ ଅନୁସୂଚିତ ଜାତି ସମ୍ପ୍ରଦାୟର ଚନ୍ଦନା ବାଉରୀଙ୍କ ମୋଟ ସମ୍ପତ୍ତି ପ୍ରାୟ ୬୨ ହଜାର ଟଙ୍କା ରହିଛି। ଏହି ତାଲିକାରେ ବିହାରର ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି), ତ୍ରିପୁରାର ଟିପ୍ରା ମୋଥା ଓ ପଶ୍ଚିମବଙ୍ଗର ତୃଣମୂଳ କଂଗ୍ରେସର ଜଣେ ଲେଖାଏଁ ବିଧାୟକ ଅଛନ୍ତି। ପଶ୍ଚିମବଙ୍ଗର ନବଦ୍ୱୀପର ତୃଣମୂଳ କଂଗ୍ରେସ ବିଧାୟକ ପୁଣ୍ଡ୍ରିକାକ୍ଷୟ ସାହାଙ୍କ ସମ୍ପତ୍ତିର ମୂଲ୍ୟ ୩୦ ହଜାର ଟଙ୍କା। ଟିପ୍ରା ମୋଥାର ବିଧାୟକ ନନ୍ଦିତା ଦେବବର୍ମାଙ୍କ ସମ୍ପତ୍ତିର ମୂଲ୍ୟ ୬୩,୦୦୦ ଟଙ୍କା ଥିବା ବେଳେ ବିହାରର ଆଲୌଲିର ଆର୍‌ଜେଡି ବିଧାୟକ ରାମବୃକ୍ଷ ସଦାଙ୍କ ମୋଟ ସମ୍ପତ୍ତି ମାତ୍ର ୭୦,୦୦୦ ଟଙ୍କା। ଅର୍ଥାତ ସବୁଠାରୁ କମ ସମ୍ପତ୍ତି ଥିବା ୧୦ ଜଣ ବିଧାୟକଙ୍କ ମଧ୍ୟରେ ଆପ୍ ଓ ବିଜେପିର ୩ ଜଣ ଲେଖାଏଁ ବିଧାୟକ ଅଛନ୍ତି।

## ନାଗପୁର ହିଂସା ନେଇ ଆର୍‌ଏସ୍‌ଏସ୍‌ର ବୟାନ
## ସାମ୍ପ୍ରତିକ ସମୟରେ ଔରଙ୍ଗଜେବ୍ ଅପ୍ରାସଙ୍ଗିକ

**ନାଗପୁର,୧୯।୩:** ଆରଏସଏସ'ର ବରିଷ୍ଠ ଅଧିକାରୀ ସୁନୀଲ ଆମ୍ବେକର କହିଛନ୍ତି ମୋଗଲ ରାଜାଙ୍କ ସମାଧିସ୍ଥଳ ନେଇ ନାଗପୁରରେ ବିବାଦ ସୃଷ୍ଟି ହୋଇଥିବା ବେଳେ ଆଜିର ଦିନରେ ଔରଙ୍ଗଜେବ ଅପ୍ରାସଙ୍ଗିକ ଅଟନ୍ତି ଏବଂ ସମାଜ ପାଇଁ କୌଣସି ପ୍ରକାରର ହିଂସା ଶୁଭଙ୍କର ନୁହେଁ। ଔରଙ୍ଗଜେବଙ୍କ ସମାଧିସ୍ଥଳ ହଟାଇବା ଦାବି କରି ହିନ୍ଦୁ ପରିଷଦ ଏବଂ ବଜରଙ୍ଗ ଦଳ ପକ୍ଷରୁ ପ୍ରଦର୍ଶନ କରାଯିବା ପରେ ଦୁଇ ସମ୍ପ୍ରଦାୟଙ୍କ ମଧ୍ୟରେ ସଂଘର୍ଷ ଉପୁଜିଥିଲା, ଯେଉଁଥିରେ ୩୦ ରୁ ଅଧିକ ଲୋକେ ଆହତ ହୋଇଥିଲେ, ମୁଖ୍ୟତଃ ପୋଲିସ ଅଧିକାରୀ ଥିଲେ। ପ୍ରଶ୍ନ ହେଉଛି ଆଜିର ଦିନରେ ଔରଙ୍ଗଜେବ ପ୍ରାସଙ୍ଗୀକ କି, ସମାଧି ସେଠାରୁ ହଟାଇ ଦିଆଯିବ ଉଚିତ କି ? ଏହାର ଉତ୍ତର ହେଉଛି ସେ ପ୍ରାସଙ୍ଗିକ ନୁହନ୍ତି। ତେବେ ସମାଜ ପାଇଁ କୌଣସି ପ୍ରକାର ହିଂସା ସ୍ୱାସ୍ଥକର ନୁହେଁ ବୋଲି ଆମ୍ବେକର କହିଛନ୍ତି। ତେବେ ନିକଟରେ ବଲିଉଡ ଫିଲ୍ମ 'ଛାଭା' ରିଲିଜ ହେବା ପରେ ଏହି ବିବାଦ ସୃଷ୍ଟି ହୋଇଛି। ଯେଉଁଥିରେ ଦେଖା ଯାଇଛି ଯେ, ଇତିହାସରେ ମରାଠା ରାଜା ଛତ୍ରପତି ସାମ୍ଭାଜି ମହାରାଜଙ୍କୁ କିପରି ଔରଙ୍ଗଜେବ ହତ୍ୟା କରିଥିଲେ। ସୋମବାର ବିଶ୍ୱ ହିନ୍ଦୁ ପରିଷଦ ଏବଂ ବଜରଙ୍ଗ ଦଳର କାର୍ଯ୍ୟକର୍ତ୍ତାମାନେ ଖୁଲଡ଼ବାଡ଼ରେ ଥିବା ଔରଙ୍ଗଜେବଙ୍କ ସମାଧିସ୍ଥଳ ଉଚ୍ଛେଦ ଦାବିରେ ପ୍ରତିବାଦ କରିଥିଲେ। ଏହି ପ୍ରତିବାଦ ସମୟରେ ଦୁଇ ସଂଗଠନର କାର୍ଯ୍ୟକର୍ତ୍ତାମାନେ ଔରଙ୍ଗଜେବଙ୍କ ଏକ ପ୍ରତିଛବିକୁ ଜଳାଇ ଦେଇଥିଲେ। କିନ୍ତୁ ଏକ ସମ୍ପ୍ରଦାୟର କିଛି ଧାର୍ମିକ ଜିନିଷ ଜଳାଇ ଦିଆଯାଇଥିବା ଗୁଜବ ପ୍ରସାରିତ ହୋଇଥିଲା, ଫଳରେ ଅଂଚଳରେ ବିବାଦ ସୃଷ୍ଟି ହୋଇଥିଲା। ଏହାକୁ କେନ୍ଦ୍ର କରି ମହଲ ଏବଂ ହଂସପୁରି ଅଂଚଳରେ ବଡ଼ ହିଂସା ସୃଷ୍ଟି ହୋଇଥିଲା, ଏଥିରେ ଅନେକ ଦୋକାନ ଏବଂ ଘର ଭଙ୍ଗାରୁଜା କରିବା ସହିତ ନିଆଁ ଲଗାଇ ଦିଆଯାଇଥିଲା।



## ବନ୍ଦ ଫ୍ଲାଟ୍‌ରୁ ୮୦ କୋଟିର ସୁନା ଜବତ



**ଅହମଦାବାଦ,୧୯।୩:** ସୁନା ଚୋରାଚାଲାଣ ବିରୋଧରେ ରାଜସ୍ୱ ଗୋଇନ୍ଦା ନିର୍ଦ୍ଦେଶାଳୟ(ଡିଆର୍‌ଆଇ) ଓ ଗୁଜରାଟର ଆଣ୍ଟି ଟେରୋରିଜମ୍ ସ୍କ୍ୱାଡ୍(ଏଟିଏସ୍)କୁ ସଫଳତା ମିଳିଛି। ଅହମଦାବାଦର ପାଲଡ଼ି ଅଞ୍ଚଳରେ ଥିବା ଏକ ବନ୍ଦ ଆବାସିକ ଫ୍ଲାଟ୍‌ରେ ଡିଆର୍‌ଆଇ ଓ ଗୁଜରାଟ ଏଟିଏସ୍ ପକ୍ଷରୁ ମିଳିତ ଭାବେ ଚଢ଼ାଉ କରାଯାଇ ୮୦ କୋଟି ମୂଲ୍ୟର ୮୭.୯୨ କେ.ଜି. ସୁନାର ବିସ୍କୁଟ ଜବତ କରାଯାଇଛି। ଜବତ ହୋଇଥିବା ସୁନାବିସ୍କୁଟ ମଧ୍ୟରୁ ଅଧିକାଂଶ ବିସ୍କୁଟରେ ବିଦେଶୀ ଚିହ୍ନ ଦେଖିବାକୁ ମିଳିଛି। ଫଳରେ ବେଆଇନ ଭାବେ ଚୋରାଚାଲାଣ ମାଧ୍ୟମରେ ଏଗୁଡ଼ିକୁ ଭାରତ ଅଣାଯାଇଥିବା ନେଇ ସଙ୍କେତ ମିଳିଛି। ସେହିପରି ଏହି ଚଢ଼ାଉରେ ୧୧ ଲଗ୍‌ଜୁରି ଘଣ୍ଟା, ୧୯.୬୬ କେ.ଜି.ର ହୀରା ଅଳଙ୍କାର ସମେତ ବହୁ ମୂଲ୍ୟବାନ୍ ରତ୍ନ ଓ ଅଳଙ୍କାରକୁ ମଧ୍ୟ ଜବତ କରାଯାଇଛି।

## ନିର୍ବାଚନ ପୂର୍ବରୁ ପଶ୍ଚିମବଙ୍ଗରେ ପୋଷ୍ଟର ୱାର୍

**କୋଲକାତା,୧୯।୩:** ଆସନ୍ତା ବର୍ଷ ବିଧାନସଭା ନିର୍ବାଚନ ପୂର୍ବରୁ ପଶ୍ଚିମବଙ୍ଗରେ ରାଜନୈତିକ ସରଗରମ ତୀବ୍ର ହୋଇଛି। ଏବେ ଭାଜପା ଏବଂ ତୃଣମୂଳ କଂଗ୍ରେସ (ଟିଏମସି) ମଧ୍ୟରେ ପୋଷ୍ଟର ଓ୍ୱାର ଆରମ୍ଭ ହୋଇଛି, ଯାହା ଯୋଗୁଁ ରାଜନୈତିକ ପରିବେଶ ଅଧିକ ଉଷ୍ମ ହୋଇଯାଇଛି। ଗତ କିଛି ଦିନ ମଧ୍ୟରେ, ଭାଜପା ରାଜ୍ୟର ବିଭିନ୍ନ ସ୍ଥାନରେ ଅନେକ ପୋଷ୍ଟର ଲଗାଇଛି, ଯେଉଁଥିରେ 'ହିନ୍ଦୁ ହିନ୍ଦୁ ଭାଇ-ଭାଇ, ୨୦୨୬ରେ ଭାଜପା ଚାହିଁଯେ' ଭଳି ସ୍ଲୋଗାନ ଲେଖାଯାଇଛି। ଏହି ପୋଷ୍ଟରଗୁଡ଼ିକ ବିଶେଷକରି ହୁଗଲିର ଚିନସୁରା ଏବଂ କୋଲକାତାର କିଛି ଅଞ୍ଚଳରେ ଦେଖାଯାଇଛି। ରାଜନୈତିକ ବିଶ୍ଳେଷକମାନେ ବିଶ୍ୱାସ କରନ୍ତି ଯେ ଏହି ଅଭିଯାନ ମାଧ୍ୟମରେ ଭାଜପା ହିନ୍ଦୁ ଏକତାକୁ ଉଜ୍ଜ୍ୱଳ କରିବାକୁ ଏବଂ ନିଜର ସମର୍ଥନକୁ ମଜବୁତ କରିବାକୁ ଚେଷ୍ଟା କରୁଛି। ଏହି ସମୟରେ, ଟିଏମସି ଏହାକୁ ରାଜ୍ୟରେ ଧ୍ରୁବୀକରଣର ରାଜନୀତି ବୋଲି କହିଛି। ଭାଜପାର ପୋଷ୍ଟରଗୁଡ଼ିକର ଜବାବରେ, ଟିଏମସିର ସୋସିଆଲ ମିଡିଆ ଏବଂ ଆଇଟି ସେଲ ମଙ୍ଗଳବାର (୧୮ ମାର୍ଚ୍ଚ) ନିଜସ୍ୱ ପୋଷ୍ଟର ଜାରି କରିଛି। କୋଲକାତାର ଶ୍ୟାମବଜାରରେ ଲଗାଯାଇଥିବା ଏହି ପୋଷ୍ଟରଗୁଡ଼ିକ ଭାଜପା ଉପରେ ସିଧାସଳଖ ଆକ୍ରମଣ ଥିଲା। 'ହିନ୍ଦୁମାନେ ଭାଇ, ଗ୍ୟାସ ମୂଲ୍ୟରେ କାହିଁକି କୌଣସି ରିହାତି ନାହିଁ?' ଯେପରିକି ସ୍ଲୋଗାନ ଲେଖି, ଟିଏମସି ମୁଦ୍ରାସ୍ଫୀତିକୁ ଏକ ପ୍ରସଙ୍ଗ କରିଥିଲା। ଆଉ ଏକ ପୋଷ୍ଟରରେ ଲେଖାଥିଲା, 'ହିନ୍ଦୁ ହିନ୍ଦୁ ଭାଇମାନେ, କିନ୍ତୁ ବଙ୍ଗଳାରୁ କାହିଁକି କୌଣସି କ୍ୟାବିନେଟ ମନ୍ତ୍ରୀ ନାହାନ୍ତି?' ଟିଏମସି ଏହି ବାର୍ତ୍ତା ଦେବାକୁ ଚେଷ୍ଟା କରିଥିଲା ଯେ ଭାଜପା ବଙ୍ଗଳାର ଲୋକଙ୍କ ପାଇଁ କୌଣସି ଠୋସ କାମ କରୁନାହିଁ ବରଂ କେବଳ ହିନ୍ଦୁ ଏକତା ନାମରେ ରାଜନୀତି କରୁଛି।

## କେନ୍ଦ୍ରୀୟ କର୍ମଚାରୀଙ୍କ ଅବସର ବୟସ ପରିବର୍ତ୍ତନ ପ୍ରସ୍ତାବ ନାହିଁ

**ନୂଆଦିଲ୍ଲୀ,୧୯।୩:** କେନ୍ଦ୍ର କାର୍ମିକ ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ ବୁଧବାର କହିଛନ୍ତି ଯେ ସରକାର କର୍ମଚାରୀଙ୍କ ଅବସର ବୟସ ପରିବର୍ତ୍ତନ ପାଇଁ କୌଣସି ପ୍ରସ୍ତାବ ଉପରେ ବିଚାର କରୁନାହାନ୍ତି। ଲୋକ ସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ସେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଜାତୀୟ ପରିଷଦ (ସଂଯୁକ୍ତ ପରାମର୍ଶଦାତା ତନ୍ତ୍ର)ଠାରୁ କର୍ମଚାରୀମାନଙ୍କୁ କୌଣସି ଆନୁଷ୍ଠାନିକ ପ୍ରସ୍ତାବ ମିଳିନାହିଁ। କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଲୋକ ସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତରରେ କହିଛନ୍ତି ଯେ କର୍ମଚାରୀଙ୍କ ଅବସର ଦ୍ୱାରା ସୃଷ୍ଟି ହୋଇଥିବା ଖାଲି ପଦବୀକୁ ଦୂର କରିବା ପାଇଁ ସରକାରଙ୍କର କୌଣସି ନୀତି ନାହିଁ। ସରକାରୀ କର୍ମଚାରୀଙ୍କ ଅବସର ବୟସ ପରିବର୍ତ୍ତନ ପାଇଁ ସରକାରଙ୍କ ନିକଟରେ କୌଣସି ପ୍ରସ୍ତାବ ବିଚାରାଧୀନ ନାହିଁ ବୋଲି ସେ କହିଛନ୍ତି। କୌଣସି ସରକାରୀ କର୍ମଚାରୀ ସଂଘ କିମ୍ବା ସଂଗଠନ ଅବସର ବୟସ ପରିବର୍ତ୍ତନ ପାଇଁ ଦାବି କରିଛନ୍ତି କି ବୋଲି ପଚରାଯିବାରୁ ମନ୍ତ୍ରୀ କହିଛନ୍ତି, "ଜାତୀୟ ପରିଷଦ (ସଂଯୁକ୍ତ ପରାମର୍ଶଦାତା ତନ୍ତ୍ର)ରୁ କର୍ମଚାରୀମାନଙ୍କଠାରୁ କୌଣସି ଆନୁଷ୍ଠାନିକ ପ୍ରସ୍ତାବ ମିଳିନାହିଁ।" କେନ୍ଦ୍ର ଏବଂ ବିଭିନ୍ନ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ଅବସର ବୟସର ବିବରଣୀ ଏବଂ ସେମାନଙ୍କ ଅବସର ବୟସରେ ଅସମାନତାର କାରଣ ସମ୍ପର୍କରେ ପ୍ରଶ୍ନର ଉତ୍ତରରେ ସିଂହ କହିଛନ୍ତି, "ଏହି ବିଷୟ ରାଜ୍ୟ ତାଲିକାରେ ପଡ଼ିଥିବାରୁ କେନ୍ଦ୍ର ସରକାର ଏପରି କୌଣସି ତଥ୍ୟ ରଖନ୍ତି ନାହିଁ।"

## ମାଷ୍ଟରମାଇଣ୍ଡ ଫହିମ ଶାମିମ ଖାନ୍ ଗିରଫ



**ନାଗପୁର,୧୯।୩:** ମହାରାଷ୍ଟ୍ର ନାଗପୁର ହିଂସା ମାମଲାର ମାଷ୍ଟରମାଇଣ୍ଡ ଫହିମ ଶାମିମ୍ ଖାନଙ୍କୁ ପୋଲିସ ଗିରଫ କରିଛି। ତାଙ୍କୁ ମାର୍ଚ୍ଚ ୨୧ ତାରିଖ ପର୍ଯ୍ୟନ୍ତ ପୋଲିସ ହେପାଜତରେ ରଖାଯାଇଛି । ଫହିମ ଖାନ ମାଇନରିଟି ଡେମୋକ୍ରେଟିକ ପାର୍ଟି(ଏମଡିପି)ର ଅଧକ୍ଷ ରହିଛନ୍ତି । ସେ ନାଗପୁର ଲୋକସଭା ନିର୍ବାଚନ ଏବଂ ବିଧାନସଭା ନିର୍ବାଚନରେ କେନ୍ଦ୍ର ମନ୍ତ୍ରୀ ନୀତିନ ଗଡକରୀଙ୍କ ବିପକ୍ଷରେ ନିର୍ବାଚନ ଲଢ଼ିଥିଲେ । ମାର୍ଚ୍ଚ ୧୭ ତାରିଖରେ ସହରରେ ଘଟିଥିବା ହିଂସାର ମୁଖ୍ୟ ଅଭିଯୁକ୍ତ ବୋଲି ଅଭିଯୋଗ ଆଣି ପୂର୍ବରୁ ଫହିମ୍ ଶାମିମ୍ ଖାନଙ୍କର ଏକ ଫଟୋ ଜାରି କରିଥିଲା । ଏଥିରେ ଅନେକ ଲୋକ ଆହତ ହେବା ପରେ ପୋଲିସ ଘଟଣାର ତଦନ୍ତ କରି ମାଷ୍ଟର୍‌ମାଇଣ୍ଡର ସନ୍ଧାନ ପାଇଥିଲା। ଗଣେଶପେଠ ପୋଲିସ ଷ୍ଟେସନରେ ରୁଜୁ ହୋଇଥିବା ଅଭିଯୋଗରେ ଫହିମ ଖାନଙ୍କ ନାମ ରହିଥିବାରୁ କିଛି ଘଣ୍ଟା ପରେ ତାଙ୍କୁ ଗିରଫ କରିଥିଲା । ହିଂସା ଆରମ୍ଭ ହେବାର କିଛି ମୁହୂର୍ତ୍ତ ପୂର୍ବରୁ ଏକ ଉତ୍ତେଜନାପୂର୍ଣ୍ଣ ଭାଷଣ ଦେଉଥିବାର ଖାନଙ୍କୁ ଦେଖିବାକୁ ମିଳିଥିଲା। ଫହିମ ଖାନ ୨୦୨୪ ଲୋକସଭା ନିର୍ବାଚନରେ ନାଗପୁର ନିର୍ବାଚନମଣ୍ଡଳୀରୁ ସଂଖ୍ୟାଲଘୁ ଡେମୋକ୍ରାଟିକ୍ ପାର୍ଟିର ପ୍ରତିନିଧିତ୍ୱ କରି ପ୍ରତିଦ୍ୱନ୍ଦ୍ୱିତା କରିଥିଲେ । କିନ୍ତୁ ୬.୫ ଲକ୍ଷରୁ ଅଧିକ ଭୋଟରେ ପରାସ୍ତ ହୋଇଥିଲେ। ସୂଚନାଯୋଗ୍ୟ, ଔରଙ୍ଗଜେବଙ୍କ କବର ହଟାଇବା ଦାବିରେ ମହାରାଷ୍ଟ୍ର ନାଗପୁରରେ ବିଶ୍ୱ ହିନ୍ଦୁ ପରିଷଦ ଏବଂ ବଜରଙ୍ଗ ଦଳ ବିରୋଧ ପ୍ରଦର୍ଶନ କରିଥିଲେ। ଏହି ସମୟରେ ଧାର୍ମିକ ଚିହ୍ନ ଚାଦର ଜଳାଯାଉଛି ବୋଲି ଗୁଜବ ପ୍ରଚାରିତ ହୋଇଥିଲା। ଯାହାକୁ ନେଇ ବିରୋଧ ପ୍ରଦର୍ଶନ କରାଯାଇଥିଲା । ଆଉ ଧିରେ ଧିରେ ଏହା ହିଂସାର ରୂପ ନେଇଥିଲା । ଘଟଣାରେ ପୋଲିସକର୍ମୀ ଏବଂ ସାଧାରଣ ଲୋକ ଆହତ ହୋଇଥିଲେ । ହିଂସା ମାମଲାରେ ପୋଲିସ ୩ଟି ଥାନାରେ ୬ ଏଫଆଇଆଇ ରୁଜୁ ହୋଇଛି । ୫୧ ଜଣ ଲୋକ ଅଟକ ରହିଛନ୍ତି । ପୋଲିସ ୧୨୫୦ ଲୋକଙ୍କ ବିରୋଧରେ ଏଫଆଇଆର ଦାୟର କରାଯାଇଛି ।

## ପେରୁରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କଲେ ରାଷ୍ଟ୍ରପତି

**ନୂଆଦିଲ୍ଲୀ,୧୯।୩(ଏଜେନ୍ସି):** ପେରୁରେ ସ୍ଥିତି ବେଶ୍ ଉତ୍ତେଜନାପୂର୍ଣ୍ଣ ରହିଛି। ରାଜଧାନୀ ଲିମାରେ ଉପୁଜିଥିବା ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଷ୍ଟ୍ରପତି ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଛନ୍ତି । ପରିସ୍ଥିତିକୁ ସ୍ଥିର ରଖିବା ପାଇଁ ଏପରି ଘୋଷଣା କରିଛନ୍ତି ରାଷ୍ଟ୍ରପତି। ଲୋକପ୍ରିୟ ଗାୟକଙ୍କ ହତ୍ୟା ପରେ ଏଠାରେ ଏଭଳି ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ଉପୁଜିଥିଲା । ତେଣୁ ଏହାକୁ ରୋକିବା ପାଇଁ ଜରୁରୀକାଳୀନ ସ୍ଥିତି ଘୋଷଣା କରାଯାଇଛି। ଘଟଣାକୁ ରୋକିବା ପାଇଁ ପୋଲିସର ସାହାଯ୍ୟ ପାଇଁ ସୈନିକମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

## ପରୀକ୍ଷଣ ପାଇଁ ଏସିଆର ଦୀର୍ଘତମ ହାଇପର ଲୁପ ଟେଷ୍ଟିଂ ଟ୍ୟୁବ୍ ପ୍ରସ୍ତୁତ

**ନୂଆଦିଲ୍ଲୀ ୧୯।୩:** ଭାରତୀୟ ରେଳବାଇ ଏବେ ବନ୍ଦେ ଭାରତ ଓ ନମୋ ଭାରତ ସେମି ହାଇସ୍ପିଡ୍ ଟ୍ରେନ ପରେ ସୁପର ହାଇସ୍ପିଡ୍ ଟ୍ରେନ ଆଡକୁ ବଢୁଛି। ଭାରତରେ ବି ହାପରଲୁପର ଟେଷ୍ଟିଂ ହେଉଛି। ଏହି ହାଇପରଲୁପ ମାଧମରେ ଦିଲ୍ଲୀରୁ ପାଟନା ପର୍ଯ୍ୟନ୍ତ ୧,୦୪୦ କିଲୋମିଟର ଦୂରତାକୁ ମାତ୍ର ୧ ଘଣ୍ଟାରେ ପୁରା କରାଯାଇ ପାରିବ। ସେହିପରି ହାଇପରଲୁପରେ ଦିଲ୍ଲୀରୁ ହରିଦ୍ୱାରକୁ ମାତ୍ର ୨୦ ମିନିଟ୍ ଲାଗିବ। କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ନିକଟରେ ଆଇଆଇଟି ମାଡ୍ରାସ୍‌ରେ ହାଇପରଲୁପ ଟେଷ୍ଟିଂ ଫାସେଲିଟି ପରିଦର୍ଶନରେ ଯାଇଥିଲେ। ଏହି ଗସ୍ତ କାଳରେ ସେ ହାଇପରଲୁପ ଟେଷ୍ଟିଂ ଟ୍ୟୁବ୍ ନିରୀକ୍ଷଣ କରିଛନ୍ତି। ହାଇପରଲୁପ ଟେଷ୍ଟିଂ କାଳରେ ଅଶ୍ୱିନୀ ବୈଷ୍ଣବ କହିଥିଲେ ଯେ ଆଇଆଇଟି ମାଡ୍ରାସରେ ଥିବା ୪୧୦ ମିଟର ଦୀର୍ଘ ହାଇପରଲୁପ ଟେଷ୍ଟ ଟ୍ୟୁବ୍ ଏସିଆର ସବୁଠୁ ଦୀର୍ଘ ହାଇପରଲୁପ ଟେଷ୍ଟିଂ ଫାସେଲିଟି ଓ ଏହା ଖୁବ୍ ଶୀଘ୍ର ବିଶ୍ୱର ସବୁଠୁ ଦୀର୍ଘ ହାଇପରଲୁପ ଟେଷ୍ଟ ଟ୍ୟୁବରେ ପରିଣତ ହେବ।

## ଟ୍ରମ୍ପଙ୍କୁ ଅପମାନିତ କଲେ ପୁଟିନ୍

**ମସ୍କୋ,୧୯।୩:** ମଙ୍ଗଳବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଫୋନ ମାଧମରେ ଆଲୋଚନା କରି ରୁଷିଆ-ୟୁକ୍ରେନ ଯୁଦ୍ଧ ଶେଷ କରିବା ଦିଗରେ ଏକ ପଦକ୍ଷେପ ନେଇଛନ୍ତି। ଶକ୍ତି ଏବଂ ଭିତ୍ତିଭୂମିକୁ ଟାର୍ଗେଟ କରି ଆକ୍ରମଣ ବିରୁଦ୍ଧରେ ଯୁଦ୍ଧବିରତି ପାଇଁ ଦୁଇ ନେତା ସହମତ ହୋଇଥିଲେ। ଟ୍ରମ୍ପ ଏହି ଆଲୋଚନାକୁ ସକାରାତ୍ମକ ବୋଲି ବର୍ଣ୍ଣନା କରିଛନ୍ତି। ତଥାପି, ଗଣମାଧମ ରିପୋର୍ଟ ଅନୁସାରେ, ପୁଟିନ ଟ୍ରମ୍ପଙ୍କୁ ଫୋନ ବାର୍ତ୍ତାଳାପ ପାଇଁ ପ୍ରାୟ ଏକ ଘଣ୍ଟା ଅପେକ୍ଷା କରିବାକୁ ବାଧ କରିଥିଲେ, ଯାହାକୁ ଆମେରିକୀୟ ରାଷ୍ଟ୍ରପତିଙ୍କ ପ୍ରତି ଅପମାନ ଭାବରେ ଦେଖାଯାଉଛି। ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଫୋନ କଲ ପାଇଁ ପ୍ରାୟ ଗୋଟିଏ ଘଣ୍ଟା ଅପେକ୍ଷା କରିବାକୁ ବାଧ କରିଥିଲେ ଏବଂ ତା'ପରେ ୟୁକ୍ରେନର ଶକ୍ତି ଭିତ୍ତିଭୂମି ଉପରେ ଆକ୍ରମଣ ସୀମିତ କରିବାକୁ ରାଜି ହୋଇଥିଲେ। ରିପୋର୍ଟ ଅନୁସାରେ, ଯେତେବେଳେ ଟ୍ରମ୍ପ ପୁଟିନଙ୍କ ସହ କଥାବାର୍ତ୍ତା କରିବାକୁ ଚାହୁଁଥିଲେ, ସେତେବେଳେ ରୁଷିଆ ରାଷ୍ଟ୍ରପତି ମସ୍କୋରେ ଶିଳ୍ପପତି ଏବଂ ବ୍ୟବସାୟୀଙ୍କ ଏକ ବାର୍ଷିକ କାର୍ଯ୍ୟକ୍ରମରେ ବ୍ୟସ୍ତ ଥିଲେ। ଟ୍ରମ୍ପଙ୍କ ଫୋନ କଲ ରୁଷିଆ ସମୟ ଅନୁସାରେ ଅପରାହ୍ନ ୪ଟାରୁ ସା ୬ଟା ମଧରେ ସ୍ଥିର କରାଯାଇଥିଲା। କାର୍ଯ୍ୟକ୍ରମ ସମୟରେ, ଆୟୋଜକ ଅପରାହ୍ନ ପ୍ରାୟ ୪ଟାରେ ପୁଟିନଙ୍କୁ ଫୋନ ବିଷୟରେ ମନେ ପକାଇ ଦେଇଥିଲେ, କିନ୍ତୁ ପୁଟିନ ହସି ହସି ଏହାକୁ ଅଣଦେଖା କରିଥିଲେ, ଯାହାର ଭିଡିଓ ମଧ ଭାଇରାଲ ହେଉଛି। ପୁଟିନ ସା ପ୍ରାୟ ୫ଟାରେ କ୍ରେମଲିନ ପହଞ୍ଚିଥିଲେ, ତା'ପରେ ଦୁଇ ନେତାଙ୍କ ମଧରେ ଫୋନ ମାଧମରେ କଥାବାର୍ତ୍ତା ହୋଇଥିଲା।

## ନଡ୍ଡା ଓ ଚନ୍ଦ୍ରବାବୁ ନାଇଡୁଙ୍କୁ ଭେଟିଲେ ଗେଟ୍ସ




**ନୂଆଦିଲ୍ଲୀ,୧୯।୩:** ମାଇକ୍ରୋସଫ୍ଟର ସହ-ପ୍ରତିଷ୍ଠାତା ଏବଂ ସମାଜସେବୀ ବିଲ୍ ଗେଟ୍ସ ବୁଧବାର କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା ଏବଂ ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ ଚନ୍ଦ୍ରବାବୁ ନାଇଡୁଙ୍କୁ ସାକ୍ଷାତ କରିଛନ୍ତି। ଏହି ସମୟରେ ସ୍ୱାସ୍ଥ୍ୟସେବା, ପ୍ରଯୁକ୍ତି ଏବଂ ବିକାଶରେ ସହଯୋଗ ନେଇ ଆଲୋଚନା ହୋଇଥିବା ଜଣାପଡ଼ିଛି । ନଡ୍ଡାଙ୍କ ସହିତ ସାକ୍ଷାତ ସମୟରେ ଭାରତ ସରକାର ଏବଂ ବିଲ୍ ଆଣ୍ଡ୍ ମେଲିଣ୍ଡା ଗେଟ୍ସ ଫାଉଣ୍ଡେସନ ମଧରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଚାଲିଥିବା ସହଭାଗୀତା ବିଷୟରେ ଆଲୋଚନା କରିଛନ୍ତି ବିଲ୍ ଗେଟ୍ସ। ଜେପି ନଡ୍ଡା ଭାରତରେ ମାତୃ ସ୍ୱାସ୍ଥ୍ୟ, ଟୀକାକରଣ ଏବଂ ପରିମଳ ବ୍ୟବସ୍ଥାରେ ଉନ୍ନତି ଆଣିବା ପାଇଁ ଫାଉଣ୍ଡେସନର ପ୍ରୟାସକୁ ପ୍ରଶଂସା କରିଛନ୍ତି । ସମସ୍ତ ନାଗରିକଙ୍କ ପାଇଁ ସୁଲଭ, ଗୁଣାତ୍ମକ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବା ପାଇଁ ଆମେ ଆମର ସହଯୋଗ ବୁଝାମଣାପତ୍ରକୁ ନବୀକରଣ କରିବାକୁ ଅପେକ୍ଷା କରିଛୁ ବୋଲି ଏକ୍ସରେ ଲେଖିଛନ୍ତି ଜେପି ନଡ୍ଡା । ସ୍ୱାସ୍ଥ୍ୟସେବା, ଶିକ୍ଷା, କୃଷି ଏବଂ ନିଯୁକ୍ତି ସୃଷ୍ଟି କ୍ଷେତ୍ରରେ ଉନ୍ନତ ସେବା ପ୍ରଦାନ ପାଇଁ କୃତ୍ରିମ ବୁଦ୍ଧିମତ୍ତା (AI) ଏବଂ ଭବିଷ୍ୟ ବିଶ୍ଳେଷଣକୁ କିପରି ବ୍ୟବହାର କରାଯିବ ସେ ବିଷୟରେ ମଧ ଗେଟ୍ସ ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁଙ୍କ ସହ ଆଲୋଚନା କରିଛନ୍ତି । ଚନ୍ଦ୍ରବାବୁ ନାଇଡୁ କହିଛନ୍ତି ଯେ, ଗେଟ୍ସ ଫାଉଣ୍ଡେସନ ସହିତ ସହଯୋଗ ରାଜ୍ୟର ଦୀର୍ଘକାଳୀନ ବିକାଶ, ଆନ୍ଧ୍ର ପ୍ରଦେଶ ୨୦୪୭ ଲାଗି ଏକ ବଡ଼ ଭୂମିକା ଗ୍ରହଣ କରିବ। ଏହା ପୂର୍ବରୁ ବିଲ୍ ଗେଟ୍ସ କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କ ସହ ଏକ ବୈଠକ କରିଥିଲେ । ଖାଦ୍ୟ ସୁରକ୍ଷା, ଗ୍ରାମୀଣ ବିକାଶ ଏବଂ କୃଷିରେ କୃତ୍ରିମ ଶକ୍ତି ଏବଂ ମେସିନ୍ ଲର୍ଣ୍ଣିଂର ବ୍ୟବହାର ବିଷୟରେ ସେ ଆଲୋଚନା କରିଥିଲେ। ଗେଟ୍ସ ଫାଉଣ୍ଡେସନ୍ କୃଷି ଏବଂ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ସହିତ କାର୍ଯ୍ୟ କରୁଛି, ଏବଂ ଆମେ ସହଯୋଗର ନୂଆ ମାଧମ ଖୋଜୁଛୁ ବୋଲି ଶିବରାଜ ସିଂହ ଚୌହାନ କହିଥିଲେ । ଭାରତ ଗସ୍ତରେ ଥିବା ବିଲ୍ ଗେଟ୍ସ ସଂସଦ ପରିଦର୍ଶନ କରିଥିଲେ । କେନ୍ଦ୍ରମନ୍ତ୍ରୀମାନଙ୍କ ସହ ଗେଟ୍ସ ଭାରତର ସ୍ୱାସ୍ଥ୍ୟ, କୃଷି ଏବଂ ପ୍ରଯୁକ୍ତି କ୍ଷେତ୍ରରେ ବିକାଶ ଲାଗି ଆଲୋଚନା କରିଛନ୍ତି ।

# କେବେ ଭାରତ ଆସିବେ ସୁନିତା



**ୱାଶିଂଟନ,୧୯।୩:** ଭାରତୀୟ ବଂଶୋଦ୍ଭବ ନାସା ମହାକାଶଚାରୀ ସୁନିତା ୱିଲିୟମ୍ସ ବୁଧବାର ସକାଳେ (ମାର୍ଚ୍ଚ ୧୯) ପୃଥିବୀକୁ ଫେରି ଆସିଛନ୍ତି। ୯ ମାସ ୧୪ ଦିନ ବିତାଇବା ପରେ, ସୁନିତା ୱିଲିୟମ୍ସ ଏବଂ ବୁଚ ୱିଲମୋର ପୃଥିବୀକୁ ଫେରି ଆସିଲେ। ସୁନିତା ୱିଲିୟମ୍ସଙ୍କ ସଫଳ ପ୍ରତ୍ୟାବର୍ତ୍ତନ ପାଇଁ ଭାରତର ଅନେକ ସ୍ଥାନରେ ପ୍ରାର୍ଥନା କରାଯାଇଥିଲା। ସ୍ପେସଏକ୍ସ କ୍ରୁ ଡ୍ରାଗନ କ୍ୟାପସୁଲର ସୁରକ୍ଷିତ ଅବତରଣ ପରେ ସୁନିତା ୱିଲିୟମ୍ସଙ୍କ ପୈତୃକ ଗ୍ରାମରେ ଆନନ୍ଦର ଲହରୀ ଖେଳିଯାଇଥିଲା। ସ୍ପେସଏକ୍ସ କ୍ରୁ ଡ୍ରାଗନ କ୍ୟାପସୁଲର ସୁରକ୍ଷିତ ଅବତରଣ ପରେ ସୁନିତା ୱିଲିୟମ୍ସଙ୍କ ଗୁଜରାଟରେ ଥିବା ତାଙ୍କ ପୈତୃକ ଗ୍ରାମରେ ଆନନ୍ଦର ଲହରୀ ଖେଳିଯାଇଥିଲା।

ସୁନିତାଙ୍କ ସଫଳ ଅବତରଣ ପରେ, ତାଙ୍କ ସମ୍ପର୍କୀୟ ଭଉଣୀ ଫାଲଗୁନି ପାଣ୍ଡ୍ୟା ମନ୍ଦିରକୁ ଯାଇ ପ୍ରାର୍ଥନା କରିଥିଲେ। ସେ କହିଥିଲେ ଯେ ଏହା ଏକ 'ଅବିସ୍ମରଣୀୟ ମୁହୂର୍ତ୍ତ' ଥିଲା। ଫାଲଗୁନି ପାଣ୍ଡ୍ୟା କହିଛନ୍ତି, 'ମୁଁ ଭଗବାନଙ୍କ ନିକଟରେ ବହୁତ କୃତଜ୍ଞ ଏବଂ ସୁନିତା ଘରକୁ ଫେରିଥିବାରୁ ବହୁତ ଖୁସି। ଏହା ଏକ ଲମ୍ବା ସମୟର ଅପେକ୍ଷା ଥିଲା। କୌଣସି ଆତଙ୍କ ନଥିଲା। ମୁଁ ପ୍ରାର୍ଥନା କରିଥିଲି ଏବଂ ପ୍ରତିଜ୍ଞା କରିଥିଲି ଯେ ସବୁକିଛି ଠିକ ହୋଇଗଲେ ଏବଂ ମୁଁ ଏଠାରେ ପହଞ୍ଚିଗଲେ ମୁଁ ମନ୍ଦିରକୁ ଆସିବି। ଏହି ସମୟରେ, ସୁନିତା ୱିଲିୟମ୍ସଙ୍କ ସମ୍ପର୍କୀୟ ଭାଇ ଦିନେଶଭାଇ ରାୱଲ କହିଛନ୍ତି, 'ଆଜି ଆମେ ବହୁତ ଖୁସି। ଆମେ ସାରା ରାତି ସୁରକ୍ଷିତ ଅବତରଣ ପାଇଁ ପ୍ରାର୍ଥନା କରିଥିଲୁ। ସେହି ଆଠ ଦିନ ପରେ ଅବଶିଷ୍ଟ ଦିନଗୁଡ଼ିକ ଆମ ପାଇଁ ସହଜ ନଥିଲା। ଆମେ ପରିବାର ସଦସ୍ୟମାନେ ଚିନ୍ତିତ ଥିଲୁ। ତଥାପି, କ୍ୟାପସୁଲ ଅବତରଣ କରିବା ପରେ ଆମେ ଆଶ୍ୱସ୍ତ ଅନୁଭବ କଲୁ।' ସୂଚନାଯୋଗ୍ୟ, ଏକ ଘରୋଇ ନ୍ୟୁଜ ଚ୍ୟାନେଲ ସହିତ କଥାବାର୍ତ୍ତା ସମୟରେ ଫାଲଗୁନି ପାଣ୍ଡ୍ୟା କହିଥିଲେ ଯେ ଏବେ ଆମେ ଏକାଠି ଛୁଟି କାଟିବାକୁ ଏବଂ ପରିବାର ସହିତ ସମୟ ବିତାଇବାକୁ ଯୋଜନା କରୁଛୁ। ସେ ନିଶ୍ଚିତ କରିଛନ୍ତି ଯେ ସୁନିତା ୱିଲିୟମ୍ସ ଖୁବ ଶୀଘ୍ର ଭାରତ ଗସ୍ତରେ ଆସିପାରନ୍ତି। ସୂଚନାଯୋଗ୍ୟ, ସୁନିତା ୱିଲିୟମ୍ସ ପୃଥିବୀକୁ ଫେରିବା ପରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୁନିତା ୱିଲିୟମ୍ସଙ୍କୁ ଏକ ଚିଠି ଲେଖିଥିଲେ। ସେ କହିଥିଲେ ଯେ ତୁମେ ହଜାର ହଜାର ମାଇଲ ଦୂରରେ ଥାଇପାର, କିନ୍ତୁ ତୁମେ ଆମ ହୃଦୟର ନିକଟତର। ପ୍ରଧାନମନ୍ତ୍ରୀ ମୋଦି ଚିଠିରେ ଲେଖିଛନ୍ତି, ମୁଁ ଭାରତର ଜନସାଧାରଣଙ୍କ ତରଫରୁ ଆପଣଙ୍କୁ ଶୁଭକାମନା ଜଣାଉଛି। ଆଜି ଏକ କାର୍ଯ୍ୟକ୍ରମରେ ମୁଁ ପ୍ରସିଦ୍ଧ ମହାକାଶଚାରୀ ମାଇକ ମାସିମିନୋଙ୍କୁ ଭେଟିଥିଲି। ଆମ କଥାବାର୍ତ୍ତା ସମୟରେ, ଆପଣଙ୍କ ନାମ ଆସିଲା ଏବଂ ଆମେ ଆପଣଙ୍କର ଏବଂ ଆପଣଙ୍କ କାମ ପାଇଁ କେତେ ଗର୍ବିତ ତାହା ଆଲୋଚନା କଲୁ। ଏହି କଥାବାର୍ତ୍ତା ପରେ, ମୁଁ ଆପଣଙ୍କୁ ପତ୍ର ଲେଖିବାରୁ ନିଜକୁ ରୋକିପାରିଲି ନାହିଁ। ମୋର ଆମେରିକା ଗସ୍ତ ସମୟରେ ଯେତେବେଳେ ମୁଁ ରାଷ୍ଟ୍ରପତି ଟ୍ରମ୍ପ କିମ୍ବା ପୂର୍ବତନ ରାଷ୍ଟ୍ରପତି ବାଇଡେନଙ୍କୁ ଭେଟିଥିଲି, ମୁଁ ଆପଣଙ୍କ ବିଷୟରେ ପଚାରିଥିଲି। ଆପଣଙ୍କ ସଫଳତା ପାଇଁ ୧୪୦ କୋଟି ଭାରତୀୟ ସବୁବେଳେ ଗର୍ବିତ। ସାମ୍ପ୍ରତିକ ଘଟଣାକ୍ରମ ପୁଣି ଥରେ ଆପଣଙ୍କର ପ୍ରେରଣାଦାୟକ ଧୈର୍ଯ୍ୟ ଏବଂ ଦୃଢ଼ତାକୁ ପ୍ରଦର୍ଶନ କରିଛି। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ୨୦୧୬ ମସିହାରେ ମୋର ଆମେରିକା ଗସ୍ତ ସମୟରେ ଆପଣଙ୍କୁ ଭେଟିଥିବା କଥା ମୋର ମନେ ଅଛି। ପ୍ରଧାନମନ୍ତ୍ରୀ ଏହା ମଧ କହିଥିଲେ ଯେ ଆପଣ ଫେରିବା ପରେ ମୁଁ ଆପଣଙ୍କୁ ଭାରତରେ ଦେଖିବାକୁ ଅପେକ୍ଷା କରିଛି। ଭାରତର ଜଣେ ଶ୍ରେଷ୍ଠ ଝିଅଙ୍କୁ ଆତିଥ୍ୟ ଦେବା ଏକ ଖୁସିର କଥା ହେବ।

### ଖୁସିରେ ନାଚିଲେ ଡଲଫିନ୍; କ୍ୟାପସୁଲ୍ ଚାରିପଟେ ବୁଲିଲେ ଡ୍ରାଗନ୍

ଦୀର୍ଘ ୯ ମାସ ମହାକାଶରେ ରହିବା ପରେ ସଫଳତାର ସହ ପୃଥିବୀ ପୃଷ୍ଠକୁ ଫେରିଲେ ସୁନୀତା ୱିଲିୟମ୍ସ । ସୁନୀତାଙ୍କ ସମେତ ସାଥୀ ବୁଚ୍ ୱିଲମୋର ଏବଂ ଅନ୍ୟ ୨ ମହାକାଶଚାରୀ ସଫଳତାର ସହ ପୃଥିବୀ ପୃଷ୍ଠରେ ଅବତରଣ କରିଛନ୍ତି। ଆମେରିକାର ଫ୍ଲୋରିଡ଼ା ତଟରେ ଭାରତୀୟ ସମୟ ଭୋର୍ ୩ଟା ୨୭ ମିନିଟରେ ଲାଣ୍ଡିଂ କରିଥିଲା ଡ୍ରାଗନ୍ କ୍ୟାପସୁଲ୍ । ଏହି ସମୟରେ ଦେଖିବାକୁ ମିଳିଥିଲା ଅଦ୍ଭୁତ ଦୃଶ୍ୟ । ଯେମିତି ସୁନୀତାଙ୍କୁ ସ୍ୱାଗତ କରିବା ପାଇଁ ପୂର୍ବରୁ ଡଲଫିନ୍ ଚାହିଁ ରହିଥିଲେ । ଡ୍ରାଗନ୍ କ୍ୟାପସୁଲ୍



ପଡିବା ପରେ ଏମାନେ ଖୁସିରେ ଡେଇଁଥିଲେ। ଯାହାର ଭିଡିଓ ନାସା ନିଜ ସୋସିଆଲ ମିଡିଆରେ ସେୟାର କରିଛି । ଭିଡିଓରେ ଦେଖିବାକୁ ମିଳିଛି, ଡ୍ରାଗନ କ୍ୟାପସୁଲକୁ ଦେଖି ଡଲଫିନ ଘେରି ରହିଥିଲେ । ଯେପରି ସେମାନେ ଖୁସିରେ ଡ୍ରାଗନ୍ କ୍ୟାପସୁଲ ଚାରିପଟେ ନାଚୁଛନ୍ତି। ସୁନୀତା ୱିଲିୟମ୍ସ, ବୁଚ୍ ୱିଲମୋର, ଆଲେକ୍ସଜାଣ୍ଡାର୍ ଗୋର୍ବୁନୋଭ ଏବଂ ନିକ ହେଗ କ୍ୟାପସୁଲ ଭିତରେ ବସି ଅନେକ ଡଲଫିନ୍ ସେମାନଙ୍କ ଚାରିପାଖରେ ବୁଲୁଥିବାର ଦେଖିଥିଲେ । କିନ୍ତୁ ଡଲଫିନନ୍‌ମାନେ ବାରମ୍ବାର କ୍ୟାପସୁଲ ନିକଟକୁ ଆସୁଥିଲେ, ଯେପରି ଲାଗୁଥିଲା ସେମାନେ ସୁନୀତା ୱିଲିୟମ୍ସଙ୍କ ସମେତ ସମସ୍ତ ମହାକାଶଚାରୀଙ୍କୁ ସ୍ୱାଗତ କରିବାକୁ ଆସିଛନ୍ତି ।

### ସାମାନ୍ୟ ହେବାକୁ କେତେ ସମୟ ଲାଗିବ

ସୁନିତା ୱିଲିୟମ୍ସ ୯ମାସ ପରେ ପୃଥିବୀକୁ ଫେରିଛନ୍ତି। ଫ୍ଲୋରିଡା ଉପକୂଳରେ ଅବତରଣ କରିବା ପରେ ସୁରକ୍ଷା ଯାଞ୍ଚ ଶେଷ ହୋଇଛି। ଡ୍ରାଗନଟିକୁ ସମୁଦ୍ରରୁ ଉଠାଇ ଏକ ପୁନରୁଦ୍ଧାର ଜାହାଜରେ ଲୋଡ କରାଯାଇଥିଲା। ମହାକାଶରେ ୯ମାସ ବିତାଇବା ପରେ, ଶରୀରର ହାଡ଼ ଏବଂ ମାଂସପେଶୀ ଦୁର୍ବଳ ହୋଇଯାଏ। ଗୁରୁତ୍ୱାକର୍ଷଣର ଅନୁପସ୍ଥିତିରେ, ପ୍ରତି ମାସରେ ହାଡ଼ର ଘନତ୍ୱ ପ୍ରାୟ ୧ ପ୍ରତିଶତ ହ୍ରାସ ପାଏ, ଯାହା ହାଡ଼ ଭଙ୍ଗା ହେବାର ଆଶଙ୍କା ବୃଦ୍ଧି ପାଏ। ସେହିପରି, ମାଂସପେଶୀଗୁଡ଼ିକ ଦୁର୍ବଳ ହୋଇଯାଏ, ବିଶେଷକରି ଗୋଡ଼ ଏବଂ ପିଠିର, କାରଣ ଏଠାରେ ଶରୀରର ଓଜନ ଅନୁଭୂତ ହୁଏ ନାହିଁ। ତଥାପି, ଏହି ପ୍ରଭାବକୁ ହ୍ରାସ କରିବା ପାଇଁ, ମହାକାଶଚାରୀମାନେ ପ୍ରତିଦିନ ପ୍ରାୟ ଅଢ଼େଇ ଘଣ୍ଟା କଠୋର ବ୍ୟାୟାମ କରନ୍ତି, ଯେଉଁଥିରେ ଓଜନ ଉଠାଇବା ବ୍ୟାୟାମ, ସ୍କ୍ୱାଟ୍ସ, ଓଜନ ଉଠାଇବା ଏବଂ ଟ୍ରେଡମିଲରେ ଦୌଡ଼ିବା ଭଳି କାର୍ଯ୍ୟକଳାପ ଅନ୍ତର୍ଭୁକ୍ତ। ଏହା ସତ୍ତ୍ୱେ, ଫେରିବା ପରେ, ସେମାନଙ୍କୁ ପୁଣି ସ୍ୱାଭାବିକ ଭାବରେ ଚାଲିବା ଏବଂ ଦୌଡ଼ିବା ପାଇଁ କିଛି ସମୟ ଲାଗିପାରେ। ମହାକାଶକୁ ଯାଉଥିବା ସମସ୍ତ ଯାତ୍ରୀଙ୍କ ମୁହଁ ଟିକେ ଫୁଲିଥିବା ଦେଖାଯାଉଛି।

## ଆଜିଠୁ ଖେଲୋ ଇଣ୍ଡିଆ ପାରା କ୍ରୀଡ଼ା






# ଆନ୍ଥେମ, ମାସ୍କଟ, ଲୋଗୋ ଉନ୍ମୋଚିତ

**ନୂଆଦିଲ୍ଲୀ, ୧୯।୩:** ଅସନ୍ତା କାଲିଠାରୁ ୨୦ରୁ ୨୭ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ଆୟୋଜିତ ହେବାକୁଥିବା ଖେଲୋ ଇଣ୍ଡିଆ ପାରା କ୍ରୀଡ଼ା ଲାଗି ଆନ୍ଥେମ, ମାସ୍କଟ ଓ ଲୋଗୋ ଉନ୍ମୋଚିତ ହୋଇଛି। ସ୍ଥାନୀୟ ଜବାହରଲାଲ୍ ନେହରୁ ଷ୍ଟାଡିୟମ୍ କମ୍ପ୍ଲେକ୍ସଠାରେ ଆୟୋଜିତ ଏହି ଉତ୍ସବରେ ଅତିଥି ଭାବେ କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡଭୀୟ ଯୋଗ ଦେଇ ଏହାକୁ ଉନ୍ମୋଚନ କରିଥିଲେ। ଏହି ଉତ୍ସବରେ କେନ୍ଦ୍ର ରାଜ୍ୟ କ୍ରୀଡ଼ାମନ୍ତ୍ରୀ ରକ୍ଷା ନିଖିଲ ଖଡ୍‌ସେ, ଭାରତୀୟ ପାରାଲିମ୍ପିକ୍ କମିଟି ସଭାପତି ଦେବେନ୍ଦ୍ର ଝଝରିଆ, ଏସ୍‌ଭାୟାମ ପ୍ରତିଷ୍ଠାତା ଅଧକ୍ଷ ସ୍ମିନୁ ଜିନ୍ଦଲ ପ୍ରମୁଖ ଉପସ୍ଥିତ ଥିଲେ। ମାସ୍କଟର ନାଁ ଉଜ୍ଜ୍ୱଲା ରହିଛି। ସେହିଭଳି 'ଖେଲେଗା ଖେଲେଗା ମେରା ଇଣ୍ଡିଆ, ଜିତେଗା ଜିତେଗା ମେରା ଇଣ୍ଡିଆ' ଆନ୍ଥେମ ରହିଛି। ସୂଚନାଯୋଗ୍ୟ ଯେ ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୨୪ ଜଣ ଭାଗନେବେ।

## ଚହଲ-ଧନଶ୍ରୀ ଛାଡ଼ପତ୍ର ମାମଲା

# ଆଜି ଆସିବ ରାୟ

**ନୂଆଦିଲ୍ଲୀ, ୧୯।୩:** କ୍ରିକେଟର ଯୁଜବେନ୍ଦ୍ର ଚହଲ ଓ ଧନଶ୍ରୀ ବର୍ମାଙ୍କ ଛାଡ଼ପତ୍ର ମାମଲାର ବମ୍ବେ ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତାକାଲି (ମାର୍ଚ୍ଚ ୨୦)ରେ ମାମଲାର ଫୈସଲା କରିବା ପାଇଁ ବମ୍ବେ ହାଇକୋର୍ଟ ବୁଧବାର ମୁମ୍ବାଇ ଫ୍ୟାମିଲି କୋର୍ଟଙ୍କୁ ଆଦେଶ ଦେଇଛନ୍ତି। ଧନଶ୍ରୀଙ୍କ ଦ୍ୱାରା ହାଇକୋର୍ଟରେ ଯାଚିକା ଦାଖଲ କରାଯାଇଥିଲା, ଏଥିରେ



ସେ ଛଅ ମାସର କୁଲିଂ ଅଫ୍ ପିରିୟଡ୍ ଛାଡ଼ ପାଇଁ ଦାବି କରିଥିଲେ। ଏହାସହ ଛାଡ଼ପତ୍ର ଯୋଗୁଁ ପତ୍ନୀ ଧନଶ୍ରୀ ବର୍ମାଙ୍କୁ ଗୁଜୁରାଣ ଭତ୍ତା (ଏଲିମନି) ବାବାଦକୁ ୪.୭୫ କୋଟି ଟଙ୍କା ଦେବେ ବୋଲି ଜଣାପଡ଼ିଛି। ଏଥିରୁ ୨.୩୭ କୋଟି ଟଙ୍କା ଧନଶ୍ରୀଙ୍କୁ ଦେଇସାରିଛନ୍ତି ଚହଲ। ବଳକା ଅର୍ଥରାଶିକୁ ଛାଡ଼ପତ୍ର ପରେ ଦେବାକୁ ପଡ଼ିବ। ଉଲ୍ଲେଖଯୋଗ୍ୟ ଯେ ଗୁଜବ ପ୍ରଚାର ହୋଇଥିଲା ଯେ ଚହଲ ଗୁଜୁରାଣ ଭତ୍ତା ବାବଦକୁ ଧନଶ୍ରୀଙ୍କୁ ୬୦ କୋଟି ଟଙ୍କା ଦେଇଛନ୍ତି। କିନ୍ତୁ ଏବେ ସେହି ଦାବି ମିଛ ବୋଲି ସ୍ପଷ୍ଟ ହୋଇଛି। ଧନଶ୍ରୀଙ୍କ ପରିବାର ବି ଏହାକୁ ଖଣ୍ଡନ କରିଥିଲେ। ଧନଶ୍ରୀ ଓ ଚହଲ ଦୀର୍ଘ ଦିନରୁ ପରସ୍ପରଠାରୁ ଅଲଗା ରହୁଛନ୍ତି ଓ ଫ୍ୟାମିଲି କୋର୍ଟରେ ଛାଡ଼ପତ୍ର ମାମଲା ଚାଲିଛି। ବାର୍ ଆଣ୍ଡ ବେଞ୍ଚ୍ ରିପୋର୍ଟ ଅନୁସାରେ, ହାଇକୋର୍ଟ ଜଜ୍ ଜଷ୍ଟିସ୍ ମାଧବ ଜାମଦାର ଆଦେଶ ଦେଇଛନ୍ତି ଯେ ଆଇପିଏଲରେ ଚହଲଙ୍କ ଖେଳିବାକୁ ଧ୍ୟାନରେ ରଖି ଫ୍ୟାମିଲି କୋର୍ଟ ଆସନ୍ତାକାଲି ସୁଦ୍ଧା ଯାଚିକା ଉପରେ ରାୟ ଦେବେ। ହିନ୍ଦୁ ବିବାହ ଅଧିନିୟମର ଧାରା ୧୩(ବି) ଅନୁସାରେ ଛାଡ଼ପତ୍ର ପାଇଁ ଛଅ ମାସର କୁଲିଂ ଅଫ୍ ପିରିୟଡ୍ ଦିଆଯାଇଥାଏ। ଏହି ଅବଧିକୁ ଛାଡ଼ କରିବା ପାଇଁ ଧନଶ୍ରୀ ହାଇକୋର୍ଟରେ ଆବେଦନ କରିଥିଲେ। ଯାହା ପରେ ଛାଡ଼ପତ୍ର ଉପରେ ଶୀଘ୍ର ରାୟ ଆସିପାରିବ। ଧନଶ୍ରୀ ଓ ଚହଲ ପ୍ରାୟ ଅଢେଇ ବର୍ଷ ଧରି ଅଲଗା ରହୁଛନ୍ତି ଓ ଏହାକୁ ଦୃଷ୍ଟିରେ ରଖି ହାଇକୋର୍ଟ ଏହି ଆଦେଶ ଦେଇଛନ୍ତି। ୨୦୧୭ରେ ଏକ ମାମଲାର ଶୁଣାଣି ବେଳେ ସୁପ୍ରିମକୋର୍ଟ କହିଥିଲେ ଯେ ଯଦି ସ୍ୱାମୀ-ସ୍ତ୍ରୀ ମଧ୍ୟରେ ବିବାଦର ସମାଧାନ ହେବାର କୌଣସି ଆଶା ନାହିଁ, ତେବେ ଛଅ ମାସର ଅବଧିକୁ ଛାଡ଼ କରାଯାଇପାରିବ। ଚହଲ ଟିମ୍ ଇଣ୍ଡିଆର ଷ୍ଟାର୍ କ୍ରିକେଟର ଓ ଲେଗ୍ ସ୍ପିନର। ଅନ୍ୟପଟେ ଧନଶ୍ରୀ ସୋସିଆଲ୍ ମିଡିଆରେ ଜଣାଶୁଣା ଇନଫ୍ଲୁଏନସର। ଦୁହେଁ ୨୦୨୦ ଡିସେମ୍ବରରେ ବିବାହ କରିଥିଲେ। କିନ୍ତୁ ୨୦୨୨ ଜୁନ୍‌ରୁ ଅଲଗା ରହୁଛନ୍ତି। ଏହାପରେ ଏହି ମାମଲା ମୁମ୍ବାଇର ଫ୍ୟାମିଲି କୋର୍ଟରେ ଚାଲିଛି।

## କଳାହାଣ୍ଡି କପ୍

# ସୂର୍ଯ୍ୟ, ସୁକେଶଙ୍କ ଶତକ ; ରାମଚନ୍ଦ୍ରଙ୍କୁ ୫ ୱିକେଟ୍

**କଟକ, ୧୯।୩:** ଓଡ଼ିଶା କ୍ରିକେଟ୍ ସଂଘ (ଓସିଏ) ପକ୍ଷରୁ କଳାହାଣ୍ଡି କପ୍ କ୍ରିକେଟ୍ ପ୍ରତିଯୋଗିତା ମଙ୍ଗଳବାରଠୁ ଓଡ଼ିଶାର ବିଭିନ୍ନ ପଡ଼ିଆରେ ଆରମ୍ଭ ହୋଇଛି। ପ୍ରଥମ ଦିନରେ ୯ଟି ମ୍ୟାଚ୍ ଖେଳାଯାଇଥିବା ବେଳେ ଏଥିରେ ପୂର୍ବତଟ ରେଳବାଇ, ନବରଙ୍ଗପୁର, ଯାଜପୁର, କଟକ-ଏ, ବୌଦ୍ଧ, ଖୋର୍ଦ୍ଧା, ଭୁବନେଶ୍ୱର-ବି, ପାରଦୀପ ଓ ସୁନ୍ଦରଗଡ଼ ବିଜୟୀ ହୋଇଛନ୍ତି।



ରେଳବାଇର ସୂର୍ଯ୍ୟକାନ୍ତ ପ୍ରଧାନ ଓ ନବରଙ୍ଗପୁରର ସୁକେଶ ହୀରାଙ୍କ ଶତକ ହାସଲ କରିଥିଲା ବେଳେ କଟକ-ଏ'ର ରାମଚନ୍ଦ୍ର ବେହେରା ୫ ୱିକେଟ୍ ସଫଳତା ପାଇଛନ୍ତି। ରେଭେନ୍‌ସା ପଡ଼ିଆ ନଂ-୧ରେ ଖେଳାଯାଇଥିବା ମ୍ୟାଚ୍‌ରେ ପୂର୍ବତଟ ରେଳବାଇ ୧୨୧ ରନ୍‌ରେ କୋରାପୁଟକୁ ପରାସ୍ତ କରିଛି। ପୂର୍ବତଟ ରେଳବାଇ ୯ ୱିକେଟ୍ ହରାଇ ୨୮୦ ରନ୍ କରିଥିଲା। ସୂର୍ଯ୍ୟକାନ୍ତ ପ୍ରଧାନ (୬୭ ବଲ୍‌ରୁ ୧୦୩ ରନ୍) ଶତକ ଅର୍ଜନ କରିଥିଲେ। ଜବାବରେ କୋରାପୁଟ ୩୮.୩ ଓଭରରେ ସମସ୍ତ ୱିକେଟ୍ ହରାଇ ୧୫୯ ରନ୍ କରିପାରିଥିଲା। ରେଭେନ୍ସା ପଡ଼ିଆ ନଂ-୨ରେ ନବରଙ୍ଗପୁର ୧ ୱିକେଟରେ ମୟୂରଭଞ୍ଜକୁ ହରାଇଛି। ମୟୂରଭଞ୍ଜ ୨୫୯/୮ କରିଥିଲା। ଜବାବରେ ନବରଙ୍ଗପୁର ୪୯.୨ଓଭରରେ ୯ ୱିକେଟ୍ ହରାଇ ମ୍ୟାଚ୍ ଜିତି ନେଇଥିଲା। ନବରଙ୍ଗପୁର ପକ୍ଷରୁ ସୁକେଶ ହୀରା ଅପରାଜିତ ୧୦୪ ରନ୍ କରିଥିଲେ।

ସନ୍‌ସାଇନ୍ ପଡ଼ିଆରେ ଯାଜପୁର ୩ ୱିକେଟ୍‌ରେ କନ୍ଧମାଳକୁ ପରାସ୍ତ କରିଛି। କନ୍ଧମାଳ ୪୪.୨ଓଭରରେ ୧୫୪ ରନ୍ କରିଥିଲା। ଜବାବରେ ଯାଜପୁର ୩୧.୧ ଓଭରରେ ୭ ୱିକେଟ୍ ହରାଇ ବିଜୟୀ ହୋଇଥିଲା ବାରବାଟୀ ଷ୍ଟାଡିୟମରେ କଟକ-ଏ ୭୧ ରନ୍‌ରେ କେନ୍ଦୁଝରକୁ ହରାଇଛି। କଟକ-ଏ ୪୮.୫ ଓଭରରେ ୧୭୪ ରନ୍ କରିଥିଲା। ଜବାବରେ କେନ୍ଦୁଝର ୩୨ ଓଭରରେ ୧୦୩ରେ ଅଟକି ଯାଇଥିଲା। କଟକ-ଏର ରାମଚନ୍ଦ୍ର ବେହେରା ୫ ୱିକେଟ୍ ସଫଳତା ପାଇଥିଲେ। ଅଡ଼ଶପୁର ପଡ଼ିଆରେ ବୌଦ୍ଧ ୭ ୱିକେଟ୍‌ରେ ନୂଆପଡ଼ାକୁ ହରାଇଛି। ନୂଆପଡ଼ା ୨୧.୨ଓଭରରେ ମାତ୍ର ୬୩ ରନ୍‌ରେ ଅଲ୍‌ଆଉଟ୍ ହୋଇଥିଲା ବେଳେ ବୌଦ୍ଧ ୧୪.୩ ଓଭରରେ ୩ୱିକେଟ୍ ମ୍ୟାଚ୍ ଜିତି ନେଇଥିଲା। ଏମ୍‌ଜିଏମ୍ ଗ୍ରାଉଣ୍ଡରେ ଖୋର୍ଦ୍ଧା ୯୯ ରନ୍‌ରେ ଜଗତସିଂହପୁରକୁ ପରାସ୍ତ କରିଛି। ଖୋର୍ଦ୍ଧା ୪୭.୨ ଓଭରରେ ସମସ୍ତ ୱିକେଟ୍ ହରାଇ ୧୯୭ ରନ୍ କରିଥିଲା। ଜବାବରେ ଜଗତସିଂହପୁର ୨୯.୩ ଓଭରରେ ୯୮ ରନ୍‌ରେ ଅଲ୍‌ଆଉଟ୍ ହୋଇଥିଲା। କିଟ୍‌ରେ ଭୁବନେଶ୍ୱର-ବି ୭ ୱିକେଟ୍‌ରେ ନୟାଗଡ଼କୁ ହରାଇଛି। ନୟାଗଡ଼ ୪୪.୧ ଓଭରରେ ୧୬୦ ରନ୍‌ରେ ଅଲ୍‌ଆଉଟ୍ ହୋଇଥିଲା। ଜବାବରେ ଭୁବନେଶ୍ୱର-ବି ୩୨.୪ ଓଭରରେ ୩ ୱିକେଟ୍ ହରାଇ ମ୍ୟାଚ୍ ଜିତି ନେଇଥିଲା। ସେହିପରି ଖୋର୍ଦ୍ଧାରେ ପାରଦୀପ ୬୦ ରନ୍‌ରେ ଗଜପତିକୁ ଏବଂ ଜଟଣୀରେ ସୁନ୍ଦରଗଡ଼ ୮ ୱିକେଟ୍‌ରେ କଳାହାଣ୍ଡିକୁ ପରାସ୍ତ କରିଛି।

# ଦିନିକିଆରେ ୪୦୪ ରନର ଇନିଂସ ଖେଳି ଇତିହାସ ରଚିଲେ ମୁସ୍ତାକିମ



**ଢାକା,୧୯।୩:** କ୍ୟାମ୍ବ୍ରିଆନ ସ୍କୁଲ ଆଣ୍ଡ କଲେଜ ପାଇଁ ଖେଳୁଥିବା ମୁସ୍ତାକିମ ହାଉଲାଡାର ଇତିହାସ ରଚିଛନ୍ତି। ଦିନିକିଆ ମ୍ୟାଚରେ ସେ ୪୦୪ ରନ କରି ଅନେକ ରେକର୍ଡ ଭାଙ୍ଗିଛନ୍ତି। ଅପରାଜିତ ୪୦୪ ରନରେ ସେ ୫୦ ଚୌକା ଓ ୨୨ ଛକା ମାରିଥିଲେ। ମୁସ୍ତାକିମ କେବଳ ଚୌକା ଓ ଛକାରୁ ୩୩୨ ରନ କରିଥିଲେ। ବାଂଲାଦେଶର ସ୍ୱୀକୃତିପ୍ରାପ୍ତ କ୍ରିକେଟରେ ୪୦୦ରୁ ଅଧିକ ରନ କରିବାରେ ସେ ପ୍ରଥମ କ୍ରିକେଟର ହୋଇଛନ୍ତି। ନବମ ଶ୍ରେଣୀର ଛାତ୍ର ମୁସ୍ତାକିମ ହାଉଲାଡାର ସ୍କୁଲ କ୍ରିକେଟରେ ଜିଲାସ୍ତରରେ ଏହି ମ୍ୟାଚ ଖେଳିଥିଲେ, ଯାହାକୁ ସରକାରୀ କ୍ରିକେଟ ଭାବେ ଶ୍ରେଣୀଭୁକ୍ତ କରାଯାଇନାହିଁ। ଢାକା ବିଶ୍ୱବିଦ୍ୟାଳୟ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ଇନିଂସରେ ସେ କେବଳ ବାଂଲାଦେଶୀ କ୍ରିକେଟ ନୁହେଁ, ବିଶ୍ୱ କ୍ରିକେଟକୁ ମଧ ଦୋହଲାଇ ଦେଇଛନ୍ତି। ସୂଚନାଯୋଗ୍ୟ, ୫୦ ଓଭରର ଏହି ମ୍ୟାଚରେ ମୁସ୍ତାକିମ ଇନିଂସ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ କ୍ରିଜରେ ରହିଥିଲେ।

ମୁସ୍ତାକିମ ୪ ଘଣ୍ଟା ୨୦ ମିନିଟ ବ୍ୟାଟିଂ କରିଥିଲେ। ସେ ୧୭୦ ବଲରେ ୨୩୭ରୁ ଅଧିକ ଷ୍ଟ୍ରାଇକ ରେଟ ସହ ୪୦୪ ରନ କରିଥିଲେ। ସାଧାରଣତଃ ଦିନିକିଆ ମ୍ୟାଚରେ ୩୫୦ ସ୍କୋର କରି ଦଳ ଖୁସି ରହୁଥିବାବେଳେ ମୁସ୍ତାକିମଙ୍କ ଐତିହାସିକ ଇନିଂସ କ୍ରିକେଟ ଜଗତ ପାଇଁ ନୂଆ ମାନଦଣ୍ଡ ସୃଷ୍ଟି କରିଛି।

ଅଧିନାୟକ ସୋଆଦ ପରଭେଜଙ୍କ ସହ ମିଶି ସେ ୬୯୯ ରନର ଭାଗିଦାରୀ କରିଥିଲେ। ସୂଚନାଯୋଗ୍ୟ, ଅଧିନାୟକ ପରଭେଜ ନିଜେ ୧୨୪ ବଲରୁ ୨୫୬ ରନ କରି ଅପରାଜିତ ଫେରିଥିଲେ। ସେ ୨୦୬ର ଷ୍ଟ୍ରାଇକ ରେଟରେ ବ୍ୟାଟିଂ କରି ୩୨ ଚୌକା ଓ ୧୩ ଛକା ମାରିଥିଲେ, ଯାହା ଉଭୟଙ୍କ କ୍ୟାରିୟରର ଶ୍ରେଷ୍ଠ ସ୍କୋର। ଏହି ଦୁଇ ବ୍ୟାଟ୍ସମ୍ୟାନଙ୍କୁ ଧନ୍ୟବାଦ ଦେଇ କ୍ୟାମ୍ବ୍ରିଆନ ସ୍କୁଲ ଆଣ୍ଡ କଲେଜ ୭୭୦ ରନର ବିଶାଳ ସ୍କୋର କରିଥିଲା। ଗୋଟିଏ ପଟେ କ୍ୟାମ୍ବ୍ରିଆନ ସ୍କୁଲ ଆଣ୍ଡ କଲେଜ ପକ୍ଷରୁ ଚମତ୍କାର ବ୍ୟାଟିଂ ହୋଇଥିବା ବେଳେ ଏହି ଦଳର ବୋଲିଂ ମଧ ବିପର୍ଯ୍ୟସ୍ତ ଥିଲା। ବିପକ୍ଷ ଦଳ ଥିଲା ସେଣ୍ଟ ଗ୍ରେଗୋରିଜ, ଯାହା ୧୧.୨ ଓଭରରେ ମାତ୍ର ୩୨ ରନ କରି ଅଲଆଉଟ ହୋଇଯାଇଥିଲା। ଫଳରେ କ୍ୟାମ୍ବ୍ରିଆନ ସ୍କୁଲ ଆଣ୍ଡ କଲେଜ ୭୩୮ ରନରେ ରେକର୍ଡ ବିଜୟ ହାସଲ କରିଛି।

# ଉଦିତାଙ୍କ ହାତ ଧରିବେ ମନ୍‌ଦୀପ



**ଜଲନ୍ଧର, ୧୯।୩:** ଭାରତୀୟ ପୁରୁଷ ହକି ଦଳର ଫରୱାର୍ଡ ମନ୍‌ଦୀପ ସିଂହଙ୍କୁ ପ୍ରେମଜାଲରେ ଅଟକାଇ ଦେଇଛନ୍ତି ମହିଳା ଦଳର ଡିଫେଣ୍ଡର ଉଦିତା ଦୁହାନ। ଏହି ଦୁଇ ଅଲିମ୍ପିଆନ୍ ଚଳିତ ମାସ ୨୧ ତାରିଖରେ ବିବାହବନ୍ଧନରେ ଆବଦ୍ଧ ହେବାକୁ ଯାଉଛନ୍ତି। ଉଭୟଙ୍କ ବିବାହ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏଥିସହ ମନ୍‌ଦୀପ ଓ ଉଦିତା ବିବାହ ପୂର୍ବ ଫଟୋ ସୁଟ୍‌ରେ ମଧ ବ୍ୟସ୍ତ ରହିଛନ୍ତି। ହକିରେ ଅନେକ ସଫଳତା ପାଇଥିବା ଏହି ଦୁଇ ତାରକା ଏବେ ଜୀବନର ନୂଆ ଅଧ୍ୟାୟରେ ପାଦ ଦେବାକୁ ଯାଉଛନ୍ତି।

୨୦୧୮ରେ ବେଙ୍ଗାଲୁରୁରେ ଜାତୀୟ ଶିବିର ଚାଲିଥିଲା ବେଳେ ହରିୟାଣା ହିସାରର ଉଦିତାଙ୍କ ସହ ମନ୍‌ଦୀପଙ୍କ ଭେଟ ହୋଇଥିଲା। ପ୍ରଥମେ ଉଭୟଙ୍କ ମଧରେ ଖେଳ ଉପରେ ହିଁ ଚର୍ଚ୍ଚା ହେଉଥିଲା। ପରବର୍ତ୍ତୀ ସମୟରେ ଉଭୟଙ୍କ ବନ୍ଧୁତା ବଢ଼ିଥିଲା ବୋଲି ମନଦୀପଙ୍କ ଜଣେ ସମ୍ପର୍କୀୟ କହିଛନ୍ତି। ମନ୍‌ଦୀପ ୨୦୨୦ ଟୋକିଓ ଓ ୨୦୨୪ ପ୍ୟାରିସ୍ ଅଲିମ୍ପିକ୍ସ କାଂସ୍ୟ ବିଜୟୀ ଭାରତୀୟ ଦଳର ସଦସ୍ୟ ରହିଥିଲେ। ସଂପ୍ରତି ୩୦ ବର୍ଷୀୟ ମନ୍‌ଦୀପ ପଞ୍ଜାବ ପୁଲିସରେ ଡିଏସ୍‌ପି ଅଛନ୍ତି। ସେହିଭଳି ୨୭ ବର୍ଷୀୟା ଉଦିତା, ଟୋକିଓ ଅଲିମ୍ପିକ୍ସରେ ଐତିହାସିକ ସଫଳତା ପାଇଥିବା ଭାରତୀୟ ଦଳର ସଦସ୍ୟା ରହିଥିଲେ।

## ଗ୍ରାମାଞ୍ଚଳ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ

# ମା' କିଚକେଶ୍ୱରୀ ଟିମ୍ ଚାମ୍ପିଅନ



**ଭୁବନେଶ୍ୱର, ୧୯।୩:** ମା' କିଚକେଶ୍ୱରୀ ଭଲିବଲ ଏକାଡମୀ ଆନୁକୂଲ୍ୟରେ ସ୍ଥାନୀୟ ଜୁବୁଲୀ ପେଟ୍ରୋଲ ପମ୍ପ ନିକଟରେ ଏକଦିବସୀୟ ଦିବରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୪ ଗୋଟି ଦଳ ଅଂଶ ଗ୍ରହଣ କରିଥିଲେ। ମା' କିଚକେଶ୍ୱରୀ ଭଲବିଲ ଟିମ, ଦାରୋଗାଡାହି ଷ୍ଟ୍ରାଇକାର କ୍ଲବ, ମୁର୍ଗାବାଡି ୱାରିୟର ଟିମ୍ ଓ ଷ୍ଟୁଡେଣ୍ଟ ଟିମ୍, ବଡବ୍ରାହ୍ମଣମାରା। ମା' କିଚକେଶ୍ୱରୀ ଭଲିବଲ ଟିମ ଓ ଦାରୋଗାଡାହି ଷ୍ଟ୍ରାଇକାର କ୍ଲବ ମଧରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ମା' କିଚକେଶ୍ୱରୀ ଭଲିବଲ ଟିମ ଚାମ୍ପିଅନ ହୋଇଥିଲା ଓ ଦାରୋଗାଡାହି ଷ୍ଟ୍ରାଇକାର କ୍ଲବ ରନର୍ସ ଅପ୍ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଜାତୀୟ ଭଲିବଲ ଖେଳାଳୀ ଶ୍ରୀଯୁକ୍ତ ମୁକ୍ତେଶ୍ୱର ଜୀଉ, ବାସୁ ସିଂ, ପ୍ରଫେସର ସଞ୍ଜୀବ କୁମାର ଓ ବସନ୍ତ ମିଶ୍ର ଉପସ୍ଥିତ ରହି ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଏହି ଖେଳକୁ ପରିଚାଳନା କରିଥିଲେ ଚିନ୍ମୟ ମିଶ୍ର, ଇନ୍ଦ୍ରଜିତ ଶତପଥୀ, ସପନ କୁମାର ଓ ଜାମିନୀକାନ୍ତ ପାଣି, ପି.ଇ.ଟି। ଶ୍ରେଷ୍ଠ ଖେଳାଳୀ ଭାବେ ରାମଚନ୍ଦ୍ର ବେହେରା, ବାବୁ ସିଂ, ଜଗା, ପୂରବ କୁମାର ବିନ୍ଧାଣୀ ଓ ପାର୍ଥ କାନୁନଗୋ ପୁରସ୍କୃତ ହୋଇଥିଲେ। ଶେଷରେ କୋଚ ମନୋରଂଜନ ଜୀଉ ସମସ୍ତ ଖେଳାଳୀଙ୍କୁ ଉତ୍ସାହିତ କରିବାରୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୨ରୁ...

ଜିଲ୍ଲାରେ ପାଣି ପାଣିପାଗ ପରିବର୍ତ୍ତନ ହେଉଛି, ସେସବୁ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ କ୍ଷମତା ଦିଆଯାଇଛି, ଯାହାର ଉପଯୋଗ କରି ସେମାନେ ନିଷ୍ପତ୍ତି ନେବା ସହ ଖର୍ଚ୍ଚ କରିପାରିବେ। ପରେ ସେସବୁର ଭରଣା କରାଯିବା।ସେହିଭଳି ଶ୍ରମିକମାନେ ସକାଳ ୧୧ରୁ ୩ଟା ଯାଏଁ କାମ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁ ମାଲିକ କାମ କରାଇବେ, କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି । ଜଳଛତ୍ର ଖୋଲିବା ସହ ଟ୍ୟୁବୱେଲ ଖନନ ପାଇଁ ୩୦୦ କୋଟଟେଙ୍କା ଦିଆଯାଇଛି। ଅଘୋଷିତ ବିଜୁଳି କାଟ ହେବନି। ଘୋଷିତ ବିଜୁଳି କାଟ ବି ବେଶୀ ସମୟ ହେବନି। ବନ୍ୟା, ବାତ୍ୟା ଭଳି ଗ୍ରୀଷ୍ମ ପ୍ରବାହରେ ବି ଜିରୋ କାଜୁଆଲଟି ଲକ୍ଷ୍ୟ ରଖିଛନ୍ତି ସରକାର। ରାସ୍ତାରେ ବିଭିନ୍ନ ସ୍ଥାନରେ ଛାଇ ପାଇଁ ଛାମୁଡ଼ିଆ ଲାଗିବ ଓ ଜଳଛତ୍ର ଖୋଲାଯିବ। ଖରାଦିନେ ଅଘୋଷିତ ବିଦ୍ୟୁତ୍ କାଟ ନ କରିବା ସକାଶେ ଶକ୍ତି ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଯଦିଓ ପାଣିପାଗ ବିଭାଗର ଆକଳନ ଅନୁଯାୟୀ ଆଗାମୀ ଦିନରେ ତାପମାତ୍ରା କମିବ, ତଥାପି ଆମକୁ ସତର୍କତାମୂଳକ ପଦକ୍ଷେପ ନେବାକୁ ପଡ଼ିବ। ସରକାରୀ ସ୍ତରରେ ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ଯାହା ଏସଓପି ଜାରି କରାଯାଇଛି, ତାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳମାନେ କାର୍ଯ୍ୟ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେବା ସହ ଆବଶ୍ୟକସ୍ଥଳେ ଏସଓପି ବାହାରେ ମଧ୍ୟ କାମ କରିବା ପାଇଁ ପରାମର୍ଶ ଦିଆଯାଇଛି। ବିଗତ ଦିନରେ ସଚେତନତାମୂଳକ ପ୍ରଚାର ପ୍ରସାର ଜରିଆରେ ସଫଳତା ମିଳିଛି। ତେଣୁ ଅଂଶୁଘାତରୁ ରକ୍ଷା ପାଇବା ପାଇଁ ଟିଭି, ରେଡିଓ, ଖବରକାଗଜ ଓ ସାମାଜିକ ଗଣମାଧ୍ୟମ ଜରିଆରେ ବ୍ୟାପକ ପ୍ରଚାର ପ୍ରସାର ପାଇଁ ସରକାର ପରାମର୍ଶ ଦେଇଥିବା ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

### ଲକ୍ଷେ ମହିଳାଙ୍କୁ...

ଏହାଛଡ଼ା ଆସନ୍ତା ୩୧ ତାରିଖ ଯାଏଁ ସୁଭଦ୍ରାରେ ହିତାଧିକାରୀ ହେବା ସକାଶେ ଆବେଦନ ପାଇଁ ସୁଯୋଗ ରହିଛି। ଉକ୍ତ ଅବଧି ମଧ୍ୟରେ ଯେଉଁମାନେ ୨୧ ବର୍ଷରେ ପହଞ୍ଚିଛନ୍ତି, ସେମାନେ ବି ଆବେଦନ କରିପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

### ଚଳିତ ବର୍ଷ...

ହେଉଛି ଆମର ହସ୍ତଶିଳ୍ପୀଙ୍କ ହାତରେ ଥିବା ଯାଦୁର ମୂଲ୍ୟ। ତେଣୁ, ହସ୍ତଶିଳ୍ପ, ହସ୍ତତନ୍ତ ପ୍ରସ୍ତୁତ ଲୁଗାର ଚାହିଦା ସବୁବେଳେ ଥିଲା ଏବଂ ସବୁବେଳେ ରହିଥିବ।

ଆମ ଦେଶରେ ଖଦି ଏବଂ ଗ୍ରାମ୍ୟଦ୍ୟୋଗ ଆୟୋଗ ବଜାର ଏବଂ ଶିଳ୍ପୀ ଓ ବୁଣାକାରଙ୍କ ମଧ୍ୟରେ ସେତୁ ଭଳିଆ କାମ କରିଥାଏ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନେବାର କିଛି ମାସ ଭିତରେ ସମସ୍ତଙ୍କୁ ଖଦି ପିନ୍ଧିବା ପାଇଁ ବାର୍ତ୍ତା ଦେଇଥିଲେ ଏବଂ ନିଜେ ମଧ୍ୟ ଖଦିକୁ ପରିଧାନ ଭାବେ ବ୍ୟବହାର କରିଥିଲେ। ପରବର୍ତ୍ତୀ ସମୟରେ ଖଦି ପିନ୍ଧିବା ଏକ ଫ୍ୟାସନ ବିପ୍ଳବରେ ପରିଣତ ହୋଇଥିଲା ଏବଂ ଆମ ଯୁବ ସମାଜ ମଧ୍ୟ ଆଜି ଖଦି ବହୁଳ ଭାବେ ବ୍ୟବହାର କରିବା ଆରମ୍ଭ କରିଦେଇଛନ୍ତି।

ହସ୍ତଶିଳ୍ପ ଓ ହସ୍ତତନ୍ତ ହେଉଛି ଗ୍ରାମୀଣ ଅର୍ଥନୀତିର ମେରୁଦଣ୍ଡ।

ଅର୍ଥନୀତି ବିକାଶରେ ମା' ଓ ଭଉଣୀମାନଙ୍କର ବଡ଼ ଭୂମିକା ରହିଛି । ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ମା' ଓ ଭଉଣୀମାନେ ସଂଘବଦ୍ଧ ହୋଇ ଯେଉଁ କାମରେ ହାତ ଦେଇଛନ୍ତି, ସେହି କାମର ଫଳାଫଳ ସ୍ୱରୂପ ଏହିସବୁ କୃତିତ୍ୱ ଆଜି ବିଭିନ୍ନ ଷ୍ଟଲ୍ରେ ପ୍ରଦର୍ଶିତ ହେଉଛି। ଓଡ଼ିଶାର ଅନେକ ହସ୍ତତନ୍ତ ସାମଗ୍ରୀ ଭୌଗୋଳିକ ସୂଚକାଙ୍କ ମାନ୍ୟତା ବା ଜିଆଇ ଟ୍ୟାଗ ପାଇ ରାଜ୍ୟର ଗୌରବକୁ ବଢ଼ାଇଛି ।

ରାଜ୍ୟରେ ହସ୍ତଶିଳ୍ପର ବିକାଶ ବିଷୟରେ କହିବାକୁ ଯାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଚଳିତ ଆର୍ଥିକ ବର୍ଷରେ ୯ଟି ହସ୍ତଶିଳ୍ପ ଉତ୍ପାଦକୁ ଜିଆଇ ମାନ୍ୟତା ଦେବା ପାଇଁ ଆବେଦନ କରାଯିବ । ଏହା ସହିତ ୫୫୦ ଜଣ କାରିଗରଙ୍କୁ 'ୱାର୍କ ସେଡ୍ ନିର୍ମାଣ' ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ । ୧୦୦ କାରିଗରଙ୍କୁ ନିଜସ୍ୱ ଉତ୍ପାଦନ ୟୁନିଟ ସ୍ଥାପନ ପାଇଁ ବ୍ୟାଙ୍କ ଫାଇନାନ୍ସ ଓ ମାର୍ଜିନ ମନି ଯୋଗାଇ ଦିଆଯିବ। କଣ୍ଟିଲୋ, ପିପିଲି, ବାଲିଯୋର, ହୀରାକୁଦ ଅଞ୍ଚଳ, କଟକ ଓ କୋଟପାଡ଼କୁ ଐତିହ୍ୟ କ୍ରାଫ୍ଟ ଏବଂ ବୁଣାକାର ଗ୍ରାମ ଭାବେ ବିକଶିତ କରାଯିବା ସହ ପର୍ଯ୍ୟଟନକୁ ହସ୍ତଶିଳ୍ପ ସହ ଯୋଡ଼ିବା ଉପରେ ଗୁରୁତ୍ୱ ଦେଇ ଅତିରିକ୍ତ ଭିତ୍ତିଭୂମି ସୃଷ୍ଟି କରାଯିବ ।

### ମୁଖ୍ୟମନ୍ତ୍ରୀଙ୍କୁ...

ଏହି ଆଲୋଚନା ସମୟରେ ନବଙ୍କ ହତ୍ୟାକାଣ୍ଡ ନେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଦୁଃଖ ପ୍ରକାଶ କରିବା ସହ ଏପରି ଘଟଣାକୁ ନିନ୍ଦା କରିଥିଲେ। ତେବେ ତାଙ୍କ ସରକାର ଏହି ହତ୍ୟାକାଣ୍ଡର ସବୁ ଦିଗକୁ ପୁଣିଥରେ ତନ୍ନ ତନ୍ନ କରି ପରୀକ୍ଷା କରିବେ ଓ ପ୍ରକୃତ ଦୋଷୀକୁ ଖୋଜି ବାହାର କରିବେ। ଆଇନର ମର୍ଯ୍ୟାଦା ମଧ୍ୟରେ ରହି ସରକାର ଦୋଷୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ମୁଖ୍ୟମନ୍ତ୍ରୀ ମିନତୀଙ୍କୁ ଭରସା ଦେଇଥିବା ଜଣାପଡ଼ୁଛି। ଏଥିସହ ତଦନ୍ତ ସମୟରେ ତଦନ୍ତକାରୀ ସଂସ୍ଥାକୁ ସବୁ ଦିଗରୁ ସହଯୋଗ କରିବା ସକାଶେ ମୁଖ୍ୟମନ୍ତ୍ରୀ ମିନତୀଙ୍କୁ କହିବା ସହ ଏହି ମାମଲାରେ ଯେକୌଣସି ସମୟରେ ତାଙ୍କ ସହ ଆଲୋଚନା କରିପାରିବେ ବୋଲି ଭରସା ଦେଇଛନ୍ତି। ସେ ବ୍ୟକ୍ତିଗତ ଭାବେ ଓ ତାଙ୍କ ସରକାର ସବୁବେଳେ ମିନତୀଙ୍କ ସହ ସର୍ବଦା ରହିଛନ୍ତି ବୋଲି ମଧ୍ୟ ମୁଖ୍ୟମନ୍ତ୍ରୀ କହିଛନ୍ତି। ବ୍ୟକ୍ତିଗତ ଭାବେ ଭେଟିବାର ସୁଯୋଗ ଦେବା ସହ ଆଲୋଚନା ସମୟରେ ନ୍ୟାୟ ପ୍ରଦାନ ନେଇ ଭରସା ଦେଇଥିବାରୁ ଏଥିସକାଶେ ମିନତୀ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି। ସେହିପରି ଝିଅ ଦୀପାଳି ଗଣମାଧ୍ୟମକୁ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ବେଳେ ମାମଲାର ସିବିଆଇ ତଦନ୍ତ ଦିଗରେ ପଦକ୍ଷେପ ନେବା ସକାଶେ ନିବେଦନ କରାଯାଇଛି। ଏନେଇ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଭାବେ ନିବେଦନ କରାଯିବା ସହ ତୁରନ୍ତ ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି ଦୀପାଳି ଆଶା ପ୍ରକାଶ କରିଛନ୍ତି।

### ଝାରସୁଗୁଡ଼ା...

ପୁଣି ଟିମ୍‌ର ସଦସ୍ୟମାନେ ନବଙ୍କ ଝାରସୁଗୁଡ଼ାସ୍ଥିତ ବାସଭବନକୁ ଯାଇଥିବା ସୂଚନା ମିଳିଛି।

ନବଙ୍କୁ ଗୁଳିମାଡ଼ ପରେ ଝାରସୁଗୁଡ଼ାରେ ପ୍ରାଥମିକ ଚିକିତ୍ସା ପରେ ଭୁବନେଶ୍ୱରକୁ ଏୟାରଲିଫ୍ଟ କରାଯାଇଥିଲା। ତେବେ ନବ କେତେବେଳେ ଏୟାରଲିଫ୍ଟ ହୋଇଥିଲେ, ଏୟାରଲିଫ୍ଟ ବେଳେ କିଏ କିଏ ମହଜୁଦ ରହିଥିଲେ, ଉକ୍ତ ସମୟର ସିସିଟିଭି ଫୁଟେଜ୍ ଉପଲବ୍ଧ ଅଛି କି ନାହିଁ, ନବଙ୍କ ସହ ଏୟାରଲିଫ୍ଟ ସମୟରେ ତାଙ୍କ ପରିବାରର କେଉଁସବୁ ସଦସ୍ୟ ଥିଲେ, ତାଙ୍କ ସହ କେଉଁ ଡାକ୍ତର ଆସିଥିଲେ, ସେହି ସମୟରେ କେଉଁ ପ୍ରକାର ଚିକିତ୍ସା ସୁବିଧା ଦିଆଯାଇଥିଲା ଆଦି ନେଇ ପଚରାଉଚରା କରାଯାଇଛି।

### ବିଜେଡିକୁ...

କକ୍ଷତ୍ୟାଗ କରି ଗାନ୍ଧୀମୂର୍ତ୍ତି ତଳକୁ ଆସିଥିଲେ। ଗଣମାଧ୍ୟମରେ ଏହି ଖବର ବି ପ୍ରସାରିତ ହୋଇଥିଲା। ହେଲେ ହଠାତ୍ ଦଳ ତା'ର ନିଷ୍ପତ୍ତି ପରିବର୍ତ୍ତନ କରି ଗୃହ ମଧ୍ୟରେ ପୂର୍ବଭଳି ହଟ୍ଟଗୋଳ କରିଥିଲା। ଏହା ଭିତରେ ଗୋଟିଏ ଦିନ ହଟ୍ଟଗୋଳକୁ ମୌନ ପ୍ରତିବାଦରେ ପରିବର୍ତ୍ତନ କରିଥିଲା।

ବାଚସ୍ପତିଙ୍କ ପୋଡିୟମ ତଳେ ସ୍ଲୋଗାନବାଜି କରିବା ବଦଳରେ ଦଳୀୟ ସଦସ୍ୟମାନେ ହାତରେ ପ୍ଲାକାର୍ଡ ଧରି ଓ ମୁହଁରେ କଳାପଟି ବାନ୍ଧି ନିଜ ନିଜ ଆସନରେ ସମ୍ପୂର୍ଣ୍ଣ ପ୍ରଶ୍ନକାଳରେ ଛିଡ଼ାହୋଇ ରହିଥିଲେ।

କଂଗ୍ରେସ ବିଧାୟକଙ୍କ ଏଭଳି ମୌନ ପ୍ରତିବାଦ ଯୋଗୁଁ ଗୃହକାର୍ଯ୍ୟ ସୁରୁଖୁରୁରେ ଚାଲିଥିଲା। ହେଲେ ତା' ପରଦିନ କଂଗ୍ରେସ ତା'ର ରଣନୀତି ବଦଳାଇ ପୁଣି ଗୃହ ମଧ୍ୟକୁ ଆସି ହଟ୍ଟଗୋଳ କରିବା ଯୋଗୁଁ ପ୍ରଶ୍ନକାଳ ଓ ଶୂନ୍ୟକାଳ ପୂରା ଧୋଇଯାଇଥିଲା। ଦଳର ଏଭଳି ରଣନୀତି ପରିବର୍ତ୍ତନକୁ ନେଇ କେବଳ ଶାସକ ବିଜେପି ନୁହେଁ, ମୁଖ୍ୟ ବିରୋଧୀଦଳ ବିଜେଡି ବି ଅକଳରେ ପଡ଼ିଯାଉଛି।

ଗୃହ ଭିତରେ କଂଗ୍ରେସ ତା'ର ପ୍ରଦର୍ଶନ ଜାରି ରଖି ରାଜ୍ୟବାସୀଙ୍କ ଦୃଷ୍ଟି ଆକର୍ଷଣ କରୁଥିବାବେଳେ ଗୃହ ବାହାରେ ବିଭିନ୍ନ ପ୍ରସଙ୍ଗରେ ଦଳର ଛାମୁଆ ସଂଗଠନମାନେ ମୋର୍ଚ୍ଚା ସମ୍ଭାଳିଛନ୍ତି। ବିଭିନ୍ନ ପ୍ରସଙ୍ଗରେ ସିଧାସଳଖ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରି ଗଣମାଧ୍ୟମରେ ଖବରର ଶିରୋନାମା ପାଲଟୁଛନ୍ତି।

ଆସନ୍ତା ୨୭ ତାରିଖରେ ଦଳ ପକ୍ଷରୁ ଭୁବନେଶ୍ୱରରେ ବଡ଼ ଧରଣର ସମାବେଶ ଡାକରା ଦିଆଯାଇଥିଲେ ହେଁ ଏହା ପୂର୍ବରୁ ମଧ୍ୟ କଂଗ୍ରେସ ପକ୍ଷରୁ ଦୈନିକ କିଛି ନା କିଛି କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି।

ତେବେ ଭକ୍ତଙ୍କ ନେତୃତ୍ୱରେ କଂଗ୍ରେସର ଏଭଳି ରଣନୀତି ଯୋଗୁଁ ବିଜେଡି ଧୀରେ ଧୀରେ ବ୍ୟାକ୍‌ଫୁଟ୍‌କୁ ଠେଲି ହୋଇଯାଉଥିବା ଦେଖିବାକୁ ମିଳୁଛି। କାରଣ କୌଣସି ନିର୍ଦ୍ଦିଷ୍ଟ ପ୍ରସଙ୍ଗକୁ ନେଇ ଦଳ ବଡ଼ ଧରଣର ଆନ୍ଦୋଳନକୁ ଓହ୍ଲାଇପାରୁନାହିଁ। ବିଧାନସଭା ଭିତରେ କଂଗ୍ରେସର ୧୪ଜଣିଆ ଦଳ ବିଜେଡି ଉପରେ ଭାରୀ ପଡୁଥିବାବେଳେ ବିଧାନସଭା ବାହାରେ ବି ଦଳ ଘନ ଘନ ଆନ୍ଦୋଳନ ମାଧ୍ୟମରେ ବିଜେଡିକୁ ଟପିବା ସକାଶେ ପ୍ରୟାସ ଜାରି ରଖିଛି।

### ଓଡ଼ିଆ...

ଘୂରି ବୁଲୁଥିବା ବେଳେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାକୁ ନେଇ ବିଭ୍ରାନ୍ତିକର ତଥ୍ୟ ପ୍ରକାଶ ପାଇଛି। ଏଥିରେ ରାଜ୍ୟ ସରକାରଙ୍କ ଲୋଗୋ ଓ ଶ୍ରୀମନ୍ଦିର ପ୍ରଶାସନର ଲୋଗୋ ମଧ୍ୟ ଲଗାଯାଇଛି। ଏହାକୁ ନେଇ ସେବାୟତ ଓ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ଜିଲ୍ଲା ପ୍ରଶାସନର ଖାମଖିଆଲି ମନୋଭାବକୁ କଡ଼ା ସମାଲୋଚନା କରାଯାଉଛି।

### ଅଫିସରଙ୍କ...

ବୃଦ୍ଧିକୁ ନେଇ କଂଗ୍ରେସ ବିଧାୟିକା ସୋଫିଆ ଫିରର୍ଦୋସଙ୍କ ପ୍ରଶ୍ନରେ ଉପମୁଖ୍ୟମନ୍ତ୍ରୀ ଉତ୍ତର ରଖି କହିଛନ୍ତି ଯେ ଓଇଆରସି ନିକଟରେ ଶୁଳ୍କ ବୃଦ୍ଧି ନେଇ ବଣ୍ଟନ କମ୍ପାନୀଗୁଡ଼ିକ କୌଣସି ପ୍ରସ୍ତାବ ଦେଇନାହାନ୍ତି। ଅନ୍ୟପଟେ ବିଜେଡି ବିଧାୟିକା ସୁବାସିନୀ ଜେନାଙ୍କ ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ ବିଜୁଳି ଶୁଳ୍କ ନିର୍ଣ୍ଣୟ ନେଇ ଓଇଆରସି ନିକଟରେ ପ୍ରସ୍ତାବ ବିଚାରାଧୀନ ରହିଥିବା କହିଛନ୍ତି।

ଗୋଟିଏ ଦିନରେ ଉପମୁଖ୍ୟମନ୍ତ୍ରୀଙ୍କ ଦାୟିତ୍ୱରେ ଥିବା ଦୁଇଟି ବିଭାଗର ଦୁଇଟି ପ୍ରଶ୍ନରେ ଏଭଳି ଦ୍ୱନ୍ଦ୍ୱାତ୍ମକ ଉତ୍ତରକୁ ନେଇ ସରକାର ସମାଲୋଚନାର ଶରବ୍ୟ ହୋଇଛନ୍ତି।

ଅବଶ୍ୟ ଏକଥା ସତ ଯେ ମନ୍ତ୍ରୀମାନେ ବିଧାନସଭାରେ ଯେଉଁ ଲିଖିତ ଉତ୍ତର ରଖୁଛନ୍ତି ତାହା ବିଭାଗୀୟ ଅଫିସରମାନେ ପ୍ରସ୍ତୁତ କରୁଛନ୍ତି। ମନ୍ତ୍ରୀମାନେ କାର୍ଯ୍ୟବ୍ୟସ୍ତତା ଭିତରେ ସବୁ ପ୍ରଶ୍ନର ଉତ୍ତର ପଢ଼ିପାରୁନାହାଁନ୍ତି। ଯଦିଓ ବିଧାନସଭାରେ ସେମାନେ ଉତ୍ତରଦାୟୀ, ତଥାପି ଅଫିସରଙ୍କ ପାଇଁ ମନ୍ତ୍ରୀଙ୍କୁ ସମାଲୋଚିତ ହେବାକୁ ପଡୁଛି। ପୂର୍ବରୁ ମଧ୍ୟ ଏହିଭଳି ମନ୍ତ୍ରୀମାନେ ଅନେକ ସମୟରେ ଅଫିସରଙ୍କ ପାଇଁ ସମାଲୋଚନାର ଶିକାର ହୋଇଥିଲେ।

ବାଚସ୍ପତିଙ୍କ ତାଗିଦ ପରେ ମଧ୍ୟ ଅଫିସରଙ୍କ ଚେତା ପଶୁନାହିଁ।

# ଉପମୁଖ୍ୟମନ୍ତ୍ରୀଙ୍କ ଭେଟିଲେ ବ୍ରିଟିଶ ହାଇ କମିଶନର୍



**ଭୁବନେଶ୍ୱର,୧୯।(ସଂଚାର ବ୍ୟୁରୋ):** ଆଜି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନିଜ ଲୋକସେବା ଭବନର କାର୍ଯ୍ୟାଳୟରେ ବ୍ରିଟିଶ ହାଇ କମିଶନର ମିଷ୍ଟର ଆଣ୍ଡ୍ରୁ ଫ୍ଲେମିଙ୍ଗଙ୍କ ସହ ଏକ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତକାରରେ ଶ୍ରୀ ଫ୍ଲେମିଙ୍ଗ ଓଡ଼ିଶା ପର୍ଯ୍ୟଟନ ସହ ଓଡ଼ିଶା

- **ସରକାରଙ୍କ ଦୁରଦୃଷ୍ଟି ସମ୍ପନ୍ନ ଆଭିମୁଖ୍ୟକୁ ପ୍ରଶଂସା**
- **ଶିଶୁ ଶ୍ରମିକ ଚାଲାଣ ରୋକିବାକୁ କାମ କରିବେ ଉଭୟ ସରକାର**

ସରକାରଙ୍କ ଦୁରଦୃଷ୍ଟି ସମ୍ପନ୍ନ ଆଭିମୁଖ୍ୟକୁ ପ୍ରଶଂସା କରିଥିଲେ । ଓଡ଼ିଶାର କ୍ରୀଡ଼ା ଓ ପର୍ଯ୍ୟଟନ ବିକାଶ ଅନ୍ୟ ସମସ୍ତ ଦେଶ ପାଇଁ ପ୍ରେରଣାର ଉତ୍ସ ବୋଲି ସେ ଉଲ୍ଲେଖ କରିଥିଲେ । ୱାର୍ଲ୍ଡ ଟ୍ରାଭେଲ ମାର୍କେଟରେ ଓଡ଼ିଶାର ଅଂଶଗ୍ରହଣକୁ ମଧ୍ୟ ସେ ପ୍ରଶଂସା କରିଥିଲେ । ଏହି ଆଲୋଚନାରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଓଡ଼ିଶା ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ଉପରେ ବିଶେଷ ଆଲୋକପାତ କରିବା ସହ ରାଜ୍ୟର ମହିଳାମାନଙ୍କ ପାଇଁ ଦକ୍ଷତା ବିକାଶ କେନ୍ଦ୍ରିକ ତାଲିମ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେଇଥିଲେ । ଏହି ଅବସରରେ ଉଭୟଙ୍କ ମଧରେ ଶିଶୁ ଶ୍ରମିକ ଓ ମହିଳା ଓ ଶିଶୁ ଚୋରା ଚାଲାଣ ରୋକିବା ପାଇଁ ସହଭାଗିତାରେ କାର୍ଯ୍ୟ କରିବା ନିମନ୍ତେ ଏହି ଆଲୋଚନାରେ ଗୁରୁତ୍ୱ ଦିଆଯାଇଥିଲା ।

# ପେଟପାଟଣା ଆଗରେ ହାର ମାନିଛି ତାତି

● ଲୁହାକୁ ଦେଉଛନ୍ତି ନୂଆ ରୂପରେଖ



**କାକଟପୁର/ଅସ୍ତରଙ୍ଗ, ୧୯।୩(ସଂଚାର ବ୍ୟୁରୋ):** ଯେତେବେଳେ ପେଟ ଭୋକ, ମଣିଷ କୁ କନ୍ଦାଏ। ଅଭାବ ସାରା ଦିନ ଆଉଟୁ ପାଉଟୁ କରେ ସେତେବେଳେ ଜୀବନକୁ କୌଣସି ସ୍ତରକୁ ନେବାକୁ ପ୍ରସ୍ତୁତ ଥାଏ ମଣିଷ। କମାର ଶାଳର ନିଆଁ ସହିତ ଖେଳୁଥିବା ଏମାନେ ଜଣେ ଜଣେ ସୁଦକ୍ଷ କାରିଗର। ନିଆଁର ଝାସକୁ ସହିଯାଇ ଦେହର ଝାଳକୁ ନିଜ ପିନ୍ଧାବସ୍ତ୍ରରେ ପୋଛି ଏମାନେ ଜଣେ କାରିଗର। ଏମାନେ ପ୍ରତିଦିନ ଗରମ ଲୁହାକୁ ଭିନ୍ନ ଏକ ରୂପ ଦିଅନ୍ତି। ଏଠି ହାତୁଡି ରେ ପାହାର ପଡ଼ିଲେ ସେଠି ଘରେ ଚୁଲି ଜଳେ। ଏଠି ନିଆଁ ସହ ସମୟ ବିତାଇଲେ ସେଠି ପରିବାର ଚଳେ। ପ୍ରଚଣ୍ଡ ଖରା, ଶୂନଶାନ ରାସ୍ତାଘାଟ ଭିତରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ସାପ୍ତାହିକ ହାଟ ମଧ୍ୟରେ କମାର ଶାଳ। ଯେଉଁଠି ବାହାର ଗରମକୁ ଖାତିରି ନ କରି ପରିବାର ପାଇଁ ପାହାର ପଡୁଥିଲା ଲୁହା ଉପରେ। ନିଜର ବର୍ଷ ବର୍ଷର ବୃତ୍ତି ଆଗରେ ସବୁ କଷ୍ଟକୁ ସ୍ୱୀକାର କରିଛନ୍ତି କମାର। ଜ୍ୱଳନ୍ତ ଅଙ୍ଗାର ନିଆଁରେ ଗରମ ଲୁହାକୁ ହାତୁଡିରେ ପିଟି ତିଆରି କରୁଛନ୍ତି କୋଦାଳ, ଦାଆ, କୋଡ଼ି ସହ ଅନ୍ୟାନ୍ୟ ଲୁହା ସାମଗ୍ରୀ। କାରଣ ଗ୍ରାହକଙ୍କୁ ଜବାବ ଦେଇଛନ୍ତି ଠିକ ସମୟରେ ଜିନିଷ ଦେବେ। ପୂର୍ବ ପୁରୁଷ ରୁ ପରମ୍ପରା କ୍ରମେ କମାର ଶାଳ ବୃତ୍ତି କରି ଆସୁଛନ୍ତି ଅସ୍ତରଙ୍ଗ ଅଞ୍ଚଳର କାରିଗର। ଏମାନେ କୁହନ୍ତି ବୃତ୍ତି ଆମ ପୋଷେ କୁଟୁମ୍ବ। ଚଳିତ ବର୍ଷ ରୋଦ୍ରତାପ କମାର ଶାଳର କଷ୍ଟକୁ ଦ୍ୱିଗୁଣିତ କରିଛି। ସରକାରୀ ସ୍ତରରେ ସହାୟତା ମିଳିଲେ କମାର ଶାଳରେ ଜୀବିକା ନିର୍ବାହ କରୁଥିବା କାରିଗରଙ୍କ କଷ୍ଟ କିଛି ମାତ୍ରାରେ ଲାଘବ ହୁଅନ୍ତା।

# ଚାରି ଦିନ ହେଲା ପିଇବା ପାଣି ପାଇନାହାନ୍ତି ଭାନୁପୁର ଗ୍ରାମବାସୀ



**ବୈଶିଙ୍ଗା, ୧୯।୩(ସଂଚାର ବ୍ୟୁରୋ):** ଗ୍ରୀଷ୍ମ ପ୍ରବାହ ଆରମ୍ଭରୁ ଖରାର ପ୍ରକୋପ ଦିନକୁ ଦିନ ବଢୁଥିବା ବେଳେ ବେତନଟୀ ବ୍ଲକ ବୈଶିଙ୍ଗା ଥାନା ଅଧୀନ ଗଡ଼ଦେଉଳିଆ ପଞ୍ଚାୟତର ୮ ନମ୍ବର ୱାର୍ଡର ଭାନପୁରରେ ବସୁଧା ଯୋଜନାରେ ନିର୍ମିତ ଓଭରହେଡ୍ ପାନୀୟ ଜଳ ସମସ୍ୟାର ମୁକାବିଲା ପାଇଁ ବ୍ୟବସ୍ଥା କରିବାକୁ ଦାବି ହେଉଛି।ଫଗୁଣରୁ ଫାଟି ପଡ଼ିଲାଣି ଉପକୂଳରୁ ଉପାନ୍ତ। ତାତିରେ କଲବଲ ହେଲେଣି ସମସ୍ତେ। ପାରଦ ନିୟମିତ ୩୩ ଡିଗ୍ରୀ ପାର ରହୁଛି। ସେପଟେ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ ଆଗକୁ ତାପମାତ୍ରା ୪ରୁ ୫ ଡିଗ୍ରୀ ବଢ଼ିପାରେ। ଏ ନେଇ ରାଜ୍ୟ ସରକାରଙ୍କ ବୈଠକ ବି ସରିଲାଣି। ପୂର୍ବ ପ୍ରସ୍ତୁତି କରି ଗ୍ରୀଷ୍ମ ଲହରୀର ମୁକାବିଲା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେପଟେ ରାଜ୍ୟରେ ଅଚଳ ଥିବା ନଳକୂପର ମରାମତି ଖୁବ ଶୀଘ୍ର ସାରିବା ପାଇଁ ନିର୍ଦ୍ଦେଶ ଆସିସାରିଛି। ହେଲେ ଏନେଇ ତତ୍ପରତା ଦେଖିବାକୁ ମିଳୁନି। ଭାନପୁରରେ ଥିବା ଏହି ଓଭରହେଡ୍ ପାଣିଟାଙ୍କି ନିର୍ମାଣ ଆରମ୍ଭ ଠାରୁ ଶେଷ ହେବା ପର୍ଯ୍ୟନ ପର୍ଯ୍ୟନ୍ତ ହାରା ହାରି ତିନିବର୍ଷ ଲାଗିଯାଇଥିଲା। ସେଥିରେ ବି ନିମ୍ନମାନର କାମ।ଠିକାଦାର କିଛି ପରିବାରଙ୍କୁ ପାଣି ସଂଯୋଗ ଦେଇଥିବା ବେଳେ ଅନେକଙ୍କୁ ବାଦ ଦେଇ ତରବରିଆ ଭାବେ ପଞ୍ଚାୟତକୁ ତାଲା ଗଡେଇ ପଳାଇଗଲେ। ପଞ୍ଚାୟତ ପୁଣି ବାକିଥିବା ପରିବାରଙ୍କୁ ଅନ୍ୟ ଏକ ଠିକାଦାର ଦ୍ୱାରା କାମ କରାଇଥିଲେ ସୁଦ୍ଧା କିଛି ସଂଯୋଗରେ ପାଣି ବାହାରୁ ନଥିବା ସୂଚନା ମିଳିଛି। ଗ୍ରାମବାସୀ ମାନେ ପାଣି ସମସ୍ୟା ନେଇ ସ୍ଥାନୀୟ ସରପଞ୍ଚଙ୍କୁ ଅଭିଯୋଗ କରିବାରୁ ସରପଞ୍ଚ ଟାଙ୍କିପାଣି ଯୋଗାଇଦେବା ପାଇଁ ଜଣଙ୍କୁ ଦାୟୀତ୍ୱ ଦେଇଥିଲେ। ସିଏ କିଛି ଦିନ ଚଲାଇବା ପରେ କୌଣସି କାରଣରୁ ଛାଡି ଦେଇଥିଲେ। ପରେ ଆଉ ଜଣକୁ ଚଲାଇବା ପାଇଁ ଦିଆଯାଇଥିବା ବେଳେ ସିଏ ଦୀର୍ଘଦିନ ହେବ ପାରିଶ୍ରମିକ ନ ମିଳିବାରୁ ଚଲାଇବା ପାଇଁ ମନା କରି ଦେଇଥିଲେ।ପୁନହ ଗ୍ରାମବାସୀ ମାନେ ଏହି ସମସ୍ୟା ବାବଦରେ ସରପଞ୍ଚଙ୍କୁ ଜଣାଇବରୁ ସରପଞ୍ଚ ଗ୍ରାମରେ ଏକ ପାଣି ପଞ୍ଚାୟତ ଗଠନ ହେବା ସହିତ ସଂଯୋଗ ନେଇଥିବା ସମସ୍ତ ହିତାଧିକାରୀଙ୍କ ପାଖର ଜଳକର ଆଦାୟ କରାଯାଇ ସେହି ଅର୍ଥରୁ ବିଦ୍ୟୁତ ବିଲ୍ ଓ ଅପରେଟରଙ୍କୁ ଦରମା ଦିଆଯିବ ବୋଲି ବୁଝାଇଥିଲେ। ତେବେ ସରପଞ୍ଚଙ୍କୁ ଜଣାଇବାର ଚାରି ଦିନ ବିତିଯାଇଥିଲେ ସୁଦ୍ଧା ସରପଞ୍ଚ ପାଣିପଞ୍ଚାୟତ ଗଠନ କରି ନାହାନ୍ତି କି କୌଣସି ସମାଧାନର ବାଟ କରିନଥିବା ଜଣାପଡ଼ିଛି। ଏପଟେ ସମସ୍ୟାର ସମାଧାନ କରି ତୁରନ୍ତ ପାଣି ଯୋଗାଇ ନଦେଲେ ଗ୍ରାମବାସୀ ମାନେ ଆନ୍ଦ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ତେଲ ଟ୍ୟାଙ୍କର ଧକ୍କାରେ ସାଇକେଲ ଆରୋହୀଙ୍କ ମୃତ୍ୟୁ, ଉତ୍ତ୍ୟକ୍ତ ପ୍ରତିବାଦରେ ରାସ୍ତାରୋକ

**ଭଦ୍ରକ, ୧୯।୩(ସଂଚାର ବ୍ୟୁରୋ):** ତେଲ ଟ୍ୟାଙ୍କର ଧକ୍କାରେ ସାଇକେଲ ଆରୋହୀଙ୍କ ମୃତ୍ୟୁ । ଭଦ୍ରକ ଜିଲ୍ଲା ବନ୍ତ ଥାନା ଅଧୀନ ତାରିଣୀ ଛକ ନିକଟରେ ଦୁର୍ଘଟଣା ଘଟିଛି। କ୍ଷତିପୂରଣ ଦାବିରେ ରାଜପଥକୁ ଅବରୋଧ କରିଛନ୍ତି ଉତ୍ତ୍ୟକ୍ତ ଲୋକ । ସୂଚନାଯୋଗ୍ୟ ଯେ, ଶ୍ରୀବନ୍ତପୁର ନିକଟରେ ଚାଇଁପୁର ଗାଁର ଶରତ ଜେନା ବ୍ୟବସାୟ ନିମନ୍ତେ ନିଜ ସାଇକେଲ ଯୋଗେ ବନ୍ତ ହାଟକୁ ଯାଉଥିଲେ। ସେହି ସମୟରେ ଆନନ୍ଦପୁର ପଟୁ ଭଦ୍ରକ ଆଡ଼କୁ ଆସୁଥିବା ପେଟ୍ରୋଲ ଟ୍ୟାଙ୍କରଟି ବନ୍ତ ଥାନା ଶ୍ରୀବନ୍ତପୁର ତାରିଣୀ ମନ୍ଦିର ନିକଟରେ ତାଙ୍କୁ ପଛପଟୁ ଧକ୍କା ଦେଇଥିଲା । ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା ମୃତ୍ୟୁ ପରେ ଉତ୍ତେଜନା ଦେଖାଦେବା ସହ ଉତ୍ତ୍ୟକ୍ତ ଲୋକମାନେ ଟ୍ରକ୍‌ଟିକୁ ଅଟକ ରଖିବା ସହ କ୍ଷତିପୂରଣ ଦାବିରେ ରାଜପଥକୁ ଅବରୋଧ କରିଛନ୍ତି । ଖବର ପାଇ ଘଟଣାସ୍ଥଳରେ ବନ୍ତ ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରୁଥିବା ବେଳେ ରାଜପଥର ଉଭୟ ପାର୍ଶ୍ୱରେ ଶହ ଶହ ଗାଡ଼ି ଅଟକି ରହିଛି ।

## ନାଉଗାଁ ବ୍ଲକର ଶିକ୍ଷା ବିଭାଗରେ ଅଭାବନୀୟ ଦୃଶ୍ୟ

# ଅଘଟଣ ଘଟିଲେ କିଏ ଦାୟୀ ହବ? ଛାତ୍ର ହାତରେ ଗ୍ୟାସଚୁଲା

**ନାଉଗାଁ, ୧୯।୩(ସଂଚାର ବ୍ୟୁରୋ):** ବିଦ୍ୟାଳୟରେ ପିଲାମାନଙ୍କର ମାନସିକ, ଶାରୀରିକ, ବୌଦ୍ଧିକ ବିକାଶ ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା ପ୍ରଣୟନ କରାଯାଉଛି। ପିଲାମାନେ କିପରି ଅଧାରୁ ପାଠ ବନ୍ଦ ନ କରନ୍ତି; ସେଥିପ୍ରତି ଦୃଷ୍ଟି ଦିଆଯିବା ସହ ମଧ୍ୟାହ୍ନ ଭୋଜନରେ ପୃଷ୍ଟିକର ଖାଦ୍ୟ ଯୋଗାଇବାର ବ୍ୟବସ୍ଥା କରାଯାଇଛି। ଏପରିକି ପିଲାମାନଙ୍କୁ ସଠିକ୍ ଢଙ୍ଗରେ ପାଠ ପଢ଼ାଇବା ପାଇଁ ଶିକ୍ଷକମାନଙ୍କୁ ବିଭିନ୍ନ ତାଲିମ ପ୍ରଦାନ କରାଯାଉଛି। କିନ୍ତୁ ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକର କେତେକ ବିଦ୍ୟାଳୟରେ ପିଲାଙ୍କୁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରାଯାଉଥିବା ଜଣାଯାଇଛି। ପିଲାମାନଙ୍କୁ ପାଠ ବ୍ୟତିତ ଅନ୍ୟ କୌଣସି କାର୍ଯ୍ୟରେ ନିୟୋଜିତ ନ କରିବା ପାଇଁ ସରକାରଙ୍କ ପକ୍ଷରୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଯାହାକୁ ତଦାରଖ କରିବା ପାଇଁ



ବ୍ଲକ ଶିକ୍ଷାଧିକାରୀ, ସହକାରୀ ଶିକ୍ଷାଧିକାରୀ, ସିଆରସିସିଙ୍କୁ ମଧ୍ୟ ନିଯୁକ୍ତ କରାଯାଇଛି। ଏହାସତ୍ତ୍ୱେ ଶିକ୍ଷକମାନେ ପିଲାମାନଙ୍କୁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରୁଛନ୍ତି। ଯାହାକୁ ନେଇ ବିଦ୍ୟାଳୟ ତଦାରଖ ଦାୟିତ୍ୱରେ ଥିବା ଅଧିକାରୀଙ୍କ କାର୍ଯ୍ୟକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ବୁଧବାର ଗଙ୍ଗଦାହାଟରେ। ଏହି ହାଟରେ ଜନୈକ ଶିକ୍ଷକ ଜଣେ ଛାତ୍ରକୁ ନିଜ ବାଇକ୍‌ରେ ବସାଇ ଗ୍ୟାସ ଚୁଲା ନେଉଥିବାର ଫଟୋ ସୋସିଆଲ ମିଡିଆର ଭାଇରାଲ ହେଉଥିବା ଦେଖାଯାଇଛି। ସୂଚନା ମୁତାବକ ଦିନ ପ୍ରାୟ ସାଢେ ୧୦ଟା ହେବ ତିରୁଣା ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ନିଜ ବାଇକିରେ ଜଣେ ଛାତ୍ରକୁ ଆଣି ହାଟରୁ ଏକ ଦୋକାନରୁ ଗ୍ୟାସ ଚୁଲା ନେଉଥିଲେ। ଏହି ଗ୍ୟାସ ଚୁଲାକୁ ଉକ୍ତ ଛାତ୍ର ଜଣ ପଛରେ ବସି ଧରିଥିବାର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ସମ୍ପୃକ୍ତ ଶିକ୍ଷକ ଜଣକ ହେଲମେଟ ପିନ୍ଧି ବାଇକ ଚଳାଉଥିବା ବେଳେ ପଛରେ ବସିଥିବା ଛାତ୍ର ଜଣକ ଗ୍ୟାସ ଚୁଲା ଧରି ଥିଲେ ମଧ୍ୟ କୌଣସି ହେଲମେଟ ପିନ୍ଧି ନଥିବା ଦେଖାଯାଉଛି।। ଶିକ୍ଷକ ଜଣକ ବେପରୁଆ ଭାବେ ଛାତ୍ରକୁ କିପରି ପଛରେ ବସାଇ ଗ୍ୟସ ଚୁଲା ଧରାଇଥିଲେ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏବିଷୟରେ ସମ୍ପୃକ୍ତ ଶିକ୍ଷକ ଅଶୋକ କୁମାର ସ୍ୱାଇଁଙ୍କ ମତାମତ ନେବା ପାଇଁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରିନଥିଲା। ଏବିଷୟରେ ଭାରାପ୍ରାପ୍ତ ବ୍ଲକ ଶିକ୍ଷାଧିକାରୀ କୈଳାଶ ଚନ୍ଦ୍ର ପାଢ଼ୀଙ୍କୁ ପଚାରିବାରୁ ଏହା ଉପରେ ତଦନ୍ତ କରାଯାଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। ଏହି ଘଟଣା ଉପରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

# ବ୍ୟାଙ୍କ ଡକାୟତି, ଦୁଇ ଅପରାଧୀ ଗିରଫ

**ବୈଶିଙ୍ଗା, ୧୯।୩(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲାର ବୈଶିଙ୍ଗା ପୋଲିସକୁ ଏକ କିଓସ୍କ ବ୍ୟାଙ୍କ ଡ଼କାୟତି ମାମଲାରେ ମିଳିଛି ବଡ ସଫଳତା। ସୂଚନା ମୁତାବକ ଗତ ମାର୍ଚ୍ଚ ୯ ତାରିଖ ରାତିରେ ବୈଶିଙ୍ଗା ରୁପସା ମୁଖ୍ୟ ରାସ୍ତାର ବଙ୍ଗାଳୀଡାହି ଛକ ନିକଟରେ ଏକ କିଓସ୍କ ବ୍ୟାଙ୍କ ର ଗ୍ରୀଲ ଓ ଝରକା ଭାଙ୍ଗି ଡେସ୍କଟପ କମ୍ପୁଟର, ଲାପଟପ୍, ପ୍ରିଣ୍ଟର, ଫିଙ୍ଗର ପ୍ରିଣ୍ଟ ଡିଭାଇସ୍, କ୍ୟାମେରା, ମନିଟର, ପାସ୍ ବହି ପ୍ରିଣ୍ଟର, ଇନଭର୍ଟର ଓ ବ୍ୟାଟେରୀ ସହ ନଗଦ ୧୦ ହଜାରରୁ ଅଧିକ ଟଙ୍କା ଚୋରି ହୋଇଥିବା ନେଇ ଏହାର ମାଲିକ ହେମନ୍ତ ମହାନ୍ତ ପରଦିନ ଅର୍ଥାତ ୧୦-୩-୨୫ ତାରିଖରେ ଅଭିଯୋଗ କରିଥିଲେ। ଏହି ଘଟଣାକୁ ନେଇ ୯୩/୨୫ ନଂ ରେ ଏକ କେସ୍ ରୁଜୁ କରାଯାଇ ତଦନ୍ତ ଚାଲିଥିଲା। ଆଜି ଏହି ଘଟଣାରେ ପୋଲିସକୁ ମିଳିଥିବା ଜରୁରୀ ଗୋଇନ୍ଦା ତଥ୍ୟକୁ ଭିତ୍ତି କରି ବେତନଟୀ ପୋଲିସ ଉପଖଣ୍ଡ ଅଧିକାରୀ ମିନତୀ ବିଶ୍ୱାଳଙ୍କ ନିର୍ଦ୍ଦେଶ କ୍ରମେ ବୈଶିଙ୍ଗା ଥାନାଧିକାରୀ ବାରିଣୀ ଦାସଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ଏହି ଥାନା ଅର୍ନ୍ତଗତ ଗୋବିନ୍ଦରାଏପୁର ଗ୍ରାମରେ ଚଢ଼ାଉ କରି ଦୁଇ ଅଭିଯୁକ୍ତ ନାଜିମ୍ ଖାଁ (୨୩) ଓ ଅନସାର୍ ଖାଁ (୨୪ )ବର୍ଷ କୁ ଗିରଫ କରିବା ସହ ସମସ୍ତ ଡକାୟତି ସାମଗ୍ରୀ ଉଦ୍ଧାର କରାଯାଇଥିବା ଜଣାଯାଇଛି। ତେବେ ଉଭୟଙ୍କ ନାମରେ ବିଭିନ୍ନ ଥାନାରେ ୨୫ ଟି ଡକାୟତି ମାମଲା ଚାଲିଥିବା ବେଳେ ସେମାନେ ବିଭିନ୍ନ ସମୟରେ ଜାମିନରେ ଆସି ବାରମ୍ବାର ଏଭଳି ଘଟଣା ଘଟାଉଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

# ବେଆଇନ ମାଙ୍କଡ଼ା ପଥର ଖଣି ଉପରେ ଚଢ଼ାଉ, ୩୯ ଗାଡ଼ି ଜବତ



**ଖୋର୍ଦ୍ଧା, ୧୯।୩(ସଂଚାର ବ୍ୟୁରୋ):** ଗତକାଲି ବିଳମ୍ବିତ ରାତିରେ ଖୋର୍ଦ୍ଧା ଏସ୍ପି ସାଗରିକା ନାଥଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଏସ୍ପି ଅମରିତା ପାଲ ସିଂ ଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟାକ୍ସଫୋର୍ସ ଟିମ ଆଦର୍ଶ ଥାନା ତଥା ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ହଲଦୀପଦା ମୌଜାର ଶରଧାପୁର ଠାରେ ଚାଲିଥିବା ବେଆଇନ ମାଙ୍କଡ଼ା ପଥର ଖଣି ଉପରେ ଅତର୍କିତ ଚଢ଼ାଉ କରି ୩୯ ଗାଡ଼ି ଜବତ କରିବା ସହିତ ୬ ଜଣଙ୍କୁ ଗିରଫ କରାଯିବା ସହ ୨୫ ଜଣଙ୍କ ନାମରେ ମାମଲା ରୁଜୁ କରାଯାଇଥିବା ନେଇ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଆରକ୍ଷୀ ଅଧିକ୍ଷକ ସାଗରିକା ନାଥ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ଦେଇଛନ୍ତି। ଜବତ ଗାଡ଼ି ଗୁଡିକ ରିଜର୍ଭ ପୁଲିସ କାର୍ଯ୍ୟାଳୟରେ ରଖାଯାଇଛି। ଏହି ଗାଡ଼ି ଗୁଡିକ ମଧ୍ୟରେ ହାଇୱା ଟ୍ରକ, ମିନିଟ୍ରକ, ଟ୍ରାକ୍ଟର, ଜେସିବି, ପଥର କଟା ପାୱାର ଟିଲର ଏବଂ ୧୦ ଗୋଟି ବାଇକ ଜବତ କରାଯାଇଛି। ପରିବହନ ବିଭାଗ ପକ୍ଷରୁ ଜବତ ଗାଡ଼ି ଗୁଡିକର କାଗଜ ପତ୍ର ତନଖି ଚାଲିଛି। ଖୋର୍ଦ୍ଧା ସହର ଏବଂ ଏହାର ଆଖପାଖ ଅଞ୍ଚଳ ଲଘୁ ଖଣିଜ ସମ୍ପଦ ଚୋରା ଚାଲାଣରେ ଖଣି ମାଫିଆ ମାନଙ୍କ ଦୌରାତ୍ମ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଥିବା ବେଳେ ସାଧାରଣ ଲୋକେ ଏଥିରେ ଅଣ ନିଶ୍ୱାସୀ ହୋଇପଡ଼ିଛନ୍ତି। ଏପରିକି ପରିବେଶ ସନ୍ତୁଳନ ଉପରେ ଏହାର କୁ ପ୍ରବାହ ପଡୁଛି। ବେଆଇନ ଖଣି ଗୁଡିକ ଉପରେ ରୋକ ଲଗାଇବା ପାଇଁ ରାଜ୍ୟ ସରକାରଙ୍କର କଡା ଆଭିମୁଖ୍ୟ ପରେ ଏବଂ ପୁଲିସ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ ପରେ ଖୋର୍ଦ୍ଧା ଜିଲ୍ଲା ପୁଲିସ ଚୋରା ପଥର ଖଣି ଗୁଡିକ ଉପରେ ଚଢ଼ାଉ ଜାରି ରଖିଛି। ଆଗାମୀ ଦିନରେ ଜିଲ୍ଲାରେ ବେଆଇନ ଖଣି ଗୁଡିକ ଉପରେ ଚଢ଼ାଉ ଜାରି ରହିବା ସହିତ ଅଭିଯୁକ୍ତ ମାନଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍ପି କହିଛନ୍ତି ।

# ହାଇସ୍କୁଲ ସମ୍ମୁଖ ଡ୍ରେନରୁ ବାହାରୁଥିବା ପଚା ଦୁର୍ଗନ୍ଧ ଯୋଗୁଁ ଛାତ୍ରଛାତ୍ରୀ ଓ ସାଧାରଣ ଜନତା ହନ୍ତସନ୍ତ



**ବେତନଟୀ, ୧୯।୩(ସଂଚାର ବ୍ୟୁରୋ):** ବେତନଟୀସ୍ଥିତ ଚଣ୍ଡୀଛକରୁ ବଙ୍ଗଳାଛକ ପର୍ଯ୍ୟନ୍ତ ରହିଥିବା ଡ୍ରେନରୁ ବାହାରୁଥିବା ପଚା ଦୁର୍ଗନ୍ଧ ଯୋଗୁଁ ସ୍କୁଲ ଛାତ୍ରଛାତ୍ରୀ ଓ ସାଧାରଣ ଜନତାଙ୍କୁ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେବାକୁ ପଡୁଛି। ସୂଚନା ଅନୁସାରେ ବେତନଟୀ ଚଣ୍ଡୀଛକରୁ ଏକ ଡ୍ରେନ ବେତନଟୀ ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଓ ବହୁ ପୁରାତନ ମହାରାଜା ପ୍ରତାପ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ଦେଇ ବଙ୍ଗଳାଛକ ପର୍ଯ୍ୟନ୍ତ ରହିଛି। ହେଲେ ଅତି ଦୁଃଖର କଥା ବହୁ ଦିନରୁ ଏକ ଜନୈକ ମିଠା ଦୋକାନୀ ପ୍ରତିଦିନ ସେହି ଡ୍ରେନ ଦେଇ ମିଠା ତିଆରି ଛେନା ପାଣି ଛାଡିବା ଏବଂ ଗୋଟିଏ ବ୍ରଏଲାର କୁକୁଡା ଦୋକାନ ରୁ ନିର୍ଗତ ଦୁଷିତ ସେହି ପାଣିଟି ଡ୍ରେନରେ ଜମା ହୋଇ ପଚିପଚି ପଚାଶଢାରେ ପରିଣତ ହୋଇ ସେଥିରେ ପୋକ ସାଲୁବାଲୁ ହେଲେଣି। ଫଳରେ ସେହି ପଚା ପାଣି ଯୋଗୁଁ ଡ୍ରେନରୁ ଅତି କଦର୍ଯ୍ୟ ଦୁର୍ଗନ୍ଧ ନିର୍ଗତ ହେଉଛି। ଯାହା ଦ୍ୱାରା ଡ୍ରେନ ଆଖପାଖରେ ଥିବା ଶତାଧିକ ଦୋକାନୀ, ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟକୁ ଆସୁଥିବା ଶହ ଶହ ଶିକ୍ଷକ ଶିକ୍ଷୟତ୍ରୀ, ଏମ ପି ସି ହାଇସ୍କୁଲର ପାଠ ପଢୁଥିବା ଛାତ୍ରଛାତ୍ରୀ, ସେହି ରାସ୍ତା ଦେଇ ପ୍ରତିଦିନ ଯିବା ଆସିବା କରୁଥିବା ହଜାର ହଜାର ଲୋକ ସମସ୍ତେ ସେହି ଦୁର୍ଗନ୍ଧ ପାଇଁ ଅତିଷ୍ଠ ହୋଇ ସାରିଲେଣି। ଏହି ଦୁର୍ଗନ୍ଧ ଏତେ ଚରମ ସୀମାରେ ପହଁଚିଲାଣି ଯେ ସ୍କୁଲରେ ବସି ପାଠ ପଢ଼ିବା ମଧ୍ୟ ଛାତ୍ରଛାତ୍ରୀଙ୍କ ପାଇଁ ସମ୍ଭବପର ହେଉନାହିଁ। ଏହି ଦୁର୍ଗନ୍ଧ ଦ୍ୱାରା ଆଗାମୀ ଦିନରେ ଛାତ୍ରଛାତ୍ରୀମାନେ ଯଦି କୌଣସି ରୋଗରେ ପଡନ୍ତି ତାହେଲେ କିଏ ଦାୟୀ ରହିବ ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଦୁର୍ଗନ୍ଧ ବହୁ ଦିନରୁ ବାହାରୁଥିବା ହେତୁ ଛେନା ପାଣି ଡ୍ରେନକୁ ଛାଡୁଥିବା ମିଠା ଦୋକାନ ବିରୋଧରେ ଏମ ପି ସି ହାଇସ୍କୁଲ ପକ୍ଷରୁ ପ୍ରଧାନଶିକ୍ଷକଙ୍କ ତରଫରୁ ବେତନଟୀ ଥାନାରେ ଅଭିଯୋଗ ମଧ୍ୟ ହୋଇଛି ହେଲେ ତାର କୌଣସି କାର୍ଯ୍ୟାନୁଷ୍ଠାନ ଦେଖିବାକୁ ମିଳିନାହିଁ। ସେହିପରି ଏନେଇ ବେତନଟୀ ପଞ୍ଚାୟତକୁ ଅଭିଯୋଗ ପରେ ପଞ୍ଚାୟତ ପକ୍ଷରୁ ସେହି ମିଠା ଦୋକାନୀକୁ ନୋଟିସ କରାଯାଇଥିଲା, ନୋଟିସ ନମାନିଲେ ଥାନାରେ ଏତଲା ଦିଆଯିବ ବୋଲି କୁହାଯାଇଥିଲା ଏହାପରେ କାର୍ଯ୍ୟାନୁଷ୍ଠାନ ହୋଇନଥିବା ସୂଚନା ରହିଛି। ଏଣୁ ଆଗାମୀ ଦିନରେ ପ୍ରଶାସନ ପକ୍ଷରୁ ଏହି ସମସ୍ୟାର ସମାଧାନ ଯଦି ଯଥା ଶୀଘ୍ର ନକରାଯାଏ ତେବେ ସାଧାରଣ ଜନତା ଓ ଛାତ୍ର ଛାତ୍ରୀମାନେ ରାସ୍ତାକୁ ଓହ୍ଲାଇ ସେହି ଜନୈକ ମିଠା ଦୋକାନ ଏବଂ କୁକୁଡା ଦୋକାନ ବିରୋଧରେ ବିରୋଧ ପ୍ରଦର୍ଶନ କରାଯିବା ନେଇ ସୂଚାଇ ଦେଇଛନ୍ତି।

# ଗଛ ଡାଳ ପଡ଼ି ଛାତ୍ର ମୃତ, ୨ ଗୁରୁତର



**ଜୟପୁର, ୧୯।୩(ସଂଚାର ବ୍ୟୁରୋ):** ମୃତ୍ୟୁ ଏମିତି ବି ଆସିପାରେ। ଜାତୀୟ ରାଜପଥ କଡ଼ରେ ଛପି ରହିଥିଲା ଯମ। କଲେଜ କୁ ପରୀକ୍ଷା ଦେବାକୁ ଯାଉଥିବା ସମୟରେ ମାଡ଼ିବସିଥିଲା କଲେଜ ଛାତ୍ର ଙ୍କ ଉପରେ ଆଉ ନେଇଗଲା ଜଣେ ଛାତ୍ର ଙ୍କ ଜୀବନ। ଜୟପୁର ମାଲକାନଗିରି ୩୨୬ ନମ୍ବର ଜାତୀୟ ରାଜ ପଥ ମହୁଲି ନିକଟ ରାସ୍ତା କଡ଼ରେ ଥିବା ଏକ ଗଛ ର ଡାଳ ପଡ଼ିଯିବାରୁ କଲେଜ ଛାତ୍ର ଙ୍କ ଜୀବନ ଚାଲିଯାଇଛି ।ଜ ଜୟପୁର ଥାନା ଅନ୍ତର୍ଗତ ଡ଼ଙ୍ଗରଚ୍ଛିଞ୍ଚି ଗ୍ରାମ ର ମହେନ୍ଦ୍ର ନାୟକ, ଏବଂ ଜୟପୁର ର ଦୁଇ ସାଙ୍ଗ ଧନୁ ହରିଜନ ଓ କୈଳାଶ ମାଲି ତିନି ସାଙ୍ଗ ଏକ ବାଇକ ଯୋଗେ ବୈପାରୀଗୁଡ଼ା ସ୍ଥିତ ସହୀଦ ଲକ୍ଷଣ ନାୟକ ଡିଗ୍ରୀ ମହାବିଦ୍ୟାଳୟ କୁ ପରୀକ୍ଷା ଦେବା ନିମନ୍ତେ ଆସୁଥିଲେ ଠିକ ମହୁଲି ଗାଁ ନିକଟ ପାଖରେ ଥିବା ଏକ ଗଛ ର ବଡ଼ ଡାଳ ହଟାତ ବାଇକ ଉପରେ ପଡ଼ିଯାଇଥିଲା। ଫଳରେ ଘଟଣା ସ୍ଥଳ ରେ ହିଁ ମହେନ୍ଦ୍ର ନାୟକ ଙ୍କ ଉପରେ ଡାଳ ଚାପି ହୋଇଯିବାରୁ ଘଟଣା ସ୍ଥଳ ରେ ହିଁ ମୃତ୍ୟୁ କରିଥିବା ବେଳେ ଦୁଇ ଜଣ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ଚିକିତ୍ସିତ ହେଉଛନ୍ତି। ଖବର ପ୍ରସାର ପରେ ଦୁଃଖ ଖେଳିଯାଇଛି। ଅଗ୍ନିଶମ ବିଭାଗ କର୍ମଚାରୀ ଯାଇ ଡାଳ କାଟିବା ସହ ରାସ୍ତା ସଫା କରିଥିଲେ ଏହା ସହ ପୋଲିସ ପହଁଚି ଶବ ଜବତ କରି ଶବ ବ୍ୟବଚ୍ଛେଦ କରି ପୋଲିସ ଙ୍କୁ ହସ୍ତାନ୍ତର କରିଛି। ତେବେ କିଛି ଦିନ ପୂର୍ବରୁ ଆଉ ଏକ ବଡ଼ ବରଗଛ ମଧ୍ୟ ରାସ୍ତା ଉପରେ ପଡ଼ି ଯାଇଥିଲା କିନ୍ତୁ ଭାଗ୍ୟ କୁ ସେହି ସମୟରେ କୌଣସି ଗାଡି ଯାଉନ ଥିଲା। ବଡ଼ ଦୃଘଟଣା ବର୍ତ୍ତୀ ଯାଇଥିଲା କିନ୍ତୁ ପ୍ରଶାସନ କିଛି ଶିଖିଲା ନାହିଁ ରାସ୍ତା କଡ଼ ରେ ଶୁଖିଲା ଗଛ ପ୍ରତି ଧ୍ୟାନ ଦେଲା ନାହିଁ ଫଳରେ ଆଜି ଜଣେ ଛାତ୍ର ର ଜୀବନ ଚାଲି ଗଲା। ଛାତ୍ର ଙ୍କୁ କ୍ଷତି ପୁରୁଣ ସହ ରାସ୍ତା କଡ଼ ଶୁଖିଲା ଗଛ କାଟିବା ପାଇଁ କଲେଜ ଛାତ୍ର ଛାତ୍ରୀ ଦାବି କରିଛନ୍ତି।

# ୧୮ ବର୍ଷ ପରେ ଘରକୁ ଫେରିଲେ କେଦାର

**ଖଲ୍ଲିକୋଟ, ୧୯।୩(ସଂଚାର ବ୍ୟୁରୋ):** ଦାଦନ ଖଟିବାକୁ ଯାଇ ଗାଁକୁ ଫେରୁଥିଲେ, ହେଲେ ବାଟରେ ନିଖୋଜ ହୋଇଗଲେ । ୧୮ ବର୍ଷ ପରେ ଫେରିଲେ ଗାଁକୁ । ଏହା କୌଣସି ସିନେମାର କାହାଣୀ ନୁହେଁ। ଏ ହେଉଛି ଜଣେ ଦାଦନ ଶ୍ରମିକଙ୍କ ବାସ୍ତବ କଥା। ଏଭଳି ଘଟଣା ଦେଖିବାକୁ ମିଳିଛି ଗଞ୍ଜାମ ଜିଲ୍ଲା ଖଲିକୋଟ ବ୍ଲକ ବାରସର ଗାଁରେ। ଗାଁର ଅର୍ଜୁନ ସେଠୀଙ୍କ ପୁଅ କେଦାର ସେଠୀ ଆର୍ଥିକ ଅନାଟନ କାରଣରୁ ବିବାହର ୫ ବର୍ଷ ପରେ ନିଜ ପରିବାରକୁ ଛାଡ଼ି ରୋଜଗାର କରିବା ଉଦ୍ଦେଶ୍ୟରେ ଦାଦନ ଖଟିବାକୁ ଯାଇଥିଲେ । ମହାରାଷ୍ଟ୍ରର ପନଭେଲ ଠାରେ ଦାଦନ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ । କିଛି ମାସ କାମ କରିବା ପରେ କମ୍ପାନୀ କର୍ତ୍ତୃପକ୍ଷ ଗାଁକୁ ଚାଲିଯିବା ପାଇଁ କେଦାରଙ୍କୁ କହିଥିଲେ । କେଦାର ଟ୍ରେନ ଯୋଗେ ଗାଁକୁ ଫେରୁଥିବା ବେଳେ ଅଧା ରାସ୍ତାରେ କେଉଁଠାରେ ଓହ୍ଲାଇ ପଡିଥିଲେ । ସେହିଦିନ ଠାରୁ କେଦାର ନିଖୋଜ ହୋଇ ଯାଇଥିଲେ । ଦୀର୍ଘ ୧୮ ବର୍ଷ ପରେ ଏବେ କେଦାର ଘରକୁ ଫେରିଛନ୍ତି । ଭଲ କି କହି ପାରୁନଥିଲେ କି କିଛି ଜାଣି ପାରୁନଥିଲେ। ମାନସିକ ଶକ୍ତି ହରାଇ ଥିବାରୁ ଏଭଳି ସ୍ଥିତି ଉପୁଜିଥିଲା ବୋଲି ପରିବାରବର୍ଗ କହିଛନ୍ତି । କେଦାରଙ୍କୁ ପାଇ ପରିବାର ଲୋକ ବେଶ୍ ଖୁସି ଅଛନ୍ତି ।

## ଜିଲ୍ଲାପାଳ ବିଭିନ୍ନ ଶିକ୍ଷାନୁଷ୍ଠାନ ପରିଦର୍ଶନ

# ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିଚ୍ଛନ୍ନତା ଉପରେ ଗୁରୁତ୍ୱାରୋପ



**ନୀଳଗିରି, ୧୯।୩(ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ବୁଧବାର ନୀଳଗିରି ଗସ୍ତରେ ଆସି ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରି ଆନୁଷଙ୍ଗିକ ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ। ଜିଲ୍ଲାପାଳ ପ୍ରଥମେ ଜାମୁଡ଼ିହା ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିଦର୍ଶନରେ ଯାଇ ବିଦ୍ୟାଳୟର ବିଭିନ୍ନ ସୁବିଧାଅସୁବିଧା ବିଷୟରେ ପଚାରି ବୁଝିବାସହିତ ତୁରନ୍ତ ଆବଶ୍ୟକ ସମସ୍ୟାର ସମାଧାନ ଉପରେ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ସରକାରୀ ଏସଏସଡି ଉଚ୍ଚବିଦ୍ୟାଳୟ ତେଲିପାଳ ଯାଇ ବିଦ୍ୟାଳୟର ଅନ୍ତେବାସୀ ମାନଙ୍କୁ ଭେଟିବା ସହିତ ପାଠପଢ଼ା ସମ୍ପର୍କରେ ଆଲୋଚନା କରିଥିଲେ। ବିଦ୍ୟାଳୟର ଡାଇନିଂହଲକୁ ପୁନଃନିର୍ମାଣ କରିବା ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ସେଠାରୁ ଶ୍ରୀପତି ସରକାରୀ ଏସଏସଡି ଉଚ୍ଚବିଦ୍ୟାଳୟ ଯାଇ ଛାତ୍ରଛାତ୍ରୀ ମାନଙ୍କ ସହିତ ସାକ୍ଷାତ କରି ପିଲାମାନଙ୍କର ପାଠପଢ଼ା, ସ୍ୱାସ୍ଥ୍ୟ, ଖାଦ୍ୟ, ପରିଚ୍ଛନ୍ନତା ବିଷୟରେ ଅବଗତ ହୋଇଥିଲେ। ପରେ ଷ୍ଟୋରରୁମ୍ ପରିଦର୍ଶନ କରିଥିଲେ। ବିଦ୍ୟାଳୟର ପ୍ରଗତି ଦେଖି ପ୍ରଶଂସା କରିବା ସହିତ ୨ଶହ ଶଯ୍ୟା ବିଶିଷ୍ଟ ଛାତ୍ରାବାସ ସହ ଏକ ଡାଇନିଂ ହଲ ପ୍ରଦାନ କରିବାକୁ ଆଶ୍ୱାସନା ଦେଇଥିଲେ। ଏଥିସହ ତୁରନ୍ତ ଦୁଇଟି ନୂତନ ନଳକୂପ ନିର୍ମାଣ ପାଇଁ ଆଦେଶ ଦେଇଥିଲେ। ଏହି ଗସ୍ତ ସମୟରେ ଜିଲ୍ଲା ସମାଜକଲ୍ୟାଣ ଅଧିକାରୀ ବିଦ୍ୟୁତଲତା ମହାପାତ୍ର, ନୀଳଗିରି ବିଡିଓ ବିକ୍ରମକେଶରୀ ପରିଡା, ସହାୟକ ଜିଲ୍ଲା ସମାଜମଙ୍ଗଳ ଅଧିକାରୀ ଦେବାଶିଷ ସ୍ୱାଇଁ, ନୀଳଗିରି ସମାଜମଙ୍ଗଳ ଅଧିକାରୀ ଶୈଳେନ୍ଦ୍ର ଶତପଥୀ ସାମିଲ ରହିଥିବା ବେଳେ ତେଲିପାଳ ଏସଏସଡିର ପ୍ରଧାନଶିକ୍ଷକ ସରୋଜ କୁମାର ବେହେରା ଏବଂ ଶ୍ରୀପତି ବିଦ୍ୟାଳୟର ପ୍ରଧାନଶିକ୍ଷକ ବରଜୁ ପ୍ରସାଦ ନାୟକ ବିଦ୍ୟାଳୟରେ ଉପସ୍ଥିତ ରହି ଜିଲ୍ଲାପାଳଙ୍କୁ ସ୍ୱାଗତ କରିଥିଲେ।

# ଗୁପ୍ତଶତ୍ରୁ ଭୂମିକାରେ ସୁରକ୍ଷା ବାହିନୀ, ରେଡ ଫୋର୍ସ

● ଦୁଇ ଦିନିଆଁ ମିଳିତ ସମରା ଭ୍ୟାସ ସାଗର କବଚ



**କାକଟପୁର /ଅସ୍ତରଙ୍ଗ, ୧୯।୩(ସଂଚାର ବ୍ୟୁରୋ):** ଶତ୍ରୁ ସଂହାର କରିବା ସହ ଆତଙ୍କବାଦୀ ଙ୍କୁ ପ୍ରବେଶ ନ କରାଇବା ପାଇଁ ନୌସେନା ଅଭିନବ ଉପାୟ।ଚଳିତ ବର୍ଷ ପୁରୀ ଜିଲ୍ଲା ଅସ୍ତରଙ୍ଗ ଉପକୂଳରେ ଦୁଇ ଦିନିଆଁ ମିଳିତ ସମରାଭ୍ୟାସ 'ସାଗର କବଚ 'ଅଥବା'ସି ଭିଜିଲ 'ଅନୁଷ୍ଠିତ ହୋଇଯାଇଛି। ଉପକୂଳ ସୁରକ୍ଷା ବ୍ୟବସ୍ଥା କୁ ତଦାରଖ କରିବାକୁ ପ୍ରଥମ ଦିନ ବୁଧବାର ସକାଳ ଠାରୁ ଆରମ୍ଭ ହୋଇଥିବା ସମରାଭ୍ୟାସ 'ସାଗର କବଚ 'ଅଥବା 'ସି ଭିଜିଲି 'ଆରମ୍ଭ ହୋଇଛି। ୨୬/୧୧ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ରେ ସମଗ୍ର ଭାରତ ଦୋହଲିଯିବା ପରେ ଉପକୂଳ ସୁରକ୍ଷାବ୍ୟବସ୍ଥା କୁ ତଦାରଖ କରିବାକୁ ଉଭୟ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାର ତରଫରୁ ପ୍ରତ୍ୟେକ ବର୍ଷ ଭଳି ଆୟୋଜିତ ହୋଇଛି ମିଳିତ ସମରାଭ୍ୟାସ 'ସାଗର କବଚ'। ଉପକୂଳ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳର ନୂଆଗଡ଼, କାଳିଆକଣ, ସହନ, ସୁଦିକେଶର, ଗୁଣ୍ଡଳବା ସମେତ ନୌସେନା ଓ ପୋଲିସ ର ରଣକୌଶଳ ପ୍ରଦର୍ଶନ କରାଯାଇଛି। ସାମୁଦ୍ରିକ ସୀମାରେ ଅନୁପ୍ରବେଶ ରୋକିବା ଲକ୍ଷ୍ୟରେ ପ୍ରଥମ ଦିନରେ ବୁଧବାର ସକାଳ ୬ରୁ ଆରମ୍ଭ ହୋଇଥିବା ବେଳେ ଏହି ସମରାଭ୍ୟାସ ରେ ଭାରତୀୟ ତଟରକ୍ଷୀ ବାହିନୀ, ମେରାଇନି ପୋଲିସ, ଅସ୍ତରଙ୍ଗ ପୋଲିସ ସହ ବିଭିନ୍ନ ଥାନା ପୋଲିସ ଏଥିରେ ସାମିଲ ହୋଇଛନ୍ତି।ସୁରକ୍ଷା ବାହିନୀ ଦୁଇ ଭାଗରେ ବିଭକ୍ତ।ବ୍ଲୁ ଫୋର୍ସ ଓ ରେଡ ଫୋର୍ସ ୨ଟି ଟିମ୍ ହୋଇ ଏହି ସମରାଭ୍ୟାସ ଚାଲିଛି। ରେଡ ଫୋର୍ସ ତଥା ଗୁପ୍ତଶତ୍ରୁ ଭୂମିକା ନିର୍ବାହ କରିବେ ଏବଂ ବ୍ଲୁ ଫୋର୍ସ ପୁଲିସ ତଥା ସୁରକ୍ଷା ବାହିନୀର ଭୂମିକା ତୁଲାଇବେ। ଉପକୂଳ କୁ ବ୍ଲୁ ବାହିନୀ ଜଗିଥିବା ବେଳେ ରେଡ ବାହିନୀ ଶତ୍ରୁ ପକ୍ଷ ହୋଇ ଦୂରସମୁଦ୍ର କୁ ଯାତ୍ରା କରି ପୁଣି ଉପକୂଳ ମୁହାଁ ହୋଇ ଆକ୍ରମଣ କରିବା ପାଇଁ ଶତ୍ରୁ ପକ୍ଷକୁ କଡା ଜବାବ ଦେବା ପାଇଁ ପ୍ରସ୍ତୁତ ଅଛନ୍ତି। ସମୁଦ୍ର ପଥ, ବସ ତଥା ଯାନବାହନ ଆଦିରେ ରେଡ ଫୋର୍ସ ରହିବେ, ତାଙ୍କୁ ମୁକାବିଲା କରିବେ ବ୍ଲୁ ଫୋର୍ସ।

# ବଜାରରେ ପ୍ରଶାସନର ଜବରଦଖଲ ଉଚ୍ଛେଦ



**ବୈଶିଙ୍ଗା, ୧୯।୩(ସଂଚାର ବ୍ୟୁରୋ):** ବୈଶିଙ୍ଗା ମୁଖ୍ୟ ବଜାର ବସ ଷ୍ଟାଣ୍ଡ ଠାରେ ବୈଶିଙ୍ଗା -ମାଣତ୍ରୀ ରାସ୍ତାପାର୍ଶ୍ୱରେ ସରକାରୀ ଜମିରେ ଜବରଦଖଲକରି ଦୀର୍ଘବର୍ଷଧରି ଦୋକାନ କରିଆସିଥିବା ଦୋକାନ ଗୁଡିକୁ ଉଚ୍ଛେଦ କରିବାକୁ ତହସିଲ କାର୍ଯ୍ୟାଳୟ ପକ୍ଷରୁ ନୋଟିସ ଜାରି କରାଯାଇଥିବା ବେଳେ ବୁଧବାର ପୂର୍ବାହ୍ନ ରେ ପ୍ରଶାସନ ତରଫରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ବୈଶିଙ୍ଗା ଥାନା ଅଧିକାରୀ ବାରିଣୀ ଦାସ ପୁଲିସଫୋର୍ସ ନେଇ ଜବରଦଖଲ ଉଛେଦ ସମୟରେ ଘଟଣାସ୍ଥଳରେ ଉପସ୍ଥିତ ଥିବାବେଳେ ତହସିଲଦାର ସୁରଥ ଚନ୍ଦ୍ର ରାଉତ, ଅତିରିକ୍ତ ତହସିଲଦାର ଈଶ୍ୱରଚନ୍ଦ୍ର ରଣା, ରେଭିନ୍ୟୁ ସୁପର ଭାଇଜର ଜଗନ୍ନାଥ ସିଂ ଙ୍କ ସମେତ ବୈଶିଙ୍ଗା ରାଜସ୍ୱ ନିରୀକ୍ଷକ ଅହଲ୍ୟା ବେହେରା, ପୂର୍ତ୍ତ ବିଭାଗ ଅଧିକାରୀ ରବୀନ୍ଦ୍ର ମିଶ୍ର ମଧ୍ୟ ଉପସ୍ଥିତ ରହିଥିଲେ। ବୈଶିଙ୍ଗା ମୁଖ୍ୟ ବଜାରର ରାସ୍ତା ପାର୍ଶ୍ୱସ୍ଥ ନୟନଯୋଡି ଏବଂ ଗୋଚର କିସମର ଜମିରେ ଜବରଦଖଲକରି ଦୋକାନ ରହିଥିବା ବେଳେ ଉଚ୍ଛେଦ କରିବାକୁ ତହସିଲଦାରଙ୍କ କାର୍ଯ୍ୟାଳୟ ପକ୍ଷରୁ ୧୭ଜଣଙ୍କୁ ନୋଟିସ ଜାରି କରାଯାଇଥିଲା। ଦୀର୍ଘ ଦିନ ଧରି କେହି ନ ଭାଙ୍ଗିବାରୁ ପୁଲିସଫୋର୍ସ ଏବଂ ରାଜସ୍ୱ ଅଧିକାରୀଙ୍କ ଉପସ୍ଥିତିରେ ଜବରଦଖଲ ଉଚ୍ଛେଦ କରାଯାଇଛି। ବୈଶିଙ୍ଗା -ମାଣତ୍ରୀ ରାସ୍ତାର ପ୍ରଶସ୍ତିକରଣ କାର୍ଯ୍ୟ ଚାଲିଥିବାରୁ ଏଭଳି ପଦକ୍ଷେପ ନିଆଗଲା ବୋଲି ଅଧିକାରୀ ପ୍ରକାଶ କରିଥିଲେ।

# ବିଦ୍ୟୁତ କାଟ୍: ପ୍ରତିବାଦରେ କାର୍ଯ୍ୟାଳୟ ଘେରାଉ



**କେସିଙ୍ଗା, ୧୯।୩ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା କେସିଙ୍ଗା ସହରସ୍ଥିତ ବିଦ୍ୟୁତ କାର୍ଯ୍ୟାଳୟ ଘେରାଉ କରାଯାଇଛି। ବିଦ୍ୟୁତ କାଟ୍‌କୁ ବିରୋଧ କରି ପୂର୍ବତନ କାଉନସିଲର ବିଜୟ ଦୀପ ଏବଂ ତ୍ରିନାଥ ନାଏକଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ହୋଇଛି। ବିଦ୍ୟୁତ ବିଭାଗ ମାର୍ଚ୍ଚରେ ଆକାଉଣ୍ଟ କ୍ଲୋଜ କରିବା ବାହାନା ଦେଖାଇ ହିତାଧିକାରୀଙ୍କ ଘର ବୁଲୁଛନ୍ତି । ଏପଟେ ବିଜୁଳି କାଟୁଛନ୍ତି। କମ୍ପାନୀ ମାଧ୍ୟମରେ କିଛି ସ୍ଥାନୀୟ ଲୋକ କମିଶନ ଏଜେଣ୍ଟ ହିସାବରେ ନିଯୁକ୍ତି ପାଇ ପୂର୍ଣ୍ଣ ମାତ୍ରାରେ ବିଦ୍ୟୁତ ହିତାଧିକାରୀମାନଙ୍କ ଉପରେ ଜୁଲୁମ କରୁଛନ୍ତି। ଅନ୍ୟପକ୍ଷେ କମ୍ପାନୀର ଲୋକେ ମନଇଛା ବିଦ୍ୟୁତ କାଟୁଛନ୍ତି। ଖରାଦିନେ ବିଜୁଳି ନ କାଟିବା ପାଇଁ ନିର୍ଦ୍ଦେଶ ଥିବା ସତ୍ତ୍ୱେ ବିଜୁଳି କାଟୁଛନ୍ତି। ଏଜେଣ୍ଟମାନେ ଘରଘର ବୁଲି ଜୋର ଜବରଦସ୍ତ ଟଙ୍କା ଆଦାୟ କରୁଛନ୍ତି। ଏହାକୁ ବିରୋଧ କରି ସ୍ଥାନୀୟ ଲୋକେ ବିଦ୍ୟୁତ କାର୍ଯ୍ୟାଳୟ ଘେରାଉ କରି ଏସଡିଓଙ୍କୁ ଭେଟି ଆଲୋଚନା କରିଥିଲେ। ସେହି ସମୟରେ ଦୁଇ ନମ୍ବର ୱାର୍ଡ କାଉନସିଲର ଉପେନ୍ଦ୍ର ଘିଭେଲା, ଏଗାର ନମ୍ବର ୱାର୍ଡ କାଉନସିଲର ବିଦେଶୀ ଜେନା, ସଦା ମାଝି, ମୋତି ସାହୁ, ହେମନ୍ତ ସାହୁ, ପରମେଶ୍ୱର ଦୀପ, ମୁନ୍ନା ନାଏକ, ନବୀନ ତାଣ୍ଡି, ବିଶ୍ୱାସୀ ନାଏକ, ରତନ ଦୀପ, ଗରୁଡ ବନଛୋର, ରାଜୁ ସୁନା, ଇନ୍ଦ୍ର ଯାନୀ, ସୁଶାନ୍ତ ସୁନା ଏବଂ ସହରର ଜନସାଧାରଣ ଉପସ୍ଥିତ ଥିଲେ ।

# ଅଶୋକ ସ୍ତମ୍ଭର ଅପବ୍ୟବହାର, ହାଇକୋର୍ଟରେ ପିଆଇଏଲ୍



**ଭୁବନେଶ୍ୱର,୧୯।୩(ସଂଚାର ବ୍ୟୁରୋ):** ଜାତୀୟ ଚିହ୍ନ ଅଶୋକ ସ୍ତମ୍ଭର ଅପବ୍ୟବହାର କରାଯାଉଛି। ଏହାକୁ ଉପଯୁକ୍ତ ମର୍ଯ୍ୟାଦା ଦିଆଯାଉ ନଥିବାର ଅଭିଯୋଗ ଆଣି ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାୟର ହୋଇଛି। ଆଜି ଉକ୍ତ ଆବେଦନର ପ୍ରାରମ୍ଭିକ ଶୁଣାଣି କରି ଜବାବ ଦାଖଲ ପାଇଁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ମିଳିଥିବା ସୂଚନାନୁସାରେ, ଗଞ୍ଜାମର ଏଲୋକ ଟ୍ରଷ୍ଟ ପକ୍ଷରୁ ଦାୟର ଏହି ଜନସ୍ୱାର୍ଥ ମାମଲାରେ ଦର୍ଶାଯାଇଛି ଯେ ୧୯୫୦ ଜାନୁଆରୀ ୨୬ ତାରିଖରେ ଭାରତର ଜାତୀୟ ଚିହ୍ନ ଭାବେ ଅଶୋକ ସ୍ତମ୍ଭ ଘୋଷିତ ହୋଇଥିଲା। ଅଶୋକ ସ୍ତମ୍ଭର ଅଗ୍ରଭାଗରେ ସିଂହ ଥିବା ବେଳେ ତଳେ ସତ୍ୟମେବ ଜୟତେ ଲେଖା ରହିଛି। ମୁଣ୍ଡକା ଉପନିଷଦରୁ ଆସିଥିବା ଏହି ଉକ୍ତିଟି ଦେବନାଗରୀ ଲିପିରେ ଲେଖାଯାଇଥିଲା। କିନ୍ତୁ ଏବେ ଅଧିକାଂଶ ସ୍ଥାନରେ ଏହି ଜାତୀୟ ଚିହ୍ନ ଅଶୋକ ସ୍ତମ୍ଭ ରହୁନାହିଁ। ଯେଉଁଠି ବି ରହୁଛି, ତାହା ସଠିକ ଭାବେ ରହୁନାହିଁ। ଅଧିକାଂଶ ସ୍ଥାନରେ ସତ୍ୟମେବ ଜୟତେ ଲେଖା ରହୁ ନଥିବା ଆବେଦନକାରୀ ଦର୍ଶାଇଛନ୍ତି। ଏଥିସହ ଜାତୀୟ ଚିହ୍ନ ସମ୍ପର୍କରେ ବିଦ୍ୟାଳୟ ପାଠ୍ୟକ୍ରମରେ ସ୍ଥାନ ଦେବା ସହିତ ଏ ନେଇ ଜନସଚେତନତା ସୃଷ୍ଟି କରାଯିବା ସକାଶେ ଆବେଦନରେ ପ୍ରାର୍ଥନା କରାଯାଇଛି। ଆସନ୍ତା ୨୬ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ ହୋଇଛି। ଏହା ପୂର୍ବରୁ ଆବଶ୍ୟକ ଜବାବ ଦାଖଲ କରିବା ସକାଶେ ହାଇକୋର୍ଟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଏକୀକୃତ ବୀମା ଯୋଜନାରେ ସାମିଲ୍ ହେବେ ସାମ୍ବାଦିକ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୯।୩(ସଂଚାର ବ୍ୟୁରୋ):** ଗୋପବନ୍ଧୁ ସାମ୍ବାଦିକ ବୀମା ଯୋଜନାରେ ସମ୍ପ୍ରତି ଆବେଦନ କରିଥିବା ସାମ୍ବାଦିକମାନଙ୍କୁ ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରା ନ ଯିବା ନେଇ ଚିନ୍ତାର ସମାଧାନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ସେମାନଙ୍କୁ ଏକୀକୃତ ବୀମା ଯୋଜନାରେ ସାମିଲ କରିବା ପାଇଁ ପ୍ରୟାସ ଚାଲିଛି। ଓଡ଼ିଶା ବିଧାନସଭାରେ ବ୍ରହ୍ମଗିରିର ବିଜେପି ବିଧାୟିକା ଉପାସନା ମହାପାତ୍ରଙ୍କ ଏକ ପ୍ରଶ୍ନର ଉତ୍ତର ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସାମ୍ବାଦିକମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟକୁ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଡାଟାବେସ୍ ସହ କ୍ରସ୍-ଭେରିଫାଏ କରାଯାଉଛି। ସେହି ଅନୁଯାୟୀ ଆବଶ୍ୟକୀୟ ପଦକ୍ଷେପ ନିଆଯିବ ବୋଲି ସେ ଆଶ୍ୱାସନା ଦେଇଛନ୍ତି। ସେହିପରି ଗତ ବର୍ଷ ଜୁନ୍‌ରୁ ଚଳିତ ବର୍ଷ ଫେବୃଆରୀ ମଧ୍ୟରେ ଗୋପବନ୍ଧୁ ସାମ୍ବାଦିକ ବୀମା ଯୋଜନାରେ ପଞ୍ଜୀକରଣ ପାଇଁ ୮୦୪ ଜଣ ସାମ୍ବାଦିକ ଆବେଦନ କରିଛନ୍ତି। ଅନ୍ୟପକ୍ଷରେ ବିଧାୟିକା ଉପାସନା ଏହି ଆବେଦନକାରୀଙ୍କ ସ୍ଥିତି ବିଷୟରେ ମଧ୍ୟ ପଚାରି ବୁଝିବା ସହ ସେମାନଙ୍କ ଆବେଦନ ପ୍ରତ୍ୟାଖ୍ୟାନର କାରଣ ବିଷୟରେ ମଧ୍ୟ ସ୍ପଷ୍ଟୀକରଣ ମାଗିଥିଲେ।

## ୧୬୫ କ୍ରୀଡ଼ାବିତ୍‌ଙ୍କୁ ୬୬ ଲକ୍ଷ ପୁରସ୍କାର ରାଶି ପ୍ରଦାନ



**ଭୁବନେଶ୍ୱର,୧୯।୩(ସଂଚାର ବ୍ୟୁରୋ):** ଆମ କ୍ରୀଡ଼ାବିତମାନେ ହେଉଛନ୍ତି ଆମ ଗର୍ବ ଓ ଗୌରବ। ଓଡ଼ିଶାର କ୍ରୀଡ଼ାବିତମାନେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାମାନଙ୍କରେ ନିଜର ଉଲ୍ଲେଖନୀୟ ପ୍ରଦର୍ଶନ ମାଧ୍ୟମରେ ଆମକୁ ଗୌରବାନ୍ୱିତ କରିଛନ୍ତି। ଆମ କ୍ରୀଡ଼ାବିତମାନଙ୍କ ପାଇଁ ଓଡ଼ିଶା ଆଜି ବିଶ୍ୱ ସ୍ତରରେ କ୍ରୀଡ଼ାକ୍ଷେତ୍ରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଆଗକୁ ମଧ୍ୟ ଆୟୋଜିତ ହେବାକୁ ଥିବା ବିଭିନ୍ନ ପ୍ରତିଯୋଗିତାମାନଙ୍କରେ ନିଜର ଉତ୍କୃଷ୍ଟ ପ୍ରଦର୍ଶନ ଦ୍ୱାରା ଆମ କ୍ରୀଡ଼ାବିତମାନେ ଓଡ଼ିଶା ପାଇଁ ଗୌରବ ଅର୍ଜନ କରିବେ ବୋଲି କହିଛନ୍ତି କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ।

ଆଜି ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାମାନଙ୍କରେ ପଦକ ହାସଲ କରିଥିବା ସଫଳ କ୍ରୀଡ଼ାବିତମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଆଜିର କାର୍ଯ୍ୟକ୍ରମରେ ୨୪ଟି କ୍ରୀଡ଼ା ବର୍ଗରେ ପ୍ରାୟ ୧୬୫ କ୍ରୀଡ଼ାବିତମାନଙ୍କୁ ୬୬ ଲକ୍ଷରୁ ଉର୍ଦ୍ଧ୍ୱ ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଆଥଲେଟିକ୍ସ, ଚେସ୍, ସାଇକ୍ଲିଂ, ହକି, କରାଟେ, ଖୋଖୋ, ରୋଲ ବଲ୍, ରଗବୀ, ଶୁଟିଂ, ସଫ୍ଟ ବଲ୍, ସନ୍ତରଣ, ଟାଇକ୍ୱାଣ୍ଡୋ, ଟେନିସ, ପେଣ୍ଟାଥଲନ, ଭାରତ୍ତୋଳନ, ଉସୁ, ଟ୍ରାଇଥଲନ୍, ପାରା-ଜୁଡୋ, ପାରା-ସନ୍ତରଣ ଆଦି ସର୍ବମୋଟ ୨୪ଟି କ୍ରୀଡ଼ାବର୍ଗର କ୍ରୀଡ଼ାବିତମାନଙ୍କୁ ପୁରସ୍କାର ରାଶି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି। ଏଥିସହିତ ୮ଜଣ ପର୍ବତାରୋହୀ (ପ୍ରତ୍ୟେକ ପର୍ବତାରୋହୀଙ୍କୁ ୨ ଲକ୍ଷ ଟଙ୍କା ଲେଖାଏଁ) ସମ୍ବର୍ଦ୍ଧନା ପୁରସ୍କାର ରାଶି ମଧ୍ୟ ପ୍ରଦାନ କରାଯାଇଛି।

### ଶ୍ରୀମନ୍ଦିରରେ ପ୍ରବେଶ ପ୍ରସଙ୍ଗ

# ଇ-ମେଲରେ ସ୍ପଷ୍ଟୀକରଣ ରଖିଲେ ହେମା



**ପୁରୀ,୧୯।୩(ସଂଚାର ବ୍ୟୁରୋ):** ଶ୍ରୀମନ୍ଦିରରେ ବଲିଉଡ ଅଭିନେତ୍ରୀ ତଥା ବିଜେପି ସାଂସଦ ହେମାମାଲିନୀଙ୍କ ପ୍ରବେଶକୁ ନେଇ ବିବାଦ ଉପୁଜିଥିବା ବେଳେ ତାଙ୍କୁ ପ୍ରବେଶରେ ସହଯୋଗ କରିଥିବା ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି ନେଇ ପୁରୀ ସିଂହଦ୍ୱାର ଥାନାରେ ଶ୍ରୀ ଜଗନ୍ନାଥ ସେନା ପକ୍ଷରୁ ଏତଲା ଦିଆଯାଇଥିଲା। ଏହା ଉପରେ ଇ-ମେଲ୍ ଜରିଆରେ ଶ୍ରୀମନ୍ଦିର ପ୍ରଶାସନକୁ ସ୍ପଷ୍ଟୀକରଣ ଦେଇଛନ୍ତି ହେମାମାଲିନୀ। ତାଙ୍କର ଏହି ଚିଠି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ। ଗତ ୧୫ ତାରିଖ ଦିନ ହୋଲି ଖେଳିବା ପୂର୍ବରୁ ହେମାମାଲିନୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ।

ଶ୍ରୀଜଗନ୍ନାଥ ସେନା ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ଅଭିଯୋଗ କରିଥିଲେ ଯେ ସାଂସଦ ହେମାମାଲିନୀଙ୍କ ପ୍ରତି ଆମର ସମ୍ମାନ ରହିଛି ଏବଂ ସବୁ ଧର୍ମ ପ୍ରତି ଆମର ସମ୍ମାନ ରହିଛି। କିନ୍ତୁ ସେ ଧର୍ମେନ୍ଦ୍ରଙ୍କୁ ବିବାହ କରିବା ପାଇଁ ଗତ ୧୯୭୯ ଅଗଷ୍ଟ ୨୧ରେ ମୁସଲିମ ଧର୍ମ ଗ୍ରହଣ କରିବା ସହ ମୁମ୍ବାଇରେ 'ନିକାହ' କରିଥିଲେ। ବିବାହ ସମୟରେ ଧର୍ମେନ୍ଦ୍ରଙ୍କ ନାମ ଥିଲା ଦିଲାବର ଖାନ ଓ ହେମାମାଲିନୀଙ୍କ ନାମ ଥିଲା ଆଇଶା ବିବି ଆର୍. ଚକ୍ରବର୍ତ୍ତୀ। ଏଥିପାଇଁ ମୌଲାନାଙ୍କୁ ସେମାନେ ୧.୧୧ ଲକ୍ଷ ଟଙ୍କା ଦେଇଥିଲେ। ଏପରି ସ୍ଥିତିରେ ଜଣେ ମୁସଲିମ୍ କିପରି ସବୁ ପ୍ରକାର ନିୟମକୁ ଉଲ୍ଲଙ୍ଘନ କରି ଶ୍ରୀମନ୍ଦିରରେ ପ୍ରବେଶ କଲେ ଓ ତାଙ୍କୁ ଏ ଦିଗରେ ସହଯୋଗ କରିଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ହେବା ଦରକାର ବୋଲି ଶ୍ରୀ ପଟ୍ଟନାୟକ ଦାବି କରିଥିଲେ।

ତେବେ ଏନେଇ ହେମାମାଲିନୀଙ୍କ ଚିଠି ସମ୍ପର୍କରେ ଜିଲ୍ଲାପାଳ ଶ୍ରୀ ସ୍ୱାଇଁ କହିଛନ୍ତି ଯେ ଜଗନ୍ନାଥ ମନ୍ଦିର ସ୍ୱତନ୍ତ୍ର ନିୟମ ଓ କଟକଣା ରହିଛି। ଏହି ଘଟଣା ନଜରକୁ ଆସିବା ପରେ ନିଜେ ଅଭିନେତ୍ରୀ ହେମାମାଲିନୀ ଶ୍ରୀମନ୍ଦିର ପ୍ରଶାସନକୁ ଇ-ମେଲରେ ଚିଠି ଦେଇ ନିଜର ସ୍ପଷ୍ଟୀକରଣ ରଖିଛନ୍ତି। ସେ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ସେ ଜନ୍ମରୁ ହିନ୍ଦୁ ଓ ସନାତନ ହିନ୍ଦୁ ଧର୍ମର ସବୁ ନୀତିନିୟମ ପାଳନ କରିଆସିଛନ୍ତି। ତାଙ୍କ ନାମ ଆଫିଡେଫିଟ୍ ଅନୁସାରେ ହେମା ଧର୍ମେନ୍ଦ୍ର ଦେଓଲ ରହିଛି। ସେ ସନାତନ ହିନ୍ଦୁ ଧର୍ମ ପାଳନ କରନ୍ତି। ଜଗନ୍ନାଥ ମନ୍ଦିରକୁ ମଧ୍ୟ ତାଙ୍କର ଏହା ପ୍ରଥମ ଗସ୍ତ ନୁହେଁ। ପୂର୍ବରୁ ମଧ୍ୟ ସେ ସେ ଗୁରୁ କେଳୁଚରଣ ମହାପାତ୍ରଙ୍କ ସହ ଜଗନ୍ନାଥ ମନ୍ଦିରରେ ପ୍ରଭୁଙ୍କ ଦର୍ଶନ କରିଛନ୍ତି।

ସୂଚନାଯୋଗ୍ୟ ଯେ ହେମାମାଲିନୀ ଚଳିତବର୍ଷର ହୋଲି ପୁରୀରେ ମହାବାହୁଙ୍କୁ ଦର୍ଶନ କରିବା ସହ ଶ୍ରୀକ୍ଷେତ୍ରରେ ହୋଲି ଖେଳିଥିଲେ। ସେ ପୁରୀ ସାଂସଦ ସମ୍ବିତ ପାତ୍ରଙ୍କ ଘରେ ହୋଲି ଉତ୍ସବ ପାଳନ କରିଥିଲେ। ତେବେ ଉକ୍ତ ଦିନ ସକାଳୁ ହେମାମାଲିନୀ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ତାଙ୍କୁ ପୁରୀ ସାଂସଦ ସମ୍ବିତ ପାତ୍ର ଓ ସେବାୟତମାନେ ସିଂହଦ୍ୱାର ନିକଟରେ ସ୍ୱାଗତ କରିବା ସହ ଶ୍ରୀମନ୍ଦିର ଭିତରକୁ ପାଛୋଟି ନେଇଥିଲେ। ମହାପ୍ରଭୁଙ୍କୁ ଦର୍ଶନ କରିବା ପରେ ସେ ଶ୍ରୀମନ୍ଦିର ବେଢ଼ା ପରିକ୍ରମା ସହ ବିଭିନ୍ନ ପାର୍ଶ୍ୱ ଦେବାଦେବୀଙ୍କୁ ବି ଦର୍ଶନ କରିଥିଲେ।

## ଅଯୋଧ୍ୟା ଓ ବନାରସକୁ ଗଲା ତୀର୍ଥଯାତ୍ରା ଟ୍ରେନ୍




**ଭୁବନେଶ୍ୱର,୧୯।୩ (ସଂଚାର ବ୍ୟୁରୋ):** ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଭୁବନେଶ୍ୱରରୁ ଅଯୋଧ୍ୟା ଓ ବନାରସକୁ ଗଡିଛି ସ୍ୱତନ୍ତ୍ର ଟ୍ରେନ। ୭୭୫ ବରିଷ୍ଠ ଯାତ୍ରୀଙ୍କୁ ନେଇ ଟ୍ରେନ ଭୁବନେଶ୍ୱର ଛାଡିଛି। ଏହି ବରିଷ୍ଠ ତୀର୍ଥଯାତ୍ରା ଟ୍ରେନ ଭୁବନେଶ୍ୱର ରେଲୱେ ଷ୍ଟେସନରୁ ବାହାରି ଅଯୋଧ୍ୟା ଓ ବାରାଣସୀ ଯାଇଛି। କଟକ, କେନ୍ଦ୍ରାପଡ଼ା, ପୁରୀ, ଖୋର୍ଦ୍ଧା, ଢେଙ୍କାନାଳ, ଜଗତସିଂପୁର ଜିଲ୍ଲାରୁ ଯାତ୍ରୀମାନେ ତୀର୍ଥଯାତ୍ରାରେ ଯାଇଛନ୍ତି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏହି ଯାତ୍ରାର ଶୁଭାରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ ପ୍ରମୁଖ ସାମିଲ ହୋଇଥିଲେ। ଆଗାମୀ ଦିନରେ ଆଉ ୪ ଟି ଟ୍ରେନ ତୀର୍ଥଯାତ୍ରୀଙ୍କୁ ନେଇ ଅଯୋଧ୍ୟା ଓ ବାରଣାସୀ ଯିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

## ଯାଞ୍ଚ ବେଳେ ଧରାପଡ଼ିଲେ ୫୯ ଟ୍ରେନ୍ ଯାତ୍ରୀ

● ବିନା ଟିକେଟ୍‌ରେ ଯାଉଥିବାରୁ ୧୭ ହଜାର ଆଦାୟ

**ନିରାକାରପୁର,୧୯।୩(ସଂଚାର ବ୍ୟୁରୋ):** ବିନା ଟିକେଟ୍‌ରେ ଟ୍ରେନରେ ଯାତାୟାତ କରୁଥିବା ଯାତ୍ରୀଙ୍କୁ ସଚେତନ କରିବା ସହ ଷ୍ଟେସନରେ ବାଣିଜ୍ୟ ଅଭିବୃଦ୍ଧି ନିମନ୍ତେ ବୁଧବାର ଖୋର୍ଦ୍ଧା ରେଳ ଡିଭିଜନ ଅଧୀନରେ ଥିବା ନିରାକାରପୁର ଷ୍ଟେଶନରେ ଟିକେଟ ଯାଞ୍ଚ ଆରମ୍ଭ ହୋଇଥିଲା। ଖୋର୍ଦ୍ଧା ରେଳ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ-୨ଙ୍କ ନିର୍ଦ୍ଦେଶରେ ଆଜି ନିରାକାରପୁର ଷ୍ଟେଶନରେ ଟିକେଟ ଯାଞ୍ଚ କାର୍ଯ୍ୟ କରାଯାଇଥିଲା। ଯାଞ୍ଚ ସମୟରେ ୫୯ ଜଣ ଯାତ୍ରୀ ବିନା ଟିକେଟରେ ଯାତ୍ରା କରୁଥିବା ଜଣାପଡ଼ିଥିଲା ଓ ସେମାନଙ୍କଠାରୁ ଜରିମାନା ବାବଦରେ ମୋଟ୍ ୧୭ ହଜାର ୨୨୫ ଟଙ୍କା ଆଦାୟ ହୋଇଥିବା ଖୋର୍ଦ୍ଧା ରେଳ ମଣ୍ଡଳର ସିଟିଆଇ ସୁବାସ ଚନ୍ଦ୍ର ଦାଶ ସୂଚନା ଦେଇଛନ୍ତି। ଏହି ଯାଞ୍ଚ କାର୍ଯ୍ୟରେ ୯ ଜଣ ବିଭାଗୀୟ କର୍ମଚାରୀ ଓ ୪ ଜଣ ରେଳ ସୁରକ୍ଷା ବଳ ସହଯୋଗ କରିଥିଲେ। ଏହି ଚଢ଼ାଉ ଯୋଗୁ ଆଜି ମଧ୍ୟାହ୍ନ ୨ଟା ସୁଦ୍ଧା ପାସେଞ୍ଜର (ଜିଏନ୍ଆର୍) ବିଭାଗର ୧୯ ହଜାର ୫୧ ଟଙ୍କା ଓ ରିଜର୍ଭେସନ (ପିଆର୍ଏସ୍) ୩୦ ହଜାର ୩୧୫ ଟଙ୍କାର ଟିକେଟ ବିକ୍ରି ହୋଇଥିବା ଜଣାପଡ଼ିଛି। ତେବେ ଆଜି ଷ୍ଟେସନରେ ଯାଞ୍ଚ କାର୍ଯ୍ୟ ଯୋଗୁ ପ୍ରାୟ ୩୦ ପ୍ରତିଶତ ଟିକେଟ୍ ଅଧିକ ବିକ୍ରି ହୋଇଥିବା ସ୍ଥାନୀୟ ବିଭାଗୀୟ କର୍ମଚାରୀଙ୍କଠାରୁ ମିଳିଥିବା ସୂଚନାରୁ ଜଣାପଡ଼ିଛି।

## ପାରମିତାଙ୍କୁ ହିନ୍ଦୀ ସାହିତ୍ୟ ଏକାଡେମୀ ପୁରସ୍କାର



**ଭୁବନେଶ୍ୱର,୧୯।୩(ସଂଚାର ବ୍ୟୁରୋ):** ମୁମ୍ବାଇରେ ବସବାସ କରୁଥିବା ବିଶିଷ୍ଟ ଓଡ଼ିଆ ତଥା ହିନ୍ଦୀ ସାହିତ୍ୟିକା ପାରମିତା ଷଡ଼ଙ୍ଗୀଙ୍କୁ ତାଙ୍କର ହିନ୍ଦୀ ଗଳ୍ପ ସଂକଳନ 'ସମ୍ବିତ କେ ପାସ୍ ଜବ୍ ମେଁ ନହିଁ ଥୀ'' ପାଇଁ ୨୦୨୫ ପାଇଁ ମହାରାଷ୍ଟ୍ର ରାଜ୍ୟ ହିନ୍ଦୀ ସାହିତ୍ୟ ଏକାଡେମି ପକ୍ଷରୁ ସମ୍ମାନିତ କରାଯାଇଛି। ଏହି ପୁସ୍ତକ ପାଇଁ ସେ 'ମୁନ୍‌ସୀ ପ୍ରେମଚନ୍ଦ କାହାଣୀ ପୁରସ୍କାର' ଗ୍ରହଣ କରିଛନ୍ତି। ଗତକାଲି ମହାରାଷ୍ଟ୍ର ରାଜ୍ୟ ହିନ୍ଦୀ ସାହିତ୍ୟ ଏକାଡେମୀ ପକ୍ଷରୁ ମୁମ୍ବାଇର ବାନ୍ଦ୍ରାରେ ରଙ୍ଗଶାରଦା ଅଡିଟୋରିୟମରେ ପୁରସ୍କାର ବିତରଣ ଉତ୍ସବ ଆୟୋଜିତ ହେଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ମହାରାଷ୍ଟ୍ରର ସାଂସ୍କୃତିକ ମନ୍ତ୍ରୀ ଆଶିଷ ଶେଲାର ଯୋଗଦେଇଥିବା ବେଳେ ମୁଖ୍ୟ ଶାସନ ସଚିବ ବିକାଶ ଖାରଗେ, ପୂର୍ବତନ ମନ୍ତ୍ରୀ ଅମରଜିତ୍ ମିଶ୍ର, ସାହିତ୍ୟ ଏକାଡେମୀ ଅଧ୍ୟକ୍ଷ ଡଃ ଶୀତଳା ପ୍ରସାଦ ଦୁବେ, ଉପାଧ୍ୟକ୍ଷା ମଞ୍ଜୁ ଲୋଢା, ବରିଷ୍ଠ ଲେଖକ ସୁଧାକର ମିଶ୍ର ଓ ବିମଳ ମିଶ୍ର ଅତିଥି ଭାବେ ଉପସ୍ଥିତ ଥିଲେ। ଉତ୍ସବରେ ପାରମିତାଙ୍କୁ ସମ୍ମାନିତ କରାଯାଇଥିଲା। ତାଙ୍କର ହିନ୍ଦୀ ଗଳ୍ପ ସଂକଳନ 'ସମ୍ବିତ କେ ପାସ୍ ଜବ୍ ମେଁ ନହିଁ ଥୀ'ର ପ୍ରକାଶନ ଦାୟିତ୍ୱ ଅଯୋଧ୍ୟାର ଶତରଙ୍ଗ ପ୍ରକାଶନ ନେଇଥିବା ବେଳେ ଏହି ସଂକଳନରେ ମୋଟ ୧୩ଟି କାହାଣୀ ରହିଛି। ପାରମିତା ଉଭୟ ଓଡ଼ିଆ ଓ ହିନ୍ଦୀ ଭାଷାରେ ଲେଖାଲେଖି କରୁଥିବା ବେଳେ ପ୍ରଥମ ଓଡ଼ିଆ ଭାବେ ଅନ୍ୟ ରାଜ୍ୟରେ ସାହିତ୍ୟ ଏକାଡେମୀ ପୁରସ୍କାର ପାଇଛନ୍ତି। ପାରମିତା ଓଡ଼ିଶାର ଜଣାଶୁଣା କବି ଡଃ ବଂଶୀଧର ଷଡ଼ଙ୍ଗୀଙ୍କ କନ୍ୟା। ତାଙ୍କର ହିନ୍ଦୀ ଓ ଓଡ଼ିଆ ଭାଷାରେ ଅଦ୍ୟାବଧି ୧୬ଟି ପୁସ୍ତକ ପ୍ରକାଶିତ ହୋଇସାରିଛି। ତାଙ୍କ ହିନ୍ଦୀ ପୁସ୍ତକ 'ଇଜ୍ୟା' ପାଠକଙ୍କ ଦ୍ୱାରା ବହୁଳ ଭାବେ ଆଦୃତ ହେବା ସହ ଏକାଧିକ ପୁରସ୍କାର ପାଇସାରିଛି। ଏହା ଗୁଜରାଟୀ ଭାଷାରେ ଅନୂଦିତ ହେବା ସହ ଗୁଜରାଟୀ ସାହିତ୍ୟ ଏକାଡେମୀ ଓ ମରାଠୀ ଭାଷାରେ ଅନୁବାଦ ହୋଇ 'ଗ୍ରନ୍ଥରତ୍ନ,' 'ଅଗ୍ରୱାନ', 'ଯଶୋବନ୍ତ ରାଓ ଦାତେ' ଓ 'ଯୁଗ ପ୍ରବର୍ତ୍ତକ' ରାଜ୍ୟସ୍ତରୀୟ ପୁରସ୍କାର ପାଇସାରିଛି।

## ବସ୍ ଚାପାରେ ପ୍ରଧାନଶିକ୍ଷକଙ୍କ ମୃତ୍ୟୁ

**ଦିଗପହଣ୍ଡି,୧୯।୩(ସଂଚାର ବ୍ୟୁରୋ):** ବସ୍ ଚାପାରେ ଜନୈକ ପ୍ରଧାନଶିକ୍ଷକଙ୍କ ମୃତ୍ୟୁ ଘଟିଛି। ଉକ୍ତ ବସ୍‌ଟି ପ୍ରଧାନଶିକ୍ଷକଙ୍କ ଉପରେ ଚଢ଼ିଯିବା ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଛି। ଗଞ୍ଜାମ ଜିଲ୍ଲାର ଦିଗପହଣ୍ଡି କଇଁଠଖଣ୍ଡି ଛକ ନିକଟରେ ଏହି ଦୁର୍ଘଟଣା ଘଟିଥିବା ବେଳେ ମୃତକ ମଧୁବନ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ କୁରେଶୁ ପାତ୍ର ବୋଲି ଜଣାପଡ଼ିଛି। ଶ୍ରୀ ପାତ୍ର ଆଜି ସକାଳେ ବାଇକ୍ ଯୋଗେ ସ୍କୁଲ ଯାଉଥିବା ସମୟରେ ଏପରି ଅଘଟଣର ଶିକାର ହୋଇଥିଲେ। ତାଙ୍କୁ ଦିଗପହଣ୍ଡି ଘୋଡ଼ାହାଡ଼ ମୁଖ୍ୟ ରାସ୍ତା କଇଁଠଖଣ୍ଡି ଛକ ନିକଟରେ ନୀଳକଣ୍ଠ ନାମକ ଏକ ଘରୋଇ ବସ୍ ଧକ୍କା ଦେଇଥିଲା। ଫଳରେ ଶ୍ରୀ ପାତ୍ର ବାଇକ୍‌ରୁ ତଳକୁ ଛିଟିକି ପଡ଼ି ଗୁରୁତର ଭାବେ ଆହତ ହୋଇଥିଲେ।ତଳେ ପଡ଼ି ଯାଇଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ତୁରନ୍ତ ସ୍ଥାନୀୟ ଲୋକେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ନିକଟସ୍ଥ ମେଡିକାଲରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ପହଞ୍ଚିବା ବେଳକୁ ପ୍ରଧାନଶିକ୍ଷକ ଶ୍ରୀ ପାତ୍ରଙ୍କ ମୃତ୍ୟୁ ହୋଇସାରିଥିବା ଡାକ୍ତର ଘୋଷଣା କରିଥିଲେ। ଖବର ପାଇ ଘଟଣାସ୍ଥଳରେ ପୁଲିସ୍ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଘରୋଇ ବସ୍‌କୁ ଜବତ କରିବା ସହ ହସ୍ପିଟାଲ୍‌ରେ ଶ୍ରୀ ପାତ୍ରଙ୍କ ମୃତଦେହର ବ୍ୟବଚ୍ଛେଦ ବ୍ୟବସ୍ଥା କରିଛି। ଏନେଇ ପୁଲିସ୍ ଅଧିକ ଯାଞ୍ଚ କରୁଥିବା ଜଣାପଡ଼ିଛି।

### କୋରାପୁଟରେ ବର୍ଷା, ଲୋକେ ଆଶ୍ୱସ୍ତ

# ୫ ଡିଗ୍ରୀ ପର୍ଯ୍ୟନ୍ତ ଖସିବ ପାରଦ

**୧୦ ଜିଲ୍ଲାକୁ ଅରେଞ୍ଜ୍ ଓ ୪ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ**



**ଭୁବନେଶ୍ୱର,୧୯।୩(ସଂଚାର ବ୍ୟୁରୋ):** ହଟିଲା ହିଟୱେଭ ସତର୍କତା, ବଦଳିଲା ପାଗର ମିଜାଜ। ତାତିରୁ ମୁକ୍ତି ପାଇବେ ରାଜ୍ୟବାସୀ। କାରଣ ରାଜ୍ୟରେ କାଳବୈଶାଖୀ ବର୍ଷା ସମ୍ଭାବନା। ୨୩ ତାରିଖ ଯାଏ ବର୍ଷା ସମ୍ଭାବନା ରହିଥିବା ନେଇ ସୂଚନା ଦେଇଛି ପାଣିପାଗ ବିଭାଗ। ଆସନ୍ତା ୨୪ ଘଣ୍ଟାରେ ବିଜୁଳି ଘଡଘଡି ସହ ହାଲୁକା ବର୍ଷା ସମ୍ଭାବନା ନେଇ ୭ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ବର୍ଷା ସମୟରେ ୩୦ରୁ ୪୦ କିଲୋମିଟର ବେଗରେ ପବନ ମଧ୍ୟ ବହିବ। ସେହିପରି ଆସନ୍ତାକାଲି ପାଇଁ ୬ ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ। ଏହି ସମୟରେ କାଁଭାଁ ସ୍ଥାନରେ କୁଆପଥର ସହ ବର୍ଷାର ସମ୍ଭାବନା ରହିଛି। ୨୧ ତାରିଖରେ ବର୍ଷାର ପରିମାଣ ବଢ଼ିବ ବୋଲି ଅନୁମାନ କରାଯାଇଛି। ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ ଓ ଝାରସୁଗୁଡାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ରହିଛି। ଆସନ୍ତା ୨୨ ତାରିଖରେ ଓଡ଼ିଶାର ଅନେକ ସ୍ଥାନରେ ବର୍ଷା ହେବ। ଏଥିପାଇଁ ପାଣିପାଗ ବିଭାଗ ପକ୍ଷରୁ ଆଜି ୧୦ ଜିଲ୍ଲାକୁ ଅରେଞ୍ଜ ଓ ୪ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଆଜିଠାରୁ ୨୩ ଯାଏ ବର୍ଷାର ସମ୍ଭାବନା ସହ ତାତିରୁ ଆଶ୍ୱସ୍ତି ମିଳିବ। ଅପରପକ୍ଷରେ ଗତ କିଛି ସପ୍ତାହ ହେଲା କ୍ରମାଗତ ଖରାରେ ସିଝିଆସୁଥିବା କୋରାପୁଟବାସୀଙ୍କୁ ଆଜି ଅପରାହ୍ନରେ ଆଶ୍ୱସ୍ତି ମିଳିଛି। କାରଣ ଆଜି ଅପରାହ୍ନରେ କୋରାପୁଟ ଜିଲାର ସଦର ମହକୁମା ସହ ସୁନାବେଡ଼ା, ସେମିଳିଗୁଡ଼ା, ଦାମନଯୋଡ଼ି ଆଦି ଅଞ୍ଚଳରେ ଘଡ଼ଘଡ଼ି ସହ ବର୍ଷା ହୋଇଛି। ଅପରାହ୍ନ ୩ଟାରୁ ୫ଟା ପର୍ଯ୍ୟନ୍ତ ପ୍ରାୟ ଦୁଇ ଘଣ୍ଟା ଧରି ବର୍ଷା ହୋଇଥିବାରୁ ସ୍ଥାନୀୟ ଲୋକେ ଆଶ୍ୱସ୍ତ ଅନୁଭବ କରିଛନ୍ତି। ଏଥିସହ ଏହି ବର୍ଷା ପ୍ରଭାବରେ କିଛିଦିନ ତାତିରୁ ମଧ୍ୟ ସେମାନେ ତ୍ରାହି ପାଇବେ ବୋଲି ଆଶା ବାନ୍ଧିଛନ୍ତି। ସେହିପରି ଆଜିର ବର୍ଷା ଆମ୍ବ ଓ କାଜୁ ଚାଷୀଙ୍କ ପାଇଁ ଏକପ୍ରକାର ବରଦାନ ସଦୃଶ ହୋଇଛି। ତେବେ ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ଆଗାମୀ ୪୮ ଘଣ୍ଟା ଯାଏ ତାପମାତ୍ରାରେ କୌଣସି ପରିବର୍ତ୍ତନ ହେବ ନାହିଁ। ୩ ଦିନ ପରେ ୩ରୁ ୫ ଡିଗ୍ରୀ ତାପମାତ୍ରା କମିବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ଗତ ୨୪ ଘଣ୍ଟାରେ ବଲାଙ୍ଗୀରରେ ସର୍ବାଧିକ ତାପମାତ୍ରା ୪୦.୪ ଡିଗ୍ରୀ ରେକର୍ଡ କରାଯାଇଛି। ଭୁବନେଶ୍ୱରରେ ୩୪.୬ ଓ କଟକରେ ୩୪ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ସେହିପରି ବର୍ଷା ନେଇ ଜିଲ୍ଲାପାଳଙ୍କୁ ସତର୍କ ରହିବା ସକାଶେ ସ୍ୱତନ୍ତ୍ର ରିଲିଫ୍ କମିଶନର୍ (ଏସ୍ଆର୍‌ସି) ସତର୍କ କରାଇଥିବା ଜଣାପଡ଼ିଛି।

# ଉପକୂଳ ସମୁଦ୍ରରେ ଚାଲିଛି ମିଳିତ ସମରାଭ୍ୟାସ

**କୋଷ୍ଟଗାର୍ଡ ଜାହାଜ ଓ ହେଲିକପ୍ଟରର ଘନଘନ ପଇଁତରା**

**ଭୁବନେଶ୍ୱର,୧୯।୩(ସଂଚାର ବ୍ୟୁରୋ):** ଉପକୂଳ ସମୁଦ୍ରର ନୀଳ ଜଳରାଶିରେ ଘନ ଘନ ପଇଁତରା ମାରୁଛି କୋଷ୍ଟଗାର୍ଡର ଜାହାଜ ଓ ହେଲିକପ୍ଟର । ମେରାଇନ ପୋଲିସ, ମତ୍ସ୍ୟ ବିଭାଗ, ବନ ବିଭାଗ ପକ୍ଷରୁ ମଧ୍ୟ ଚାଲିଛି ଘନ ଘନ ଚେକିଂ। ୨୬/୧୧ ମୁମ୍ବାଇ ଆକ୍ରମଣ ପରେ ଜଳଭାଗ ଦେଇ ଆତଙ୍କବାଦୀଙ୍କ ଅନୁପ୍ରବେଶକୁ ପ୍ରତିହତ କରିବା ପାଇଁ ସବୁ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ପାଇଁ ଚାଲିଛି ମିଳିତ ସମରାଭ୍ୟାସ ସାଗର କବଚ-୧। ରାଜ୍ୟର ଉପକୂଳବର୍ତ୍ତୀ ସମୁଦ୍ର ଜଳରାଶିରେ ଚାଲିଛି ଦୁଇଦିନିଆ ମିଳିତ ସମରାଭ୍ୟାସ। ଏଥିରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ୧୦ରୁ ଉର୍ଦ୍ଧ ବିଭାଗ ସାମିଲ ହୋଇଛନ୍ତି। ଗତ ୨୬/୧୧ ମୁମ୍ବାଇ ଆକ୍ରମଣ ଘଟଣା ପରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଆତଙ୍କୀ କାର୍ଯ୍ୟକଳାପକୁ ରୋକିବା ପାଇଁ ପ୍ରତ୍ୟେକ ବର୍ଷ ଦୁଇଥର ଏହି ସମରାଭ୍ୟାସ କରାଯାଉଛି। ଜଳପଥରେ ଦେଶର ସୁରକ୍ଷା ମତ୍ସ୍ୟଜୀବୀମାନଙ୍କ ଉପରେ ଅଧିକ ନିର୍ଭର କରିଥାଏ। ସମୁଦ୍ର ଭିତରେ ୭ରୁ ୮ ଦିନ ରହୁଥିବା ମତ୍ସ୍ୟଜୀବୀମାନଙ୍କୁ ମଧ୍ୟ ଏହି ସମରାଭ୍ୟାସରେ ସାମିଲ କରାଯାଇଛି। ଗଭୀର ସମୁଦ୍ରରେ ବାହାର ଦେଶର ନାଗରିକଙ୍କୁ କିମ୍ବା କୌଣସି ସନ୍ଦେହଜନକ ବ୍ୟକ୍ତିଙ୍କୁ ଦେଖିଲେ କିପରି ସୂଚନା ଦିଆଯିବ, ସେ ସମ୍ପର୍କରେ ମଧ୍ୟ ମତ୍ସ୍ୟଜୀବୀମାନଙ୍କୁ ଟ୍ରେନିଂ ଦିଆଯାଇଥାଏ ବୋଲି ମତ୍ସ୍ୟଜୀବୀ ପ୍ରକାଶ କରିଛନ୍ତି।




ସେହିପରି ପାରାଦୀପରେ ବିଭିନ୍ନ ରାସାୟନିକ ଶିଳ୍ପାନୁଷ୍ଠାନ ରହୁଥିବାରୁ ଏହା ଉପରେ ଆତଙ୍କବାଦୀମାନଙ୍କର ନଜର ରହିଥାଏ। ସେଥିପାଇଁ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରିବା ପାଇଁ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ନିଶ୍ଚିତ ରୂପେ ସ୍ୱାଗତ ଯୋଗ୍ୟ। ଗଭୀର ସମୁଦ୍ରରେ ଭାରତୀୟ ନୌସେନା, ସମୁଦ୍ର କୂଳରୁ ୧୦୦ ନଟିକାଲ ଭିତରେ କୋଷ୍ଟଗାର୍ଡ, ମେରାଇନ ପୁଲିସ ଓ ମତ୍ସ୍ୟ ବିଭାଗର କର୍ମଚାରୀମାନେ ପଇଁତରା ମାରୁଥିବା ବେଳେ ସମୁଦ୍ର କୂଳର ସ୍ଥଳଭାଗରେ ସିଆଇଏସଏଫ, ପାରାଦୀପ ବନ୍ଦର, ଇମିଗ୍ରେସନ, ଓଡିଶା ପୁଲିସ, ଇଣ୍ଟେଲିଜେନ୍ସ, ଅଗ୍ନିଶମ ବିଭାଗ ପରି ୧୦ରୁ ଉର୍ଦ୍ଧ୍ୱ ବିଭାଗ ସାମିଲ ହୋଇଛନ୍ତି। ରେଡ୍ ଟିମ୍ ଆତଙ୍କୀ ଭାବେ ସ୍ଥଳଭାଗରେ ପ୍ରବେଶ କରିବାକୁ ଚେଷ୍ଟା କରିବେ ଏବଂ ବ୍ଲୁ ଟିମ୍ ସେମାନଙ୍କୁ ଧରିବେ। ତେବେ ଦୁଇଦିନ ଧରି ଚାଲିବାକୁ ଥିବା ଏହି ସାଗର କବଚରେ ପାରାଦୀପର ବିଭିନ୍ନ ସମ୍ବେଦନଶୀଳ ସ୍ଥାନମାନଙ୍କରେ ପୋଲିସ କଡା ନଜର ରଖିଛି । ସେହିପରି ପାଟ୍ରୋଲିଂକୁ କଡାକଡି କରାଯାଇଛି। ସେହିପରି ଆଦର୍ଶ ଥାନାରେ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ ଖୋଲାଯାଇଛି। ସମସ୍ତଙ୍କୁ ୱାକିଟକି ମାଧ୍ୟମରେ ସୂଚନା ପ୍ରଦାନ କରାଯାଉଥିବା ବେଳେ ଛଦ୍ମବେଶୀ ଭାବରେ ପ୍ରବେଶ କରିବାକୁ ଚେଷ୍ଟା କରୁଥିବା ଆତଙ୍କବାଦୀମାନଙ୍କ ଉପରେ ତୀକ୍ଷଣ ନଜର ରଖିବା ସହ ନିୟମିତ ବ୍ୟବଧାନରେ ପ୍ରତି ବିଭାଗକୁ ଖବର ଦିଆଯାଉଛି ବୋଲି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ (ଏଏସ୍‌ପି) କହିଛନ୍ତି। ଏହାଛଡ଼ା ଅହୋରାତ୍ର ଗଭୀର ସମୁଦ୍ରରେ ରହୁଥିବା ମତ୍ସ୍ୟଜୀବୀଙ୍କ ଉପରେ ରହିଥାଏ ଉପକୂଳ ସୁରକ୍ଷାର ପ୍ରମୁଖ ଭୂମିକା। ସେଥିପାଇଁ ଏହି ସମରାଭ୍ୟାସରେ ଭାଗ ନେଇଥିବା ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ସହିତ ମତ୍ସ୍ୟଜୀବୀଙ୍କୁ ଦିଆଯାଉଥିବା ସ୍ୱତନ୍ତ୍ର ପ୍ରଶିକ୍ଷଣ ରାଜ୍ୟର ୪୮୦ କିମି ଉପକୂଳକୁ ସୁରକ୍ଷା ଯୋଗାଇବାରେ ସକ୍ଷମ ହେବ ବୋଲି ଆଶା କରାଯାଉଛି।

### ଚତୁର୍ଥ ଜାତୀୟ ଏସ୍‌ଏମ୍‌ଏସି ବୈଠକ

# ସାଗରମାଳା ୨.୦ରେ ସାମିଲ୍ ହେବ ରାଜ୍ୟର ବିଭିନ୍ନ ପ୍ରକଳ୍ପ !



**ନୂଆଦିଲ୍ଲୀ/ଭୁବନେଶ୍ୱର,୧୯।୩:** ଆଜି ସ୍ଥାନୀୟ ବିଜ୍ଞାନ ଭବନରେ ଅନୁଷ୍ଠିତ ଚତୁର୍ଥ ଜାତୀୟ ସାଗରମାଳା ଆପେକ୍ସ କମିଟି (ଏନ୍‌ଏସ୍‌ଏସି) ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଓଡ଼ିଶା ଅଂଶଗ୍ରହଣ କରିଥିଲା। କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡକରୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଏବଂ ବରିଷ୍ଠ ଅଧିକାରୀମାନେ ଭାରତର ସାମୁଦ୍ରିକ କ୍ଷେତ୍ରର ଭବିଷ୍ୟତ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ସାଗରମାଳା କାର୍ଯ୍ୟକ୍ରମ ଅନ୍ତର୍ଗତ ସାମୁଦ୍ରିକ ଭିତ୍ତିଭୂମି ବିକାଶ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଏଥିରେ ପ୍ରକଳ୍ପ କାର୍ଯ୍ୟାନ୍ୱୟନର ସମୀକ୍ଷା, ରାଜ୍ୟ ସାଗରମାଳା କମିଟି (ଏସ୍‌ଏସ୍‌ସି) ଓ ରାଜ୍ୟ ସାମୁଦ୍ରିକ ଏବଂ ଜଳପଥ ପରିବହନ କମିଟି (ଏସ୍‌ଏମ୍‌ଡବ୍ଲ୍ୟୁଟିସି) ଉପରେ ଅଦ୍ୟତନ ଏବଂ ସାମୁଦ୍ରିକ ଅମୃତ କାଳ ଦୃଷ୍ଟିକୋଣ ୨୦୪୭ ଉପରେ ଆଲୋଚନା କରାଯାଇଥିଲା।

ସାଗରମାଳା ୨.୦ର ଧାରଣା ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ଧ୍ୟାନ ଦିଆଯାଇଥିଲା, ଯାହା ବନ୍ଦର ଆଧୁନିକୀକରଣ, ନିର୍ବିଘ୍ନ ବହୁମୁଖୀ ସଂଯୋଗୀକରଣ ଏବଂ ସାମଗ୍ରିକ ଉପକୂଳ ସମ୍ପ୍ରଦାୟ ବିକାଶକୁ କଳ୍ପନା କରିଥାଏ। ଓଡ଼ିଶାର ଚାଲୁଥିବା ସାମୁଦ୍ରିକ ପ୍ରକଳ୍ପ ଏବଂ ରଣନୈତିକ ପଦକ୍ଷେପଗୁଡ଼ିକୁ ପ୍ରମୁଖ ଭାବେ ଉପସ୍ଥାପନ କରାଯାଇଥିଲା, ଯାହା ବନ୍ଦର-ନେତୃତ୍ୱାଧୀନ ବିକାଶ ଏବଂ ନୀଳ ଅର୍ଥନୀତି ଅଭିବୃଦ୍ଧି ପାଇଁ ଏହାର ସକ୍ରିୟ ଆଭିମୁଖ୍ୟକୁ ପ୍ରଦର୍ଶନ କରିଥିଲା। ଓଡ଼ିଶା ସରକାରଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରି ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ସଚିବ ତଥା ଓଡ଼ିଶା ସାମୁଦ୍ରିକ ବୋର୍ଡ ସିଇଓ




ଉଷା ପାଢ଼ୀ ସାଗରମାଳା କାର୍ଯ୍ୟକ୍ରମ ଅଧୀନରେ ଦଶ ବର୍ଷର ପରିବର୍ତ୍ତନକାରୀ ପ୍ରଗତି ପାଇଁ ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟକୁ ପ୍ରଶଂସା କରିବା ସହ ରାଜ୍ୟର ପ୍ରମୁଖ ପ୍ରକଳ୍ପଗୁଡ଼ିକୁ ଉପସ୍ଥାପନ କରି ସେଗୁଡ଼ିକୁ ସାଗରମାଳା ୨.୦ରେ ଅନ୍ତର୍ଭୁକ୍ତ କରିବା ଦିଗରେ ପଦକ୍ଷେପ ନେବା ସକାଶେ ନିବେଦନ କରିଥିଲେ।

ଓଡ଼ିଶା ରାଜ୍ୟ ସାମୁଦ୍ରିକ ଏବଂ ଜଳପଥ ମାଷ୍ଟର ପ୍ଲାନ୍ (ଓଏସ୍‌ଏମ୍‌ଡବ୍ଲ୍ୟୁଏମ୍‌ପି) ମାଧ୍ୟମରେ ସାମୁଦ୍ରିକ ସଂଯୋଗୀକରଣ ଓ ବାଣିଜ୍ୟକୁ ଆଗକୁ ବଢ଼ାଇବା ପାଇଁ ଏହାର ପ୍ରତିବଦ୍ଧତାକୁ ଗୁରୁତ୍ୱାରୋପ କରିଥିଲା। ରାଜ୍ୟ ମଧ୍ୟ ଗୁଜରାଟର ଲୋଥାଲସ୍ଥିତ ଜାତୀୟ ସାମୁଦ୍ରିକ ଐତିହ୍ୟ କମ୍ପ୍ଲେକ୍ସ (ଏନ୍‌ଏମ୍‌ଏଚ୍‌ସି)ରେ ରାଜ୍ୟ ପାଭିଲିୟନ ମାଧ୍ୟମରେ ଏହାର ସମୃଦ୍ଧ ସାମୁଦ୍ରିକ ଐତିହ୍ୟକୁ ସଂରକ୍ଷଣ ଏବଂ ପ୍ରୋତ୍ସାହିତ କରିବା ପାଇଁ ଏହାର ପ୍ରୟାସକୁ ଆଲୋକପାତ କରିଥିଲା। ଏହା ସହିତ, ଆଲୋଚନା ପ୍ରସ୍ତାବିତ ଭାରତ ସାମୁଦ୍ରିକ କେନ୍ଦ୍ର (ଆଇଏମ୍‌ସି) ଉପରେ ଗୁରୁତ୍ୱାରୋପ କରିଥିଲା, ଯାହାକୁ ସାମୁଦ୍ରିକ ଗବେଷଣା, ତାଲିମ ଏବଂ କ୍ଷମତା ନିର୍ମାଣ ପାଇଁ ଏକ କେନ୍ଦ୍ର ଭାବରେ ପରିକଳ୍ପିତ କରାଯାଇଥିଲା। ଜାତୀୟ ଜଳପଥକୁ ସୁଦୃଢ଼ କରିବା, ଜାହାଜ ନିର୍ମାଣ ଏବଂ ମରାମତି ସୁବିଧାକୁ ପ୍ରୋତ୍ସାହିତ କରିବା ଏବଂ ସ୍ଥାୟୀ ଆର୍ଥିକ ଅଭିବୃଦ୍ଧି ପାଇଁ ଏହାର ଉପକୂଳକୁ ଉପଯୋଗ କରିବା ଉପରେ ଓଡ଼ିଶା ଏହାର ରଣନୈତିକ ଧ୍ୟାନକୁ ମଧ୍ୟ ପୁନର୍ବାର ଦୋହରାଇଛି। ସୂଚନାଯୋଗ୍ୟ ଯେ ଓଡ଼ିଶା ଭବିଷ୍ୟତବାଦୀ ଆଭିମୁଖ୍ୟ ସହିତ, ସାମୁଦ୍ରିକ ଭିତ୍ତିଭୂମିରେ ଏକ ଆଗୁଆ ରାଜ୍ଯ ଭାବରେ ଉଭା ହେବା, ଆଞ୍ଚଳିକ ବାଣିଜ୍ୟକୁ ବୃଦ୍ଧି କରିବା ଏବଂ ସାଗରମାଳା କାର୍ଯ୍ୟକ୍ରମ ଅଧୀନରେ ଭାରତର ନୀଳ ଅର୍ଥନୀତି ଆକାଂକ୍ଷାକୁ ଆଗେଇ ନେବା ପାଇଁ ତା'ର ଉଦ୍ୟମ ଜାରି ଜାରି ରଖିଛି।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର






# ଆଜିର ସୁନା ଦର

ଉପର ମୁହାଁ ସୁନା ଦର। ଦିନକୁ ଦିନ ନୂଆ ରେକର୍ଡ କରି ଚାଲିଛି ସୁନା। ବର୍ତ୍ତମାନ ଲକ୍ଷେ ମୁହାଁଇଲାଣି ସୁନା ଦର। ବିଶ୍ୱ ବଜାରରେ ଅସ୍ଥିରତା ଏବଂ ଭୁ- ରାଜନୈତିକ ସମସ୍ୟା ମଧ୍ୟରେ ହୁ ହୁ ହୋଇ ବଢ଼ିଚାଲିଛି ଦର। ଗୋଲ୍ଡ କିଣିବା ପୂର୍ବରୁ ୧୦୦ ଥର ଚିନ୍ତା କରିବାକୁ ପଡୁଛି। ଆଜି ପୁଣି ସୁନା ଦରରେ ପରିବର୍ତ୍ତନ ଦେଖିବାକୁ ମିଳିଛି। ୯୦ ହଜାର ଛୁଇଁଛି ସୁନା ଦର। ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ୧୦ ଗ୍ରାମ ପିଛା ୯୦ ହଜାର ୪୪୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୮୨ ହଜାର ୯୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୦ହଜାର ୪୪୦ ଟଙ୍କା ହୋଇଛି। ଏହାସହ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୮୨, ୯୦୦ ଟଙ୍କା ଛୁଇଁଛି। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୮୩,୯୦୦ ଟଙ୍କା ଓ ୯୦,୪୪୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୮୩, ୦୫୦ ଟଙ୍କା ଓ ୯୦, ୫୯୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୮୨,୯୦୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୯୦, ୪୪୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୮୨,୯୦୦ ଓ ୯୦,୪୪୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୦୫,୦୦୦ ଟଙ୍କା ହୋଇଛି।



# ଆଜିର ପେଟ୍ରୋଲ, ଡିଜେଲ ଦର

ସାରା ଦେଶରେ ପେଟ୍ରୋଲ ଏବଂ ଡିଜେଲର ନୂତନ ମୂଲ୍ୟ ପ୍ରକାଶ ପାଇଛି। ଅଶୋଧିତ ତୈଳର ଆନ୍ତର୍ଜାତୀୟ ମୂଲ୍ୟ ଅନୁଯାୟୀ ଭାରତରେ ଇନ୍ଧନ ମୂଲ୍ୟ ସ୍ଥିର ହୋଇଛି। ଦେଶର କିଛି ସ୍ଥାନରେ ତୈଳ ଦର ସ୍ଥିର ରହିଥିବା ବେଳେ ଅନ୍ୟ କିଛି ସ୍ଥାନରେ ତୈଳଦରରେ ପରିବର୍ତ୍ତନ ହୋଇଛି। ଭୁବନେଶ୍ୱର ପେଟ୍ରୋଲ ଦରରେ ମଧ୍ୟ ନୂଆ ଦର ଜାରି ହୋଇଛି। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧. ୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ .୬୯ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

## କେନ୍ଦ୍ର ସରକାରଙ୍କ ବଡ଼ ଘୋଷଣା

# ୟୁପିଆଇ ପେମେଣ୍ଟରୁ ହେବ ମୋଟା ଅଙ୍କର ରୋଜଗାର

**ନୂଆଦିଲ୍ଲୀ,୧୯।୩:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବୁଧବାର କେନ୍ଦ୍ର କ୍ୟାବିନେଟ ୟୁପିଆଇ ପେମେଣ୍ଟ ଉପରେ ଏକ ବଡ଼ ନିଷ୍ପତ୍ତି ନେଇଛି। ସରକାର ୟୁପିଆଇ ପେମେଣ୍ଟକୁ ପ୍ରୋତ୍ସାହିତ କରିବା ପାଇଁ ଏକ ପ୍ରୋତ୍ସାହନ ଯୋଜନା ଆରମ୍ଭ କରିଛନ୍ତି, ଯାହା ଡିଜିଟାଲ ପେମେଣ୍ଟକୁ ବୃଦ୍ଧି କରିବ ଏବଂ କମ ମୂଲ୍ୟର ୟୁପିଆଇ କାରବାରକୁ ପ୍ରୋତ୍ସାହିତ କରିବ। ପ୍ରକୃତରେ, ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ, ଜଣେ ବ୍ୟକ୍ତିଠାରୁ ଜଣେ ବ୍ୟବସାୟୀ ଅର୍ଥାତ ପି୨ଏମ ପର୍ଯ୍ୟନ୍ତ କରାଯାଉଥିବା କମ ମୂଲ୍ୟର ଭିମ୍-ୟୁପିଆଇ କାରବାରକୁ ପ୍ରୋତ୍ସାହିତ କରିବା ପାଇଁ ୧୫୦୦ କୋଟି ଟଙ୍କାର ଏକ ଆନୁମାନିକ ପ୍ରୋତ୍ସାହନ ଯୋଜନାକୁ ଅନୁମୋଦନ କରାଯାଇଛି। ଏହି ଯୋଜନାରେ ସରକାର ପ୍ରାୟ ୧୫୦୦ କୋଟି ଟଙ୍କା ଖର୍ଚ୍ଚ କରିବେ। ଜାଣନ୍ତୁ ଆପଣଙ୍କୁ ଏଥିରୁ କ'ଣ ଲାଭ ମିଳିବ।

ଏହି ଯୋଜନା ଅଧୀନରେ, ୨୦୦୦ ଟଙ୍କା ପର୍ଯ୍ୟନ୍ତ ୟୁପିଆଇ କାରବାର ପାଇଁ ପ୍ରୋତ୍ସାହନ ଯୋଗାଇ ଦିଆଯିବ, ଯାହା ବିଶେଷ ଭାବରେ ଛୋଟ ବ୍ୟବସାୟୀଙ୍କୁ ଲାଭ ଦେବ। ବ୍ୟବସାୟୀ ଏବଂ ଗ୍ରାହକଙ୍କ ଉପରେ ଆର୍ଥିକ ବୋଝ ହ୍ରାସ କରିବା ସହିତ ଡିଜିଟାଲ ପେମେଣ୍ଟର ପହଞ୍ଚ ବୃଦ୍ଧି କରିବାକୁ




ସରକାର ଲକ୍ଷ୍ୟ ରଖିଛନ୍ତି। ଛୋଟ ବ୍ୟବସାୟୀଙ୍କ ପାଇଁ ୨୦୦୦ ପର୍ଯ୍ୟନ୍ତ ୟୁପିଆଇ କାରବାର ଉପରେ ପ୍ରତି କାରବାର ମୂଲ୍ୟ ପାଇଁ ୦.୧୫% ପ୍ରତିଶତ ପ୍ରୋତ୍ସାହନ। ସମସ୍ତ ବର୍ଗରେ କାରବାର ପାଇଁ ଶୂନ୍ୟ ବାଣିଜ୍ୟ ରିହାତି ହାର, ଯାହା ମାଗଣା ଡିଜିଟାଲ କାରବାର ସୁନିଶ୍ଚିତ କରିବ। ଗ୍ରହଣ କରାଯାଇଥିବା ଦାବି ପରିମାଣର ୮୦ ପ୍ରତିଶତ ପ୍ରତି ତ୍ରୈମାସିକରେ ଅଧିଗ୍ରହଣକାରୀ ବ୍ୟାଙ୍କଗୁଡ଼ିକ ଦ୍ୱାରା କୌଣସି ସର୍ତ୍ତ ବିନା ପ୍ରଦାନ କରାଯିବ। ଯଦି ବ୍ୟାଙ୍କଗୁଡ଼ିକ ୦.୭୫ ପ୍ରତିଶତ ତଳେ ବୈଷୟିକ ଅବନତି ଏବଂ ସିଷ୍ଟମ ଅପଟାଇମ ୯୯.୫ ପ୍ରତିଶତ ଉପରେ ରଖନ୍ତି, ତେବେ ବାକି ୨୦ ପ୍ରତିଶତ କେବଳ ରିଲିଜ ହେବ।

ଆପଣ ଏହାକୁ ଏହିପରି ବୁଝିପାରିବେ ଯେ ଯଦି ଜଣେ ଗ୍ରାହକ ୧୦୦୦ ଟଙ୍କାର ଜିନିଷ କିଣି ୟୁପିଆଇ ମାଧ୍ୟମରେ ପେମେଣ୍ଟ କରନ୍ତି, ତେବେ ଦୋକାନୀକୁ ୧.୫ ଟଙ୍କାର ପ୍ରୋତ୍ସାହନ ମିଳିବ। ଏହା ସହିତ ବ୍ୟାଙ୍କଗୁଡ଼ିକୁ ମଧ୍ୟ ପ୍ରୋତ୍ସାହନ ମିଳିବ। ସରକାର ତୁରନ୍ତ ବ୍ୟାଙ୍କଗୁଡ଼ିକର ଦାବି ପରିମାଣର ୮୦% ପରିଶୋଧ କରିବେ। ସରକାରଙ୍କ ଲକ୍ଷ୍ୟ ହେଉଛି ଡିଜିଟାଲ ପେମେଣ୍ଟକୁ ପ୍ରୋତ୍ସାହିତ କରିବା ଏବଂ ନଗଦହୀନ ଅର୍ଥନୀତିକୁ ସୁଦୃଢ଼ କରିବା।

## ଜିଓକୁ ଝଟ୍‌କା ଦେବେ ମସ୍କ

# ୮୦ରୁ ୯୦ଗୁଣ ଅଧିକ ହେବ ଇଣ୍ଟରନେଟ ସ୍ପିଡ୍

ନୂଆଦିଲ୍ଲୀ,୧୯।୩: ଭାରତରେ ଇଣ୍ଟରନେଟ ସ୍ପିଡ ଓ କନେକ୍ଟିଭିଟି ନିରନ୍ତର ଉନ୍ନତ ହେବାରେ ଲାଗିଛି। ଏବେ ଏହି ପରିବର୍ତ୍ତନରେ ଏକ ନୂତନ ଅଧ୍ୟାୟ ଯୋଡ଼ି ହେବାକୁ ଯାଉଛି। ଏଲନ ମସ୍କଙ୍କ ସ୍ପେସଏକ୍ସ କମ୍ପାନୀର ଷ୍ଟାରଲିଙ୍କ ଭାରତରେ ଏହାର ସେବା ଯୋଗାଇବାକୁ ପ୍ଲାନ ପ୍ରସ୍ତୁତ କରିଛି। ଷ୍ଟାରଲିଙ୍କ୍ ନିଜର ପ୍ରତିଦ୍ୱନ୍ଦ୍ୱୀ ରିଲାଏନ୍ସ ଜିଓ ଏବଂ ଏସଇଏସ ତୁଳନାରେ ୮୦-୯୦ ଗୁଣ ଅଧିକ ଇଣ୍ଟରନେଟ ସ୍ପିଡ ପ୍ରଦାନ କରୁଥିବା ଦାବି କରିଛି। ଷ୍ଟାରଲିଙ୍କ ବର୍ତ୍ତମାନ ଦେଶରେ ସାଟେଲାଇଟ ଇଣ୍ଟରନେଟ ସେବା ଯୋଗାଉଥିବା ରିଲାଏନ୍ସ ଜିଓ ଏବଂ ଏସଇଏସ ଭଳି କମ୍ପାନୀଗୁଡ଼ିକ ତୁଳନାରେ ବହୁତ ଦ୍ରୁତ ଇଣ୍ଟରନେଟ ସ୍ପିଡ ପ୍ରଦାନ କରିବାକୁ ଯାଉଛି। ରିଲାଏନ୍ସ ଜିଓ ଏବଂ ଏସଇଏସ ଭଳି କମ୍ପାନୀଗୁଡ଼ିକ ମଧ୍ୟ ସାଟେଲାଇଟ ଆଧାରିତ ଇଣ୍ଟରନେଟ ସେବା ଯୋଗାଇ ଦେଉଛନ୍ତି। କିନ୍ତୁ ସେମାନଙ୍କର ସେବାର ଗତି ଷ୍ଟାରଲିଙ୍କ ତୁଳନାରେ ବହୁତ କମ। ଜିଓ-ଏସଇଏସର ଇଣ୍ଟରନେଟ ସ୍ପିଡ ଟିକେ କମ ଅଛି। ସେମାନଙ୍କର ଗତି ଷ୍ଟାରଲିଙ୍କ ଅପେକ୍ଷା ୮୦-୯୦ ଗୁଣ କମ। ଜିଓ-ଏସଇଏସ ନେଟୱାର୍କରେ ଡାଟା ଟ୍ରାନ୍ସଫର ସ୍ପିଡ ୧୦-୧୫ ଏମବିପିଏସ ପର୍ଯ୍ୟନ୍ତ ଥିବାବେଳେ, ଷ୍ଟାରଲିଙ୍କ ୨୦୦-୩୦୦ ଏମବିପିଏସ ପର୍ଯ୍ୟନ୍ତ ସ୍ପିଡ ପ୍ରଦାନ କରିବାକୁ ଦାବି କରୁଛି। ଭାରତରେ ଇଣ୍ଟରନେଟ ସୁବିଧାକୁ ଉନ୍ନତ କରିବାର ଆବଶ୍ୟକତା ରହିଛି। ବିଶେଷକରି ଗ୍ରାମାଞ୍ଚଳରେ ଯେଉଁଠାରେ ହାଇ-ସ୍ପିଡ ବ୍ରଡବ୍ୟାଣ୍ଡ ସେବା ଉପଲବ୍ଧ ନାହିଁ। ଏହି କ୍ଷେତ୍ରଗୁଡ଼ିକରେ ଷ୍ଟାରଲିଙ୍କ ସେବା ଅଧିକ ଲାଭଦାୟକ ପ୍ରମାଣିତ ହୋଇପାରେ। କାରଣ ସାଟେଲାଇଟ ଇଣ୍ଟରନେଟ ପ୍ରଯୁକ୍ତିବିଦ୍ୟା ସେହି ଅଞ୍ଚଳରେ ମଧ୍ୟ କାମ କରେ ଯେଉଁଠାରେ ପାରମ୍ପରିକ ବ୍ରଡବ୍ୟାଣ୍ଡର ସୁବିଧା ନାହିଁ। ଏହା ବ୍ୟତୀତ, ଷ୍ଟାରଲିଙ୍କ ଦ୍ରୁତ ଗତି ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ବ୍ୟବସାୟ କ୍ଷେତ୍ରରେ ମଧ୍ୟ ପରିବର୍ତ୍ତନ ଆଣିପାରିବ। ବିଶେଷକରି, ଏହି ଇଣ୍ଟରନେଟ ସ୍ପିଡ ଟେଲିମେଡିସିନ, ଅନଲାଇନ ଶିକ୍ଷା ଏବଂ ଡିଜିଟାଲ ବ୍ୟାଙ୍କିଂ ଭଳି ସେବା ପାଇଁ ଅତ୍ୟନ୍ତ ଲାଭଦାୟକ ପ୍ରମାଣିତ ହୋଇପାରେ।

# ଅଟିଷ୍ଟିକ୍ ପିଲାଙ୍କ ସକାଶେ ଏଲ୍ଆଇସିର ସ୍କୁଲ ବସ୍ ଦାନ




**ଭୁବନେଶ୍ୱର,୧୯।୩(ସଂଚାର ବ୍ୟୁରୋ):** ଏଲ୍ଆଇସିର ଗୋଲ୍‌ଡେନ୍ ଜୁବିଲି ଫାଉଣ୍ଡେସନ୍ ପକ୍ଷରୁ ଚନ୍ଦକା ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍ର ଫ୍ୟୁଚର୍ ଭୁବନେଶ୍ୱର ସ୍କୁଲ କ୍ୟାମ୍ପସ୍‌ରେ ଅଟିଜିମ୍ ଥେରାପି ସେଣ୍ଟରର ଅଟିଷ୍ଟିକ୍ ପିଲାଙ୍କ ସକାଶେ ଏକ ସ୍କୁଲ ବସ୍ ଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପାଟନାର ଏଲ୍ଆଇସି ଜୋନାଲ କାର୍ଯ୍ୟାଳୟର ଜୋନାଲ୍ ମ୍ୟାନେଜର ଶ୍ରବଣ କୁମାରଙ୍କ ସହ ସିନିଅର୍ ଡିଏମ୍ ମନୋରଞ୍ଜନ ଦାସ, ମାର୍କେଟିଂ ମ୍ୟାନେଜର୍ ଅଶୋକ କୁମାର ଭୂୟାଁ ଓ ଏଲ୍ଆଇସି ଭୁବନେଶ୍ୱର ଡିଭିଜନ୍‌ର ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଉକ୍ତ ବସ୍‌ର ଚାବି ହସ୍ତାନ୍ତର କରାଯିବା ସହ ପତାକା ଦେଖାଇ ବସ୍‌ର ଶୁଭାରମ୍ଭ କରାଯାଇଥିଲା। ଏହି ସମାରୋହ ଭୁବନେଶ୍ୱରରେ 'ମ୍ୟାନେଜ୍ ଅଟିଜିମ୍ ନାଓ ଟ୍ରଷ୍ଟ (ଏମ୍ଏନ୍) ପକ୍ଷରୁ ଆୟୋଜିତ ହୋଇଥିଲା। ଉତ୍ସବରେ ଏଟିସି ପରାମର୍ଶଦାତା ମଦନ ମୋହନ ପଣ୍ଡା, ଏମ୍ଏନ୍ ଟ୍ରଷ୍ଟର ଅଧ୍ୟକ୍ଷ ପ୍ରଫେସର ରଞ୍ଜନ କୁମାର ବଳ, ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟର କୁଳପତି ଡକ୍ଟର ଡିଏନ୍ ମିଶ୍ର, ଭୁବନେଶ୍ୱର ଡିଏଭି ସ୍କୁଲ ଅଫ୍ ବିଜନେସ୍ ମ୍ୟାନେଜ୍‌ମେଣ୍ଟର ଅଧ୍ୟକ୍ଷ ଓ ପ୍ରଫେସର ସ୍ୱର୍ଣ୍ଣ ମିଶ୍ର, ଉତ୍କଳ ବିଶ୍ୱବିଦ୍ୟାଳୟ ଓ ଏମ୍ଏମ୍ ଟ୍ରଷ୍ଟର ଅନ୍ୟାନ୍ୟ ଟ୍ରଷ୍ଟିମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଅଭିଭାଷଣ ପ୍ରଦାନ କରି ଶ୍ରୀ କୁମାର ୨୦୦୬ରେ ପ୍ରତିଷ୍ଠିତ ଏଲ୍ଆଇସି ସୁବର୍ଣ୍ଣ ଜୁବିଲି ଫାଉଣ୍ଡେସନ୍‌ର ଇତିହାସ ଓ ସମଗ୍ର ଦେଶରେ ଏପରି ସାମାଜିକ ପ୍ରକଳ୍ପ ବିକାଶ କାର୍ଯ୍ୟକଳାପକୁ ସମର୍ଥନ କରିବାରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ସେହିପରି ଶ୍ରୀ ଦାସ ଏହି ପିଲାମାନଙ୍କ ପାଇଁ ଟ୍ରଷ୍ଟିମାନେ ନେଇଥିବା ମହତ ପଦକ୍ଷେପ ସକାଶେ ଅଭିନନ୍ଦନ ଜଣାଇବା ସହ ଭବିଷ୍ୟତରେ ଏଟିସିର ସଫଳତା କାମନା କରିଥିଲେ। ମଦନ ମୋହନ ପଣ୍ଡା ବସ୍ ଦାନ ସକାଶେ ଏଲ୍ଆଇସି ଅଫ୍ ଇଣ୍ଡିଆକୁ ଧନ୍ୟବାଦ ଦେଇଥିଲେ। ଏହାଛଡ଼ା ସ୍ୱର୍ଣ୍ଣଲତା ମିଶ୍ର ଟ୍ରଷ୍ଟ କାର୍ଯ୍ୟକଳାପ ଓ ଅଟିଷ୍ଟିକ୍ ପିଲାଙ୍କ ପାଇଁ ସେମାନଙ୍କ ଆବାସିକ କ୍ୟାମ୍ପସ୍ ସହ ଜଡ଼ିତ ଭବିଷ୍ୟତର ସମ୍ପ୍ରସାରଣ ପ୍ରକଳ୍ପ ବିଷୟରେ ସୂଚନା ଦେଇଥିଲେ।

# ଆୟକର ସଂଗ୍ରହରେ ବଢ଼ିଚାଲିଛି ରାଜସ୍ୱ ପରିମାଣ

**ନୂଆଦିଲ୍ଲୀ,୧୯।୩:** ଚଳିତ ଆର୍ଥିକ ବର୍ଷରେ, ଟିକସ ସଂଗ୍ରହ ମାଧ୍ୟମରେ ସରକାରୀ ରାଜକୋଷ କ୍ରମାଗତ ପୂରଣ ହେଉଛି ଏବଂ ଏଥିରେ, କର୍ପୋରେଟ ଟାକ୍ସ ଠାରୁ ନନ୍ କର୍ପୋରେଟ୍ ଟିକସ ସଂଗ୍ରହ ସବୁଠାରୁ ଅଧିକ ରହିଛି, ଯାହାକି କରଦାତାଙ୍କ ଠାରୁ ଟିକସ ବିଭାଗ ସଂଗ୍ରହ କରିଛି। ୨୦୨୪-୨୬ ଆର୍ଥିକ ବର୍ଷରେ ମାର୍ଚ୍ଚ ୧୬ ସୁଦ୍ଧା, ପ୍ରତ୍ୟକ୍ଷ ଟିକସ ସଂଗ୍ରହ ୧୩.୧୩ ପ୍ରତିଶତ ବୃଦ୍ଧି ସହିତ ୨୧.୨୬ ଲକ୍ଷ କୋଟି ଟଙ୍କା ପହଞ୍ଚିଛି।




**୨୧.୨୬ ଲକ୍ଷ କୋଟିରେ ପହଞ୍ଚିଲା ପ୍ରତ୍ୟକ୍ଷ କର ଆଦାୟ**

ପ୍ରତ୍ୟକ୍ଷ କର ଆଦାୟକୁ ନେଇ ଜାରି ତଥ୍ୟ ଅନୁସାରେ, ପ୍ରତ୍ୟକ୍ଷ ଟିକସ ସଂଗ୍ରହ ବୃଦ୍ଧିରେ ଅଗ୍ରିମ ଟିକସ ବୃଦ୍ଧିକୁ ଶ୍ରେୟ ଦିଆଯାଉଛି। ଚଳିତ ବର୍ଷ, ସରକାର ଚାରିଟି ଅଗ୍ରିମ ଟିକସ କିସ୍ତିରୁ ୧୪.୪୪ ଲକ୍ଷ କୋଟି ବୃଦ୍ଧି ସହିତ ୧୦.୪୪ ଲକ୍ଷ କୋଟି ସଂଗ୍ରହ କରିପାରିଛନ୍ତି। ଏହା ପୂର୍ବ ଆର୍ଥିକ ବର୍ଷରେ ୯.୧୧ ଲକ୍ଷ କୋଟି ଟଙ୍କା ଥିଲା। ଚଳିତ ଆର୍ଥିକ ବର୍ଷର ଶେଷ ଅଗ୍ରିମ ଟିକସ ଦେୟ ୧୫ ମାର୍ଚ୍ଚ, ୨୦୨୫ ରେ ହୋଇଥିଲା। କର୍ପୋରେଟ୍ ଟିକସ ବର୍ଗରେ ଅଗ୍ରିମ ଟିକସ ସଂଗ୍ରହ ୧୨.୫୪ ପ୍ରତିଶତ ଅଭିବୃଦ୍ଧି ସହିତ ୭.୫୭ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି, ସେପଟେ ନନ୍-କର୍ପୋରେଟ୍ ବର୍ଗରେ ଅଗ୍ରିମ ଟିକସ ସଂଗ୍ରହ ୨୦.୪୭ ପ୍ରତିଶତ ଅଭିବୃଦ୍ଧି ସହିତ ୨.୮୭ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି।

ଆୟକର ଅଧିନିୟମର ଧାରା ୨୦୮ ଅନୁସାରେ, ଯେଉଁ ବ୍ୟକ୍ତିଙ୍କ ଆନୁମାନିକ କର ଦେୟ ୧୦,୦୦୦ ଟଙ୍କାରୁ ଅଧିକ ହେବାର ସମ୍ଭାବନା ରହିଛି, ତାଙ୍କୁ ସେହି ବର୍ଷ ଆଗୁଆ ଟିକସ ଦେବାକୁ ପଡ଼ିବ ଏବଂ ଏଥିରେ ବେତନଭୋଗୀ କରଦାତା ମଧ୍ୟ ରହିଛନ୍ତି। ଆର୍ଥିକ ବର୍ଷରେ ଅଗ୍ରିମ ଟିକସ ଚାରିଟି କିସ୍ତିରେ ପୈଠ କରାଯିବ, ତାହା ହେଉଛି - ଜୁନ୍ ୧୫, ସେପ୍ଟେମ୍ବର ୧୫, ଡିସେମ୍ବର ୧୫ ଏବଂ ମାର୍ଚ୍ଚ ୧୫। ସିବିଡିଟି ଦ୍ୱାରା ପ୍ରକାଶିତ ଟିକସ ସଂଗ୍ରହ ତଥ୍ୟ ଅନୁଯାୟୀ, ନନ୍-କର୍ପୋରେଟ୍ ଟିକସ ସଂଗ୍ରହ, ଯେଉଁଥିରେ ମୁଖ୍ୟତଃ ଆୟକର ଅନ୍ତର୍ଭୁକ୍ତ, ଏହା ବାର୍ଷିକ ଆଧାରରେ ୧୭ ପ୍ରତିଶତ ବୃଦ୍ଧି ପାଇ ପ୍ରାୟ ୧୧.୦୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଯେତେବେଳେ କି ୧ ଏପ୍ରିଲ୍, ୨୦୨୪ରୁ ୧୬ ମାର୍ଚ୍ଚ, ୨୦୨୫ ମଧ୍ୟରେ କର୍ପୋରେଟ୍ ଟିକସ ସଂଗ୍ରହ ୯.୬୯ ଲକ୍ଷ କୋଟି ଟଙ୍କା ହୋଇଥିଲା ଯାହାର ଅଭିବୃଦ୍ଧି ମାତ୍ର ୭ ପ୍ରତିଶତ ଥିଲା। ସେୟାର ବଜାରରେ ଦ୍ରୁତ ହ୍ରାସ ବ୍ୟତିତ ସେୟାରଗୁଡ଼ିକ ମଧ୍ୟରେ କିଣାବିକା ଉପରେ ଲାଗିଥିବା ସିକ୍ୟୁରିଟି ଟ୍ରାଞ୍ଜାକ୍ସନ୍ କର ସଂଗ୍ରହ ପାଖାପାଖି ୫୬ ପ୍ରତିଶତ ବୃଦ୍ଧି ସହିତ ୫୩,୦୯୫ କୋଟି ରହିଛି। ସେହିପରି ଗତବର୍ଷ ସମାନ ସମୟରେ ୩୪,୧୩୧ କୋଟି ଟଙ୍କା ସଂଗ୍ରହ ଦେଖିବାକୁ ମିଳିଥିଲା। ଏହି ସମୟରେ ୪.୬୦ ଲକ୍ଷ କୋଟି ଟଙ୍କାରୁ ଅଧିକରୁ ରିଫଣ୍ଡ ଜାରି କରାଯାଇଛି। ଏହାର ଗୋଟିଏ ବର୍ଷ ପୂର୍ବରୁ ସମାନ ଅବଧିରେ ୩.୪୭ ଲକ୍ଷ କୋଟିର ରିଫଣ୍ଡ ଜାରି କରାଯାଇଥିଲା। ୨୦୨୪-୨୫ ଆର୍ଥିକ ବର୍ଷରେ ସଂଶୋଧିତ ପୂର୍ବାନୁମାନରେ ସରକାର ଆୟକର ସଂଗ୍ରହ ୧୨.୫୭ ଲକ୍ଷ କୋଟି ଟଙ୍କା ରହିବାର ଅନୁମାନ କରିଛନ୍ତି, ଯାହାକି ବଜେଟ ଅନୁମାନ ୧୧.୮୭ କୋଟିରୁ ଅଧିକ।

# ସର୍ବକାଳୀନ ରେକର୍ଡ ସ୍ତରରେ ସୁନା ଦର

ରେକର୍ଡ ଭାଙ୍ଗିଲା ସୁନା ଦର। ପ୍ରଥମ ଥର ପାଇଁ ୯୦ ହଜାର ଛୁଇଁଛି ଖାଣ୍ଟି ସୁନା। ବଜାରରେ ୨୪ କ୍ୟରେଟ୍ ସୁନା ୧୦ ଗ୍ରାମକୁ ୪୪୦ ଟଙ୍କା ବଢ଼ି ୯୦ ହଜାରରେ ପହଁଚିଥିବା ବେଳେ ୨୨ କ୍ୟାରେଟ୍ ସୁନା ୮୨ ହଜାର ୫୦୦ ଟଙ୍କା ହୋଇଛି। ଆଗକୁ ଏହା ଲକ୍ଷେ ଟଙ୍କା ଛୁଇଁବ ବୋଲି ଆକଳନ କରିଛନ୍ତି ବିଶେଷଜ୍ଞ। ଅନ୍ତର୍ଜାତୀୟ ବଜାରରେ ଅସ୍ଥିରତା, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ହେବି ଟାରିଫ୍ ଏବଂ ଡଲାର ତୁଳନାରେ ଟଙ୍କା ମୂଲ୍ୟ ହ୍ରାସ ସୁନା ଦର ବୃଦ୍ଧିର ପ୍ରମୁଖ କାରଣ। ସର୍ବକାଳୀନ ରେକର୍ଡ ଛୁଇଁଲା ସୁନା।୧୦ ଗ୍ରାମକୁ ୯୦ ହଜାର ଟଙ୍କା। ଚକ୍ ଚକ୍ କରୁଥିବା ଏସବୁ ସୁନା ଅଳଙ୍କାର ଦେଖିବାକୁ ମନଲୋଭା, ହେଲେ ଛୁଇଁବାକୁ ଡର ଲାଗୁଛି। ସୁନା ଦେହରେ ଯେମିତି ଲାଗିଛି ନିଆଁ। ଦର ହୁ ହୁ ହୋଇ ବଢୁଛି, ରେକର୍ଡ ପରେ ରେକର୍ଡ କରୁଛି। ଆଜି ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ୧୦ ଗ୍ରାମ୍ ପିଛା ଦର ୯୦ ହଜାର ରହିଛି। ଗତକାଲି ଏହା ୮୯ ହଜାର ୫୬୦ ଟଙ୍କା ଥିଲା। ଅର୍ଥାତ୍ ଦିନକରେ ବଢ଼ିଛି ୪୪୦ ଟଙ୍କା। ସେହିପରି ୨୨କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ଦିନକରେ ୪ଶହ ଟଙ୍କା ବଢ଼ି ୮୨ ହଜାର ୫୦୦ ଟଙ୍କା ହୋଇଛି। ଆକାଶଛୁଆଁ ଦର ଯୋଗୁଁ ଗରିବ ଓ ନିମ୍ନ ମଧ୍ୟବିତ୍ତଙ୍କ ପାଇଁ ସୁନା କିଣିବା ଯେମିତି ସ୍ୱପ୍ନ ହୋଇଯାଇଛି। ସେପଟେ ଗ୍ରାହକଙ୍କୁ କେମିତି ଆକର୍ଷିତ କରିବେ, ବ୍ୟବସାୟୀଙ୍କୁ ବି ଘାରିଛି ଚିନ୍ତା।

ଗତବର୍ଷ ଏପ୍ରିଲ ୬ ତାରିଖରେ ସୁନା ଛୁଇଁଥିଲା ୭୦ ହଜାର। ବର୍ଷେ ହୋଇନି ଦର ସିଧା ୨୦ ହଜାର ଟଙ୍କା ବଢ଼ି ୯୦ରେ ପହଁଚିଛି। ଖୁବଶୀଘ୍ର ୨୪ କ୍ୟାରେଟ୍ ସୁନା ୧୦ ଗ୍ରାମକୁ ଲକ୍ଷେ ପାର କରିବ ବୋଲି ଆକଳନ କରିଛନ୍ତି ବିଶେଷଜ୍ଞ। ଅନ୍ତର୍ଜାତୀୟ ବଜାର ଉପରେ ନିର୍ଭର କରେ ସୁନାର ଦର। ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସ ବି ସୁନା ଦର ବୃଦ୍ଧିର ଏକ ପ୍ରମୁଖ କାରଣ। ବର୍ତ୍ତମାନ ଅନ୍ତର୍ଜାତୀୟ ବଜାରରେ ଅସ୍ଥିରତା ଲାଗି ରହିଛି। ଗୋଟିଏ ପଟେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ହେଭି ଟାରିଫ୍, ଅନ୍ୟପଟେ ଡଲାର ତୁଳନାରେ ଦୁର୍ବଳ ହେଉଛି ଟଙ୍କା। ସେଥିପାଇଁ ସୁନା ଆମଦାନୀ ମହଙ୍ଗା ହେଉଛି।ବିଶ୍ୱ ବଜାରରେ ଅସ୍ଥିରତା ଲାଗି ରହିଥିବାରୁ ସବୁ ଦେଶ ସେମାନଙ୍କ ଗୋଲ୍ଡ ରିଜର୍ଭକୁ ବଢ଼ାଇବାକୁ ଚାହୁଁଛନ୍ତି। ନିବେଶକମାନେ ମଧ୍ୟ ଷ୍ଟକ୍ ବଜାର ଅପେକ୍ଷା ସୁନାରେ ପୁଞ୍ଜି ନିବେଶକୁ ସୁରକ୍ଷିତ ମଣୁଛନ୍ତି। ତେଣୁ ବଢ଼ିଚାଲିଛି ସୁନା ଦର। ସୁନା ଭଳି ରୁପା ଦାମ ବି ବଢ଼ୁଛି। ରୁପା ୧୦୦ ଗ୍ରାମ ପିଛା ଦର ରହିଛି ୧୧ ହଜାର ୩୦୦ ଟଙ୍କା।

# ରିସର୍ଚ୍ଚ ଜର୍ଣ୍ଣାଲ୍‌ରେ ପତଞ୍ଜଳିର ଗବେଷଣା ରିପୋର୍ଟ

**ହରିଦ୍ୱାର, ୧୯।୩:** ବାବା ରାମଦେବଙ୍କ ପ୍ରେରଣା ଓ ପତଞ୍ଜଳି ବୈଜ୍ଞାନିକଙ୍କ ଗବେଷଣାରୁ ପ୍ରସ୍ତୁତ କିଡ୍‌ନି ଔଷଧ 'ରେନୋଗ୍ରିଟ୍' ସମ୍ପର୍କିତ ଗବେଷଣା ରିପୋର୍ଟକୁ ବିଶ୍ୱର ଅଗ୍ରଣୀ ପ୍ରକାଶନୀ ସଂସ୍ଥା 'ନେଚର୍ ପୋର୍ଟଫୋଲିଓ'ର ରିସର୍ଚ୍ଚ ଜର୍ଣ୍ଣାଲ୍ 'ସାଇଣ୍ଟିଫିକ୍ ରିପୋର୍ଟସ୍'ର ୨୦୨୪ ବର୍ଷର ଶ୍ରେଷ୍ଠ ୧୦୦ ଗବେଷଣା ରିପୋର୍ଟରେ ସାମିଲ କରାଯାଇଛି। ସାଇଣ୍ଟିଫିକ୍ ରିପୋର୍ଟସ୍ ହେଉଛି ବିଶ୍ୱର ପଞ୍ଚମ ସବୁଠୁ ଖୋଜା ଯାଉଥିବା ଜର୍ଣ୍ଣାଲ। ରେନୋଗ୍ରିଟ୍ ଉପରେ ପ୍ରକାଶିତ ରିସର୍ଚ୍ଚ ପେପର୍‌କୁ ୨୫୬୮ ଜଣ ଡାଉନ୍‌ଲୋଡ୍ କରିଛନ୍ତି। ଆୟୁର୍ବେଦିକ ଔଷଧ ରୋଗ ଭଲ କରିବାର ଏକ ସଫଳ ପଦ୍ଧତି ଏବଂ ଜଡ଼ିବୁଟିରୁ ପ୍ରସ୍ତୁତ ଔଷଧ ବୈଜ୍ଞାନିକଙ୍କ ପାଇଁ କୌତୁହଳର ବିଷୟ ପାଲଟିଥିବା ଏଥିରୁ ଜଣାପଡୁଛି। ପତଞ୍ଜଳି ପକ୍ଷରୁ କୁହାଯାଇଛି ଯେ ରୋନୋଗ୍ରିଟ୍ କ୍ୟାନସର ଓ ଏଲୋପାଥିକ୍ ଔଷଧ ସିସ୍‌ପ୍ଲାଟିନ୍‌ର କିଡ୍‌ନି ଉପରେ ଖରାପ ପ୍ରଭାବକୁ ଦୂର କରୁଥିବା ବେଳେ କିଡ୍‌ନି କୋଷ ଉପରେ ପଡୁଥିବା ଅକ୍ସିଡେଟିଭ୍ ଚାପକୁ କମ୍ କରୁଛି। ଏହି ଅବସରରେ ଆଚାର୍ଯ୍ୟ ବାଲକୃଷ୍ଣ କହିଛନ୍ତି ଯେ ରେନୋଗ୍ରିଟ୍‌ର ଏହି ସଫଳତା ଆୟୁର୍ବେଦର ବୈଜ୍ଞାନିକ ପ୍ରମାଣକୁ ବିଶ୍ୱସ୍ତରରେ ମାନ୍ୟତା ପ୍ରଦାନ କରିବା ଦିଗରେ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ।

# ଲଞ୍ଚ୍ ହେବ ଭାରତର ପ୍ରଥମ ହାଇଡ୍ରୋଜେନ୍ ଟ୍ରେନ୍

**ନୂଆଦିଲ୍ଲୀ, ୧୯।୩:** ପରିବହନ କ୍ଷେତ୍ରରେ ଭାରତ ଜର୍ମାନୀ, ଚୀନ, ଫ୍ରାନ୍ସ ଓ ସ୍ୱିଡେନ ଭଳି ରାଷ୍ଟ୍ରକୁ ଟକ୍କର ଦେଇ ଆଗକୁ ବଢ଼ୁଛି। ଗୋଟିଏ ପଟେ ଘଣ୍ଟାକୁ ପାଖାପାଖି ୧୦୦୦ କିମି ଗତି କରୁଥିବା ହାଇପରଲୁପର ତିଆରି କାମ ଚାଲିଥିବା ବେଳେ ଏପଟେ ହାଇଡ୍ରୋଜନେ ଟ୍ରେନ୍ ଲଞ୍ଚ୍ ହେବାକୁ ଯାଉଛି। ଭାରତର ଗ୍ରୀନ ଟେକ୍ନୋଲୋଜୀ କ୍ଷେତ୍ରରେ ଏହା ଏକ ବଡ଼ ପଦକ୍ଷେପ। ହାଇଡ୍ରୋଜେନ୍ ଟ୍ରେନ୍ ପାରମ୍ପରିକ ଡିଜେଲ୍ ଟ୍ରେନ୍ ଠାରୁ ଭିନ୍ନ।

ଲଞ୍ଚ୍ ହେବାକୁ ଯାଉଛି ଭାରତର ପ୍ରଥମ ହାଇଡ୍ରୋଜେନ୍ ସେଲ୍ ଟ୍ରେନ୍। ଏହି ଟ୍ରେନ୍ ଦେଶରେ ପରିବହନ କ୍ଷେତ୍ରରେ ବିପ୍ଳବ ଆଣିବ। ହାଇଡ୍ରୋଜେନ୍ ଚାଳିତ ଟ୍ରେନ୍‌ର ଶୁଭାରମ୍ଭ ସହିତ ଭାରତ ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ନିଜ ପରିବହନ ଦିଗକୁ ସମ୍ପୂର୍ଣ୍ଣ ବଦଳାଇ ଦେବା ଦିଗରେ କାମ ଜାରି ରଖିଛି। ମିଡିଆ ରିପୋର୍ଟ ଅନୁସାରେ ଚେନ୍ନାଇର ପେରାମ୍ବୁରରେ ଥିବା ଇଣ୍ଟେଗ୍ରାଲ କୋଚ ଫେକ୍ଟୋରୀରେ ଏହି ଟ୍ରେନ୍ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଏହାର ୮୦ ପ୍ରତିଶତ କାର୍ଯ୍ୟ ସରିଗଲାଣି। ରେଳବାଇ ଅଧିକାରୀଙ୍କ କହିବା ଅନୁସାରେ କେବଳ ଟ୍ରେନ୍‌ରେ ରଙ୍ଗ ଦେବା, ହାଇଡ୍ରୋଜେନ୍ ସିଲିଣ୍ଡର କନେକ୍ଟ କରିବା ଏବଂ କିଛି ଟେକ୍ନିକାଲ କାମ ବାକି ରହିଛି। ଚଳିତ ମାସ ଶେଷ ସୁଦ୍ଧା ଏହି ଟ୍ରେନ୍ ତିଆରି କାମ ସରିଯିବ ବୋଲି ଆଶା କରାଯାଉଛି। ଟ୍ରେନ୍ ତିଆରି କାମ ସରିବା ପରେ ଆସନ୍ତା ମାସରେ ହରିଆଣାର ଜିନ୍ଦ ଓ ସୋନିପତ ମଧ୍ୟରେ ୮୯ କିମି ରୁଟ୍‌ରେ ଏହାର ପ୍ରଥମ ଟ୍ରାଏଲ ହେବ ବୋଲି ରେଳବାଇ ଅଧିକାରୀ ସୂଚନା ଦେଇଛନ୍ତି।




ତେବେ ଏହି ହାଇଡ୍ରୋଜେନ୍ ଟ୍ରେନ୍‌ଗୁଡ଼ିକ ପାରମ୍ପରିକ ଡିଜେଲ୍ ଟ୍ରେନ୍‌ଠାରୁ ଭିନ୍ନ। ଏଥିରେ କଣସବୁ ସୁବିଧା ରହିଛି ଆସନ୍ତୁ ଜାଣିବା। ମାମଲାଇମାର ରିପୋର୍ଟ ଅନୁସାରେ, ହାଇଡ୍ରୋଜେନ୍ ଟ୍ରେନ୍‌ରେ ୧,୨୦୦ ଇଞ୍ଜିନ ଏଚ୍‌ପି ଖଞ୍ଜାଯାଇଛି। ଏହାର ବେଗ ଘଣ୍ଟା ପ୍ରତି ୧୧୦ କିମି ରହିବ। ଭାରତରେ ଚାଲିବାକୁ ଥିବା ହାଇଡ୍ରୋଜେନ୍ ଟ୍ରେନ୍‌ରେ ପ୍ରାରମ୍ଭିକ ପର୍ଯ୍ୟାୟରେ ୫ଟି ବଗି ରହିବ। ଅନ୍ୟ ଦେଶଗୁଡ଼ିକର ହାଇଡ୍ରୋଜେନ୍ ଟ୍ରେନ୍‌ରେ ୧୦ଟି ଲେଖାଏ ବଗି ରହିଛି। ରେଲୱେ ଅଧିକାରୀଙ୍କ ଅନୁସାରେ ପ୍ରତ୍ୟେକ ଟ୍ରେନ୍ ତିଆରି ପାଇଁ ୮୦ କୋଟି ଟଙ୍କା ଖର୍ଚ୍ଚ ହେବ। ସ୍ଥାୟିତ୍ୱ ଏବଂ ପରିବେଶ ସଂରକ୍ଷଣ ପାଇଁ ପାର୍ବତ୍ୟ ଅଞ୍ଚଳରେ ହାଇଡ୍ରୋଜେନ୍ ଟ୍ରେନ୍ ଚଳାଇବାକୁ କେନ୍ଦ୍ର ସରକାର ଯୋଜନା କରୁଛନ୍ତି। ପ୍ରଥମ ଟ୍ରେନ୍ ଉତ୍ତର ରେଳବାଇ ଦ୍ୱାରା ପରିଚାଳିତ ହେବ। ୨୦୩୦ ସୁଦ୍ଧା ଭାରତୀୟ ରେଳବାଇକୁ ଅଙ୍ଗାରକାମ୍ଳମୁକ୍ତ କରିବାକୁ ଯେଉଁ ଯୋଜନା କରାଯାଉଛି ହାଇଡ୍ରୋଜେନ୍ ଟ୍ରେନ୍ ଏହାର ରେଜଲ୍ଟ। କେନ୍ଦ୍ରୀୟ ରେଳ ବୋର୍ଡ ଏହି ପ୍ରକଳ୍ପର କଳ୍ପନା କରିଥିଲା। ଏଥିପାଇଁ ବୋର୍ଡ ୨୩୦୦ କୋଟି ଟଙ୍କା ବ୍ୟୟରେ ୩୫ଟି ହାଇଡ୍ରୋଜେନ୍ ଟ୍ରେନ୍ ନିର୍ମାଣ କରିବାକୁ ଯୋଜନା କରିଛି। ଗତ ବର୍ଷର ବଜେଟରେ ଏହି ପଦକ୍ଷେପ ଘୋଷଣା କରାଯାଇଥିଲେ ମଧ୍ୟ, ICF କାରଖାନା ବର୍ତ୍ତମାନ ୮୦ ପ୍ରତିଶତ କାମ ସମାପ୍ତ କରିଛି। ପରୀକ୍ଷାମୂଳକ ରନ୍ ସଫଳ ହେବା ପରେ, ଏପ୍ରିଲ ଶେଷ ସୁଦ୍ଧା ଟ୍ରେନ୍ ସାଧାରଣ ବ୍ୟବହାର ପାଇଁ ଛଡ଼ାଯିବ ବୋଲି ରେଳ ବୋର୍ଡ କହିଛି। ଅନ୍ୟ କିଛି ମିଡିଆ ରିପୋର୍ଟ ଅନୁସାରେ, ଐତିହ୍ୟସ୍ଥଳ କାଲକା-ସିମଲା ଟ୍ରେନ୍ ରୁଟରେ ପ୍ରଥମ ଥର ପାଇଁ ଏହି ହାଇଡ୍ରୋଜେନ୍ ଟ୍ରେନ୍ ଚାଲିବ। ଫଳରେ ଯାତ୍ରୀମାନେ ପ୍ରାକୃତିକ ଏବଂ ପରିବେଶ ଅନୁକୂଳ ଯାତ୍ରାରେ ମଜା ନେଇପାରିବେ। ଏହି ହାଇଡ୍ରୋଜେନ୍ ଟ୍ରେନ୍ ପାରମ୍ପରିକ ଡିଜେଲ ଟ୍ରେନ୍ ଭଳି ଦ୍ରୁତ ଗତିରେ ଯିବା ପାଇଁ ଡିଜାଇନ୍ କରାଯାଇଛି।

ହାଇଡ୍ରୋଜେନ୍ ଟ୍ରେନ୍‌ରେ ହର୍ସପାୱାର ଉପକରଣ ବ୍ୟବହାର କରାଯାଇଛି। ଫଳରେ ଏଥିରେ ସମାନ କାର୍ଯ୍ୟଦକ୍ଷତା ସହିତ ପରିଚାଳନା ଖର୍ଚ୍ଚ କମ୍ ହେବ। ରେଳ ନେଟୱର୍କରେ ଦକ୍ଷତା ବୃଦ୍ଧି କରିବା ସହିତ ପରିବେଶଗତ ପ୍ରଭାବକୁ ହ୍ରାସ କରିବା ପାଇଁ ଏକ ବୃହତ୍ତର ଦୃଷ୍ଟିକୋଣକୁ ନେଇ ଭାରତ ସରକାର ଏହି ହାଇଡ୍ରୋଜେନ୍ ଟ୍ରେନ୍ ଆରମ୍ଭ କରିବାକୁ ଯୋଜନା କରୁଛନ୍ତି। ଏଭଳି ପଦକ୍ଷେପ ଦ୍ୱାରା ଭବିଷ୍ୟତର ହାଇଡ୍ରୋଜେନ୍ ଟ୍ରେନ ପାଇଁ ରାସ୍ତା ପରିଷ୍କାର ହେବା ସହିତ ଭାରତର ପରିବହନ ଭିତ୍ତିଭୂମିର ସ୍ଥାୟୀତ୍ୱ ବୃଦ୍ଧି ପାଇବ।

ସୂଚନା ଥାଉକି, ହାଇଡ୍ରୋଜେନ ଚାଳିତ ଟ୍ରେନର ସଫଳ କାର୍ଯ୍ୟାନ୍ୱୟନ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ କରିବାକୁ ସରକାର କରୁଥିବା ଚେଷ୍ଟା ମଧ୍ୟରୁ ଏକ ଉତ୍ତମ ଉପାୟ ହେବ। ଏହି ନବସୃଜନ ଭାରତକୁ ସ୍ଥାୟୀ ପରିବହନ କ୍ଷେତ୍ରରେ ଏକ ଅଗ୍ରଣୀ ରାଷ୍ଟ୍ର ଭାବରେ ସ୍ଥାନିତ କରିବ ଏବଂ ଅନ୍ୟ ଦେଶଗୁଡ଼ିକୁ ଏଭଳି ପଦକ୍ଷେପ ନେବାକୁ ଉତ୍ସାହିତ କରିପାରେ।

## ନାଳ ସାଜିଛି କାଳ, ପୋଲ ନିର୍ମାଣ ଦାବି



**କନ୍ଧମାଳ,୧୯।୩(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ୍ ବାଲନ୍ଧାପଡ଼ା ପଞ୍ଚାୟତ ଠାରୁ ଗଦେଇପଦର ଦେଇ ରାଇଗୁଡ଼ା ସଂଯୋଗ ହେଇଥିବା ରାସ୍ତା ଏବେ ମରଣଯନ୍ତା ପାଲଟିଥିବା ଦେଖିବାକୁ ମିଳିଛି। ଏହି ପୋଲ ଦେଇ ରାଇଗୁଡ଼ା, ବାଘପଦର, ବୃସିଂ ଓ ବାଟିମୁଣ୍ଡା ଲୋକ ପ୍ରତିଦିନ ନିର୍ଭର କରନ୍ତି। କିଛି ବର୍ଷ ପୂର୍ବେ ଏହି ପୋଲ ନିର୍ମାଣ କରାଯାଇଥିଲା। ଏବେ ଏହି ପୋଲ ସଂମ୍ପୁର୍ଣ୍ଣ ଭାଙ୍ଗିବାକୁ ହେଲାଣି, ଏହି ରାସ୍ତା ରେ ନାଳ ସାଜିଛି ବାଧକ, ବର୍ଷା ଦିନ ଏହି ରାସ୍ତା ଦେଇ ସ୍କୁଲ ଛାତ୍ରଛାତ୍ରୀ ମାନେ ଯାତାୟାତ କରି ପାରୁନାହାନ୍ତି। ଯାହା ଫଳରେ ସ୍କୁଲ ଛାତ୍ରଛାତ୍ରୀ ମାନେ ବହୁତ ଅସୁବିଧା ରୁ ସମ୍ମୁଖୀନ ହେଉଛନ୍ତି। ତେଣୁ ପ୍ରଶାସନ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଆକର୍ଷଣ କରିବା ସହ ଏହି ନାଳ ରେ ନୂତନ ପୋଲ ନିର୍ମାଣ କରିବା ପାଇଁ ଅଞ୍ଚଳ ବାସୀ ଲୁଇସିଂ ଗ୍ରାମ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ଜେନା ଦିଗାଲ ସହିତ ବିଶ୍ୱନାଥ ଦିଗାଲ, ମାନସ ଚନ୍ଦ୍ର କହଁର, ମୋହନ ଦିଗାଲ, ନାଗାର୍ଜୁନ ଦିଗାଲ, ବିଜୟ ରଣା, ସନ୍ତୋଷ କହଁର ପ୍ରମୁଖ ଦାବି କରିଛନ୍ତି ।

## ପୌର ପରିଷଦ ତରଫରୁ ଜଳଛତ୍ର ଆରମ୍ଭ




**ହିଞ୍ଜିଳିକାଟୁ,୧୯।୩(ସଂଚାର ବ୍ୟୁରୋ):** ହିଂଜିଳିକାଟୁ ଅଞ୍ଚଳରେ ବର୍ତ୍ତମାନ ଧୀରେ ଧୀରେ ପ୍ରଚଣ୍ଡ ରୌଦ୍ରତାପ ଓ ଅସହ୍ୟ ଗୁଳୁଗୁଳି ହେଉଥିବା ଦେଖିବାକୁ ମିଳୁଛି।ଏଭଳି ସ୍ଥିତିରେ ହିଂଜିଳିକାଟୁ ଅଞ୍ଚଳରେ ପୌର ପରିଷଦ ତରଫରୁ ମଙ୍ଗଳବାର ଦିନ ବସ ଟର୍ମିନାଲ, ବିକ୍ରୁ ପଞ୍ଚାୟତ ଛକ, କଲେଜ ରୋଡ୍, ବୃନ୍ଦାବନ ବିଦ୍ୟାଳୟ ସମ୍ମୁଖ ଓ ବଉଳଦାଣ୍ଡିଠାରେ ଜଳଛତ୍ର ଶୁଭାରମ୍ଭ ହୋଇଛି।ଉକ୍ତ ଶୁଭାରମ୍ଭ ଅବସରରେ ପୌର ଅଧ୍ୟକ୍ଷ ସୁବାଷ ପୋଲାଇ, ଉପାଧ୍ୟକ୍ଷା ସୁଚିତ୍ରା ପଣ୍ଡା ଯୋଗ ଦେଇ ଶୁଭାରମ୍ଭ କରିଥିଲେ ଓ ପ୍ରଥମ ଦିନ ଦହିଲସି ମିଶ୍ରିତ ପଣା ଲୋକଙ୍କୁ ପ୍ରଦାନ କରାଯାଇଥିଲା।ଏସଏଚଜି ମହିଳାଙ୍କ ମାଧ୍ୟମରେ ଖରା ପ୍ରକୋପ ନ କମିବା ଯାଏଁ ଉକ୍ତ କାର୍ଯ୍ୟକ୍ରମ ଜାରିରହିବ ଓ ପରିଛନ୍ନ ଦୃଷ୍ଟିକୋଣରୁ ରଖି ଜଳଛତ୍ର ବୃଦ୍ଧି କରାଯିବ ବୋଲି ପୌର ନିର୍ବାହୀ ଅଧିକାରୀ କୁନ୍ଦୁଲି ରଞ୍ଜନ ବେହେରା ସୂଚନା ଦେଇଛନ୍ତି।ପୌର ପରିଷଦ କନିଷ୍ଠ ଯନ୍ତ୍ରୀ ମାନସ ରଞ୍ଜନ ଦାସଙ୍କ ସମେତ ମ୍ୟୁନିସିପାଲିଟିର ଅନ୍ୟ କର୍ମଚାରୀମାନେ ଏଥିରେ ସହଯୋଗ କରିଥିଲେ।

## ଡିଗ୍ରୀ କଲେଜରେ ରକ୍ତଦାନ ସଚେତନତା ଶିବିର




**ନର୍ଲା,୧୯।୩(ସଂଚାର ବ୍ୟୁରୋ):** ପଞ୍ଚାୟତ ସମିତି ଡିଗ୍ରୀ କଲେଜ ନର୍ଲା ଠାରେ ବୁଧବାର ଦିନ ଏକ ଦିବସୀୟ ରକ୍ତଦାନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ନାଏକଙ୍କ ଅଧ୍ୟକ୍ଷତାରେ ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ତେରେସିଂହା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ତଥା ୟୁଥ୍ ରେଡକ୍ରସ କାଉନସିଲର ମୁକେଶ କୁମାର ବହିଦାର, ଅତିଥି ଭାବେ ଅଧ୍ୟାପିକା ବାସନ୍ତୀ ସାହୁ ଓ ଅଧ୍ୟାପକ ସୁଶାନ୍ତ ସାହୁ ମଞ୍ଚାସୀନ ଥିଲେ। ଅତିଥିମାନେ ରକ୍ତ ଦାନର ମହତ୍ୱ ଓ ସଚେତନତା ଉପରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଏକ ବିଶାଳ ରକ୍ତଦାନ ସଚେତନତା ଶୋଭାଯାତ୍ରାରେ ବାହାରି ନର୍ଲା ସହର ପରିକ୍ରମା କରିଥିଲେ। ୟୁଥ୍ ରେଡକ୍ରସ କାଉନସିଲର ତଥା ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ରମେଶ ଚନ୍ଦ୍ର ଘଡେଇ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅନ୍ୟାନ୍ୟ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ସହଯୋଗ କରିଥିଲେ।

## ରଙ୍ଗ ତୂଳୀରେ ପଖାଳ ଦିବସ ଶୁଭେଚ୍ଛା



**ଭୁବନେଶ୍ୱର,୧୯।୩(ସଂଚାର ବ୍ୟୁରୋ):** ଆଜି ହେଉଛି ବିଶ୍ୱ ପଖାଳ ଦିବସ। ପ୍ରତିବର୍ଷ ମାର୍ଚ୍ଚ ମାସ ୨୦ ତାରିଖକୁ ପଖାଳ ଦିବସ ରୂପେ ପାଳନ କରାଯାଇଥାଏ। ପଖାଳ ହେଉଛି ଓଡ଼ିଆ ଜାତି ଭାଇର ଆତ୍ମା ଓ ଅସ୍ମିତା। ଏହି ଅବସରରେ ଭୁବନେଶ୍ୱର ପୋଖରୀପୁଟ ଅଞ୍ଚଳର କୁନି ଚିତ୍ରଶିଳ୍ପୀ ଶାନ୍ତନୁ ଶାନ୍ତିସ୍ୱରୂପ ଚିତ୍ରକଳା ମାଧ୍ୟମରେ ପଖାଳ ଦିବସର ଶୁଭେଚ୍ଛା ଜଣାଇଛନ୍ତି। ରଙ୍ଗ ତୂଳୀରେ ପଖାଳ, ମାଛଭଜା, ବଡ଼ି ଭଜା, ବାଇଗଣପୋଡ଼ା, କାକୁଡ଼ି, ଆଳୁଭରତା, ସଜନା ଛୁଇଁ ଭଜନା ଆଦି ସୁସ୍ୱାଦୁ ଖାଦ୍ୟର ଅବିକଳ ପ୍ରତିଛବି ଆଙ୍କିଛନ୍ତି ଶାନ୍ତନୁ। ପ୍ରତ୍ୟେକ ଓଡ଼ିଆ ଏହାକୁ ପାଳନ କରିବାକୁ ସେ ଚିତ୍ର ମାଧ୍ୟମରେ ଆହ୍ୱାନ ଦେଇଛନ୍ତି।

## ଦୀପକ ସାହୁ ହତ୍ୟା ଘଟଣା, ମା' ଓ ବଡ଼ ପୁଅ ଗିରଫ

**ବ୍ରହ୍ମପୁର,୧୯।୩(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ହାତୀଓଟ ଗ୍ରାମର ଦୀପକ ସାହୁ ହତ୍ୟା ଘଟଣା। ୧୦ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କୁ ବାନ୍ଧିଲା ପୋଲିସ। ହତ୍ୟାକାରୀ ମା' ଏବଂ ବଡ଼ ପୁଅ ଗିରଫ। ବିଭିନ୍ନ ଦିଗକୁ ଅନୁଧ୍ୟାନ କରି ସାଇଣ୍ଟିଫିକ୍ ଟିମ୍‌ର ରିପୋର୍ଟ ଆଧାରରେ ହତ୍ୟା ଘଟଣାର ପର୍ଦ୍ଦାଫସ୍ କଲା ପୋଲିସ। ସାନ ପୁଅକୁ ହତ୍ୟା କରି ଦୁର୍ଘଟଣା ରୂପ ଦେଇଥିଲେ ମା' ଏବଂ ବଡ଼ପୁଅ। ଅଭିଯୁକ୍ତମାନେ ହେଲେ ହାତୀଓଟ ଗ୍ରାମର ସୁରଜ ସାହୁ ଓ ତାଙ୍କ ମା'ବୈଜୟନ୍ତୀ ସାହୁ। ପୋଲିସ ସେମାନଙ୍କୁ ଗିରଫ କରି ଏବେ କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ, ହାତୀଓଟ ଗ୍ରାମର ବୈଜୟନ୍ତୀ ସାହୁ ଦୁଇ ପୁଅ ସୁରଜ ଓ ଦୀପକଙ୍କ ସହ ରହୁଥିଲେ। ବିଭିନ୍ନ ସମୟରେ ସାନ ପୁଅ ଦୀପକ ଘରେ ଗଣ୍ଡଗୋଳ କରୁଥିଲା। ଏପରିକି ଅଧିକାଂଶ ସମୟ ବାହାରେ ରହୁଥିଲା। ଗତ ୧୬ ତାରିଖ ରାତିରେ ଦୀପକ ଘରକୁ ଆସି ପୁଣିଥରେ ମା' ଓ ବଡ଼ଭାଇ ସହିତ ଗଣ୍ଡଗୋଳ କରି ପାଟିତୁଣ୍ଡ କରିଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ମା' ଓ ବଡ଼ପୁଅ ସୁରଜ ମିଶି ଦୀପକଙ୍କ ତିଣ୍ଟିଚିପି ହତ୍ୟା କରିଥିଲେ। ଘଟଣା ପରେ ସେମାନେ ଦୀପକଙ୍କୁ ପୋଲସରା ମେଡିକାଲ ନେଇଥିଲେ। ଦୀପକ କୌଣସି ଏକ ଦୁର୍ଘଟଣାରେ ଶିକାର ହୋଇ ଘରକୁ ଆସି ଅଚେତ ହୋଇ ପଡ଼ିଥିଲା ବୋଲି କହିଥିଲେ। ଚିକିତ୍ସା ପରେ ଡାକ୍ତର ଦୀପକଙ୍କୁ ମୃତ ଘୋଷଣା କରିଥିଲେ। କବିସୂର୍ଯ୍ୟନଗର ଥାନା ପୁଲିସ ଏହି ଘଟଣାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଶବ ବ୍ୟବଚ୍ଛେଦ ରିପୋର୍ଟ ଓ ସାଇଣ୍ଟିଫିକ୍ ଟିମ୍‌ର ପ୍ରମାଣ ଆଧାରରେ ତାହା ହତ୍ୟା ବୋଲି ଜଣାପଡ଼ିଥିଲା।

## ଶିଶୁ ବିକାଶ ଯୋଜନାର ବିକଳ ଚିତ୍ର

# ସମ୍ଭାଳୁଛି ଗୋଟିଏ ଅଙ୍ଗନବାଡ଼ି କେନ୍ଦ୍ରକୁ ୩ ୱାର୍ଡ ଦାୟିତ୍ୱ




**ହିଞ୍ଜିଳିକାଟୁ,୧୯।୩(ସଂଚାର ବ୍ୟୁରୋ):** କଥାରେ ଅଛି ଶିଶୁ ହେଉଛି ଦେଶର ଭବିଷ୍ୟତ। ଶିଶୁ ଶିକ୍ଷିତ ହେଲେ ରାଜ୍ୟ ତଥା ଦେଶର ପ୍ରଗତି ସମ୍ଭବ। ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥାକୁ ଟିକେ ଓଉରାଇଲେ ବାସ୍ତବ ଚିତ୍ର ଆପଣଙ୍କ ସାମ୍ନାରେ। ହିଂଜିଳିକାଟୁ ପୌରାଞ୍ଚଳସ୍ଥିତ ୧୦ନଂ ୱାର୍ଡର ଅଙ୍ଗନବାଡ଼ି କେନ୍ଦ୍ରରେ ବର୍ଷ ବର୍ଷ ଧରି ଯଥାକ୍ରମେ ୭, ୮ ଓ ୧୦ ନଂ ୱାର୍ଡର କାର୍ଯ୍ୟ ସମ୍ପାଦନ ହେଉଛି। ପ୍ରକାଶ ଥାଉ କି, ୨୦୧୮ ଜାନୁଆରୀ ୨୬ ତାରିଖରେ ହିଂଜିଳିକାଟୁ ପୌରାଞ୍ଚଳସ୍ଥିତ ୧୦ନଂ ୱାର୍ଡରେ ୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଅଙ୍ଗନବାଡି କେନ୍ଦ୍ର ଉଦଘାଟିତ ହୋଇଥିଲା।ଉଦଘାଟନ ପର ଠୁ ବର୍ଷ ବର୍ଷ ଧରି ଯଥାକ୍ରମେ ୭, ୮ ଓ ୧୦ ନଂ ୱାର୍ଡର କାର୍ଯ୍ୟ ସମ୍ପାଦନ ହେଉଛି। ୩ ଅଙ୍ଗନବାଡ଼ି କର୍ମୀ କୁନି ଶିଶୁମାନଙ୍କୁ ପାଠ ପଢ଼ା ଓ ୩ ପାଚିକା ସହାୟିକା ଗୋଟିଏ ରୁମରେ ହିଁ ପିଲାଙ୍କୁ ରୋଷେଇ କରି ଖାଇବାକୁ ଦେଉଥିବା ବେଳେ ୭ ଓ ୮ ନଂ ୱାର୍ଡର ନିଜସ୍ୱ କୋଠା ନ ଥିବାରୁ ଅଧିକାଂଶ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ଛାଡୁ ନାହାନ୍ତି। ଫଳରେ ପାଠପଢ଼ା ବ୍ୟାହତ ହେବା ସହ ନାନା ସମସ୍ୟା ସୃଷ୍ଟି ହେଇଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି। ଏକ ଛୋଟିଆ କୋଠାରେ ୩ଟି କେନ୍ଦ୍ରର ପିଲାଙ୍କ ପାଇଁ ରୋଷେଇ ହେଉଥିବା ବେଳେ ଖାଇବା ପାଇଁ ସ୍ଥାନ ଅଭାବ ଯୋଗୁଁ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଓ ବେଳେ ବେଳେ ଶୌଚ ହେବା ପାଇଁ ପିଲାମାନେ ଗେଟ୍ ବାହାରକୁ ଆସିବାର ନଜିର ରହିଛି ଓ ପ୍ରତି ଦୁଇ ତିନି ମାସରେ ଏଠାରେ ପୌରାଞ୍ଚଳର ସମସ୍ତ ଅଙ୍ଗନବାଡ଼ି କର୍ମୀଙ୍କ ବୈଠକ ହେଲେ ଉଚ୍ଚପଦସ୍ତ ଅଧିକାରୀମାନେ ଆସି ଉପସ୍ଥିତ ରହିଥା'ନ୍ତି ହେଲେ ଏଭଳି ଅବ୍ୟବସ୍ଥା ପ୍ରତି ସେମାନଙ୍କୁ କିଏ ଜଣାଉନାହାନ୍ତି ନା ଜାଣି ଅଜଣା ଭଳି ଅଧିକାରୀ ରହୁଛନ୍ତି ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଶିଶୁ ବିକାଶ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଯୋଜନା ଉପରେ ଯୋଜନା କରୁଥିବା ବେଳେ ପ୍ରକୃତ ପକ୍ଷେ ଏହି ଯୋଜନାର ଏକ ବିକଳ ଚିତ୍ର ଏହି ଅଙ୍ଗନଓ୍ୱାଡ଼ିକୁ ଦେଖିଲେ ସ୍ପଷ୍ଟ ବାରି ହୋଇପଡୁଛି। ତେବେ ଉଭୟ ୱାର୍ଡ ଅଙ୍ଗନବାଡ଼ି କେନ୍ଦ୍ର ପାଇଁ ଜାଗା ଚିହ୍ନଟ କରି ତୁରନ୍ତ କାମ ଆରମ୍ଭ କରିବାକୁ ଅଭିଭାବକମାନେ ଦାବି କରିଛନ୍ତି। ଉକ୍ତ ଘଟଣା ସମ୍ବନ୍ଧରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଗାର୍ଗୀ ସୁବୁଦ୍ଧିଙ୍କୁ ଯୋଗାଯୋଗ କରିବାରୁ ଗୋଟିଏ ୱାର୍ଡର କୋଠା ନିର୍ମାଣ କାର୍ଯ୍ୟ ଶେଷ ହୋଇଛି, ଖୁବ ଶୀଘ୍ର ସ୍ଥାନାନ୍ତର ହେବେ ବୋଲି କହିଥିଲେ।

## ଗ୍ରୀଷ୍ମ ପ୍ରବାହ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ



**ବୈଶିଙ୍ଗା,୧୯।୩ (ସଂଚାର ବ୍ୟୁରୋ):** ବୈଶିଙ୍ଗା ସ୍ଥିତ ମହାତ୍ମାଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ଗ୍ରୀଷ୍ମ ପ୍ରବାହ ସଚେତନତା କାର୍ଯ୍ୟକ୍ରମ' ଏନ୍‌ଏସ୍‌ଏସ୍ ଏବଂ ୟୁଥ ରେଡକ୍ରସ ର ମିଳିତ ଉଦ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବରେ ବିଦ୍ୟାଳୟର ଅଧ୍ୟକ୍ଷ ବୀରେନ୍ଦ୍ର କୁମାର ବେହେରାଙ୍କ ସଭାପତିତ୍ୱ କରିଥିବା ବେଳେ ଗ୍ରୀଷ୍ମ ଦାଉ ବଢ଼ିବାର କାରଣ ଏବଂ ତା'ର ନିରାକରଣ ବିଷୟରେ ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇଥିଲେ। ଉକ୍ତ ମାଧ୍ୟମିକ ବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନର ପ୍ରାଧ୍ୟାପିକା ଶ୍ରୀମତୀ ବାଁଶୋରୀ ଦାସ ମହୋଦୟା ଗ୍ରୀଷ୍ମ ପ୍ରବାହରୁ ନିଜକୁ କେମିତି ସୁରକ୍ଷା ଦିଆଯାଇପାରିବ ଛାତ୍ର ଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ। ପରବର୍ତ୍ତୀ ସମୟରେ ମନୋବିଜ୍ଞାନର ଅଧ୍ୟାପିକା ମିନାକ୍ଷୀ ଦାସ ଏବଂ ରାଜନୀତି ବିଜ୍ଞାନର ଅଧ୍ୟାପକ ଶ୍ରୀଯୁକ୍ତ ବିଜୟ କୁମାର ତ୍ରିପାଠୀ ଗ୍ରୀଷ୍ମ ପ୍ରବାହର ନିରାକରଣ ଏବଂ ଅଂଶୁଘାତ ଜନିତ ସତର୍କ ସୂଚନା ପିଲାମାନଙ୍କୁ ଦେବା ସହିତ ତାଙ୍କ ଆଖ ପାଖ ରେ ସୂଚନା ଦେବାକୁ ପରାମର୍ଶ ଦେଇଥିଲେ। କଲେଜ ଏନ୍‌ଏସ୍‌ଏସ୍ ର ପୋଗ୍ରାମ ଅଫିସର ଶ୍ରୀ ଜିତେନ୍ଦ୍ର ଖଟୁଆ ଏହି ସଭାକାର୍ଯ୍ୟକୁ ସଂଯୋଜନା ଦେଇ ସଭାକୁ ସଫଳ ମଣ୍ଡିତ କରାଇଥିଲେ। ଶେଷରେ ରେଡ କ୍ରସ ର ମୁଖ୍ୟ ଶ୍ରୀଯୁକ୍ତ ମହେନ୍ଦ୍ର କୁମାର କର ତାଙ୍କର ବକ୍ତବ୍ୟ ଦେଇ ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ବରିଷ୍ଠ ପ୍ରାଧ୍ୟାପକ, ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ, ଅଣଶିକ୍ଷକ କର୍ମଚାରୀ ଉପସ୍ଥିତ ରହି ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ଛାତ୍ରଛାତ୍ରୀ ମାନେ ଏହି କାର୍ଯ୍ୟରେ ଯୋଗଦେଇ ସଭାକୁ ସଫଳ ରୂପାୟନ କରିଥିଲେ।

## ନବଜାତ ଶିଶୁ କନ୍ୟା ଉଦ୍ଧାର



**କଳିଙ୍ଗନଗର,୧୯।୩(ସଂଚାର ବ୍ୟୁରୋ):** ଯାଜପୁର ରୋଡ଼ ଥାନା ଅନ୍ତର୍ଗତ ପାଇକରା ପୁର ଗାଁ ରୁ ନବଜାତ ଶିଶୁ କନ୍ୟା ଉଦ୍ଧାର ହୋଇଛି । ଶିଶୁ ଟିକୁ ଦାନଗଦି ମେଡ଼ିକାଲ ରେ ପ୍ରାଥମିକ ଚିକିତ୍ସା ପରେ କଟକ ଶିଶୁ ଭବନ କୁ ସ୍ଥାନାନ୍ତର କରାଯାଇଛି । ଖବର ମୁତାବକ ଆଜି ସକାଳୁ ଗାଁ ର ଅନାଦି ମଲିକ ଙ୍କ ଘର ନିକଟରେ ଏହି ନବଜାତ ଶିଶୁ କନ୍ୟାକୁ ଦେଖି ପରିବାର ଲୋକେ ଯାଜପୁର ରୋଡ଼ ଥାନା କୁ ଖବର ଦେଇଥିଲେ। ଖବର ପାଇ ଯାଜପୁର ରୋଡ଼ ପୋଲିସ ଘଟଣାସ୍ଥଳ ରେ ପହଁଚି ଶିଶୁଟିକୁ ଉଦ୍ଧାର କରି ଦାନଗଦି ମେଡ଼ିକାଲ ରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଶିଶୁ କନ୍ୟାକୁ କଟକ ଶିଶୁ ଭବନ କୁ ସ୍ଥାନାନ୍ତର କରିଛନ୍ତି ଡାକ୍ତର। ତେବେ ଶିଶୁ ଟି କାହାର ଓ ଏଠାକୁ କିପରି ଆସିଲା ସେ ବିଷୟରେ କୌଣସି ସୂଚନା ମିଳିପାରି ନାହିଁ। ଯାଜପୁର ରୋଡ଼ ପୋଲିସ ପାଇକରା ପୁର ଗାଁ ରେ ପହଁଚି ଘଟଣା ର ତଦନ୍ତ ଜାରି ରଖିଛି।

## ଗରିବ ଝିଅର ବାହାଘର ପାଇଁ ହାତ ବଢ଼ାଇଲା ସ୍ୱେଚ୍ଛାସେବୀ ଅନୁଷ୍ଠାନ

**କନ୍ଧମାଳ,୧୯।୩(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ସୁଡ୍ରୁକୁମ୍ପା ପଞ୍ଚାୟତ ଜକ୍ରେଜୁ ଗ୍ରାମର ବୃଦ୍ଧ ସଚିନ୍ଦ୍ର ନାୟକଙ୍କ ଝିଅ ସୁରଞ୍ଜିତା ନାୟକର ବାହାଘର ପାଇଁ ହାତ ବଢ଼ାଇଲା ସ୍ୱେଚ୍ଛା ସେବୀ ସଂଗଠନ ଗୁଞ୍ଜ ଓ ପାହାଡ। ସୂଚନା ପ୍ରକାରେ ସୁଡ୍ରୁକୁମ୍ପା ପଞ୍ଚାୟତ ଜକ୍ରେଜୁ ଗ୍ରାମର ସଚିନ୍ଦ୍ର ନାୟକ ଜଣେ ବାର୍ଦ୍ଧକ୍ୟ ଭତ୍ତା ଧାରି ଏକୁଟିଆ ଲୋକ ସ୍ତ୍ରୀ ମୃତ ହେଇଥିବାରୁ ନିଜର ଝିଅର ବାହାଘର କରିବା ପାଇଁ ସକ୍ଷମ ହୋଇପାରୁ ନଥିବା ଦେଖିବାକୁ ମିଳିଥିଲା। ଏହି ଖବର ପାଇ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୁଞ୍ଜ ଓ ପାହାଡ଼ର ନିର୍ଦ୍ଦେଶକ ପଞ୍ଚାନନ ମିଶ୍ର, ସର୍ବେଶ୍ୱର ମାଝୀ, ପୁରୁଷୋତ୍ତମ ମଲ୍ଲିକ, ସଞ୍ଜୟ ସାହୁଙ୍କ ଉପସ୍ଥିତିରେ ଜକ୍ରେଜୁ ଗ୍ରାମକୁ ଯାଇ ବିବାହ ଦେଉଥିବା ଅସହାୟ ବୃଦ୍ଧ ଓ ଝିଅକୁ ବାହାଘର ପାଇଁ ନିତାନ୍ତ ଆବଶ୍ୟକ ସାମଗ୍ରୀ ପ୍ରଦାନ କରିଥିଲେ। ଯାହା ଫଳରେ ବିବାହ କାର୍ଯ୍ୟଟି ସଫଳ ହୋଇଥିଲା। ଏହି ସହଯୋଗ କାର୍ଯ୍ୟକୁ ଦେଖି ଅଞ୍ଚଳ ଜନସାଧାରଣ ଓ ବୁଦ୍ଧିଜୀବି ମହଲରୁ ଅନୁଷ୍ଠାନକୁ ଧନ୍ୟବାଦ ଦେବାସହ ପ୍ରଶଂସା କରୁଥିବା ଦେଖିବାକୁ ମିଳିଛି।




## ଆଧାର ସହ ଲିଙ୍କହେବ ଭୋଟର କାର୍ଡ

**ଜଗତସିଂହପୁର,୧୯।୩(ସଂଚାର ବ୍ୟୁର):** ପ୍ୟାନ କାର୍ଡ ପରେ ଏବେ ଭୋଟର ପରିଚୟ ପତ୍ରକୁ ମଧ୍ୟ ଆଧାର ଲିଙ୍କ କରାଯିବ। କେନ୍ଦ୍ର ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଏ ନେଇ ନିଷ୍ପତ୍ତି ନିଆଯାଇଛି। ରିପୋର୍ଟ ଅନୁସାରେ ଦେଶର ଭୋଟର ତାଲିକା ବ୍ୟବସ୍ଥାରେ ଏକ ବୃହତ୍ ସଂସ୍କାର ଆଣିବା ଉଦ୍ଦେଶ୍ୟରେ କେନ୍ଦ୍ର ନିର୍ବାଚନ ଆୟୋଗ ଏପରି କିଛି ବଡ଼ ଯୋଜନା ପ୍ରସ୍ତୁତ କରିଛନ୍ତି। ଦେଶର ଭୋଟର ମାନଙ୍କୁ ଦିଆଯାଇଥିବା ଭୋଟର ପରିଚୟ ପତ୍ର ସହ ଆଧାର ନମ୍ବର ଲିଙ୍କ କରାଯିବା ଦ୍ୱାରା ଭୋଟର ଏବଂ ଭୋଟିଂ ବ୍ୟବସ୍ଥାରେ ଉଲ୍ଲେଖନୀୟ ସଂସ୍କାର ଆସିପାରିବ ବୋଲି କେନ୍ଦ୍ର ନିର୍ବାଚନ ଆୟୋଗ ମତବ୍ୟକ୍ତ କରିଛନ୍ତି। ସେହିପରି ଏ ସମ୍ପର୍କରେ ଜାରି ଏକ ବିବୃତିରେ ନିର୍ବାଚନ କମିଶନ କହିଛନ୍ତି ନିର୍ବାଚନ କମିଶନ ଜନ ପ୍ରତିନିଧିତ୍ୱ ଆଇନ୍ ୧୯୫୦ ର ଧାରା ୩୨୬ ଏବଂ ଜନପ୍ରତିନିଧି ଆଇନର ଧାରା ୨୩(୪), ୨୩(୫) ଏବଂ ୨୩(୬) ଏବଂ ଡଚ(ସିଭିଲ) ନମ୍ବର ୧୭୭/୨୦୨୩ ରେ ଆସିଥିବା ସୁପ୍ରିମ କୋର୍ଟଙ୍କ ନିଷ୍ପତି ଅନୁଯାୟୀ ଭୋଟର ପରିଚୟକୁ ଆଧାର ସହିତ ସଂଯୋଗ କରାଯିବା ନିଷ୍ପତି ନିଆଯାଇଛି। ଏହି କ୍ରମେ ଭୋଟର ପରିଚୟ ପତ୍ରରେ ଉଲ୍ଲେଖ ଥିବା ଇପିଆଇସି ନଂ (ଏପିକ୍ ନଂ) କୁ ଆଧାର ସହିତ ଲିଙ୍କ କରାଯିବ। ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଆଧାର ଓ ଭୋଟର ପରିଚୟ ପତ୍ର ସଂଯୋଗ ନେଇ ନିର୍ବାଚନ କମିଶନର ଏବଂ ୟୁଆଇଡିଏଆଇ ର ବରିଷ୍ଠ ଅଧିକାରୀଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଅଛି। ବୈଠକରେ ଭୋଟର ପରିଚୟ ପତ୍ରକୁ ଆଧାର ଲିଙ୍କ କରାଯିବା ଉପରେ ବ୍ୟାପକ ଆଲୋଚନା ହୋଇଛି।

ଆଗାମୀ ଦିନରେ ରେ ମଧ୍ୟ ୟୁଆଇଡିଏଆଇ ଏବଂ ନିର୍ବାଚନ କମିଶନର ଅଧିକାରୀଙ୍କ ମଧ୍ୟରେ ଏ ନେଇ ଅଧିକରୁ ଅଧିକ ଆଲୋଚନା ହେବ। ଭୋଟର ପରିଚୟ ପତ୍ର ଓ ଆଧାର ସଂଯୋଗ ଯୋଜନାକୁ କିପରି ଆଗକୁ ବଢ଼ାଯାଇପରିବ ସେ ନେଇ ସମସ୍ତ ବୈଷୟିକ ଦିଗ ଉପରେ ଉଭୟ ପକ୍ଷ ଆଲୋଚନା କରିବେ ବୋଲି ବୈଠକରେ ନିଷ୍ପତି ନିଆଯାଇଛି। ପ୍ରକାଶ ଯୋଗ୍ୟ ଭୋଟର ପରିଚୟ ପତ୍ର ସହିତ ଆଧାର କୁ ଲିଙ୍କ କରିବା ପଛରେ ନକଲି ଭୋଟିଂ କୁ ରୋକିବା ହେଉଛି ଏକ ବଡ଼ କାରଣ।

## ଜୁଆ ଆଡ୍ଡାରେ ଚଢ଼ାଉ ବେଳେ ଆକ୍ରମଣ




**ଦିଗପହଣ୍ଡି,୧୯।୩(ସଂଚାର ବ୍ୟୁରୋ):** ଦିଗପହଣ୍ଡି ଥାନା ଏସ.ଆଇ ଜ୍ୟୋତି ରଞ୍ଜନ ବେହେରା ସଦଳବଳେ ଭୀଷ୍ମଗିରି ଇଲାକାରେ ମଙ୍ଗଳବାର ସାନ୍ଧ୍ୟକାଳୀନ ପାଟ୍ରୋଲିଂ ସାରି ଫେରୁଥିବା ବେଳେ ଗ୍ରାମ ନିକଟ ଏକ ଆମ୍ବତୋଟାରେ ଗ୍ରାମର ରାଜା ମହାନ୍ତି, ଶରତ ବେହେରା ଏବଂ ସୁରେନ୍ଦ୍ର ନାଇକ ଙ୍କ ନେତୃତ୍ୱରେ ଜୁଆ ଆଡ୍ଡା ଚାଲିଥିବା ଖବର ପାଇଥିଲେ। ଥାନା ଏସ.ଆଇ ଏନେଇ ବ୍ରହ୍ମପୁର ଏସ.ପି ଡ଼. ସର୍ବଣା ବିବେକ ଏମ,ଚିକିଟି ଏସଡିପିଓ ବିଶ୍ୱାମିତ୍ର ହରପାଲ ଏବଂ ଦିଗପହଣ୍ଡି ଥାନା ଆଇଆଇସି ପ୍ରଶାନ୍ତ କୁମାର ପାତ୍ର ଙ୍କୁ ଘଟଣା ଜଣାଇଥିଲେ।ଜୁଆ ଆଡ୍ଡାରେ ଚଢ଼ାଉ ପାଇଁ ଅନୁମତି ମିଳିବା ପରେ ପୋଲିସ ଟିମ୍ ଉକ୍ତ ଜୁଆ ଆଡ୍ଡାରେ ଚଢ଼ାଉ କରିଥିଲେ।ସେଠାରେ ପ୍ରାୟ ୨୫ ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଜୁଆ ଖେଳୁଥିଲେ। ଥାନା ଏସ.ଆଇ ଜ୍ୟୋତି ରଞ୍ଜନ ବେହେରା ଅଭିଯୁକ୍ତ ରାଜା,ଶରତ ଓ ସୁରେନ୍ଦ୍ର ଙ୍କୁ ଧରି ଥିବା ବେଳେ ସେମାନେ ତାଙ୍କୁ ଧକ୍କା ମାରିବା ସହ ହାବିଲଦାର ଅଜୟ କୁମାର ଶତପଥିଙ୍କୁ ମାଡ଼ ମାରି ଦୌଡ଼ି ପଳାଇଥିଲେ। ପୁଲିସ ଟିମ୍ ଚଢ଼ାଉ କରିଥିବା ଜାଣିବା ପରେ ଅନ୍ୟ ଜୁଆଡି ମାନେ ଅନ୍ଧାର ରାତି ର ସୁଯୋଗ ନେଇ ଖସି ପଳାଇଥିଲେ।ପୋଲିସ ସେଠାରୁ ୭ ଟି ବାଇକ,ତାସ ମୁଠା, ଜରିପାଲ ଜବତ କରିଥିଲେ। ଏନେଇ ଥାନା ଏସ.ଆଇ ଥାନାରେ ଏତଲା ଦେବାପରେ ଆଇଆଇସି ଥାନା ମାମଲା ନଂ.୧୧୨/୨୫ ଅନୁଯାୟୀ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଛନ୍ତି।ଗିରଫ ଭୟରେ ଅଭିଯୁକ୍ତ ମାନେ ଗ୍ରାମରୁ ଫେରାର ଥିବା ତଦନ୍ତକାରୀ ଅଧିକାରୀ ଏସ.ଆଇ ଦୁଷ୍ମନ୍ତ କୁମାର ପ୍ରଧାନ ଜଣାଇଛନ୍ତି।

## ବସ୍ କାର ମୁହାଁମୁହିଁ ଧକ୍କା, ଭୟଙ୍କର ଦୁର୍ଘଟଣାରେ ଦୁଇ ମୃତ

**ଖୋର୍ଦ୍ଧା,୧୯।୩(ସଂଚାର ବ୍ୟୁରୋ):** ଖୋର୍ଦ୍ଧା ବଲାଙ୍ଗୀର ୫୭ନଂ ଜାତୀୟ ରାଜପଥର ପିଚୁକୁଳି ଆଦର୍ଶ ବିଦ୍ୟାଳୟ ନିକଟରେ ପୁଣି ଅଘଟଣ । ଯାତ୍ରୀବାହି ବସ ସହ କାର ମୁହାଁମୁହିଁ ଧକ୍କା ହେବା ଫଳରେ କାରରେ ଥିବା ଦୁଇଜଣଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଛି। ଏଥିସହ ବସରେ ଦୁଇ ଜଣ ଯାତ୍ରୀ ସାମାନ୍ୟ ଆହତ ହୋଇଛନ୍ତି । ସୂଚନାଥାଉ କି, ଆଜି ସକାଳୁ ଘନ କୁହୁଡି କାରଣରୁ ଏଭଳି ଦୁର୍ଘଟଣା ଘଟିଥିବା ଅନୁମାନ କରାଯାଉଛି। ଖୋର୍ଦ୍ଧା ବଲାଙ୍ଗୀର ୫୭ ନଂ ଜାତୀୟ ରାଜପଥର ପିଚୁକୁଳି ନିକଟ ଆଦର୍ଶ ବିଦ୍ୟାଳୟ ନିକଟରେ ନୟାଗଡ଼ ଅଭିମୁଖେ ଯାଉଥିବା ଯାତ୍ରୀବାହୀ ବସ ବିଶାଖାକୁ ଭୁବନେଶ୍ୱର ଅଭିମୁଖେ ଦ୍ରୁତ ଗତିରେ ଆସୁଥିବା ମାରୁତି ସେଲେରୀ ଓ କାର ମୁହାଁମୁହିଁ ଧକ୍କା ଦେଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ କାରଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି ଏବଂ କାରରେ ଥିବା ଜଣେ ମହିଳା ଓ ପୁରୁଷ କାର ଭିତରେ ଚାପି ହୋଇ ମୃତ୍ୟୁ ବରଣ କରିଥିବା ଦେଖିବାକୁ ମିଳିଛି । ସେପଟେ ଦୁର୍ଘଟଣା ଗସ୍ତ ବସଟି ରାସ୍ତା କଡକୁ ପଶି ଯାଇଥିବା ବେଳେ ବସରେ ଥିବା ଦୁଇଜଣ ଯାତ୍ରୀ ସାମାନ୍ୟ ଆହତ ହୋଇଛନ୍ତି । ଘଟଣା ସ୍ଥଳରେ ପୋଲିସ ପହଞ୍ଚିବାରେ ବିଳମ୍ବକୁ ନେଇ ଉତେଜନା ଲାଗି ରହିଛି । ସେପଟେ ମୃତକଙ୍କ ପରିଚୟ ମିଳିନଥିବା ବେଳେ ଉଭୟ ଦମ୍ପତି ହୋଇଥିବା ଅନୁମାନ କରାଯାଉଛି ।

## ଟ୍ରାକ୍ଟର ଚକା ଚଢ଼ିଗଲା ଡ୍ରାଇଭରଙ୍କ ଶୋଚନୀୟ ମୃତ୍ୟୁ

**ନୀଳଗିରି,୧୯।୩ (ସଂଚାର ବ୍ୟୁରୋ):** ମାଟି ଉଠାଉଥିବା ବେଳେ ଟ୍ରାକ୍ଟର ଉପରେ ବସିଥିବା ଜଣେ ଡ୍ରାଇଭର ଉପରୁ ତଳକୁ ଖସିପଡ଼ିବା ଫଳରେ ଡ୍ରାଇଭର ମୁଣ୍ଡ ଉପରେ ଚକା ଚଢ଼ି ଯିବାରୁ ଘଟଣାସ୍ଥଳରେ ସଂପୃକ୍ତ ଡ୍ରାଇଭରଙ୍କ ମୃତ୍ୟୁ ହୋଇଯାଇଛି। ସୂଚନା ମୁତାବକ ନୀଳଗିରି ବ୍ଲକ ବରହମପୁର ଥାନା ଭର୍ଡ଼ଗାଁଆବାଡ ପଞ୍ଚାୟତ ବାଲିଆଝର ଗ୍ରାମର ଫୁମ୍ପୁଲୁ ସିଂ (୪୮) ଟ୍ରାକ୍ଟର ଡ୍ରାଇଭର ଭାବେ ସୋର ଥାନା ଖଞ୍ଜାମାହଲ ପାହାଡ ଅଞ୍ଚଳର ଏକ ନିର୍ଦ୍ଦିଷ୍ଟ ସ୍ଥାନରୁ ଟ୍ରାକ୍ଟର ଯୋଗେ ମାଟି ଉଠାଇବାକୁ ଯାଇଥିଲେ। ତେବେ ଡ୍ରାଇଭର ଫୁମ୍ପୁଲୁ ଗାଡ଼ି ଉପରେ ବସିଥିବା ବେଳେ ପାଖରେଥିବା ଅନ୍ୟଜଣେ ଲୋକ ହଠାତ୍ ଟ୍ରାକ୍ଟର ଷ୍ଟାର୍ଟ କରିଦେବାରୁ ଫୁମ୍ପୁଲୁ ତଳକୁ ଖସିପଡ଼ିବା ଫଳରେ ଗାଡିଚକା ତାଙ୍କ ମୁଣ୍ଡ ଉପରେ ଚାଲିଯିବାରୁ ଘଟଣାସ୍ଥଳରେ ଡ୍ରାଇଭର ଫୁମ୍ପୁଲୁର ଜୀବନ ଚାଲିଯାଇଥିଲା। ତେବେ ସ୍ଥାନୀୟଲୋକ ସଙ୍ଗେସଙ୍ଗେ ତାଙ୍କୁ ସୋର ହସ୍ପିଟାଲ୍ ନିଆଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଏଭଳି ଦୁଃଖଦ ମୃତ୍ୟୁରେ ପରିବାର ଲୋକେ ଭାଙ୍ଗି ପଡ଼ିଥିବା ବେଳେ ତୁରନ୍ତ ସରକାରୀ ସାହାଯ୍ୟ ଯୋଗାଇଦେବାକୁ ଦାବୀ ହୋଇଛି।

# ଆଜି ପଖାଳ ଦିବସ: ମହକିବ ପଖାଳ କଂସାର ବାସ୍ନା

● ପ୍ରତିବର୍ଷ 'ସବୁଜ ଶାଖା' ସହ ବିଭିନ୍ନ ସ୍ଥାନରେ ହୁଏ ନିଆରା ଆୟୋଜନ



**କାକଟପୁର /ଅସ୍ତରଙ୍ଗ, ୧୯।୩(ସଂଚାର ବ୍ୟୁରୋ):** ଓଡ଼ିଆଙ୍କ ପ୍ରିୟ ଖାଦ୍ୟ ହେଉଛି ପଖାଳ। ଓଡ଼ିଆ ସଂସ୍କୃତି ଓ ପରମ୍ପରା ସହିତ ପଖାଳ ବେଶ୍ ଜଡ଼ିତ। ମହାପ୍ରଭୁ ଜଗନ୍ନାଥଙ୍କଙ୍କ ମଧ୍ୟ ପ୍ରିୟ ଖାଦ୍ୟ ହେଉଛି ପଖାଳ। ଏଥିପାଇଁ ପ୍ରଭୁ ଜଗନ୍ନାଥଙ୍କ ପାଖରେ ଲାଗି ହୋଇଥାଏ ବିଭିନ୍ନ ପଖାଳ ଭୋଗ। ତେଣୁ ପ୍ରତିବର୍ଷ ମାର୍ଚ୍ଚ ୨୦କୁ ପଖାଳ ଦିବସ ଭାବେ ପାଳନ କରାଯାଏ। ଏଥିପାଇଁ ଓଡ଼ିଆଙ୍କ ଘରେ ପଖାଳ ଦିବସ ପାଳନ ପାଇଁ ସ୍ୱତନ୍ତ୍ର ପ୍ରସ୍ତୁତି ହୋଇଛି। ପୂର୍ବରୁ ବାସି ପଖାଳ ସହିତ ଓଲି ପିଆଜ ଓ କଞ୍ଚା ଲଙ୍କାର ସ୍ୱାଦ କିଛି ନିଆରା ଥିଲା। ଏବେ କିନ୍ତୁ ପଖାଳ କଂସା ପାଖରେ ଓଲି ପିଆଜ ସେତେଟା ନାହିଁ। ତା'ସ୍ଥାନରେ ବଢ଼ିଯାଇଛି ବିଭିନ୍ନ ଭେଜ୍ ଓ ନନ୍‌ଭେଜ୍ ଆଇଟମ୍।କହିବାକୁ ଗଲେ ଓଡ଼ିଆ ଘରର ପଖାଳ ଆଜି କେବଳ ଓଡ଼ିଶାରେ ସୀମିତ ହୋଇ ରହିନି। ଦେଶ ଓ ବିଦେଶରେ ମଧ୍ୟ ପଖାଳ ଚାହିଦା କାହିଁରେ କ'ଣ। ରାସ୍ତାକଡର ଝୁମ୍ପୁଡି ହୋଟେଲ ଠାରୁ ଆରମ୍ଭ କରି ପଞ୍ଚ ତାରକା ହୋଟେଲର ମେନୁରେ ପଖାଳ ସ୍ଥାନ ପାଇସାରିଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସବୁଜଶାଖା 'ତରଫରୁ ପ୍ରତିବର୍ଷ ମଧ୍ୟ ପାଳିତ ହୋଇଥାଏ ଏହି ପଖାଳ ଦିବସ।ଆଜି ପଖାଳ ଦିବସ ଚାହିଦା ଦୃଷ୍ଟିରୁ ବିଭିନ୍ନ ହୋଟେଲ ଓ ବିଭିନ୍ନ ସଂଗଠନ ସ୍ୱତନ୍ତ୍ର ଆଇଟମ୍ ପ୍ରସ୍ତୁତ ହେବାର ବନ୍ଦୋବସ୍ତ ରହିଛି। ଓଡ଼ିଆଙ୍କ ଜନଜୀବନ ସହିତ ପଖାଳର ସମ୍ପର୍କ ବହୁ ନିବିଡ଼ ଓ ପୁରାତନ। ଧନୀ ହେଉ କି ଗରିବ ପଖାଳ ଦିବସକୁ ପାଳନ କରିବା ପାଇଁ ଅସ୍ତରଙ୍ଗ ବାସୀଙ୍କ ମନରେ ପ୍ରବଳ ଉତ୍କଣ୍ଠା ରହିଛି। ଗ୍ରୀଷ୍ମ ଋତୁ ଆରମ୍ଭରୁ ହିଁ ପ୍ରାୟ ସମସ୍ତଙ୍କ ଘରେ ପଖାଳ ପ୍ରସ୍ତୁତି ହେଉଥିଲେ ଆଜି ଦିନରେ ପଖାଳର ସ୍ୱତନ୍ତ୍ର ଆୟୋଜନ ହୋଇଥାଏ। ଅସ୍ତରଙ୍ଗ ରେ ସବୁଜ ଶାଖା ଠାରୁ ଆରମ୍ଭ କରି ବଡ ହୋଟେଲରେ ବିଭିନ୍ନ ପଖାଳ ଦିବସ ପାଳନ ହେବାକୁ ଯାଉଛି। କେବଳ ହୋଟେଲ ନୁହେଁ ଅସ୍ତରଙ୍ଗ ଅଞ୍ଚଳର ଗ୍ରାମାଞ୍ଚଳରେ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ମଧ୍ୟ ପଖାଳ ଦିବସ ପାଳନ ହେବାକୁ ଯାଉଛି। ବାସି ପଖାଳ, ସଜ ପଖାଳ, ଦହି ପଖାଳ, ଝିରା ଛୁଙ୍କ ଦିଆ ପଖାଳ, ଆମ୍ବ କସି ପଖାଳ ଆଦି କେତେ କ'ଣ ପଖାଳ ପ୍ରସ୍ତୁତ ହେଉଛି। ପଖାଳ ସହିତ ଆମିଷ ଖାଇବାର ସ୍ୱାଦ କିଛି ନିଆରା।

## ଦ୍ୱିତୀୟ ବାରଣାସୀରେ ଜଗନ୍ନାଥ ମହୋତ୍ସବ ଆରମ୍ଭ

● କଳସଯାତ୍ରା ଆୟୋଜନ ସହ ମେରୁସ୍ତମ୍ଭ ସ୍ଥାପନ



**ସୁବର୍ଣ୍ଣପୁର,୧୯।୩ (ସଂଚାର ବ୍ୟୁରୋ):** ହରିବୋଲ, ହୁଳହୁଳି ଏବଂ ଜୟ ଜଗନ୍ନାଥ ଧ୍ୱନିରେ ଦ୍ୱିତୀୟ ବାରଣାସୀ ସୁବର୍ଣ୍ଣପୁର ପ୍ରକମ୍ପିତ ହେଉଛି । ସାତ ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଜଗନ୍ନାଥ ମହୋତ୍ସବ ବୁଧବାର ରୀତିନୀତି ଅନୁସାରେ ଆରମ୍ଭ ହୋଇଛି। ପୂର୍ବାହ୍ନରେ ଶତାଧିକ ମହିଳାଙ୍କ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ମା ଦଶମତୀ ପୂଜା ପାଉଥିବା ପବିତ୍ର ଦଶମତୀ ଘାଟରୁ କଳସରେ ପୁଣ୍ୟତୋୟା ମହାନଦୀ ଜଳ ମୁଣ୍ଡାଇ ମହିଳା ମାନେ ସାରା ସହର ପରିକ୍ରମା କରିଥିଲେ । ଭଜନ କୀର୍ତ୍ତନରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା । ରାମେଶ୍ୱର ଷ୍ଟାଡିୟମର ଯଜ୍ଞ ମଣ୍ଡପ ନିକଟରେ ଏହି ୧୦୮ କଳସୀ ଜଳ ସ୍ଥାପନ କରାଯାଇଥିଲା । କମିଟିର ସଭାପତି ଗଦାଧର ବାରିକ, ସଂପାଦକ ଶ୍ୟାମାଓଁ ପ୍ରସାଦ ମିଶ୍ର, ବୈକୁଣ୍ଠ ଶତପଥୀ, ଶ୍ରୀବତ୍ସ ମଲ୍ଲିକ, ଶ୍ରଦ୍ଧାଞ୍ଜଳି ମିଶ୍ର, ଆରତି ଖମାରୀ, ସୁନନ୍ଦା ସାହୁ, ରାଧେଶ୍ୟାମ ପୁରୋହିତ, ବିଘ୍ନରାଜ ପଣ୍ଡା, ଗଣପତି ବାଘ, ସଚିଦାନନ୍ଦ ଦାଶ, ମନୋଜ ବାରିକ ପ୍ରମୁଖ ସହଯୋଗ କରିଥିଲେ । ଏପଟେ ପାତାଳୀ ଶ୍ରୀକ୍ଷେତ୍ରରୁ ଆସିଥିବା ମେରୁସ୍ତମ୍ଭ ଯଜ୍ଞ ସ୍ଥଳରେ ପହଞ୍ଚିବା ପରେ ବନ୍ଦାପନା କରାଯାଇଥିଲା । ପୁରୋହିତ ପଣ୍ଡିତ ରାଜୀବଲୋଚନ ପଣ୍ଡାଙ୍କ ଦ୍ୱାରା ପୂଜାକର୍ମ ପରେ ମେରୁସ୍ତମ୍ଭ ସ୍ଥାପନ କରାଯାଇଥିଲା ।

SANCHAR
ସଂଚାର ଗୁରୁବାର ୨୦ ମାର୍ଚ୍ଚ ୨୦୨୫



# ପର୍ଯ୍ୟଟନ



## ଆଖଣ୍ଡଳମଣି

ଓଡ଼ିଶାର ଆରଡ଼ି ଗ୍ରାମରେ ଅବସ୍ଥିତ ଅଖଣ୍ଡଳମଣି ମନ୍ଦିର (ଉଚ୍ଚାରଣ [ଅଖୁଲିମୁଇ]) ଭଗବାନ ଶିବ (ବାବା ଅଖଣ୍ଡଳମଣି) ଙ୍କୁ ସମର୍ପିତ। ଭଦ୍ରକଠାରୁ ଆରଡ଼ି ପ୍ରାୟ ୩୭ କିଲୋମିଟର ଦୂରରେ ଅବସ୍ଥିତ। ବର୍ତ୍ତମାନର ପଚାଶ ଫୁଟର ସିମେଣ୍ଟ ଏବଂ କଂକ୍ରିଟ ମନ୍ଦିର ଢାଞ୍ଚା ୧୮୩୦ରୁ ୧୮୪୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ଏକ କାଠ ମନ୍ଦିରର ସ୍ଥାନ ନେଇଥିଲା।

ବାବା ଅଖଣ୍ଡଳମଣିଙ୍କ ମନ୍ଦିର ସମ୍ପର୍କରେ କୌଣସି ନିର୍ଦ୍ଦିଷ୍ଟ ଇତିହାସ ଉପଲବ୍ଧ ନାହିଁ। କିମ୍ବଦନ୍ତୀ ଅନୁଯାୟୀ, ପ୍ରାୟ ୩୫୦ ବର୍ଷ ପୂର୍ବେ ରାଜା ଶ୍ରୀ ନୀଳାଦ୍ରି ସମର ସିଂହ ମହାପାତ୍ରଙ୍କ ଶାସନ କାଳରେ ଦିନେ ସକାଳେ ରାଜା ଜଣେ ଚାଷୀଙ୍କୁ ବୈତରଣୀ ନଦୀ କୂଳରେ ତାଙ୍କ ଧାନ କ୍ଷେତରେ ଚାଷ କରିବାକୁ ପଠାଇଥିଲେ। ଚାଷ କରୁଥିବାବେଳେ କିଛି କଠିନ ସାମଗ୍ରୀରେ ପିଟି ହୋଇ ତାଙ୍କ ହଳର ଲୁହା ଭାଙ୍ଗି ଯାଇଥିଲା। ଚାଷୀ ଆଶ୍ଚର୍ଯ୍ୟ ହୋଇ ବୈତରଣୀ ନଦୀ ଆଡ଼କୁ ରକ୍ତ ଭର୍ତ୍ତି ଏକ କଳା ରଙ୍ଗର ଗ୍ରାନାଇଟ୍ ପଥର ପ୍ରବାହିତ ହେଉଥିବା ଦେଖିଥିଲେ। କୃଷକ ଜଣକ ରାଜା ନୀଳାଦ୍ରିସମର ସିଂହଙ୍କୁ ଡାକିବା ପାଇଁ ଦୌଡ଼ି ଆସିଥିଲେ ଏବଂ ସେ ତରବରିଆ ଭାବରେ ଘଟଣାସ୍ଥଳକୁ ଆସି ଦେଖିଲେ ଯେ ରକ୍ତ ବଦଳରେ କ୍ଷୀରର ବନ୍ୟା ଆସିଛି ଏବଂ ପଥରରେ ଏକ ବିରାଟ କଳା ନାଗ ସାପ ଝୁଲୁଛି।

ସେହି ରାତିରେ ରାଜା ସେହି ସ୍ଥାନରେ ଭଗବାନ ଅଖଣ୍ଡଳମଣିଙ୍କ ଆଗମନ ନେଇ ସ୍ୱପ୍ନ ଦେଖିଥିଲେ। ଏହି ଖବର ସ୍ଥାନୀୟ ଅଞ୍ଚଳରେ ନିଆଁ ଭଳି ବ୍ୟାପିଯାଇଥିଲା। ପରଦିନ ରାଜା ନୀଳାଦ୍ରି ସମର ସିଂହ ମହାପାତ୍ର ମହାପ୍ରଭୁଙ୍କୁ ପୂଜା କରିବା ଆରମ୍ଭ କରିଥିଲେ ଏବଂ ସଙ୍ଗେ ସଙ୍ଗେ ସେହି ସ୍ଥାନରେ ଏକ କାଠ ମନ୍ଦିର ନିର୍ମାଣ କରିଥିଲେ। ବିଭିନ୍ନ ଗ୍ରାମରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ମହାପ୍ରଭୁଙ୍କୁ ଦର୍ଶନ କରି ପୂଜା ର୍ଚ୍ଚନା କରିବା ଆରମ୍ଭ କରିଥିଲେ। ରାଜା ଜଜାପୁର ଜିଲ୍ଲାର ନହରଗ୍ରାମ ନାମକ ଏକ ଗ୍ରାମର ପାଞ୍ଚ ଜଣ ବ୍ରାହ୍ମଣଙ୍କୁ ଭଗବାନ ଅଖଣ୍ଡଳମଣିଙ୍କ ସେବା-ପୂଜା (ପୂଜା ଓ ଯତ୍ନ ନେବା) ପାଇଁ ନିମନ୍ତ୍ରଣ କରିଥିଲେ।

ଆରଡ଼ିର ବର୍ତ୍ତମାନର ମୁଖ୍ୟ ମନ୍ଦିରକୁ କନିକା ରାଜା ଶ୍ରୀ ହରିହର ଭଞ୍ଜ ଏବଂ ତାଙ୍କ ମୁଖ୍ୟ ରାଣୀ ସତ୍ୟଭାମା ପାଟଦେଇ ନିର୍ମାଣ କରିଥିଲେ। ମନ୍ଦିରର ଉଚ୍ଚତା ପାଖାପାଖି ୧୫୦ ଫୁଟ ଏହି ମନ୍ଦିରରେ ବ୍ୟବହୃତ ସମସ୍ତ ପଥର ଚଣ୍ଡିଖୋଲ ନିକଟସ୍ଥ ଲଳିତଗିରିର ଐତିହାସିକ ପାହାଡ଼ରୁ ଅଣାଯାଇଛି।

## କଣ୍ଟିଲୋ ନୀଳମାଧବ

ନୀଳମାଧବଜୀଉ ମନ୍ଦିର ଓଡ଼ିଶାର ନୟାଗଡ଼ ଜିଲ୍ଲାର କଣ୍ଟିଲୋଠାରେ ମହାନଦୀ କୂଳ ନିକଟରେ ଅବସ୍ଥିତ ଅତ୍ୟନ୍ତ ପୁରୁଣା ଏବଂ ପ୍ରସିଦ୍ଧ ଭଗବାନ ବିଷ୍ଣୁ ମନ୍ଦିର। ଏହା ଆଖପାଖ ଜଙ୍ଗଲ ସହିତ ଯୁଗଳ ପାହାଡ଼ ନିକଟରେ ଅବସ୍ଥିତ। ଭଗବାନ ନୀଳମାଧବଙ୍କ ପାଦରୁ ପବିତ୍ର ଜଳର ସ୍ଥାୟୀ ପ୍ରବାହ ଏହି ସ୍ଥାନର ଅନ୍ୟ ଏକ ଆକର୍ଷଣ। ଭଗବାନ ସିଦ୍ଧେଶ୍ୱର ମଧ ଉପସ୍ଥିତ ଅଛନ୍ତି ଯାହା ଏହି ସ୍ଥାନର ଅନ୍ୟ ଏକ ଆକର୍ଷଣ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତିରେ ମହାପ୍ରଭୁ ନୀଳମାଧବ ଏକ କେନ୍ଦ୍ରୀୟ ସ୍ଥାନ ଅଧିକାର କରିଛନ୍ତି। ଏବେବି ପୁରୀ ଜଗନ୍ନାଥ ମନ୍ଦିରର ଲକ୍ଷ୍ମୀ ମନ୍ଦିରର ଡାହାଣ ପାର୍ଶ୍ୱରେ ଭଗବାନ ନୀଳମାଧବଙ୍କ ମନ୍ଦିର ରହିଛି।

ଆଜି ନୟାଗଡ଼ ଜିଲ୍ଲାର କଣ୍ଟିଲୋ ନାମରେ ପରିଚିତ ମହାନଦୀ କୂଳରେ ଥିବା ବ୍ରହ୍ମଦ୍ରି ପାହାଡ଼ରେ ଥିବା ଏକ ଛୋଟ ଗୁମ୍ଫାରୁ ଏହା ଆରମ୍ଭ ହୋଇଛି। ଏଠାରେ ସ୍ଥାନୀୟ ଶବର ମୁଖ୍ୟ ବିଶ୍ୱବାସୁ କିତୁଙ୍ଗଙ୍କୁ ପୂଜା କରୁଥିଲେ, କାରଣ ଭଗବାନ ସବର ଭାଷାରେ ଜଣାଶୁଣା ଥିଲେ। ପୁରାଣ ଅନୁଯାୟୀ, ଏହି ଦେବତାଙ୍କୁ ପ୍ରଥମେ 'ନୀଳମାଧବ' ନାମକ ଇନ୍ଦ୍ରାନୀଳ ରତ୍ନ ମୂର୍ତ୍ତି ଆକାରରେ ପୂଜା କରାଯାଉଥିଲା। ଦାରୁମୂର୍ତ୍ତି ବହୁ ପରେ ଆସିଲା। ମହାନଦୀ, କୁଆଁରିଆ ଓ କୁସୁମୀ ନଦୀର ସଙ୍ଗମସ୍ଥଳ ନିକଟରେ ଅବସ୍ଥିତ। ଏହି ମନ୍ଦିରର ଢାଞ୍ଚା ପୁରୀର ଜଗନ୍ନାଥ ମନ୍ଦିର ପରି। ଏହା ମହାନଦୀର ଡାହାଣ କୂଳରେ ରହିଛି। ଏହାକୁ ଓଡ଼ିଶାର ତ୍ରିବେଣୀ ସଙ୍ଗମ କୁହାଯାଏ। ଯେମିତି ପ୍ରୟାଗରେ ବେନି-ମାଧବ ଅଛନ୍ତି, ସେମିତି ଏଠାରେ ନୀଳମାଧବ ଅଛନ୍ତି। ଏଥିପାଇଁ ପ୍ରସିଦ୍ଧ



ମାଘସପ୍ତମୀ ପର୍ବ ଏଠାକାର ଶ୍ରେଷ୍ଠ ପର୍ବ ଅଟେ। ଏହା ପିତଳ ଏବଂ ବେଲ ଧାତୁ ବାସନ ପାଇଁ ପ୍ରସିଦ୍ଧ। କେମିତି ପହଞ୍ଚିବେ ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ନାମକ ଏକ ବ୍ଲକରେ ମହାନଦୀ କୂଳରେ ଅବସ୍ଥିତ କଣ୍ଟିଲୋ। ନିକଟତମ ରେଳ ଷ୍ଟେସନ ହେଉଛି ନୟାଗଡ଼ ଟାଉନ୍ ଏବଂ ନିକଟତମ ବିମାନବନ୍ଦର ଭୁବନେଶ୍ୱର। ଯଦି ଆପଣ ଟ୍ରେନରେ ଆସିବାକୁ ଯୋଜନା କରୁଛନ୍ତି ତେବେ ଭୁବନେଶ୍ୱର ଷ୍ଟେସନରେ ଓହ୍ଲାଇଯାଆନ୍ତୁ କାରଣ ସେଠାରୁ ଆପଣଙ୍କୁ ବାରମ୍ବାର କଣ୍ଟିଲୋକୁ ବସ୍ ମିଳିବ। କଣ୍ଟିଲୋ ସହିତ ରାସ୍ତା ସଂଯୋଗ ହୋଇଛି ଯେଉଁଠାରେ ନିୟମିତ ବସ୍ସେବା ପ୍ରଦାନ କରାଯାଏ।

## ମନଲୋଭା ଉପତ୍ୟକା ସାପନାଳ



କନ୍ଧମାଳ ଜିଲ୍ଲାରେ ଏମିତି ଏକ ମନୋଲୋଭା ପର୍ଯ୍ୟଟନସ୍ଥଳ ରହିଛି ଯାହା ଆଜି ପର୍ଯ୍ୟନ୍ତ ଲୋକଲୋଚନକୁ ଆସିପାରି ନାହିଁ। ଏହି ସ୍ୱଳ୍ପଜ୍ଞାତ ମନୋରମ ପ୍ରାକୃତିକ ପର୍ଯ୍ୟଟନ ସ୍ଥଳଟିର ନାମ ହେଉଛି 'ସାପନାଳ'। କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବ୍ଲକ୍ ଅନ୍ତର୍ଗତ ସଲାଗୁଡ଼ା ଗ୍ରାମ ପଞ୍ଚାୟତର ଟାକାସିଂ ଗ୍ରାମ ଉପକଣ୍ଠରେ 'ସାପନାଳ' ପର୍ଯ୍ୟଟନସ୍ଥଳ ରହିଛି। ଏହାକୁ ସ୍ଥାନୀୟ ଅଞ୍ଚଳରେ 'ନିରବ ଉପତ୍ୟକା' ବୋଲି କହନ୍ତି। ସାପନାଳ ଏକ ପାହାଡ଼ୀ ନଈ। ଟାକାସିଂ ଗ୍ରାମ ସଂଲଗ୍ନ ପାହାଡ଼ ପାଦଦେଶର ପଥୁରିଆ ଶଯ୍ୟା ଦେଇ ନଦୀଟି ବହୁଥିବାର ମନୋରମ ଦୃଶ୍ୟ ପର୍ଯ୍ୟଟକଙ୍କୁ ଆନମନା କରିଥାଏ। ଠିକ୍ ଟାକାସିଂ ଗ୍ରାମ ଉପକଣ୍ଠରେ ନଦୀଟି ପାହାଡ଼ ଉପରୁ ତୀବ୍ର ବେଗରେ ତଳକୁ ଭୀମ ଗର୍ଜନ କରି ଲମ୍ଫ ପ୍ରଦାନ କରି ଏକ ଜଳପ୍ରପାତ ସୃଷ୍ଟି କରିଛି। ବଡ଼ ବଡ଼ ପଥର ଖଣ୍ଡ ଦେଇ ସାପନାଳ ନଈଟି ବୁଲେଇ ବଙ୍କେଇ ବହୁଥିବା ବେଳେ ପ୍ରକୃତରେ ସାପଟିଏର ଭ୍ରମ ସୃଷ୍ଟି କରିଥାଏ। ଏହି ଜଳପ୍ରପାତର ଉଭୟ ପାର୍ଶ୍ୱରେ ଥିବା ପାହାଡ଼ ଓ ରାଶିରାଶି ଶାଳ ଜଙ୍ଗଲ ମନରେ ଉନ୍ମାଦନା ସୃଷ୍ଟି କରିଥାଏ। ସାପନାଳ ଜଳପ୍ରପାତକୁ ନେଇ ସ୍ଥାନୀୟ ଅଞ୍ଚଳରେ ଏକ ଲୋକକଥା ଶୁଣିବାକୁ ମିଳିଥାଏ। ଏଠାରେ ମୁଖ୍ୟତଃ କନ୍ଧ ସମ୍ପ୍ରଦାୟର ଆଦିବାସୀମାନେ ବସବାସ କରୁଥିଲେ। ଏକଦା ଜଣେ କନ୍ଧ ରମଣୀ ନିଜର ଶିଶୁପୁତ୍ରକୁ ତା' ପୋଷା କୁକୁର ମାର୍ଫତରେ ନଦୀ କୂଳରେ ଶୁଆଇଦେଇ ଜଙ୍ଗଲରୁ ମହୁଲ ଫୁଲ ସଂଗ୍ରହ କରୁଥିଲା। କନ୍ଧ ରମଣୀ ଜଙ୍ଗଲରୁ ମହୁଲ ଫୁଲ ସଂଗ୍ରହ କରୁଥାଏ ଏବଂ କୁକୁରଟି ଶିଶୁପୁତ୍ରକୁ ଜଗିଥାଏ। କିନ୍ତୁ ଏତିକି ବେଳେ ଅଜଗର ସାପଟିଏ କେଉଁଠୁ ଆସି ଉଭୟ ଶିଶୁପୁତ୍ର ଓ କୁକୁରକୁ ଗିଳି ପକାଇଲା। ଏହାପରେ ଅଜଗର ସାପଟି ନଦୀ ସୁଡ଼ଙ୍ଗ ଦେଇ କିଛିବାଟ ଆଗରେ ବାହାରିଲା। ସାପଟି ସୁଡ଼ଙ୍ଗ ଦେଇ ଯେଉଁଠାରେ ବାହାରିଲା ସେହି ସ୍ଥାନର ନାମ ହେଉଛି 'ସାପନାଳ'।



## ଛେନାପୋଡ଼

ଛେନାପୋଡ଼ ଓଡ଼ିଶାର ଏକ ସ୍ୱତନ୍ତ୍ର ପ୍ରକାରର ମିଠା। ଏହା ଭଲ ଭାବରେ ପ୍ରସ୍ତୁତ ତାଜା ଛେନା, ଚିନି, ସୁଜି ମିଶ୍ରଣରେ ତିଆରି ହୋଇଥାଏ। ବ୍ରାଉନ ହେବା ପର୍ଯ୍ୟନ୍ତ ଅନେକ ଘଣ୍ଟା ପର୍ଯ୍ୟନ୍ତ କାଠଚୁଲିରେ ପୋଡ଼ା ଯାଇଥାଏ କିମ୍ବା ବେକ୍ କରାଯାଏ। ଛେନାପୋଡ଼ ଓଡ଼ିଶାର ମିଠା ଭାବରେ ଜଣାଶୁଣା ଯାହାର ସ୍ୱାଦ ମୁଖ୍ୟତଃ ଚିନିର କାରାମେଲାଇଜେସନରୁ ମିଳିଥାଏ।

୧୯୪୭ ମସିହାରେ ସୁଦର୍ଶନ ସାହୁ ଦଶପଲ୍ଲା ଗ୍ରାମରେ ଏକ ହୋଟେଲ ପ୍ରତିଷ୍ଠା କରି ବଳକା ଛେନାକୁ ନେଇ ଗୁଡ଼ ମିଶାଇ ନିଆଁରେ ବସାଇ ଦେଇଥିଲେ। ଏପରି ଖିଆଲୀ ଚିନ୍ତାଧାରାରୁ ଛେନାପୋଡ଼ର ଆବିଷ୍କାର ହୋଇଥିଲା। ତେଣୁ ୨୦୨୨ ଏପ୍ରିଲ ୧୧ ତାରିଖରୁ ସୁଦର୍ଶନ ସାହୁଙ୍କ ଜୟନ୍ତୀକୁ ଛେନାପୋଡ଼ା ଦିବସ ଭାବରେ ପାଳିତ ହେଉଛି। ଓଡ଼ିଶାର ସବୁ ସମୟରେ ସମସ୍ତ ସ୍ଥାନରେ ଛେନା ପୋଡ଼ ପ୍ରସ୍ତୁତ କରାଯାଏ। ୧୯୮୦ ଦଶକର ମଧ୍ୟଭାଗରୁ ଏହା ଧୀରେ ଧୀରେ ସାରା ଓଡ଼ିଶାରେ ରେଷ୍ଟୁରାଣ୍ଟ ମେନୁରେ ସ୍ଥାନ ପାଇଛି। ଓଡ଼ିଶା ଦୁଗ୍ଧ ମହାସଂଘ ଏହି ଖାଦ୍ୟର ବ୍ୟାପକ ଉତ୍ପାଦନ ଓ ଲୋକପ୍ରିୟତା ପାଇଁ ବ୍ୟାପକ ପୁଞ୍ଜିନିବେଶ କରୁଛି।

### ଛେନାପୋଡ଼ରେ କ'ଣ ରହିଛି

ଓଡ଼ିଆ ଶବ୍ଦ ଛେନାପୋଡ଼ର ଆକ୍ଷରିକ ଇଂରାଜୀ ଭାଷାରେ ବେକ୍ଡ ପନିର। ପାରମ୍ପରିକ ଭାବରେ, ଏହି ମିଠା ସତେଜ ପନିର କିମ୍ବା ଛେନାରେ ତିଆରି କରାଯାଏ, ଯାହା ଚିନି ଏବଂ ଅନ୍ୟାନ୍ୟ ଉପାଦାନରେ ଭଲ ଭାବରେ ମିଶ୍ରିତ ହୋଇଥାଏ। ତା'ପରେ ଚିନିର କାରାମେଲାଇଜେସନ୍ କାରଣରୁ ଭୂତଳ ବାଦାମୀ ହେବା ପର୍ଯ୍ୟନ୍ତ ଏକ ଛୋଟ ମାଟି ଚୁଲାରେ ବସାଇ ପ୍ରସ୍ତୁତ କରାଯାଏ। ଓଡ଼ିଶାର ପୁରୀ ଜଗନ୍ନାଥ ମନ୍ଦିରର ମୁଖ୍ୟ ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଚେନ୍ନା ପୋଡ଼ ଅତ୍ୟଧିକ ପସନ୍ଦ ବୋଲି ବିଶ୍ୱାସ କରାଯାଏ। ଦୁର୍ଗାପୂଜା ଏବଂ ଦୀପାବଳି ଭଳି ଗୁରୁତ୍ୱପୂର୍ଣ୍ଣ ପର୍ବରେ ଏହି ମିଠା ବହୁଳ ବ୍ୟବହାର ହୋଇଥାଏ।





## 'ପାଲୁଅ ଲଡୁ'

ଓଡ଼ିଶା ବିଦେଶୀ ସଂସ୍କୃତି ଏବଂ ସୁନ୍ଦର ଦୃଶ୍ୟର ଏକ ସୁନ୍ଦର ମିଶ୍ରଣ କିନ୍ତୁ ଏହା ଏହାର ଖାଦ୍ୟପେୟରେ ମଧ ସମାନ ଭାବରେ ସମୃଦ୍ଧ। ବିଗତ କିଛିବର୍ଷ ମଧ୍ୟରେ ଓଡ଼ିଶାର ଖାଦ୍ୟରେ ଅନେକ ପରିବର୍ତ୍ତନ ଆସିଛି କିନ୍ତୁ ଏହାର ସତ୍ୟତାକୁ ବଜାୟ ରଖିବାରେ ସଫଳ ହୋଇଛି। ଏଠାକାର ଲୋକମାନେ ମିଠାକୁ ଭଲ ପାଆନ୍ତି ଏବଂ ଏଭଳି ଏକ ପ୍ରସିଦ୍ଧ ମିଠା ହେଉଛି 'ପାଲୁଅ ଲଡୁ'। ଓଡ଼ିଶାର ଭଦ୍ରକ ଜିଲ୍ଲାରେ ଉତ୍ପନ୍ନ ହୋଇଥିବା ଏହି ମିଠା ଓ ସ୍ୱାଦିଷ୍ଟ ମିଠା ମଧ୍ୟରୁ ଅନ୍ୟତମ। ପାଲୁଅ ଆରୋରୁଟକୁ ବୁଝାଏ। ଏହା ଏକ ଉଭିଦ ଯାହାର ମୂଳକୁ ରୋଷେଇ ପାଇଁ ବ୍ୟବହାର କରାଯାଏ। ଏହି ଉଭିଦ ଭିତ୍ତିକ ଶସ୍ୟ ମୁକ୍ତ ଷ୍ଟାର୍ଚ ବିଭିନ୍ନ ଖାଦ୍ୟର ଉତ୍ତମ ଗଠନ ପାଇଁ କାମ କରିବାରେ ସାହାଯ୍ୟ କରିଥାଏ। ଏହି ଲଡୁର ରେସିପି ପ୍ରାୟ ଶହେ ବର୍ଷ ପୁରୁଣା ଏବଂ ଏବେ ବି ଏହାକୁ କଡ଼ାକଡ଼ିଭାବେ ସୁରକ୍ଷା ଦିଆଯାଉଛି। ତେଣୁ ଏହା ଖୁବ୍ କମ୍ ସ୍ଥାନରେ ଦେଖିବାକୁ ମିଳେ। ଏଥିରେ ଗହମ/ରିଫାଇଣ୍ଡ ଅଟା, ସୁଜି(ସୁଜି), ପାଲୁଆ(ଏରୋରୁଟ୍ ପାଉଡର), ଚିନି, ପାଣି, ତେଲ ଓ ବେକିଂ ସୋଡା ଭଳି ଉପାଦାନ ରହିଛି। ପାଲୁଓ ସ୍ୱାଦ ପ୍ରତି ନିରପେକ୍ଷ, ଉଭୟ ମିଠା ଏବଂ ଲୁଣିଆ। 'ଭଦ୍ରକ ପାଲୁଅ ଲଡୁ' ପାଇଁ ପ୍ରସିଦ୍ଧ। ଏଠାକୁ ଆସୁଥିବା ଲୋକମାନେ ସବୁବେଳେ ଏହି ମିଠାର ସ୍ୱାଦ ନେଇଥାନ୍ତି।ଯେକୌଣସି 'ଅବାଞ୍ଛିତ' ମିଠା ଖାଦ୍ୟର ବିକଳ୍ପ ଭାବରେ ପ୍ରସ୍ତୁତ କରିବା ପାଇଁ ଏହା ସମସ୍ତଙ୍କ ପାଇଁ ଏକ ଅତ୍ୟନ୍ତ ଆକର୍ଷଣୀୟ ଏବଂ ଚମତ୍କାର ଫର୍ମୁଲା। ପାଲୁଅ ଲଡୁ ପୁରୀ ଜଗନ୍ନାଥ ମନ୍ଦିରର ଚପନ ଭୋଗ ମଧ୍ୟରୁ ଅନ୍ୟତମ। ପାଲୁଅ ଲଡୁ ଭଦ୍ରକାଳୀ ମନ୍ଦିର ପାଇଁ ବହୁତ ପ୍ରସିଦ୍ଧ।



## ଖରାଦିନର ଥଣ୍ଡା ପାନୀୟ

ଏବେ ଗ୍ରୀଷ୍ମ ଋତୁ ଆସୁଛି। ଯଦି ଆପଣ ଏହି ଗ୍ରୀଷ୍ମ ସମୟରେ ଆପଣଙ୍କୁ ଫଳପ୍ରଦ ଖାଦ୍ୟ ଅନୁସରଣ କରିବାକୁ ପଡ଼ିବ। ଏହି ସମୟରେ କେବଳ କିଛି ଚୟନିତ ଶସ୍ୟ କିମ୍ବା ଚାଉଳ ଯଥା ଚାଉଳ, କୁଟୁ ଅଟା, ରାଜଗିରା ଅଟା, ସିଂହରା ଅଟା, ସାବୁଦାନା ବ୍ୟବହାର କରି ସାତ୍ତ୍ୱିକ ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ।ଖରା ଦିନରେ ନିଜକୁ ସୁସ୍ଥ ରଖିବା ପାଇଁ ଆପଣ ନିଜ ଖାଦ୍ୟକୁ ସନ୍ତୁଳିତ ରଖିବା ସହ ପ୍ରୋଟିନ୍ ଓ ମିନେରାଲ୍ସ ଭଳି ପୁଷ୍ଟିକର ଜିନିଷ ଖାଇବା ଜରୁରୀ। ଉତ୍ତମ ଖାଦ୍ୟ ସାହାଯ୍ୟରେ ମଧୁମେହ ଓ ରକ୍ତଚାପ ରୋଗୀମାନେ ମଧ ନିଜକୁ ଭଲ ରଖିପାରିବେ। ଖରା ଦିନରେ ହାଇଡ୍ରେଟେଡ୍ ରହିବା ମଧ ଜରୁରୀ ଅଟେ। କାରଣ ଖରାଦିନେ ଶରୀରରୁ ଜଳୀୟ ଅଂଶ ହ୍ରାସ ପାଇଥାଏ। ଏହାକୁ ପୂରଣ କରିବା ପାଇଁ ଏହିଭଳି ପାନୀୟର ଆବଶ୍ୟକତା ଏକାନ୍ତ ଜରୁରୀ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ଦେଇଛନ୍ତି।



## ବାଡି ଅଗଣା କୁକୁଡା ଚାଷ ସମ୍ପର୍କିତ ତାଲିମ



**କନ୍ଧମାଳ,୧୯।୩(ସଂଚାର ବ୍ୟୁରୋ):** ଅଦିବାସୀ ପରିବାର ମାନଙ୍କର ଆର୍ଥିକ ସ୍ୱଚ୍ଛଳତା ପାଇଁ ଓଡିଶା ସରକାର ମୁଖ୍ୟମନ୍ତ୍ରୀ ଜନଜାତି ଜିବିକା ମିଶନ କାର୍ଯ୍ୟକ୍ରମ ମାଧମରେ ବିଭିନ୍ନ ପଦେକ୍ଷପ ନେଉଥିବା ବେଳେ କନ୍ଧମାଳ ଜିଲ୍ଲାରେ ମଧ ଏହି ଯୋଜନା କାର୍ଯ୍ୟକାରୀ ହେଉଛି। କନ୍ଧମାଳ ଜିଲ୍ଲା ର ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ୍ନ ସଂସ୍ଥା ତରଫରୁ ଖଜୁରିପଡା ବ୍ଲକ୍ ର ବିଭିନ୍ନ ଅଞ୍ଚଳ ରେ ଏହି ଯୋଜନା ସ୍ୱେଛାସେବୀ ଅନୁଷ୍ଠାନ ସ୍ୱାତୀ ଙ୍କ ସହାୟତା ରେ ପରିଚାଳିତ ହେଉଛି। ଆ.ଈ.ଟି.ଡି.ଏ. ର ପ୍ରକଳ୍ପ ନିର୍ଦ୍ଦେଶିକା ଦେବଜାନୀ ଭୂୟାଁ ଙ୍କ ତତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳକ ପି. ମୂରଲିଧର ଯୋଜନା କୁ ଗ୍ରାମ୍ୟସ୍ତରରେ ପହଂଚାଇବାକୁ ଚେଷ୍ଟିତ ଅଛନ୍ତି। ଏହି ପରିପ୍ରେକ୍ଷୀରେ ଆଦିବାସୀ ପରିବାର ଗୁଡିକର ଆର୍ଥୀକ ସ୍ୱଛଳତା କୁ ଆଖିଆଗରେ ରଖି ବାଡି ଅଗଣା କୁକୁଡା ଚାଷ କୁ ପ୍ରାଧାନ୍ୟ ଦିଆଯାଇଛି। ଯେଉଁଥିରେ ଗୋଟିଏ ଆଦିବାସି ପରିବାରକୁ ୪୫ ଟି କୁକୁଡା ଦିଆ ଯାଉଥିବା ବେଳେ ସେମାନଙ୍କର ସଠିକ୍ ରକ୍ଷଣା ବେକ୍ଷଣ ପାଇଁ ଖଜୁରିପଡା ବ୍ଲକ୍ ବୈଠକ ଗୃହ ଠାରେ ଏକ ଦିନିକିଆ ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ବଳ ବ୍ୟକ୍ତି ଭାବରେ ଖଜୁରିପଡା ବ୍ଲକ୍ ପଶୁ ବିଭାଗ ଅଧିକାରି ଡାକ୍ତର ଦେବାଶିଶ ସାହୁ, ସ୍ୱାତୀ ଅନୁଷ୍ଠାନ ର ବରିଷ୍ଟ କର୍ମୀ ବିଶ୍ୱରଞ୍ଜନ କର ଓ ଓଡିଶା ଜିବିକା ମିଶନ୍ ର ବ୍ଲକ୍ କାର୍ଯ୍ୟକ୍ରମ ସଂଯୋଜକ ଦିପ୍ତିରାଣି ପଟ୍ଟନାୟକ ଯୋଗ ଦେଇ ବାଡି ଅଗଣା କୁକୁଡା ଚାଷ ପାଇଁ ସୋନାଲି କୁକୁଡା କିପରି ଦେଶି କୁକୁଡା ଚାଷ ଠାରୁ ଲାଭ ଦାୟକ ତାହା ଆଲୋଚନା କରିଥିଲେ। ତତ୍ସହିତ ସମନ୍ୱିତ ଆଦିବାଶୀ ଉନ୍ନୟନ ସଂସ୍ଥାର ଗୁପ୍ତ ଖିଲ ଏହା କିପରି ଆଦିବାସି ପରିବାର କୁ ୧୨୦୦୦ ରୁ ୧୫୦୦୦ ଟଙ୍କା ପର୍ଯ୍ୟନ୍ତ ରୋଜଗାର ଦେଇପାରିବ ତାହା ମଧ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ବ୍ଲକ୍ ସ୍ତରିୟ ଜିବିକା ବିଶେଷଜ୍ଞ ଶ୍ରୀପତି ପାତ୍ର ଚାଷି ମାନଙ୍କୁ କୁକୁଡା ଗ୍ରହଣ କରିବା ଠାରୁ ବଡ କରିବା ପର୍ଯ୍ୟନ୍ତ କିପରି ଯତ୍ନ ନେବେ ଏବଂ ରୋଗ ନିୟନ୍ତ୍ରଣ ପାଇଁ କିପରି ପ୍ରତିଶେଧକ ବ୍ୟବସ୍ଥା ଗ୍ରହଣ କରିବେ ତାହା ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ୦୭ ଗୋଟି ଗ୍ରମପଂଚାୟତ ରୁ ୬୦ରୁ ଅଧିକ ପୁରୁଷ ଓ ମହିଳା ଚାଷି ଓ ପ୍ରଣୀ ମିତ୍ରମାନେ ଯୋଗ ଦେଇଥିବା ବେଳେ ପ୍ରଦାନ, ବସୁନ୍ଧରା ଓ ହର୍ଷଟ୍ରଷ୍ଟ ର ଅଧିକାରି ମାନେ ଉପସ୍ଥିତ ଥିଲେ।

## ସିପକଟାକ୍ରୋ ପଦକ ବିଜେତାଙ୍କୁ ସମ୍ବର୍ଦ୍ଧିତ



**ସୁନ୍ଦରଗଡ଼,୧୯।୩(ସଂଚାର ବ୍ୟୁରୋ):** କ୍ରୀଡ଼ା ଓ ଯୁବ ସେବା ବିଭାଗ ଓଡ଼ିଶା ସରକାରଙ୍କ ତରଫରୁ ବୁଧବାର ଅପରାହ୍ନ ୪ ଟା ସମୟରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ଟେନିସ ଅଡୋଟୋରିୟମ ପରିସରରେ ପଦକ ବିଜେତାଙ୍କ ପାଇଁ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ଓଡ଼ିଶା ସିପକଟାକ୍ରୋ ଦଳରେ ସୁନ୍ଦରଗଡ଼ର ଜିଲ୍ଲାର ପ୍ରଦ୍ୟୁମ୍ନ ଷଡ଼ଙ୍ଗୀ, ଦୀପକ କିଶାନ, ମଧୁସ୍ମିତା ଭିତ୍ରିଆ ଓ ପ୍ରୀତି ଟପ୍ପୋଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା। ମୁଖ୍ୟ ଅତିଥି ଭାବେ କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ ଯୋଗଦାନ କରି ସମସ୍ତ ପଦକ ବିଜେତା ଖେଳାଳୀଙ୍କୁ ସାର୍ଟିଫିକେଟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସମ୍ମାନୀତ ଅତିଥି ଭାବେ କ୍ରୀଡ଼ା ସଚିବ ଓ କ୍ରୀଡ଼ା ଅଧିକାରୀ ଉପସ୍ଥିତ ଥିଲେ। ସିପକଟାକ୍ରୋ କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ଆର୍ଥିକ ପୁରସ୍କାର ଖେଳାଳି ମାନଙ୍କୁ ଦେଇଥିଲେ। ୨୭ ତମ ଜୁନିଅର ଜାତୀୟ ସ୍ତରୀୟ ସିପକଟାକ୍ରୋ ପ୍ରତିଯୋଗିତା କର୍ଣ୍ଣାଟକ ରାଜ୍ୟର ଦବନଗିରିରେ ଓଡ଼ିଶା ବାଳିକା ଦଳ ସ୍ୱର୍ଣ୍ଣ ପଦକ ବିଜେତା ହୋଇଥିବା ବେଳେ ବାଳକ ଦଳ କାଂସ୍ୟ ପଦକ ହାସଲ କରିଥିଲେ। ଉକ୍ତ ଖେଳାଳି ମାନଙ୍କୁ ଓଡ଼ିଶା ରାଜ୍ୟ ସିପକଟାକ୍ରୋ ସଂଘର ସାଧାରଣ ସମ୍ପାଦକ ପୃଥିରାଜ ସାହୁ, ସଦର ବିଧାୟକ ଯୋଗେଶ କୁମାର ସିଂ, ସୁନ୍ଦରଗଡ଼ ଜିଲ୍ଲା କ୍ରୀଡ଼ା ଅଧିକାରୀ, ସୁନ୍ଦରଗଡ଼ ଜିଲ୍ଲା ସିପକଟାକ୍ରୋ ସଂଘ, ବକ୍ସିଂ ସଂଘ, ପେଞ୍ଚକ ସିଲଟ ସଂଘ, ସୁନ୍ଦରଗଡ଼ ଜର୍ଣ୍ଣାଲିଷ୍ଟ ଆସୋସିଏସନର ସମସ୍ତ ସଦସ୍ୟ ଶୁଭେଚ୍ଛା ଜଣାଇଛନ୍ତି ।

## ରମାକାନ୍ତ ରଥଙ୍କ ବିୟୋଗରେ ଶୋକସଭା

**ଦଶରଥପୁର,୧୯।୩(ସଂଚାର ବ୍ୟୁରୋ):** ବିଶିଷ୍ଟ କବି ପଦ୍ମଭୂଷଣ ପୁରସ୍କାର ପ୍ରାପ୍ତ, ପୂର୍ବତନ ମୁଖ୍ୟ ଶାସନ ସଚିବ, କେନ୍ଦ୍ର ତଥା ରାଜ୍ୟ ସାହିତ୍ୟ ଏକାଡେମୀର ସଭାପତି ରମାକାନ୍ତ ରଥଙ୍କ ବିୟୋଗରେ ଦଶରଥପୁର ବ୍ଲକ ଝୁମ୍ପୁରୀସ୍ଥିତ ସଂସ୍କୃତି ଭବନ ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏହିମର୍ମରେ ଦଶରଥପୁର ସଂସ୍କୃତି ଭବନ ପରିଷଦ ସଭାପତି ପ୍ରାଧ୍ୟାପକ ଉମାକାନ୍ତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶୋକ ସଭାରେ ସମ୍ପାଦକ ପ୍ରାଧ୍ୟାପକ ରବିନାରାୟଣ ଦାସ ସ୍ୱର୍ଗତ ଆତ୍ମାଙ୍କ ପାଇଁ ଏକ ଶୋକ ପ୍ରସ୍ତାବ ଦେବା ସହ ୨ମିନିଟ ନିରବ ପ୍ରାର୍ଥନା କରିଥିଲେ।ଉପସ୍ଥିତ ସମସ୍ତ ସଦସ୍ୟ ସଦସ୍ୟା ମାନେ ସ୍ୱର୍ଗତ ଅମରଆତ୍ମାଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବାସହ ଅମର ଆତ୍ମାଙ୍କର ସଦଗତି କାମନା କରିଥିଲେ। ପରିଷଦର ମୁଖପାତ୍ର ବର୍ତ୍ତିକା ସହିତ ସ୍ୱର୍ଗତ ରଥଙ୍କ ସକ୍ରିୟ ସଂଶ୍ଳିଷ୍ଟ ଉପରେ ଆଲୋକପାତ କରିଥିଲେ। ଶୋକସଭାରେ ବର୍ତ୍ତିକାର ମୁଖ୍ୟ ସମ୍ପାଦକ ଡଃ ବିଜୟ ମୋହନ ରାୟ, ଉପସଭାପତି ଡଃ ଶରତ କୁମାର ସାହୁ, କୋଷାଧକ୍ଷ ଆଶିଷ ମହାପାତ୍ର, ଦେବେନ୍ଦ୍ର ଦାସ, ଦେବେନ୍ଦ୍ର ନାରାୟଣ ବାରିକ, ମନୀଷ ସାହୁ, ପାର୍ଥସାରଥୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଖ୍ୟାତ କବି ସ୍ୱର୍ଗତ ରମାକାନ୍ତ ରଥଙ୍କ ବିୟୋଗରେ ଦଶରଥପୁର ବ୍ଲକ ଉତ୍କଳ ସାମ୍ବାଦିକ ସଂଘର ସଭାପତି ଜୟପ୍ରକାଶ ନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି।

### ପିଇବା ପାଣି ପାଇଁ ତ୍ରାହି ଡାକିଲେଣି ଲୋକେ, ଜିଲ୍ଲା ପ୍ରଶାସନଙ୍କ ଦୃଷ୍ଟି ପଡ଼ିବ କେବେ ?

# ତତଲା କଡ଼େଇରେ ଗୋଲାମୁଣ୍ଡା

- ବିଶୁଦ୍ଧ ପାଣି ଲୋକେ ପାଉନଥିବାରୁ ଅଞ୍ଚଳ ରେ କିଡନି ରୋଗୀ ସଂଖ୍ୟା ବଢ଼ିବାରେ ଲାଗିଛି
- ମେଗା ପ୍ରୋଜେକ୍ଟ ଟଙ୍କା ପ୍ରବଳ ହେଲେ କାମ ଦୁର୍ବଳ
- ଏପଟେ ନା ଚାଲୁଛି ବସୁଧା, ନା ଶୋଷ ମେଣ୍ଟାଉଛି ମେଗା ପ୍ରୋଜେକ୍ଟ



**କଳାହାଣ୍ଡି,୧୯।୩(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲାର ଗୋଲାମୁଣ୍ଡା ବ୍ଲକରେ ଗ୍ରୀଷ୍ମପ୍ରବାହ ଆରମ୍ଭରୁ ଲୋକ ପାଣି ପାଇଁ ତ୍ରାହି ତ୍ରାହି ଡାକିଲେଣି। ବର୍ତ୍ତମାନ ନଈ ନାଳ ଶୁଖିବା ଆରମ୍ଭ ହୋଇଥିବା ବେଳେ ଭୂତଳ ଜଳ ମଧ୍ୟ କମିବାରେ ଲାଗିଲାଣି। ଗୋଟିଏ ପଟେ ବସୁଧା ଚାଲୁନଥିବା ବେଳେ ଅନ୍ୟପଟେ ମେଗା ପ୍ରୋଜେକ୍ଟ ଟଙ୍କା ପ୍ରବଳ କୁ କାମ ଦୁର୍ବଳ ହେଉଛି। ବର୍ତ୍ତମାନ ପାଣି ପାଇଁ ଲୋକେ ଏକ ପ୍ରକାର ପ୍ରତିଯୋଗିତା ଆରମ୍ଭ କରୁଛନ୍ତି। କିଡନୀ ରୋଗ ଜୀବନ ନେଉଥିଲେ ସୁଦ୍ଧା ନଳକୂପର ଫ୍ଲୋରାଇଡ଼ ପାଣି ପିଇ ଶୋଷ ମେଣ୍ଟାଇବା ପାଇଁ ମହିଳାଙ୍କ ଲମ୍ବା ଲାଇନ ଦେଖିବାକି ମିଳୁଛି। ଗୋଲାମୁଣ୍ଡା ବ୍ଲକର ଫରଙ୍ଗ ପଞ୍ଚାୟତ ଅନ୍ତର୍ଗତ ଅମଠା ଗ୍ରାମର ୪ ନମ୍ବର ଓ୍ୱାର୍ଡ ରେ ମହିଳାମାନେ ପ୍ରତିଦିନ ପାଣି ପାଇଁ ସଂଘର୍ଷ କରୁଛନ୍ତି। ବସୁଧା ଅଛି, ଘରକୁ ଘର ପାଣି ସପ୍ଲାଇ ହୋଇଛି, ଷ୍ଟାଣ୍ଡପୋଷ୍ଟ ନିର୍ମାଣ ହୋଇକି ଭାର୍ଙ୍ଗି ମଧ୍ୟ ଗଲାଣି ହେଲେ ଦିନେ ବି ପାଣି ଟୋପେ ପାଇ ନାହାନ୍ତି। ସେହିଭଳି ମେଗା ପ୍ରୋଜେକ୍ଟ ପକ୍ଷରୁ ପ୍ରତିଘରେ ପାଇପ ବିଛାଇ ପାଣି କନେକସନ କରାଯାଇଛି, କିନ୍ତୁ କେବେ ବି ପାଣି ଟୋପେ ପାଇ ନାହାନ୍ତି। ଫ୍ଲୋରାଇଡ଼ ପାଣି ପିଇଲେ କିଡନୀ ରୋଗ ହୋଇ ଜୀବନ ଯିବା ସୁନିଶ୍ଚିତ ବୋଲି ଜାଣିଛନ୍ତି। ହେଲେ ଅନ୍ୟ ଉପାୟ ନ ପାଇ ବାଧ୍ୟ ହୋଇ ଶୋଷ ମେଣ୍ଟାଇବା ପାଇଁ ଗୋଲାମୁଣ୍ଡା ବ୍ଲକରେ ନିର୍ମାଣ ହେଉଥିବା ମେଗା ପ୍ରୋଜେକ୍ଟ କଥା ନ କହିଲେ ଭଲ। ଏହି ମେଗା ପ୍ରୋଜେକ୍ଟରେ ଟଙ୍କା ପ୍ରବଳ କିନ୍ତୁ କାମ ସମ୍ପୁର୍ଣ୍ଣ ଭାବେ ଦୁର୍ବଳ। ବ୍ଲକର ୨୮ ଟି ପଞ୍ଚାୟତର ୧୨୧ ଗାଁ କୁ ବିଶୁଦ୍ଧ ପାନୀୟ ଜଳଯୋଗାଣ ପାଇଁ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ୧୬୮ କୋଟି ଟଙ୍କା ବିନିମୟରେ ବନ୍ଧାଗାଁ ନିକଟସ୍ଥ ତେଲନଦୀ କୂଳରେ ମେଗା ଜଳ ଯୋଗାଣ ପ୍ରକଳ୍ପ ଆରମ୍ଭ କରାଯାଇଥିଲା। ଏହି କାମକୁ ହାଇଦ୍ରାବାଦର ମେଘା ଇଂଜିନିୟରିଂ ଆଣ୍ଡ ଇନଫ୍ରାଷ୍ଟ୍ରକ୍ଚର ଲିମିଟେଡ୍‌କୁ ପ୍ରଦାନ କରାଯାଇଥିଲା। ଏହି କାମ ଗତ ୨୦୨୧ ମସିହା ମାର୍ଚ୍ଚ ୧୦ ତାରିଖରେ ଆରମ୍ଭ ହୋଇଥିବା ବେଳେ ଚଳିତ ମାର୍ଚ୍ଚ ମାସ ୯ ତାରିଖରେ ଶେଷ ହୋଇଥିବା ନେଇ ସୂଚନା ବୋର୍ଡରେ ଉଲ୍ଲେଖ ହୋଇଛି। ହେଲେ ୧୨୧ ଗାଁ ବଳଦରେ ୧୨ଟି ଗାଁ କୁ ପାଣି ଯୋଗାଇ ଦିଆଯାଇଛି। ଗୋଲାମୁଣ୍ଡା ବ୍ଲକର ବୃନ୍ଦାବାହାଲ, ବୈଜଲପୁର, ଡୁମେରବାହାଲ, ଲିମସେର, ଚପ୍ରିଆ, ଟିର୍ଙ୍ଗପଦର, ଗ୍ରୀଣ୍ଡୋଲ, ଅମ୍ଭୁଲାପଦର, ଅନ୍ତର୍ଲା, ବାଗମୁଣ୍ଡା, ଗଣ୍ଡାମେର, କାଳି, ସୁକନିମୁଣ୍ଡା, କୁରେଇସୁନି, ଡୁରେଛଡା, ଧାମନପୁର, ପ୍ରଭୃତି ଗ୍ରାମରେ ଫ୍ଲୋରାଇଡ ପାଣି ଯୋଗୁଁ ଭୂତଳ ଜଳ ପାନୀୟ ଉପଯୋଗୀ ହୋଇ ପାରୁନାହିଁ। ପାଣିରେ ଫ୍ଲୋରାଇଡ୍ ମାତ୍ରା ଅଧିକ ରହିବା କାରଣରୁ ଏହି ଗ୍ରାମ ମାନଙ୍କରେ ଥିବା ଶତାଧିକ ଲୋକ କିଡ୍ନି ରୋଗରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଲେଣି। ବର୍ତ୍ତମାନ ଗୋଲାମୁଣ୍ଡା ବ୍ଲକବାସୀଙ୍କ ପାଇଁ ବିଶୁଦ୍ଧ ପାନୀୟଜଳ ପାଇଁ ଏଯାବତ କିଛି ଠୋସ ପଦକ୍ଷେପ ନିଆଯାଉ ନଥିବାରୁ ଲୋକେ ଆତଙ୍କିତ ହୋଇ ପଡ଼ିଛନ୍ତି।ପାଇପ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିଲେ ମଧ୍ୟ ବହୁ ପ୍ରକଳ୍ପ ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଫ୍ଲୋରାଇଡ ଥିବା ଅଞ୍ଚଳର ସମସ୍ତ ଲୋକଙ୍କ ପାଖରେ ପାନୀୟ ଜଳଯୋଗାଣ ପାଇଁ ବ୍ୟବସ୍ଥା ନ ହେବା ଯୋଗୁଁ ଫ୍ଲୋରାଇଡ୍ ପାଣି ପିଇ ଅକାଳରେ ଜୀବନ ଯାଉଛି। କିଡନୀ ରୋଗରେ ଆଉ କେତେ ମୁଣ୍ଡ ଗଡ଼ିଲେ ଲୋକଙ୍କ ପାଖିକୁ ବିଶୁଦ୍ଧ ପାନୀୟ ଜଳ ମିଳିବ ବୋଲି ଲୋକଙ୍କ ମଧ୍ୟରେ ଉଦବେଗ ପ୍ରକାଶ ପାଇଛି।ଜିଲ୍ଲା ପ୍ରଶାସନ ତୁରନ୍ତ ଗୋଲାମୁଣ୍ଡା ବ୍ଲକ କୁ ଦୃଷ୍ଟି ଦେଇ ବିଶୁଦ୍ଧ ପାଣି ଯୋଗାଇ ଦେବାକୁ ଦାବି ହେଉଛି।

## ଚାରା ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର



**ବୈଶିଙ୍ଗା,୧୯।୩(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ ଅଁଳା ଗ୍ରାମ ପଞ୍ଚାୟତ ଅଧୀନ ରାଇକମା ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟରେ ଏକ ଏକଦିବସୀୟ ଚାରା ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି ଯାଇଛି। ସେଣ୍ଟର୍ ଫୋର୍ ଏନ୍ ଭିରନ୍ ମେଣ୍ଟାଲ ଷ୍ଟଡିଜ୍, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ଓଡ଼ିଶା ସରକାର ଓ ରଘୁନାଥ ଉଚ୍ଚ ବିଦ୍ୟାଳୟ, (ଇକୋ କ୍ଲବ୍)ରାଇକମା ଙ୍କ ମିଳିତ ଆନୁକୁଲ୍ୟରେ ଆୟୋଜିତ ଏହି ଶିବିରକୁ ବେତନଟୀ ବନାଞ୍ଚଳ ଅଧିକାରୀ ଶ୍ରୀ ମନ୍ଧାର ଖାଁ ପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ବରିଷ୍ଠ ବନ ବିଭାଗ ଅଧିକାରୀ ପ୍ରଶାନ୍ତ କୁମାର ସିଂ ସାମନ୍ତ, ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ପର୍ଯ୍ୟାୟ -୨ ର ଦୁଇ ପ୍ରକଳ୍ପ ସଂଯୋଜକ ରତିକାନ୍ତ ବେହୁରା, ନିହାର ରଞ୍ଜନ ସାମଲ ଓ ଉଦ୍ଭିଦବିତ୍ ବିଶ୍ୱଜିତ୍ ଖିଲାର ପ୍ରଶିକ୍ଷକ ଭାବରେ ଯୋଗଦେଇ ମଞ୍ଜିରୁ ଚାରା ପ୍ରସ୍ତୁତି, ବିଭିନ୍ନ ପ୍ରକାରର ଗଛର କଲମୀକରଣ ପଦ୍ଧତି, ବଡିଂ, ଭି ଗ୍ରାଫ୍ଟ, ଟିସୁ ପୋଷଣ ସମ୍ବନ୍ଧରେ ତଥାତ୍ମକ ଓ କ୍ରିୟାତ୍ମକ ପଦ୍ଧତି ସମ୍ବନ୍ଧରେ ଉପସ୍ଥିତ ଶିବିରାର୍ଥି ମାନଙ୍କୁ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ବିଭିନ୍ନ ବର୍ଗର ମୋଟ ୭୫ ଜଣ ଶିବିରାର୍ଥୀ ସକ୍ରିୟ ଅଂଶଗ୍ରହଣ କରି ଶିକ୍ଷା ଗ୍ରହଣ କରିଥିଲେ। ଶିକ୍ଷା ଗ୍ରହଣ ପରେ ଶିବିରାର୍ଥି ମାନେ ନିଜେ ନିଜେ କଲମୀ କରଣ, ଗ୍ରାଫ୍ଟିଂ, ମଞ୍ଜିରୁ ଚାରା ପ୍ରସ୍ତୁତି କାର୍ଯ୍ୟ କରିଥିଲେ। ଦିବସ ବ୍ୟାପୀ ଅନୁଷ୍ଠିତ ଏହି ଶିବିରରେ ରାଇକମା ଆଶ୍ରମ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ରଜତ କୁମାର ଦାସ ଯୋଗଦେଇ ଚାରା ପ୍ରସ୍ତୁତି ର ଆବଶ୍ୟକତା ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ।

## ମିଳୁନି ଟଙ୍କା, ଧାରଣାରେ ବସିଲେ ଶ୍ରମିକ



**ଯାଜପୁର ରୋଡ଼, ୧୯।୩(ସଂଚାର ବ୍ୟୁରୋ):** ଚଳିତ ମାସର ଖରାଦିନରେ ଅନେକ ସ୍ଥାନରେ ଏବେ ସ୍ୱଚ୍ଛ ପାଣି ଟୋପାଏ ପାଇଁ ଲୋକଙ୍କ ସଂଗ୍ରାମ ଜାରୀ ରହିଥିବା ବେଳେ ଏପଟେ ଗରିବ ଶ୍ରେଣୀର ଶ୍ରମିକ ମାନଙ୍କୁ ଧୁଧୁ ତତଲା ଖରାରେ ଏବେ କାମ କରାଇ ଖଟିଥିବା ମଜୁରିର ପାଉଣା ନଦେଇ ଧମକ ଚମକ ଦେଇ ଶ୍ରମିକ ମାନଙ୍କର ଉକ୍ତ ମଜୁରୀ ଟଙ୍କାକୁ ହଡ଼ପ କରିବା ପାଇଁ ଚକ୍ରାନ୍ତ କରୁଛି ପାନୀୟ ଜଳ ମେଘା ପ୍ରକଳ୍ପରେ କାମ ନେଇଥିବା ଠିକା ସଂସ୍ଥା କେଇସି କମ୍ପାନୀ ବୋଲି ସାଧାରଣରେ ଅଭିଯୋଗର କଥା ଏବେ ଯାଜପୁର ଜିଲ୍ଲାର ଦାନଗଦି ବ୍ଲକ ଏରିଆ ଅଞ୍ଚଳରୁ ପଦାକୁ ଆସିଅଛି। ଏପରି ଦୁଃଖଦଭରା ଦୃଶ୍ୟ ସୁକିନ୍ଦା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଦାନଗଦି ବ୍ଲକ ରାଛିପୁର ପଂଚାୟତର ଦାନିଆବର ଗ୍ରାମ ନିକଟସ୍ଥ ସ୍ଥାନରେ ଚାଲିଥିବା ପାନୀୟ ଜଳ ମେଘା ପକଳ୍ପ କାର୍ଯ୍ୟ କ୍ୟାମ୍ପସ ସମ୍ମୁଖରେ କେଇସି ଠିକା କମ୍ପାନୀ ବିରୁଦ୍ଧରେ ଶ୍ରମିକ ମାନେ ବସିଥିବା ଧାରଣା ଠିକା ସଂସ୍ଥା ମନମୁଖୀ ବିଚାର କାର୍ଯ୍ୟକୁ ସୂଚାଇ ଦେଇଛି। ପାନୀୟ ଜଳ ମେଘା ପ୍ରକଳ୍ପରେ କାମ ନେଇଥିବା କେଇସି ଠିକା କମ୍ପାନୀ ସଂସ୍ଥା ଶ୍ରମିକଙ୍କୁ କାମ କରାଇ ଖଟିଖିଆ ମଜୁରି ଓ ବକେୟା ପାଉଣା ନଦେବାରୁ ଶ୍ରମିକ ମାନେ କମ୍ପାନୀ ବିରୁଦ୍ଧରେ ନାରାବାଜି କରିବା ସହ ସରକାରଙ୍କୁ ନ୍ୟାୟ ମାଗୁଛନ୍ତି। ସୂଚନା ମୁତାବକ ଗତ ତିନିମାସ ହେବ କେଇସି ଠିକା ସଂସ୍ଥା କିଛି ଶ୍ରମିକଙ୍କୁ ଖଟାଇ ତାଙ୍କର ପାରିଶ୍ରମିକ ନଦେଇ ତାଙ୍କୁ ଭଣ୍ଡାଇବା ସହିତ ଦରମା ମାଗିଲେ ତାଙ୍କୁ ଧମକ ଦେଉଥିବା ଅଭିଯୋଗ କରିଛନ୍ତି। ତାଙ୍କର ପିଏଫ, ଇ ଏସ ଆଇ ମଧ୍ୟ ଦେଇ ନଥିବା ଶ୍ରମିକ ମାନେ କହିଛନ୍ତି। ଯଥାଶୀଘ୍ର ସେମାନଙ୍କ ପାରିଶ୍ରମିକ ନଦେଲେ କମ୍ପାନୀ ସମ୍ମୁଖରେ ଚାବି ପକାଇ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ଅଞ୍ଚଳର ଜନତା ଜନାର୍ଦ୍ଦନ ମାନଙ୍କ ପ୍ରତିନିଧି ତଥା ସ୍ଥାନୀୟ ସରପଂଚ ମଧ୍ୟ ଏଭଳି ଏକ ଠକ ସଂସ୍ଥା ଉପରେ ଦୃଢ଼ କାର୍ଯ୍ୟନୁଷ୍ଠାନ ନେବା ପାଇଁ ଦାବି କରିଛନ୍ତି।

## ବସନ୍ତ ଦୋଳ କମିଟିର ପକ୍ଷରୁ ଦୋଳ ଉତ୍ସବ



**ନୀଳଗିରି,୧୯।୩(ସଂଚାର ବ୍ୟୁରୋ):** ପବିତ୍ର ଦୋଳ ପୂର୍ଣ୍ଣିମା ଉପଲକ୍ଷେ ନୀଳଗିରି ଘାଟଘାରସାହି ଗ୍ରାମର ବହୁ ପୁରାତନ ବସନ୍ତ ଦୋଳ କମିଟି ପକ୍ଷରୁ ୫୬ ତମ ଦୋଳ ଉତ୍ସବ ମହା ଆଡମ୍ବର ସହକାରେ ପାଳନ କରାଯାଇଛି। ଆୟୋଜିତ ଉତ୍ସବରେ ମାନ୍ୟବର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ବ୍ୟକ୍ତିଗତ ସହାୟକ ତଥା ଯୁବ ସମାଜସେବୀ ଚନ୍ଦ୍ରବିନ୍ଦୁ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଦୋଳ ଗୋବିନ୍ଦଙ୍କ ଶୋଭାଯାତ୍ରା ସହିତ ଦୋଳ ଉତ୍ସବକୁ ଧୂମଧାମରେ ପାଳନ କରାଯାଇଥିଲା।ଉକ୍ତ ଉତ୍ସବ ଗତ ୧୪ ତାରିଖରୁ ଆରମ୍ଭ ହୋଇ ୧୮ ତାରିଖରେ ସମାପନ ହୋଇଥିଲା। କାର୍ଯ୍ୟକ୍ରମରେ କମିଟିର ସମ୍ପାଦକ ଦୀପକ କୁମାର ଦାସ ଏବଂ ବୁଦ୍ଧିଆ ବେହେରା ମଞ୍ଚ ପରିଚାଳନା କରିଥିଲେ। ସାଂସ୍କୃତିକ ଏବଂ ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା ବେଳେ ହଜାର ହଜାର ଦୋଳ ପ୍ରେମୀ ଏହି କାର୍ଯ୍ୟକ୍ରମର ମଜା ନେଇଥିଲେ। ଏହି ଦୋଳ ଉତ୍ସବ ସଂନ୍ଧ୍ୟାରେ ଅନ୍ୟ ମାନଙ୍କ ମଧ୍ୟରେ କମିଟିର ସଭାପତି ମାନସ ରଞ୍ଜନ ପାଢ଼ୀ, ସମ୍ପାଦକ ରଂଜିତ ସାହୁ, ଉପସଭାପତି ରମାକାନ୍ତ ମହାନ୍ତି, ସମ୍ପାଦକ ଜର୍ଜ ସ, କୋଷାଧକ୍ଷ ରମେଶ ସ, ଅନୁଷ୍ଠାନର ମାର୍ଗ ଦର୍ଶକ ମନୋରଞ୍ଜନ ବେହେରା, ସୁରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଲେବରକାର୍ଡ କରାଇଦେବାକୁ ପାଇଁ ଲାଞ୍ଚ ଗ୍ରହଣ ଅଭିଯୋଗ

## ଅଙ୍ଗନବାଡ଼ି କର୍ମୀଙ୍କ ବିରୋଧରେ ଜିଲ୍ଲାପାଳଙ୍କୁ ଫେରାଦ



**ମାଲକାନଗିରି,୧୯।୩(ସଂଚାର ବ୍ୟୁରୋ):** ଜଣେ ଅଙ୍ଗନବାଡ଼ି କର୍ମୀଙ୍କ ନାଁରେ ସଙ୍ଗୀନ ଅଭିଯୋଗ । ଲେବର କାର୍ଡ କରାଇଦେବା ନାମରେ ଲାଞ୍ଚ ନେବା ଓ ଜଣେ ଗରିବ ଆଦିବାସୀ ମହିଳାଙ୍କ ସ୍ୱାମୀର ମୃତ୍ୟୁକାଳୀନ ସହାୟତା ଟଙ୍କା ହଡ଼ପ କରିଥବା ନେଇ ଅଙ୍ଗନବାଡ଼ି କର୍ମୀଙ୍କ ନାଁରେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିବା ଜଣାପଡ଼ିଛି । ଏଭଳି ଘଟଣା ଘଟିଛି ମାଲକାନଗିରି ବ୍ଲକ ସ୍ଥ ଝରାପାଲି ପଞ୍ଚାୟତ ଅନ୍ତର୍ଗତ କନାଗୁଡା ଗ୍ରାମରେ । ସେହି ଗ୍ରାମର ଅଙ୍ଗନବାଡି କର୍ମୀ ଶ୍ରୀତି ଢାଲି ଉକ୍ତ ଗ୍ରାମର ଜଣେ ବିଧବା ଆଦିବାସୀ ମହିଳା ରତ୍ନା ପଡିଆମୀ ସ୍ୱାମୀ ଗଙ୍ଗା ପଡିଆମୀଙ୍କଠାରୁ ଲେବର କାର୍ଡରେ ତାଙ୍କ ସ୍ୱାମୀଙ୍କ ଇନ୍ସୁରାନ୍ସ ଟଙ୍କା ୧ଲକ୍ଷ ମିଳାଇ ଦେବା ପାଇଁ କହି ତାଙ୍କଠାରୁ ସମସ୍ତ କାଗଜପତ୍ର ନେଇ ୧ ବର୍ଷ ତଳେ ତତ୍କାଳୀନ ଲେବର ଅଫିସରେ ଦାଖଲ କରିଥିଲେ । ଗତ ତା ୧୬/୧/୨୦୨୪ ରିଖରେ ୧ଲକ୍ଷ ଟଙ୍କା ତାଙ୍କ ଜମା ଖାତାରେ ଆସିଥିବା ଜାଣି ଅଙ୍ଗନବାଡି କର୍ମୀ ରତ୍ନାଙ୍କୁ ତା ୧୮/୧/୨୦୨୪ରିଖ ଉତ୍କଳ ଗ୍ରାମୀଣ ବ୍ୟାଙ୍କ, ପଦ୍ମଗିରି ଶାଖାକୁ ଡାକି ନେଇ ସମସ୍ତ ଟଙ୍କା ଉଠାଇ ତାଙ୍କୁ ୪୦ ହଜାର ଦେଇଥିଲେ ଓ ବଳକା ବଡ ଅଫିସରଙ୍କୁ ଦେବା ପାଇଁ କହି ରଖିଥିଲେ ଏବଂ ଏହାକୁ କାହାକୁ ନ କହିବାକୁ କହିଥିଲେ । କିନ୍ତୁ ଏହି କଥା ଗ୍ରାମର କିଛି ଭଦ୍ର ବ୍ୟକ୍ତି ଜାଣିବା ପରେ ଅଙ୍ଗନବାଡ଼ି କର୍ମୀ ତାଙ୍କୁ ଗାଳି ଗୁଲଜ କରି ସେ କିଛି ଟଙ୍କା ରଖି ନ ଥିବା କଥା କହି ଫାଙ୍କି ଦେଇଥିଲେ । ଏମିତିକି ଉକ୍ତ ଅଙ୍ଗନବାଡି କର୍ମୀ ଉକ୍ତ ଗ୍ରାମର ଅନ୍ୟ ୫୦ଜଣରୁ ଉର୍ଦ୍ଧ୍ୱ ଲୋକଙ୍କଠାରୁ ଲେବର କାର୍ଡ କରାଇଦେବା ପାଇଁ ଜଣ ପିଛା ୭୦୦ଟଙ୍କା ଲେଖାଏଁ ଆଦାୟ କରି ୧ବର୍ଷ ହେଲା ନେଇଯାଇଥିବା କଥା ମଧ୍ୟ ଗ୍ରାମବାସୀ ପ୍ରକାଶ କରିଛନ୍ତି ।

## ପଛରୁ ପିଟିଲା ଟ୍ୟାଙ୍କର, ବ୍ୟବସାୟୀ ମୃତ

**ବନ୍ତ,୧୯।୩(ସଂଚାର ବ୍ୟୁରୋ):** ବୁଧବାର ସକାଳ ପ୍ରାୟ ସାଢେ ୭ଟା ସମୟରେ ଭଦ୍ରକ ଜିଲା ବନ୍ତ ଥାନା ଅଧିନ ଭଦ୍ରକ-ଆନନ୍ଦପୁର ୫୩ନଂ.ରାଜ୍ୟ ରାଜପଥର ଶ୍ରୀବନ୍ତପୁର ଛକ ପୂର୍ବରୁ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି। ଏହି ଘଟଣାରେ ଜଣେ ବ୍ୟବସାୟୀଙ୍କର ମୃତ୍ୟୁ ଘଟିଛି । ମୃତ ବ୍ୟବସାୟୀ ଜଣକ ବନ୍ତ ଥାନା ଅଧିନ ଚାଇଁପୁର ଗ୍ରାମର ଶରତ ଜେନା(୫୨) ବୋଲି ପୋଲିସ ସୂତ୍ରରୁ ଜଣାଯାଇଛି। ପ୍ରକାଶ ଯେ, ଶରତ ଜଣେ ବ୍ୟବସାୟୀ ହୋଇଥିବା ବେଳେ ସବୁ ପାଳି ପରି ଆଜି ସକାଳେ ଶୁଖୁଆ ଧରି ବନ୍ତ ହାଟକୁ ବିକିବା ପାଇଁ ଘରୁ ସାଇକେଲ ଯୋଗେ ବାହାରି ଥିଲେ। ରାଜ୍ୟ ରାଜପଥରେ ବନ୍ତ ହାଟକୁ ଯାଉଥିବା ବେଳେ ଆନନ୍ଦପୁର ପାର୍ଶ୍ୱରୁ ଆସୁଥିବା ଏକ ତେଲ ଟ୍ୟାଙ୍କର ତାଙ୍କୁ ପଛ ପାଖରୁ ପିଟି ଦେଇଥିଲା । ଫଳରେ ସେ ଚକା ତଳେ ପଡ଼ି ଯିବାରୁ ଚାପି ହୋଇ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ଖବର ପାଇ ସ୍ଥାନୀୟ ଲୋକେ ସେଠାରେ ପହଞ୍ଚିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ରାସ୍ତାରେ ମୃତ ଦେହ ରଖି ସ୍ଥାନୀୟ ଲୋକେ କ୍ଷତିପୂରଣ ଦାବି କରିଥିଲେ । ଫଳରେ ଉଭୟ ପାର୍ଶ୍ୱରୁ ଯାନବାହାନ ଚଳାଚଳ ବନ୍ଦ ରହିଥିଲା । ଘଟଣା ସ୍ଥଳରେ ପୋଲିସ ପହଞ୍ଚ୍ ଲୋକଙ୍କୁ ବୁଝାସୁଝା କରିଥିଲା ।

## ଦୋଳ ମେଳଣରେ ଉତ୍ସବ ମୁଖରିତ ସାଡେଙ୍ଗା ପାଟପୁର



**କାକଟପୁର / ଅସ୍ତରଙ୍ଗ,୧୯।୩(ସଂଚାର ବ୍ୟୁରୋ):** ସମସ୍ତେ ଏକାକାର, ଭକ୍ତ ଓ ଭଗବାନଙ୍କ ମିଳନ। ଅପୂର୍ବ ଦୃଶ୍ୟ ବଖାଣିଲା ଉତ୍କଳୀୟ ପରମ୍ପରା ବିଧିର କଥା। ଭକ୍ତଙ୍କ ଗହଣରେ ବୀମାନରେ ଦୋଳ ଗୋବିନ୍ଦ। ଶୋଭାଯାତ୍ରାରେ ଘଣ୍ଟୁଆ, ଖୋଳ, ପାରମ୍ପରିକ ଘୋଡା ନାଚ, ଘଣ୍ଟ, ଛତା, କାହାଳୀ ଓ ଭକ୍ତଙ୍କ ହରିବୋଲ ହୁଳହୁଳି ମଧ୍ୟରେ କମ୍ପିଥିଲା ପରିବେଶ। ସୁସଜ୍ଜିତ ବିମାନକୁ ଦୋଳବେଦୀରେ ପୂଜାର୍ଚ୍ଚନା ପରେ ଆରମ୍ଭହୋଇଥିଲା ଦୋଳ ମେଳଣ। ବିମାନରେ ଝୁଲି ଝୁଲି ଆସୁଛନ୍ତି ରାଧା କୃଷ୍ଣ। ଘଣ୍ଟ ଘଣ୍ଟା ଧ୍ୱନିରେ ପ୍ରକମ୍ପିତ ହେଉଛି ସମଗ୍ର ଅଞ୍ଚଳ। ଆନନ୍ଦ ଉଲ୍ଲାସ ସହ ଠାକୁରଙ୍କୁ ପାଛୋଟି ଆଣୁଛନ୍ତି ଶ୍ରଦ୍ଧାଳୁ। ଭଜନ ସଂକୀର୍ତ୍ତନରେ ଉଛୁଳୁଛି ମେଳଣ ପଡ଼ିଆ। ଏଭଳି ଭାବ ଭକ୍ତିର ଅପୂର୍ବ ମିଳନ ଦେଖିବାକୁ ମିଳିଥିଲା।ସୋମବାର ଦିନ ସନ୍ଧ୍ୟାରେ ପୁରୀ ଜିଲ୍ଲା କାକଟପୁର ବ୍ଲକ ସାଡେଙ୍ଗା ପାଟପୁର ଗ୍ରାମରେ। କାକଟପୁର, ଅସ୍ତରଙ୍ଗ ଓ ଗୋପ ଅଞ୍ଚଳର ଆଖ ପାଖ ଅଞ୍ଚଳର ପାଖାପାଖି ୨୦ରୁ ଉର୍ଦ୍ଧ୍ୱ ବିମାନ ମେଳଣ ପଡ଼ିଆରେ ଏକତ୍ରିତ ହୋଇଥିଲେ। ରାଧା କୃଷ୍ଣଙ୍କ ଦର୍ଶନ ପାଇଁ ଲୋକାରଣ୍ୟ ହୋଇପଡ଼ିଥିଲା ପୂରା ଅଞ୍ଚଳ। ଠାକୁରଙ୍କ ଦର୍ଶନ କରିବା ସହ ବିମାନ ଶୋଭାଯାତ୍ରା ସାମିଲ ହୋଇଥିଲେ। ଏଠାକାର ମେଳଣ ବିଶେଷତ୍ୱ ହେଉଛି ସାଡେଙ୍ଗା ପାଟପୁରରେ ଥିବା ଲବକୁଶ ଆଶ୍ରମରୁ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା କରାଯାଇ ଲବକୁଶ ଆଶ୍ରମରୁ ସ୍ୱତନ୍ତ୍ର ଦୀପ ଏକ ଶୋଭାଯାତ୍ରା ଆସି ମା ବରୁଣେଇ ପୀଠ ନିକଟରେ ପହଂଚିଥାଏ। ମେଳଣ ପଡ଼ିଆରେ ଥିବା ଦୋଳ ବିମାନକୁ ପୂଜାର୍ଚ୍ଚନା କରାଯାଇ - ରୀତିନୀତି ପାଟପୁର ବରୁଣେଇ ପୀଠରୁ ଲବକୁଶ ମନ୍ଦିର ପର୍ଯ୍ୟନ୍ତ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥାଏ। ଏହି କାର୍ଯ୍ୟକ୍ରମରେ କାକଟପୁର ତହସିଲଦାର ଅଙ୍କିତା ଅନିନ୍ଦିତା, କାକଟପୁର ଥାନାଅଧିକାରୀ ଉମେଶ କୁମାର ସାହୁ ଅତିଥି ଭାବେ ଯୋଗ ଦେଇଥିଲେ।ଶ୍ରୀ ରାଧାକୃଷ୍ଣ ଠାକୁରଙ୍କୁ ଦେଖି ଭକ୍ତ ଯେତିକି ଖୁସି ଠାକୁରଙ୍କୁ ନିଜ ଘର ଆଗରେ ଦେଖି ତାହା ଠାରୁ ଅଧିକ ବିଭୋର ହୋଇ ଉଠିଛନ୍ତି ସମସ୍ତେ। ଏହି ଦୋଳ ବିମାନ ପାଇଁ ଲବକୁଶ ଆଶ୍ରମ ରୁ ମା ବରୁଣେଇ ପୀଠ ପର୍ଯ୍ୟନ୍ତ ଗାଁର ଝିଅ ମାନଙ୍କ ଦ୍ୱାରା ସୁସଜ୍ଜିତ ଝୋଟି ଚିତାରେ ଗାଁ ପରିବେଶ ଦ୍ୱିଗୁଣିତ ହୋଇଥିଲା। ମୁଖ୍ୟ ଆକର୍ଷଣ ଦୋଳ ଭଉଁରୀ ଖେଳ। ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲା।ଦୀର୍ଘ ବର୍ଷ ହେଲା ଏହି ମେଳଣ ପ୍ରଚଳିତ ହୋଇଆସୁଛି। ଏହି ଦୋଳ ମେଳଣ ଦେଖିବାକୁ କାକଟପୁର ବ୍ଲକ ସମେତ ଆଖପାଖ ବ୍ଲକର ଲୋକଙ୍କ ସମାଗମ ହୋଇଥାଏ।

## ଜିନ୍ଦଲ ଫାଉଣ୍ଡେସନର ଚକ୍ଷୁ ପରୀକ୍ଷା ଶିବିର




**ଅନୁଗୁଳ,୧୯।୩(ସଂଚାର ବ୍ୟୁରୋ):** ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର(ଜେଏସପି) ର ସମାଜିକ ଶାଖା ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଗ୍ରାମାଞ୍ଚଳରେ ବିଶେଷ କରି ଜେଏସପିର ପାଶ୍ୱର୍ବର୍ତ୍ତୀ ଗାଁ ଗୁଡ଼ିକରେ ଚକ୍ଷୁ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ଏକ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଲେପ୍ରା ସୋସାଇଟି ସହ ବୈଷୟିକ ସହଯୋଗରେ ଜାମୁନାଳି ଗାଁରେ ଜେଏସପିର ଭିପି-ମାଇନ୍ସ ନୀରଜ କାଲ୍ଲା ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଜାମୁନାଳି ସରପଂଚ ଶିଳା ପ୍ରଧାନଙ୍କ ସମେତ ଅନ୍ୟ ତୁଙ୍ଗ ନେତୃବୃନ୍ଦ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଦୃଷ୍ଟି ସମ୍ବନ୍ଧୀୟ ସମସ୍ୟାର ଶୀଘ୍ର ଚିହ୍ନଟ ଏବଂ ଚିକିତ୍ସା ସୁନିଶ୍ଚିତ କରିବା ପାଇଁ ଏହି ପଦେକ୍ଷେପ ନିଆଯାଇଥିଲା। ଯେଉଁଥିରେ ଚକ୍ଷୁ ପରୀକ୍ଷା ଏବଂ ଅତ୍ୟାବଶ୍ୟକ ଚକ୍ଷୁ ଚିକିତ୍ସା ପାଇଁ ଶହ ଶହ ଗ୍ରାମବାସୀ ଏକତ୍ରିତ ହୋଇଥିଲେ। ଓପି ଜିନ୍ଦଲ ଗ୍ରୁପର ଅଧକ୍ଷା ଶ୍ରୀମତି ସାବିତ୍ରୀ ଜିନ୍ଦଲଙ୍କ ଜନ୍ମଦିନ ପୂର୍ବ ସନ୍ଧ୍ୟାରେ ଏହି କାର୍ଯ୍ୟକ୍ରମ, ଏକ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ସଚେତନତା ଅଧିନବେଶନ ସହିତ ଆରମ୍ଭ ହୋଇଥିଲା। ଉଦଘାଟନୀ ସମାରୋହରେ ଏଭିପି-ସିଏସଆର (ଖଣି) ଅଜୟ ସିଂହ, ଡିଜିଏମ ସିଏସଆର (ଖଣି) ସୁବାଷ ରାୟ, ଜିଏମ ସିଏସଆର ଜୟନ୍ତ କୁମାର ମହାନ୍ତି, ଜିଏମ ସିଏସଆର ଆଶୁତୋଷ ମିଶ୍ର ଏବଂ ଏଜିଏମ ସିସିଡି କୁନ୍ଦନ କୁମାର ପ୍ରମୁଖ ଯୋଗ ଦେଇଥିଲେ। ସେମାନେ ଗ୍ରାମାଞ୍ଚଳରେ ସୁଲଭ ସ୍ୱାସ୍ଥ୍ୟସେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଚକ୍ଷୁ ପରୀକ୍ଷା ଶିବିରରେ ସମସ୍ତ ବୟସ ବର୍ଗର ଗ୍ରାମବାସୀ ଯୋଗଦେଇଥିଲେ, ତେବେ ବୟସ୍କ ଲୋକମାନଙ୍କ ମଧରେ ଏହାକୁ ନେଇ ବିପୁଳ ଉତ୍ସାହ ଦେଖିବାକୁ ମିଳିଥିଲା। ଏହି ଶିବିରରେ ୧୦୦ରୁ ଅଧିକ ଗ୍ରାମବାସୀ ଚକ୍ଷୁ ପରୀକ୍ଷା କରିଥିଲେ ଏବଂ ଆବଶ୍ୟକୀୟ ଔଷଧ ଓ ଚଷମା ପାଇ ଉପକୃତ ହୋଇଥିଲେ। ଅଭିଜ୍ଞ ଚକ୍ଷୁ ବିଶେଷଜ୍ଞମାନେ ଚକ୍ଷୁ ପରୀକ୍ଷା କରିବା ସହ ଉପଯୁକ୍ତ ପରାମର୍ଶ ଦେଇଥିଲେ। ସେହିପରି ଅଧିକ ଚିକିତ୍ସା ଅବାଶ୍ୟକ କରୁଥିବା ଲୋକଙ୍କୁ ପରବର୍ତ୍ତୀ ଚିକିତ୍ସା କରିବା ପାଇଁ ଉଚିତ ପରାମର୍ଶ ଦେଇଥିଲେ। ଚକ୍ଷୁର ଯତ୍ନ ନେବା କ୍ଷେତ୍ରରେ ବିଶେଷ ଅଭିଜ୍ଞତା ଲାଭ କରିଥିବା ଲେପ୍ରା ଦଳର ସମସ୍ୟମାନେ ସମ୍ଭାବ୍ୟ ଦୃଷ୍ଟି ସମସ୍ୟାର ସମାଧାନ ଏବଂ ପ୍ରତିଷେଧକ ପାଇଁ ଆବଶ୍ୟକ ପରାମର୍ଶ ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ସମାଜିକ ଦାୟିତ୍ୱ ଏବଂ ଅନ୍ତର୍ଭୁକ୍ତ ସ୍ୱାସ୍ଥ୍ୟସେବା ମିଶନର ଏକ ଅଂଶ ଭାବରେ ଜିନ୍ଦଲ ଫାଉଣ୍ଡେସନ ବହୁ ସମ୍ପ୍ରଦାୟ କେନ୍ଦ୍ରିତ କାର୍ଯ୍ୟକ୍ରମର ନେତୃତ୍ୱ ନେଇ ଚାଲିଛି। 'ଉଇ କେୟାର ୟୋର ଆଏଜ୍' (ଆମେ ତୁମ ଆଖିର ଯତ୍ନ ନେଉଛୁ) ହେଉଛି ଜିନ୍ଦଲ ଫାଉଣ୍ଡେସନର 'ଦୃଷ୍ଟି' କାର୍ଯ୍ୟକ୍ରମର ଲକ୍ଷ୍ୟ। ଯାହା ଫାଉଣ୍ଡେସନର ଅଧକ୍ଷା ଶାଲୁ ଜିନ୍ଦଲଙ୍କ ମାର୍ଗଦର୍ଶନରେ ପରିଚାଳିତ ହେଉଛି।